# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ଫେବୃୟାରୀ ୧୫/୨୦୧୯ ( ୨୦ ପୃଷ୍ଠା ) Dhenkanal, Friday, February 15 / 2019 ★★★★★

୧୫୫ଶ ଭାଗ ୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



ଓଡ଼ିଶା ସରକାର

କାଳିଆ

କୃଷି କଲେ ଉନ୍ନତ ସକଳ ଉନ୍ନତି

## ଚାଷୀ ମହାସମାବେଶ

କେନ୍ଦ୍ରାପଡ଼ା

୧୫ ଫେବୃଆରୀ ୨୦୧୯, ଶୁକ୍ରବାର

DSPL-408

## ଏବେ ଭୂମିହୀନଙ୍କ ପାଇଁ କାଳିଆ

ଶୁଭାରମ୍ଭ ହେଉଛି **୧୦ ଲକ୍ଷ**ରୁ ଊର୍ଦ୍ଧ୍ୱ ଭୂମିହୀନଙ୍କୁ ଜୀବିକା ଅର୍ଜନ, ଆନୁସଙ୍ଗିକ କୃଷିକାର୍ଯ୍ୟ ପାଇଁ ୩ଟି କିସ୍ତିରେ **୧୨,୫୦୦** ଟଙ୍କାର ସହାୟତା



"ଜଣେ ବି ଯୋଗ୍ୟ ଚାଷୀ ଯେପରି କାଳିଆ ଯୋଜନାରୁ ବଞ୍ଚିତ ନହେବ ତା ଉପରେ ମୁଁ ନଜର ରଖୁଛି ।"

ନବୀନ ପଟ୍ଟନାୟକ

39001/13/0017/1819

www.kalia.co.in

କାଳିଆ ହେଲପ୍‌ଲାଇନ୍ ୨୪X୭ ୧୮୦୦ ୫୭୨ ୧୧୨୨

ODISHA ONE
ଓଡ଼ିଶା ଆମ ଗୌରବ

ଓଡ଼ିଶା ସରକାର

ଭେଲାଙ୍କାନୀ - ନାଗାପଟ୍ଟିନମ୍ - ଥାନ୍‌ଜାଭୁର୍ ଅଭିମୁଖୀ
୧୦ମ **"ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"**ଟ୍ରେନ୍।
ଏଥର ଶୁଭାରମ୍ଭ ହେଉଛି

**ବ୍ରହ୍ମପୁର** ଠାରୁ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ଆଜି ପୂର୍ବାହ୍ନ **ଘ୧୧.୪୫ମି.**ରେ
ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ
ତୀର୍ଥଯାତ୍ରୀମାନଙ୍କୁ ଶୁଭବିଦାୟ ଜଣାଇବା ସହିତ
ସମସ୍ତଙ୍କ ପାଇଁ ଏକ ମଙ୍ଗଳମୟ ଯାତ୍ରାର
କାମନା କରୁଛନ୍ତି।



# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

**ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ**




DSPL-407

37001/13/0091/1819

ODISHA
Scenic . Serene . Sublime

www.odishatourism.gov.in
www.visitodisha.org
E-mail: oritour@gmail.com

@Naveen_Odisha CMO. Odisha @CMO_Odisha CMO. Odisha

# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ଫେବୃୟାରୀ ୧୫/୨୦୧୯ | Dhenkanal, Friday, February 15 / 2019 | (ପୃଷ୍ଠା -୧)




## ନିଜ ବାୟୋପିକ୍‌ରେ ନିର୍ଦ୍ଦେଶନା ଦେବେ କଙ୍ଗନା
ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ଖୁବ୍ ଶୀଘ୍ର ନିଜ ବାୟୋପିକ୍ (ଜୀବନକାହାଣୀ ଭିତ୍ତିକ ଫିଲ୍ମ)ର ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି।

୦୯

୧୭

## ପ୍ରମୋଦଙ୍କ ଶ୍ରେଷ୍ଠ ପ୍ରଦର୍ଶନ
ୟୁଏଇଠାରେ ଚାଲିଥିବା ଆଇ ୱାଜ ୱାର୍ଲଡ ପାରା ଗେମ୍ସରେ ଓଡ଼ିଶାର ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ଜିତି ଶ୍ରେଷ୍ଠ ସଫଳତା ପାଇଛନ୍ତି।



### ସୁରକ୍ଷା ବଳକୁ ଜୈଶ୍‌ର ଟାର୍ଗେଟ
# ୪୦ ଯବାନ ଶହୀଦ

**ଶ୍ରୀନଗର,୧୪।୨(ପି.ଟି.)**

କିଛିଦିନର ନୀରବତା ପରେ ଉପତ୍ୟକାରେ ପୁଣିଥରେ ରକ୍ତମୁଖା ହୋଇଛନ୍ତି ପାକିସ୍ତାନୀ ଆତଙ୍କବାଦୀ। ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲାରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀମାନେ ଗୁରୁବାର ସୁରକ୍ଷା ବଳ ଉପରେ ବଡ଼ଧରଣର ଆକ୍ରମଣ କରିଛନ୍ତି। ସେମାନଙ୍କ ଦ୍ୱାରା ଘଟାଯାଇଥିବା ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି) ବିସ୍ଫୋରଣରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୪୦ ଯବାନ ଶହୀଦ ହୋଇଛନ୍ତି। ଏଥିସହ ଆକ୍ରମଣରେ ଅନେକେ ଆହତ ହୋଇଛନ୍ତି। ୨୦୧୬ରେ ଉରି ଆକ୍ରମଣ ପରେ ଏହା ହେଉଛି ଆତଙ୍କବାଦୀଙ୍କ ସବୁଠୁ ବଡ଼ ସଂହାରଲୀଳା। ଏହି ଆକ୍ରମଣକୁ ସବୁ ମହଲରେ ନିନ୍ଦା କରାଯାଇଛି। ସୁରକ୍ଷା ବଳ ସମ୍ପୃକ୍ତ ଅଞ୍ଚଳକୁ ଘେରି ଆତଙ୍କବାଦୀଙ୍କୁ ଧରିବା ପାଇଁ ଜୋର୍‌ଦାର ତଲାସି ଅଭିଯାନ ଚଳାଇଛି।

ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲା ଅଓ୍ୱନ୍ତିପୋରା ଅଞ୍ଚଳ। ଶ୍ରୀନଗର-ଜମ୍ମୁ ରାଜପଥ ଦେଇ ୭୮ଟି ସିଆର୍‌ପିଏଫ୍ ଭ୍ୟାନ୍ ଯାଉଥିଲା। ସେଥିରେ ୨,୫୪୭ ଯବାନ ଜମ୍ମୁ ଶିବିରରୁ ଶ୍ରୀନଗର ଅଭିମୁଖେ ଯାଉଥିଲେ। ବସ୍‌ଗୁଡ଼ିକ ସୂର୍ଯ୍ୟାସ୍ତ ପୂର୍ବରୁ ରାଜଧାନୀ ଶ୍ରୀନଗରସ୍ଥିତ ଶିବିରରେ ପହଞ୍ଚିଥାଆନ୍ତା। ହେଲେ ସେଠାରୁ ୩୦ କି.ମି. ଦୂର ଲେଥିପୋରାରେ ଅପରାହ୍ନ ୩ଟା ୧୫ରେ ସିଆର୍‌ପିଏଫ୍‌ର ୫୪ତମ ବାଟାଲିୟନ୍‌ର ଏକ ବସ୍‌କୁ ହଠାତ୍ ଧକ୍କା ଦେଇଥିଲା ଆତଙ୍କବାଦୀଙ୍କ ବିସ୍ଫୋରକ ବୋଝେଇ ଭ୍ୟାନ୍। ଆତ୍ମଘାତୀ ବିସ୍ଫୋରଣରେ ବସ୍ ଧ୍ୱଂସ ହୋଇଯାଇଥିବାବେଳେ ଅନ୍ୟ ଏକ ଭ୍ୟାନ୍ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ବସ୍‌ରେ ଥିବା ୫୪ ଯବାନଙ୍କ ମଧ୍ୟରୁ ୪୦ ଜଣ ଶହୀଦ ଓ ଅନେକ ଯବାନ ଆହତ ହୋଇଛନ୍ତି। ଆହତଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲକୁ ନିଆଯାଇଛି। ଚିକିତ୍ସାଧୀନ ଯବାନଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଶହୀଦଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଖରାପ ପାଗ ଯୋଗୁ ଶ୍ରୀନଗର-ଜମ୍ମୁ ରାଜପଥ ୨ ଦିନ ଧରି ବନ୍ଦ ଥିଲା। ପାଗ ସୁଧୁରିବା ପରେ ଏକାଥରକେ ଏତେସଂଖ୍ୟକ ସିଆର୍‌ପିଏଫ୍ ଯବାନ ସେହି ପଥ ଦେଇଯାଉଥିବାବେଳେ ଜୈଶ୍ ଏହାର ସୁଯୋଗ ନେଇ ଟାର୍ଗେଟ କରିଛି। ଯବାନଙ୍କ ମଧ୍ୟରୁ ଅଧିକାଂଶ ଛୁଟି କାଟିବା ପରେ ଘରୁ ଫେରୁଥିଲେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସ୍ଥାନୀୟ ନ୍ୟୁଜ୍ ଏଜେନ୍ସି ଜିଏନ୍‌ଏସ୍‌କୁ ଏକ ବିବୃତି ଜାରି କରି ଏହି ରକ୍ତସ୍ନାନ ପାଇଁ ଜେଇଏମ୍ ନିଜକୁ ଦାୟୀ କରିଛି। ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲ୍‌ବାଗ୍ ସିଂ ଏହାକୁ ଆତ୍ମଘାତୀ ଆକ୍ରମଣ ବୋଲି ସ୍ପଷ୍ଟ କରିଛନ୍ତି। ଆତ୍ମଘାତୀ ବିସ୍ଫୋରଣ ଘଟାଇଥିବା ଆତଙ୍କବାଦୀଙ୍କ ପରିଚୟ ସ୍ପଷ୍ଟ ହୋଇଛି। ସେ ହେଉଛନ୍ତି ପୁଲଓ୍ୱାମାସ୍ଥିତ କାକାପୋରାର ଆଦିଲ୍ ଅହମ୍ମଦ। ଆଦିଲ୍ ୨୦୧୮ରେ ଜେଇଏମ୍‌ରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ବିସ୍ଫୋରଣ ପରେ ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିବା ସିଆର୍‌ପିଏଫ୍ ମହାନିର୍ଦ୍ଦେଶକ ଆର୍.ଆର୍. ଭଟ୍ଟନାଗର ସୂଚନା ଦେଇଛନ୍ତି। ଆକ୍ରମଣସ୍ଥଳକୁ ଫରେନ୍‌ସିକ୍ ଓ ବୋମା ବିଶ୍ଳେଷକ ଟିମ୍ ପହଞ୍ଚି ତନାଘନା ଚଳାଇଛି। ସେଠାରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇ ତଲାସି ଅଭିଯାନକୁ ଜୋରଦାର କରାଯାଇଛି। ୨୦୧୬ ସେପ୍ଟେମ୍ବରରେ ଉରି ସେନା ଶିବିରରେ ଜେଇଏମ୍ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ୧୮ ଯବାନ ଶହୀଦ ହୋଇଥିଲେ। ଏହା ପରେ ଏତେବଡ଼ ଆକ୍ରମଣ ହୋଇ ନ ଥିଲା।


ପୁଲଓ୍ୱାମା ଜିଲା ଲାଥେପୋରାସ୍ଥିତ ଶ୍ରୀନଗର-ଜମ୍ମୁ ରାଜପଥର ଆକ୍ରମଣସ୍ଥଳ।

### ଆତଙ୍କବାଦୀ ରକ୍ତମୁଖା
- ସିଆର୍‌ପିଏଫ୍ ବସ୍‌କୁ ଧକ୍କାଦେଲା ବିସ୍ଫୋରକ ବୋଝେଇ ଭ୍ୟାନ୍
- ଆତ୍ମଘାତୀ ଆକ୍ରମଣରେ ୨୫ରୁ ଊର୍ଦ୍ଧ୍ୱ ଆହତ
- ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ, ବଢ଼ିପାରେ ମୃତ୍ୟୁସଂଖ୍ୟା
- ୨୦୧୬ ଉରି ଆକ୍ରମଣ ପରେ ସବୁଠୁ ବଡ଼ ଟାର୍ଗେଟ
- ଆକ୍ରମଣସ୍ଥଳରେ ଫୋରେନ୍‌ସିକ୍ ଟିମ୍, ତଲାସି ଜୋର୍‌ଦାର

## ଆଜିଠୁ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର,୧୪।୨(ବ୍ୟୁରୋ):** ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ଚଳିତବର୍ଷ ସମଗ୍ର ଦେଶରୁ ମୋଟ ୧୨ଲକ୍ଷ ୮୭ହଜାର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବେ। ସେହିଭଳି ଓଡ଼ିଶାରୁ ପ୍ରାୟ ୧୬ହଜାର ପିଲା ଚଳିତବର୍ଷ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଦେବେ। ପ୍ରଥମ ଦିନରେ 'ଧନ୍ଦାମୂଳକ ଶିକ୍ଷା' ବିଷୟର ପରୀକ୍ଷା ଅନୁଷ୍ଠିତ ହେବ। ଏହାପରେ ମାର୍ଚ୍ଚ ୨ରୁ ଅନ୍ୟ ବିଷୟରେ ପରୀକ୍ଷା ଆରମ୍ଭ ହେବ, ଯାହା କି ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବାହ୍ନ ୧୦ଟା ୧୫ରେ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ୧୦ଟା ପରେ କୌଣସି ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ ଅନୁମତି ମିଳିବନାହିଁ। ପରୀକ୍ଷାର୍ଥୀମାନେ ହଲ୍‌କୁ ଯିବା ସମୟରେ ସାଙ୍ଗରେ କେବଳ କଲମ ଓ ଆବଶ୍ୟକ ଷ୍ଟେସନେରି ସାମଗ୍ରୀ ନେଇପାରିବେ। ଡାଇବେଟିସ୍ ପରୀକ୍ଷାର୍ଥୀ ସାଙ୍ଗରେ ଖାଦ୍ୟନେଇ ☞ପୃଷ୍ଠା-୨

## ସୁଶୀଲ ଚନ୍ଦ୍ରା ହେଲେ ନିର୍ବାଚନ କମିଶନର



**ନୂଆଦିଲ୍ଲୀ, ୧୪।୨(ପି.ଟି.):** ଲୋକ ସଭା ନିର୍ବାଚନ ପୂର୍ବରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରାଙ୍କୁ ଗୁରୁବାର ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ସେ ଜଣେ ଆଇଆଇଟି ସ୍ନାତକ ଏବଂ ୧୯୮୦ ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ (ଆୟକର କ୍ୟାଡର)। ଚଳିତ ମାସ ଶେଷ ସୁଦ୍ଧା ନିର୍ବାଚନ ତାରିଖ ଘୋଷଣା ହେବା ଆଶା କରାଯାଉଛି। ତିନି ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନରେ ଡିସେମ୍ବର ମାସରୁ ଜଣେ ସଦସ୍ୟ ପଦ ଖାଲିପଡିଥିଲା। ଫଳରେ ବିଭିନ୍ନ ରାଜ୍ୟରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା, ☞ପୃଷ୍ଠା-୨

### ଯୁକ୍ତ୨ ପରୀକ୍ଷା ସୁପରିଚାଳନା
## ମୂଲ୍ୟାୟନ କେନ୍ଦ୍ରରେ ଲାଗିବ ସିସିଟିଭି

**ଭୁବନେଶ୍ୱର,୧୪।୨(ବ୍ୟୁରୋ)**

### ନଜରରେ ରହିବ ସମସ୍ତ ପରୀକ୍ଷା କେନ୍ଦ୍ର

ଯୁକ୍ତ୨ ପରୀକ୍ଷା ସୁପରିଚାଳନା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ରାଜ୍ୟର ସମସ୍ତ ୧୦୯୧ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଇବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୦ ତାରିଖ ସୁଦ୍ଧା କଲେଜ କର୍ତ୍ତୃପକ୍ଷଙ୍କୁ ଏ ନେଇ ରିପୋର୍ଟ ଦେବାକୁ କୁହାଯାଇଛି। ସେହିଭଳି ପ୍ରଥମଥର ପାଇଁ ମୂଲ୍ୟାୟନ କେନ୍ଦ୍ରଗୁଡ଼ିକୁ ସିସିଟିଭି ନଜରରେ ରଖିବାକୁ ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି।

ଚଳିତବର୍ଷ ପରୀକ୍ଷା ସରିବା କ୍ଷଣି ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ। ମୂଲ୍ୟାୟନ କେନ୍ଦ୍ରର ସୁରକ୍ଷା ପ୍ରତି ଏଥର ଅଧିକ ଗୁରୁତ୍ୱ ଦିଆଯିବ। ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଉତ୍ତର ଖାତା ମୂଲ୍ୟାୟନ ସିସିଟିଭି ନଜରରେ ହେବ। ମୂଲ୍ୟାୟନ ହୋଇଥିବା ଏବଂ ମୂଲ୍ୟାୟନ ହେବାକୁ ଥିବା ଉତ୍ତର ☞ପୃଷ୍ଠା-୨

## ଢେଙ୍କାନାଳ ସହରରେ ପଶିଲା ଦନ୍ତା

**ଢେଙ୍କାନାଳ ଅଫିସ,୧୪।୨-**

ଢେଙ୍କାନାଳ ଟାଉନ ଭିତରକୁ ପଶି ଆସିଥିବା ଗୋଠଛଡ଼ା ଦନ୍ତାକୁ ନେଇ ଗୁରୁବାର ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ହାତୀ ଆକ୍ରମଣରେ ଜଣେ ଶିଶୁକନ୍ୟା ସମେତ ୩ଜଣ ଗୁରୁତର ହୋଇଛନ୍ତି। ଦନ୍ତାକୁ ଘଉଡ଼ାଇବାକୁ ଯାଇ ବନ ବିଭାଗ, ପୋଲିସ, ପ୍ରଶାସନ ନାକେଦମ ହୋଇଥିବାବେଳେ ଦୁର୍ଘଟଣା ଏଡ଼ାଇବାକୁ ସେସୁ ପକ୍ଷରୁ ବିଦ୍ୟୁତ୍ କାଟ କରାଯାଇଥିଲା।

ସଦର ଥାନା ବାରଦା ଅଞ୍ଚଳରୁ ୩ ହାତୀ ପଲରୁ ବାହାରି ହୋଇ ଢେଙ୍କାନାଳ ସହର ମୁହାଁ ହୋଇଥିଲେ। ସହର ସୀମାବର୍ତ୍ତୀ ଅଞ୍ଚଳରୁ ୨ ହାତୀ ଫେରିଯାଇଥିବାବେଳେ ଉକ୍ତ ଦନ୍ତାହାତୀ କୋରିଆଁ ଦେଇ ହାଟରୋଡ୍ ଅଞ୍ଚଳକୁ ପଶିଆସିଥିଲା। ଏହି ସମୟରେ ଅଙ୍ଗନଓ୍ୱାଡି କେନ୍ଦ୍ରକୁ ଆସୁଥିବା ଅଭୟ ମଲ୍ଲିକ (୨୫) ଏବଂ ତାଙ୍କ ଝିଅ ସୁପ୍ରିୟା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଶୁଣ୍ଢରେ ଠେଲି ଦେବାରୁ ଉଭୟେ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେହିପରି ୫୫ନଂ ଜାତୀୟ ରାଜପଥ ବଡ଼ଯୋରା ନିକଟ ଶକ୍ତିସୁଗାର କମ୍ପାନୀକୁ ନୟାଗଡ଼ରୁ ଆଖୁ ବୋଝେଇ କରି ଆଣିଥିବା ଟ୍ରକ୍ ଚାଳକ ଶ୍ରୀଧର ନାୟକ(୩୪) ନାଳକୁ ଶୌଚ ହେବାକୁ ଯାଇଥିବାବେଳେ ହାତୀ ସହ ମୁହାଁମୁହିଁ ହୋଇଯାଇଥିଲେ। ☞ପୃଷ୍ଠା-୨



- ଯୁବକଙ୍କ ଅନ୍ତବୁଜୁଳା ବାହାର କରିଦେଲା
- ଆକ୍ରମଣରେ ବାପା, ଝିଅ ଗୁରୁତର
- ବନ ବିଭାଗ, ପ୍ରଶାସନ, ପୋଲିସ ନାକେଦମ୍

## ପରସ୍ପର ବିରୋଧରେ ଆପତ୍ତି ଉଠାଇଲେ ଦଳ

**ଭୁବନେଶ୍ୱର,୧୪।୨(ବ୍ୟୁରୋ)**

ସାଧାରଣ ନିର୍ବାଚନ ବେଳେ ପ୍ରଶାସନିକ କଳ, ବାହୁବଳ ଓ ଅର୍ଥ କାରବାରକୁ ରୋକାଯାଉ। ନିର୍ବାଚନକୁ ନିରପେକ୍ଷ ଓ ହିଂସାମୁକ୍ତ କରିବାକୁ ସମସ୍ତ ପଦକ୍ଷେପ ନେବା ଲାଗି ବିଭିନ୍ନ ରାଜନୈତିକ ଦଳ ଦାବି କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସ୍ଥିତି ପରଖିବା ସହ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ନିର୍ବାଚନ କମିଶନର ଅଶୋକ ଲାଭାସାଙ୍କ ନେତୃତ୍ୱରେ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ୬ ଜଣିଆ ପ୍ରତିନିଧି ଦଳ ରାଜନୈତିକ ଦଳ ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ସହ ଗୁରୁବାର ଆଲୋଚନା କରିଛନ୍ତି।

ବୈଠକରେ ଭାଜପା, କଂଗ୍ରେସ, ବିଜେଡି, ସିପିଆଇ ସମେତ ଅନ୍ୟାନ୍ୟ ରାଜନୈତିକ ଦଳ ସାମିଲ ହୋଇ ନିଜର ପକ୍ଷ ରଖିବା ସହିତ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ବିଷୟରେ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ବୈଠକରେ ଯୋଗଦେଇ ଆସନ୍ତା ନିର୍ବାଚନ ପରିଚାଳନା ନେଇ ପ୍ରସ୍ତାବ ଦେଇଛନ୍ତି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ନରସିଂହ କହିଛନ୍ତି ଯେ ରାଜ୍ୟ ସରକାର ପ୍ରଶାସନିକ କଳ, ଅର୍ଥ ଓ ବାହୁବଳ ଲଗାଇ ନିର୍ବାଚନରେ ବିଜୟୀ ହେବାକୁ ଉଦ୍ୟମ କରୁଛନ୍ତି। ଏଥିରୁ ଆମକୁ ରକ୍ଷା କରିବାକୁ କମିଶନଙ୍କ ଟିମ୍ ଆଗରେ ମତ ରଖିଲୁ। ଇଭିଏମ୍ ଓ ଭିଭିପାଟ ବିଷୟରେ ମତଦାତାଙ୍କୁ ସଚେତନ କରିବା ସହ ରାଜ୍ୟରେ କିପରି ଅବାଧ ଓ ନିରପେକ୍ଷ ନିର୍ବାଚନ ହୋଇପାରିବ ସେ ନେଇ କମିଶନ ଗୁରୁତ୍ୱ ଦେବା ପାଇଁ ପ୍ରସ୍ତାବ ଦେଇଛୁ ବୋଲି ସେ କହିଛନ୍ତି। ରାଜ୍ୟରେ ପ୍ରଶାସନିକ ଅଧିକାରୀମାନେ ଅନେକ ସମୟରେ ନିରପେକ୍ଷତା ଅବଲମ୍ବନ କରୁ ନ ଥିବା କଂଗ୍ରେସ ଅଭିଯୋଗ କରିଛି।

ପ୍ରଶାସନିକ ବ୍ୟବସ୍ଥାର ଅପବ୍ୟବହାର ହେଉଥିବା ଏବଂ ବିଜୁ ଯୁବ ବାହିନୀ ବିରୋଧରେ ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା ଏକ ପ୍ରତିନିଧି ଦଳ କମିଶନଙ୍କ ନିକଟରେ ଆପତ୍ତି ଉଠାଇଛନ୍ତି। ସରକାରୀ ଅଧିକାରୀଙ୍କୁ ହାତବାରିସି କରି ବିଜେଡି ନିର୍ବାଚନରେ ବିଜୟୀ ହେବାକୁ ଚେଷ୍ଟା କରୁଥିବା ଭାଜପା ଅଭିଯୋଗ କରିଛି। ଇଭିଏମ୍ ବଦଳରେ ବାଲଟ ପେପରରେ ଭୋଟ କରିବାକୁ ସିପିଆଇ ପ୍ରସ୍ତାବ ଦେଇଛି। ବିଜେପୁରରେ ହୋଇଥିବା ନିର୍ବାଚନୀ ହିଂସାକାଣ୍ଡ ଏବଂ ପେଟ୍ରୋଲ ପମ୍ପରେ ଟଙ୍କା ରଖାଯାଉଥିବା ନେଇ ବିଜେଡି କମିଶନଙ୍କ ନିକଟରେ ଅଭିଯୋଗ କରିଛି। ଏହାକୁ ରୋକିବା ପାଇଁ ପଦକ୍ଷେପ ନେବା ସକାଶେ ଦଳ ପକ୍ଷରୁ ଦାବି କରାଯାଇଛି। ରାଜନୈତିକ ହିଂସା ଓ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକ ପ୍ରତି ସତର୍କ ଦୃଷ୍ଟି ରଖିବା ପାଇଁ ଉପଯୁକ୍ତ ପ୍ରତିକାର ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଦେବାକୁ ଦାବି କରାଯାଇଛି। ଅପରାହ୍ନରେ କମିଶନଙ୍କ ଟିମ୍ ଆଇନ ଶୃଙ୍ଖଳା ନେଇ ପୋଲିସ ମହାନିର୍ଦ୍ଦେଶକ ଓ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ନିର୍ବାଚନ କମିଶନ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ, ଏସ୍‌ପି, ରାଜସ୍ୱ କମିଶନର ଏବଂ ଡିଏସପିମାନଙ୍କ ସହ ନିର୍ବାଚନ ପରିଚାଳନା ନେଇ ଆଲୋଚନା କରିଛନ୍ତି। ଆସନ୍ତା ନିର୍ବାଚନରେ ପ୍ରଥମ ଥର ପାଇଁ ଭିଭିପାଟ ବ୍ୟବହାର ହେଉଥିବାରୁ ସେହି ଯନ୍ତ୍ରଗୁଡିକ ଉପରେ ନଜର ରଖିବାକୁ ଜିଲା ନିର୍ବାଚନ ଅଧିକାରୀଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ପୂର୍ବରୁ ମଦ ତିଆରି କାରଖାନାକୁ ବନ୍ଦ କରିବା, ☞ପୃଷ୍ଠା-୨



ନିର୍ବାଚନ କମିଶନର ଅଶୋକ ଲାଭାସା ଭୁବନେଶ୍ୱରଠାରେ ପତାକା ଦେଖାଇ ନିର୍ବାଚନ ସଚେତନତା ଗାଡ଼ିକୁ ଶୁଭାରମ୍ଭ କରୁଛନ୍ତି।

### ନିର୍ବାଚନ କମିଶନଙ୍କ ସମୀକ୍ଷା
- ଅର୍ଥ, ବାହୁବଳ, ପ୍ରଶାସନିକ କଳ ଅପବ୍ୟବହାର ରୋକିବାକୁ ବିରୋଧୀଙ୍କ ଦାବି
- ନିର୍ବାଚନୀ ହିଂସା, ପେଟ୍ରୋଲ ପମ୍ପରେ ଟଙ୍କା ଠୁଳ ରୋକିବାକୁ ବିଜେଡିର ପ୍ରସ୍ତାବ
- ଇଭିଏମ୍ ବଦଳରେ ବାଲଟରେ ମତଦାନ ବ୍ୟବସ୍ଥା କରିବାକୁ ସିପିଆଇର ଦାବି
- ଚଳିତ ମାସ ଶେଷ ସୁଦ୍ଧା ନୂତନ ଭୋଟରଙ୍କୁ ପରିଚୟ ପତ୍ର ଦେବାକୁ କମିଶନଙ୍କ ନିର୍ଦ୍ଦେଶ

## ନିମ୍ନମାନର ଛତୁଆ ଖାଉଛନ୍ତି ଶିଶୁ

**ଭୁବନେଶ୍ୱର,୧୪।୨(ବ୍ୟୁରୋ)**

- ରାଜ୍ୟ ଜନସ୍ୱାସ୍ଥ୍ୟ ରିପୋର୍ଟ
- ୨୩୦ ନମୁନା ଅଖାଦ୍ୟ

ଶିଶୁମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଦେବା ସରକାରଙ୍କ କର୍ତ୍ତବ୍ୟ। ମାତ୍ର ସେହି କୋମଳମତି ଶିଶୁମାନେ ମଧ୍ୟ ଦୁର୍ନୀତିର ଚକ୍ରବ୍ୟୂହରୁ ମୁକ୍ତ ନୁହନ୍ତି। ରାଜ୍ୟର ଅଙ୍ଗନଓ୍ୱାଡି କେନ୍ଦ୍ରରେ ଅଢେଇ ବର୍ଷରୁ ୬ ବର୍ଷର ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପୁଷ୍ଟିକର ଯୋଜନାରେ ବହୁ କୋଟି ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ଏହି ଅର୍ଥର ସୁଫଳ ଶିଶୁଙ୍କ ନିକଟରେ ପହଞ୍ଚି ପାରୁ ନାହିଁ। ଅତ୍ୟନ୍ତ ନିମ୍ନମାନର ଛତୁଆ ବଣ୍ଟନ କରାଯାଉଥିବାରୁ ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡୁଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡିଛି। ୨୦୧୩-୧୪ରୁ ଏ ପର୍ଯ୍ୟନ୍ତ ଅଙ୍ଗନଓ୍ୱାଡି କେନ୍ଦ୍ରରେ ପିଲାମାନଙ୍କୁ ଖାଇବାକୁ ଦିଆଯାଇଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର ବୋଲି ଜଣାପଡିଛି। ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୩୦ଟି ଜିଲାର ବିଭିନ୍ନ ଅଙ୍ଗନଓ୍ୱାଡି କେନ୍ଦ୍ରରୁ ୨୬,୪୨୩ ଛତୁଆର ନମୁନା ସଂଗ୍ରହ କରାଯାଇଥିଲା। ସେଥିରୁ ୧୬,୦୦୯ ନମୁନାକୁ ପରୀକ୍ଷା କରିବା ପାଇଁ ରାଜ୍ୟ ଜନସ୍ୱାସ୍ଥ୍ୟ ଲାବୋରେଟୋରିକୁ ପଠାଯାଇଥିଲା। ସେଥିରୁ ୨୩୦ ନମୁନା ଅତ୍ୟନ୍ତ ନିମ୍ନମାନର ବୋଲି ଜଣାପଡିଛି। ସୁନ୍ଦରଗଡ ଜିଲାର ୪୧ଟି ନମୁନା ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ କଳାହାଣ୍ଡି ଜିଲାର ୧୦, ଖୋର୍ଦ୍ଧା ୫, କୋରାପୁଟ ୧୦, ☞ପୃଷ୍ଠା-୨

## ସରକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତକଲେ ହାଇକୋର୍ଟ

**କଟକ ଅଫିସ, ୧୪।୨**

### ସ୍ୟାଟ୍ ପଦବୀ ଉଚ୍ଛେଦ ମାମଲା



ଷ୍ଟେଟ୍ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (ସ୍ୟାଟ୍)ରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ୪ ସପ୍ତାହ ମଧ୍ୟରେ ପୂରଣ କରିବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାର ଏ କ୍ଷେତ୍ରରେ ବିଫଳ ହୋଇଛନ୍ତି। ଏହାକୁ ନେଇ ଗୁରୁବାର ଶୁଣାଣିବେଳେ ସରକାରଙ୍କ ଉପରେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କ'ଣ ପାଇଁ ପୂର୍ବ ଆଦେଶ କାର୍ଯ୍ୟକାରୀ କରାଯାଇନାହିଁ ସେ ସମ୍ପର୍କରେ ହାଇକୋର୍ଟ ସରକାରଙ୍କଠାରୁ ଜବାବ ମାଗିଥିଲେ। ମାତ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ, ହାଇକୋର୍ଟଙ୍କ ଆଦେଶ ବିରୋଧରେ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ ସୁପ୍ରିମକୋର୍ଟଙ୍କୁ ସରକାର ଯିବା ନେଇ ଅବଗତ କରାଯାଇ ନ ଥିବାରୁ ହାଇକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆସନ୍ତା ସୋମବାର ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି କରାଯିବ। ଏହାର ଠିକ୍ ପରଦିନ ଅର୍ଥାତ୍ ମଙ୍ଗଳବାର ହାଇକୋର୍ଟରେ ଏହାର ଶୁଣାଣି ହେବ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉକି, ସ୍ୟାଟ୍‌ରେ ୮ ସଦସ୍ୟ ପଦବୀ ଖାଲି ପଡ଼ିଥିବାବେଳେ ଏବେ ୨ ଜଣ ସଦସ୍ୟଙ୍କୁ ନେଇ ମାମଲାର ଶୁଣାଣି କରାଯାଉଛି। ଫେବୃୟାରୀ ୨୭ରେ ୨ ଜଣ ସଦସ୍ୟଙ୍କ ମଧ୍ୟରୁ ଜଣେ ଅବସରଗ୍ରହଣ କରିବେ। ଫଳରେ ଫେବୃୟାରୀ ୨୭ ପରଠାରୁ ସ୍ୟାଟ୍ ଜଣେ ସଦସ୍ୟ ବିଶିଷ୍ଟ ହୋଇଯିବ। ଏଭଳି ପରିସ୍ଥିତି ଉପୁଜିବାକୁ ଯାଉଥିବାବେଳେ ସରକାର ପଦବୀ ପୂରଣ ନିମନ୍ତେ ଆଗଭର ନ ହେବାକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଆଡ୍‌ଭୋକେଟ ବୁଦ୍ଧଦେବ ରାଉତରାୟ ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଛନ୍ତି।

### ଆଜିର ସମ୍ପାଦକୀୟ
**ସନ୍ଦେହ ଘେରରେ ଟିକସଦାତା**

### ଆଜିର ମନ୍ତବ୍ୟ
" ଭାଜପା-ଆର୍‌ଏସ୍‌ଏସ୍‌ର ଘୃଣା ବିସ୍ତାରକୁ ପ୍ରେମରେ ମୁକାବିଲା କରିବ କଂଗ୍ରେସ।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

### କିଛି ତଥ୍ୟ
ନଭେମ୍ବରରେ ଆରମ୍ଭ ହୋଇଥିବା ଏମ୍‌ଏସ୍‌ଏମ୍‌ଇ ଆଉଟରିଚ୍ କାର୍ଯ୍ୟକ୍ରମ ଅଧୀନରେ ୧୦୦ ଦିନରେ ସଂସ୍ଥାଗୁଡ଼ିକୁ ୨୦,୯୦୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି।

- ଆର୍ଥିକ ସେବା ବିଭାଗ


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE — 14.02.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 74 | 124 | 134 |
| DKL | 73 | 123 | 133 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 75 | 126 | 136 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଲିଟୁନ୍
ପରିବାରବର୍ଗ


ଆୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

automobile

## SALE

Jypsy King, OR 02-S, 4 WD, petrol all papers ok, look like new for sale. 9437746913. D-11062

32000km. run Jan 2016 Swift VXI white colour. 9437284700. D-11139

real estate

## SALE

Ready 2BHK/ 3BHK flat, Kalinga Nagar, Bhubaneswar (ORERA Approved) @ 40 lakh, No GST. 7381087905. D-65530

ORERA registered 1BHK, studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-65550

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65558

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-11018

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65362

Bhubaneswar KIIT ଜଗନ୍ନାଥ ମନ୍ଦିର ପାଖରେ 40' ରାସ୍ତାଥାଇ boundarywall, electricity, water ସୁବିଧାଥାଇ plot ବିକ୍ରିହେବ: 7894760783. D-65360

3BHK ready to move flats newly constructed for sale at Kharvel Nagar, Bhubaneswar. 7008672367, 8270788667. D-11109

Plot for sale at Sundarpada BBSR @270 sqft. sthitiban, single patta holder. 9192111444, 9040881230. D-11123

**Plot on lowest budget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65830

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Pre launch booking open for 3BHK flat at BJB Nagar. Contact: 9861616986. D-62159

2000 sqft. plots (10 nos.) at Sankarpur, Vipulgarden backside Ghatikia, Bhubaneswar (electricity, supply water, 30ft. road). 7381564227. D-65479

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65829

Stithiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

healthcare

New opening ayurvedic full body massage. 7077444583. D-10885

Newly ayurvedic full body messege relaxed home service: 7609923705, 7438851534. D-38545

## AFFIDAVIT

ଆଗରୁ ହୁଲ୍ଲାସ ଜେନା, ପି- ରାମ ଦଳେଇ ଥିଲା ଏହାକୁ ବଦଳାଇ ରୀନା ଜେନା, ପି- ରାମ ଦଳେଇ କରାଯାଇଛି, ଠିକଣା- ଜି- ପୁରୀ, ଥା- ଗଡିଶାଗୋଦା, ଗ୍ରା- ବାଜପଦର। ଧ-୧୧୧୪୨

### ବିବାହ ଶୁଭେଚ୍ଛା



ବିଟୁ
ସହିତ
ଲାଲୁ
ବାଲିପାଟଣା, ଖୋର୍ଦ୍ଧା

ଭଗବାନ ତମ ଦୁଇଜଣଙ୍କୁ ଆଶୀର୍ବାଦ କରିବା ସହ ଭଲରେ ରଖନ୍ତୁ, ନବ ଦମ୍ପତିଙ୍କର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ପଣ୍ଡିତ କେଦାରନାଥ ନାୟକ, ମିନତି ଦେବୀ ଓ ପରିବାରବର୍ଗ। ଧ-୬୫୫୭୨

Now Matrimonial ads. only on Wednesday & Sunday Book 1 Get 1 FREE

### ମନେ ପଡ଼ନ୍ତି

ସ୍ମୃତିରେ



ସ୍ୱର୍ଗତ ଦୀନବନ୍ଧୁ ମହାପାତ୍ର
ଅବସରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା, ଏସ୍.ସି.ଇ.ଆର୍.ଟି, ଭୁବନେଶ୍ୱର
ବଡ଼ଦାଣ୍ଡ ସାହି, ପୁରୁଣା ଭୁବନେଶ୍ୱର
ଆବିର୍ଭାବ : ୧୫.୦୮.୧୯୨୯
ତିରୋଧାନ : ୦୩.୦୨.୨୦୧୯

ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଉପସ୍ଥିତି ଅନୁଭବ କରୁଅଛୁ। ଆପଣଙ୍କ ନୀତି, ଆଦର୍ଶ ଓ ଅନାବିଳ ସ୍ନେହ ଆମ ପାଇଁ ପାଥେୟ ହୋଇ ରହୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୧୧୪୦

### ପଞ୍ଚମ ଜନ୍ମବାର୍ଷିକୀ ଶୁଭକାମନା



(ଲିଟୁନ୍)
ସୁମିତେଶ ପ୍ରସାଦ
ଜନ୍ମ ତାରିଖ: ୧୫।୦୨।୨୦୧୪ (ଶନିବାର)
ପ୍ଲଟ୍ ନଂ- ୭୪୦, ରୋକ୍ ଭବନ, ଜାଗମରା, ଭୁବନେଶ୍ୱର
ଆଜି ତୋର ପଞ୍ଚମ ଜନ୍ମବାର୍ଷିକୀ ଅବସରରେ ଭଗବାନ ଶ୍ରୀଶ୍ରୀ ସାଇନାଥ ତୋତେ ଅପାର କରୁଣା ଓ ଆଶୀର୍ବାଦ ଦେଇ ତୋର ଚଲାପଥ ପୁଷ୍ପିତ, କୁସୁମିତ କରିବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ ଓ ମଙ୍ଗଳମୟ କରନ୍ତୁ। ଅନେକ ଶୁଭାଶିଷ ସହ: ଜେଜେମା, ଅଜା, ଆଈ, ବଡପାପା, ବଡମା, ପାପା, ମାମା, ମାମୁ, ମାଇଁ, କୁନା ଭାଇ, କାହ୍ନା ଭାଇ, ମୁନା ଭାଇ, ପ୍ରିନ୍ସ, ମାମୀ ନାନା, ମାନସ ଅଙ୍କଲ, ଲିଲି ନାନା ଓ ପରିବାରବର୍ଗ। ଧ-୬୫୩୬୪

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କେନ୍ଦ୍ରାପଡ଼ା ସବ୍‌ଜେଲରେ କଏଦୀଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା ଅଫିସ, ୧୪।୨:** କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବାରିମୂଳସ୍ଥିତ ସବଜେଲର ବିଚାରାଧୀନ କଏଦୀ ଧୀରେନ ବେହେରା (୪୯)ଙ୍କର ବୁଧବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଏ ନେଇ ସଦର ଥାନାରେ ୨/୧୯ ନଂ.ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇ କହିଛନ୍ତି, ଧୀରେନଙ୍କ ଗ୍ରାମ ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଲୀପଙ୍କ ଗ୍ରାମରେ। ୨୦୧୬ ମେ ୧୧ରେ ଜଣୈକା ନାବାଳିକାଙ୍କୁ ସେ ବଳାତ୍କାର କରିଥିବା ଅଭିଯୋଗରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ମୃତ୍ୟୁ ସମ୍ପର୍କରେ ଜେଲର ସରୋଜ ବିଶ୍ୱାଳ କୁହନ୍ତି, ରାତି ପ୍ରାୟ ୩ଟା ବେଳେ ଧୀରେନ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏଥିପାଇଁ ତାଙ୍କୁ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି। ଅପରପକ୍ଷେ ତାଙ୍କୁ ଜେଲ୍‌ରେ ପିଟି ପିଟି ମାରି ଦିଆଯାଇଥିବା ଧୀରେନଙ୍କ ସ୍ତ୍ରୀ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

## କୋଟପାଡ଼ ଉପକାରାଗାରରୁ କଏଦୀ ଚମ୍ପଟ

**କୋଟପାଡ଼,୧୪।୨(ଡି.ଏନ୍.ଏ.):** କୋରାପୁଟ ଜିଲା କୋଟପାଡ଼ ଉପକାରାଗାରରୁ ଗୁରୁବାର ଜଣେ କଏଦୀ ଚମ୍ପଟ ମାରିଛନ୍ତି। ଫେରାର୍ ଥିବା କଏଦୀ ନବରଙ୍ଗପୁର ଜିଲା କତେଙ୍ଗା ଅଞ୍ଚଳର ମୋତିସିଂହ ଚାଲାଣ(୫୭)। ସେ ନିଜ ପୁଅ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଉକ୍ତ ଉପକାରଗାରରେ ୧୦ ବର୍ଷ ସଜା କାଟୁଛନ୍ତି। ୨୧।୯।୨୦୨୨ରେ ତାଙ୍କର ଜେଲଦଣ୍ଡ ଶେଷ ହେବ। ଜେଲ୍ କର୍ତ୍ତୃପକ୍ଷଙ୍କ ଅନୁମତି ପରେ ୫ ଜଣ କଏଦୀ ଜେଲ କୋଠରି ବାହାରକୁ ବଗିଚା ସଫା କରିବା ପାଇଁ ଯାଇଥିଲେ। କାମ ଶେଷକରି ୪ ଜଣ ଜେଲ୍ କୋଠରିକୁ ଫେରିଥିବାବେଳେ ଜଣେ ଫେରି ନ ଥିଲେ। ଜେଲ କର୍ମଚାରୀ ଏବଂ ୪ ଜଣ କଏଦୀଙ୍କୁ ପଚରାଉଚରା କରାଯାଇଥିଲେ ମଧ୍ୟ ସେମାନେ ଜାଣି ନ ଥିବା କହିଥିଲେ। ଏନେଇ କୋଟପାଡ଼ ଥାନାରେ ଏତଲା ଦିଆଯାଇଛି। ମୋତିସିଂହ କେବେ ଜେଲ୍‌ରେ ବିଶୃଙ୍ଖଳା କରି ନ ଥିଲେ , ବେଳେବେଳେ ମାନସିକ ବିକୃତଙ୍କ ଭଳି ବ୍ୟବହାର କରୁଥିବା ଉପାକାରଗାର ସୁପରିଣ୍ଟେଣ୍ଡେଣ୍ଟ ଶୁକ୍ରୁ ଭୋଇ କହିଛନ୍ତି। ଏବେ ଉକ୍ତ ଉପକାରାଗାରରେ ୨୪ ଜଣ କଏଦୀ ରହୁଛନ୍ତି। ପୂର୍ବରୁ ଏଠାରେ ଜଣେ କଏଦୀ ଆତ୍ମହତ୍ୟା କରିଥିଲେ। କଏଦୀମାନଙ୍କୁ ନେଇ ବାହାର କାର୍ଯ୍ୟରେ ଲଗାଯାଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଆଲୋଚନା ହେଉଛି।

### ନାବାଳିକା ଝିଅଙ୍କୁ ବଳାତ୍କାର ଘଟଣା

# ଅଭିଯୁକ୍ତ ବାପା ଗଲେ ଜେଲ

**ବ୍ରହ୍ମପୁର ଅଫିସ,୧୪।୨**

ଗଞ୍ଜାମ ଜିଲା ଜରଡା ଥାନାଞ୍ଚଳର ଏକ ଗ୍ରାମରେ ଘରେ ଜଣେ ନାବାଳିକାଙ୍କୁ ତାଙ୍କ ବାପା ବଳାତ୍କାର କରିବା ଘଟଣାରେ ଗୁରୁବାର ପୋଲିସ ଅଭିଯୁକ୍ତ ବାପା ଓ ନାବାଳିକାଙ୍କ ଡାକ୍ତରୀମାଇନା କରିବା ପାଇଁ ବ୍ରହ୍ମପୁର ଆଣିଥିଲା। ଡାକ୍ତରୀ ମାଇନା ପରେ ଉଭୟଙ୍କୁ ବ୍ରହ୍ମପୁର ଏଡିଜେ-୨ ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଥିଲା। ୧୬୪ ଧାରାନୁସାରେ ନାବାଳିକା ପୀଡିତା ଜଣକ ସବୁ କଥା କୋର୍ଟରେ ଖୋଲି କହିଥିଲେ। ପରେ ନାବାଳିକାଙ୍କୁ କୋର୍ଟ ତାଙ୍କ ମା'ଙ୍କୁ ଜିମା ଦେଇଥିଲେ। ଅଭିଯୁକ୍ତ ବାପାଙ୍କ ଜାମିନ ନାମଞ୍ଜୁର ହେତୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଜରଡା ପୋଲିସ ନଂ. ୨୦/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

ପ୍ରକାଶଯେ, ଅଭିଯୁକ୍ତ ବାପା ଚେନ୍ନାଇର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ଛୁଟିରେ ଘରକୁ ଯା'ଆସ କରନ୍ତି। ତାଙ୍କର ତିନୋଟି ନାବାଳିକା କନ୍ୟା ରହିଛନ୍ତି। ଗତ କିଛି ଦିନ ତଳେ ସେ ଘରକୁ ଆସିଥିବା ବେଳେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୧୪ ବର୍ଷର ନାବାଳିକା ଝିଅଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଘଟଣାଟି ପ୍ରଘଟ ହୋଇ ନ ଥିଲେ ହେଁ ନାବାଳିକାଙ୍କ ଚାଲିଚଳଣିକୁ ଲକ୍ଷ୍ୟ କରି ସେହି ବିଦ୍ୟାଳୟର ଜଣେ ଶିକ୍ଷକ ଘଟଣା ବିଷୟରେ ଶିଶୁ ମଙ୍ଗଳ ବିଭାଗ, ଚାଇଲ୍ଡ ଲାଇନ୍ ଓ ଜିଲା ପ୍ରଶାସନକୁ ଜଣାଇଥିଲେ। ପରେ ନାବାଳିକାଙ୍କ ସୁରକ୍ଷା ନେଇ ତାଙ୍କ ମଉସା ଘରକୁ ନାବାଳିକାଙ୍କୁ ନେଇଯାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ ଘଟଣାର ତଦନ୍ତ କରିବା ପରେ ବୁଧବାର ଜରଡା ଥାନାରେ ନାବାଳିକା ଜଣକ ନିଜ ବାପାଙ୍କ ବିରୋଧରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ବାପା ଓ ପୀଡିତା ନାବାଳିକାଙ୍କୁ ଡାକ୍ତରୀମାଇନା କରିଥିଲା।

**ପୋକ୍ସୋ କୋର୍ଟରେ ସାକ୍ଷ୍ୟ ଗ୍ରହଣ ପରେ ଜିମାରେ ନେଲେ ମା**

### ଆଜି ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

# ବ୍ରହ୍ମପୁରରେ ପହଞ୍ଚିଲେ ୯୭୦ ତୀର୍ଥଯାତ୍ରୀ

**ବ୍ରହ୍ମପୁର ଅଫିସ,୧୪।୨**

ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୧୭ରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାରେ ଦୀର୍ଘ ୩ ବର୍ଷ ଧରି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବରିଷ୍ଠ ନାଗରିକ ମାଗଣାରେ ବିଭିନ୍ନ ତୀର୍ଥଯାତ୍ରାର ସୁବିଧା ଲାଭ କରୁଛନ୍ତି। ଚଳିତବର୍ଷ ୨୦୧୮-୧୯ର ଚତୁର୍ଥ ପର୍ଯ୍ୟାୟ ତଥା ଦକ୍ଷିଣ ଓଡିଶାରୁ ତୃତୀୟ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁକ୍ରବାର ଆୟୋଜିତ ହେବ। ଏଥିପାଇଁ ଦକ୍ଷିଣ ଓଡିଶାର ୫ ଜିଲାରୁ ଏକ ହଜାର ତୀର୍ଥଯାତ୍ରୀ ଗୁରୁବାର ବ୍ରହ୍ମପୁରରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରେ ୯୭୦ ବରିଷ୍ଠ ନାଗରିକ ଥିବା ବେଳେ ୩୦ ଅଫିସର ରହିଛନ୍ତି। ସନ୍ଧ୍ୟାରେ ବ୍ରହ୍ମପୁର ମହାନଗର ଅଞ୍ଚଳ ସମେତ ଗଞ୍ଜାମ ଜିଲାର ୫୪୮, ଗଜପତିର ୯୦, ବୌଦ୍ଧର ୬୯, କନ୍ଧମାଳର ୧୧୪, ନୟାଗଡର ୧୪୯ ତୀର୍ଥଯାତ୍ରୀ ଯାତ୍ରା ପାଇଁ ପହଞ୍ଚିଛନ୍ତି। ସେମାନଙ୍କ ପାଇଁ ଗୁଡସଶେଡ ରୋଡ ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲରେ ଜିଲା ପର୍ଯ୍ୟଟନ ବିଭାଗ ଓ ପ୍ରଶାସନ ପକ୍ଷରୁ ରହିବା, ଖାଇବାର ବ୍ୟବସ୍ଥା କରାଯାଇଥିଲା। ତୀର୍ଥଯାତ୍ରୀଙ୍କ ମନୋରଞ୍ଜନ ପାଇଁ ସନ୍ଧ୍ୟାରୁ ଲୋକନୃତ୍ୟ(ଘୁଡୁକି), ସଖୀନାଚ ସହ ଭଜନ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୂଲ୍ୟାୟନ କେନ୍ଦ୍ରରେ

ଖାତା, ମାର୍କ ଫଏଲ୍, ପରୀକ୍ଷକଙ୍କ ରିପୋର୍ଟ ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହୁଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ମଧ୍ୟ ସିସିଟିଭି କ୍ୟାମେରା ଲାଗିବ। ସମସ୍ତ ମୂଲ୍ୟାୟନ ଗୃହରେ ସିସିଟିଭି ଲାଗିବା ବାଧ୍ୟତାମୂଳକ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି। ସିସିଟିଭି ଫୁଟେଜ୍‌ଗୁଡ଼ିକୁ ସଂରକ୍ଷିତ କରି ରଖାଗଲେ, ତାହା ଭବିଷ୍ୟତରେ ଯାଞ୍ଚ ପାଇଁ କାମରେ ଲାଗିବ। ତେଣୁ ସିସିଟିଭି ସିଷ୍ଟମ୍‌ରେ ଇଣ୍ଟରନେଟ୍ ସଂଯୋଗ କରାଯିବାର ମଧ୍ୟ ବ୍ୟବସ୍ଥା କରାଯିବ। ଏହାଦ୍ୱାରା ମୂଲ୍ୟାୟନ ସମୟରେ ପରିଷଦ କାର୍ଯ୍ୟାଳୟରେ ବି ମନିଟରିଂ କରାଯାଇପାରିବ। ଉତ୍ତର ଖାତାର ସୁରକ୍ଷା ଦାୟିତ୍ୱ ମୂଲ୍ୟାୟନ କେନ୍ଦ୍ରର ବ୍ୟକ୍ତିବିଶେଷଙ୍କ ଉପରେ ନ୍ୟସ୍ତ ରହିବ। ସେହିଭଳି ମାର୍ଚ୍ଚ ୭ରୁ ୩୦ତାରିଖ ମଧ୍ୟରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବିଷୟର ପରୀକ୍ଷା ହେବାକୁ ଥିବାରୁ ପରୀକ୍ଷା ପରିଚାଳନା ହବ୍‌ଗୁଡ଼ିକର ମରାମତି ଫେବୃୟାରୀ ୨୩ ସୁଦ୍ଧା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ସେଠାରେ ମଧ୍ୟ ସିସିଟିଭି ଲଗାଇବାକୁ କୁହାଯାଇଛି। ସ୍ଥାନୀୟ ପୋଲିସ ଓ ଜିଲା ପ୍ରଶାସନ ସହ ଆଲୋଚନା କରି ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା, ଶିକ୍ଷାନୁଷ୍ଠାନର ନିଜସ୍ୱ ସୁରକ୍ଷା କର୍ମୀଙ୍କୁ ନିଯୁକ୍ତ କରିବା ଦିଗରେ କଲେଜଗୁଡ଼ିକ ପଦକ୍ଷେପ ନେବାକୁ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ପରସ୍ପର ବିରୋଧରେ...

ଜିଲାରେ ଲାଇସେନ୍ସପ୍ରାପ୍ତ ବନ୍ଧୁକଧାରୀଙ୍କ ନିକଟରୁ ବନ୍ଧୁକ ଫେରସ୍ତ ଆଣିବା, ଦାଗୀ ଅପରାଧୀଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି କରି ତୁରନ୍ତ ଜେଲରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାଓବାଦୀ ଉପଦ୍ରୁତ ଏବଂ ରାଜ୍ୟ ସୀମାରେ ଥିବା ବୁଥ୍‌ଗୁଡିକରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବା ପାଇଁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରିବାକୁ ଆରକ୍ଷୀ ଅଧୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ନିର୍ବାଚନରେ ପ୍ରଥମ ଥର ଅଂଶଗ୍ରହଣ କରୁଥିବା ନୂତନ ଭୋଟରମାନଙ୍କୁ ଚଳିତ ମାସ ଶେଷ ସୁଦ୍ଧା ପରିଚୟ ପତ୍ର ପ୍ରଦାନ କରିବା କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦିଆଯାଇଛି। ଗମନାଗମନ ଓ ବିଦ୍ୟୁତ୍ ସଂଯୋଗ ନ ଥିବା ଗ୍ରାମଗୁଡିକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବା ସହ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ଆବଶ୍ୟକ ପୋଲିସ ଫୋର୍ସ ମୁତୟନ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଦିବ୍ୟାଙ୍ଗ ଭୋଟରମାନେ ଯେପରି ସୁବିଧାରେ ନିଜର ମତଦାନ କରି ପାରିବେ ସେ ନେଇ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଜିଲା ନିର୍ବାଚନ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଶୁକ୍ରବାର ଟିମ୍‌ର ସଦସ୍ୟମାନେ ମୁଖ୍ୟ ଶାସନ ସଚିବଙ୍କ ସହ ନିର୍ବାଚନ ପ୍ରସ୍ତୁତି ନେଇ ଆଲୋଚନା କରିବେ।

## ଆଜିଠୁ ସିବିଏସ୍‌ଇ...

ହଲ୍ ଭିତରକୁ ଯାଇପାରିବେ। ତେବେ ସିବିଏସ୍‌ଇ ଆଡ୍‌ମିଟ୍ କାର୍ଡ ସହ ସ୍କୁଲ ପରିଚୟପତ୍ର ସାଙ୍ଗରେ ନେବା ବାଧ୍ୟତାମୂଳକ। ଏହି ଦୁଇ ପରିଚୟପତ୍ର ନ ଥିଲେ କୌଣସି ବି ପରୀକ୍ଷାର୍ଥୀଙ୍କୁ କେନ୍ଦ୍ର ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିବନାହିଁ। ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ଏଥର ୟୁନିଫର୍ମ ବାଧ୍ୟତାମୂଳକ କରାଯାଇଛି। ସେହିଭଳି ମୋବାଇଲ୍ ଫୋନ୍, ସ୍ମାର୍ଟ ୱାଚ୍, ହେଲ୍‌ଥ ବ୍ୟାଣ୍ଡ, ବ୍ଲୁଟୁଥ୍, ହେଡ୍ ଫୋନ୍, କାଲ୍‌କୁଲେଟର ଭଳି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। ଯଦି କୌଣସି ପରୀକ୍ଷାର୍ଥୀଙ୍କ ନିକଟରୁ କପି ଧରାପଡ଼େ, ତା' ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି। ଚିପ୍ସ, କୋଲ୍ଡଡ୍ରିଙ୍କ୍‌ସ, ବିସ୍କୁଟ୍ ଭଳି ସାମଗ୍ରୀ କେନ୍ଦ୍ର ଭିତରକୁ ନେବାକୁ ଅନୁମତି ନ ଥିବାବେଳେ ଜଣେ ଚାହିଁଲେ ପାଣିବୋତଲ ନେଇପାରିବ।

## ସୁଶୀଲ ଚନ୍ଦ୍ରା ହେଲେ...

ଭୋଟର ତାଲିକା ପ୍ରସ୍ତୁତି ଏବଂ ଏବଂ ଆଗାମୀ ନିର୍ବାଚନ ଲାଗି ବିଭିନ୍ନ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଅତ୍ୟଧିକ କାର୍ଯ୍ୟଚାପ ପଡୁଥିଲା। ଏହା ବ୍ୟତୀତ ଇଭିଏମ୍‌କୁ ନେଇ ବିରୋଧୀ ଦଳଗୁଡିକର ଅଭିଯୋଗ ଏବଂ ବାଲଟ୍ ପେପରର ପୁନଃପ୍ରଚଳନ ଦାବି କମିଶନଙ୍କୁ ଅଧିକ ଚାପରେ ପକାଇଥିଲା। ତେବେ ବାଲଟ୍ ପେପର ଯୁଗକୁ ଫେରିବା ସମ୍ଭବ ନୁହେଁ ବୋଲି କମିଶନ ସ୍ପଷ୍ଟ କରିଦେଇଥିଲେ। ଏବେ ସୁନୀଲ ଆରୋରା ମୁଖ୍ୟ ନିର୍ବାଚନ କମିଶନର ଥିଲାବେଳେ ଅଶୋକ ଲାଭାସା ଅନ୍ୟତମ କମିଶନର ରହିଛନ୍ତି।

## ନିମ୍ନମାନର ଛତୁଆ...

ନବରଙ୍ଗପୁର ୨୭, ରାୟଗଡା ୪୦, ଅନୁଗୋଳ ୪, ବାଲେଶ୍ୱର ୫, ଭଦ୍ରକ ୧୧, ବଲାଙ୍ଗୀର ୨୭, ବୌଦ୍ଧ ୬, କଟକ ୪, ଦେବଗଡ ୩, ଢେଙ୍କାନାଳ ୮, ଗଜପତି ୮, ଜଗତ୍‌ସିଂହପୁର ୧୪, ଝାରସୁଗୁଡା ୩, ସମ୍ବଲପୁର ୩ ଏବଂ ସୁବର୍ଣ୍ଣପୁର ଜିଲାର ଗୋଟିଏ ନମୁନା ଅତ୍ୟନ୍ତ ନିମ୍ନମାନର ବୋଲି ଜନସ୍ୱାସ୍ଥ୍ୟ ଲାବୋରେଟୋରି ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି ଯେ ଅଙ୍ଗନୱାଡି କେନ୍ଦ୍ରକୁ ପୁଷ୍ଟିକର ଯୋଜନାରେ ଯୋଗାଇ ଦିଆଯାଉଥିବା ଛତୁଆର ମାନ ନିଶ୍ଚିତ କରିବା ପାଇଁ ସୁପରଭାଇଜରମାନେ ପ୍ରସ୍ତୁତି ବେଳେ ତଦାରଖ କରିଥାଆନ୍ତି। ମାତ୍ର କମିଟି ଓ ଯାଞ୍ଚ କମିଟି ଛତୁଆର ମାନ ଓ ପରିମାଣ ଠିକ୍ ଥିବା ନେଇ ରିପୋର୍ଟ ଦେବାର ବ୍ୟବସ୍ଥା ରହିଛି। ମାତ୍ର ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ନିମ୍ନମାନର ଛତୁଆ ପ୍ରସ୍ତୁତ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି) ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନୁଗୋଳ ଜିଲାର ୧୦ଟି ଏସଏଚଜି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବେଳେ ବାଲେଶ୍ୱର ୨, ବଲାଙ୍ଗୀର ୧, କଟକ ୧୦, ଦେବଗଡ ୭, ଢେଙ୍କାନାଳ ୧, ଗଜପତି ୧, ଝାରସୁଗୁଡା ୪, କଳାହାଣ୍ଡି ୪, ଖୋର୍ଦ୍ଧା ୪, କୋରାପୁଟ ୩, ନବରଙ୍ଗପୁର ୨ ଏବଂ ନୟାଗଡର ୨ଟି ଏସଏଚ୍‌ଜି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କୁ ଛତୁଆ ପ୍ରସ୍ତୁତ କାର୍ଯ୍ୟରୁ ବାଦ୍ ଦିଆଯାଇଛି।

## ଢେଙ୍କାନାଳ ସହରରେ ...

ହାତୀ ଦାନ୍ତରେ ଭୁସି ଦେବାରୁ ଶ୍ରୀଧରଙ୍କ ଅନ୍ତବୁଜୁଳା ବାହାରି ପଡ଼ିଥିଲା। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି।

ଏସିଏଫ୍ ଜିତେନ୍ଦ୍ରନାଥ ଦାସ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଡେପୁଟି କଲେକ୍ଟର ପ୍ରଶାନ୍ତ ସେଠୀ, ଏସ୍‌ଡିପିଓ ଶେଖ ଅବଦୁଲ କରିମ୍, ଟାଉନ ଥାନାଧିକାରୀ ଅଭିନବ ଡାଲୁଆ, ହାତୀ ସ୍କ୍ୱାଡ୍, ବନ କର୍ମଚାରୀ ପହଞ୍ଚି ହାତୀ ଘଉଡ଼ାଇବାକୁ ଯଥାସାଧ୍ୟ ଉଦ୍ୟମ କରିଥିଲେ। ହାତୀକୁ ଦେଖିବାକୁ ଗହଳି ହେବାରୁ ପରିସ୍ଥିତି ଜଟିଳ ହୋଇଥିଲା। ଦନ୍ତା ଇତଃସ୍ତତ ହୋଇ ଦୌଡୁଥିବାରୁ ଦୁର୍ଘଟଣା ଘଟିବା ଆଶଙ୍କାରେ ପୋଲିସ ଏବଂ ବନ କର୍ମଚାରୀ ଲୋକଙ୍କୁ ଘଉଡ଼ାଇଥିଲେ। ରାତି ୭ଟା ସୁଦ୍ଧା ହାତୀଟି କୋରିଆଁ ଅଞ୍ଚଳରେ ଅଛି। ତାକୁ ଜଙ୍ଗଲକୁ ଘଉଡ଼ାଇବାକୁ ଚେଷ୍ଟା ଜାରି ରହିଥିବା ଏସିଏଫ୍ ସୂଚନା ଦେଇଛନ୍ତି। ହାତୀ ହିଂସ୍ର ହୋଇ ଆକ୍ରମଣ କରୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି।



ହାତୀ ଆକ୍ରମଣରେ ଗୁରୁତର ଟ୍ରକ୍ ଚାଳକ ଶ୍ରୀଧର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ମୃଗଶିରା ନକ୍ଷତ୍ରସ୍ଥ ଚନ୍ଦ୍ର ଆପଣଙ୍କୁ ଧୈର୍ଯ୍ୟର ସହ କାମ ହାସଲ ଦିଗରେ ସାହାଯ୍ୟ କରିବ। ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିବେ।

**ବୃଷ** ବିଭିନ୍ନ ପ୍ରକାରର ସମସ୍ୟା ରହିଥିଲେ ମଧ୍ୟ ଚନ୍ଦ୍ରବଳ ପ୍ରଭାବରୁ କୌଣସି କାମରେ ପଛକୁ ଫେରିବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭବାନ୍ ମଧ୍ୟ ହେବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି। ପରିବହନରେ ସାଧାରଣ କଥାରେ ଝଗଡ଼ା କିମ୍ବା ତଜ୍ଜନିତ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ** ସ୍ୱଗୃହୀ ମଙ୍ଗଳଙ୍କ ସମ୍ମୁଖଭାଗସ୍ଥ ଚନ୍ଦ୍ର ସମ୍ପର୍କୀୟଙ୍କ ବିରୋଧ ମଧ୍ୟରେ ଅଭିଳଷିତ ଅର୍ଥ ଓ କାର୍ଯ୍ୟ ହାସଲ କରିବେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଛୋଟ ଛୋଟ କଥାକୁ କେନ୍ଦ୍ର କରି ପରିବାରରେ କଳହ ଲାଗିପାରେ। ରାଜନୀତି କ୍ଷେତ୍ରରେ ସମର୍ଥକମାନଙ୍କ ଶୁଭକାମନାରୁ ଲକ୍ଷ୍ୟ ପୂରଣ ହୋଇପାରିବ।

**କର୍କଟ** ଚନ୍ଦ୍ର କେନ୍ଦ୍ରରେ ଶୁକ୍ର ଓ ଶନି ଯୋଗୁ ଆକସ୍ମିକ ଯାତ୍ରା ସାଙ୍ଗକୁ ବନ୍ଧୁମିଳନରୁ ଖୁସି ରହିବେ। ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରି ପାରିବାରୁ ଟେନସନ୍ କିଛି ମାତ୍ରାରେ କମିଯିବ । ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କେହି ଜଣେ ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ ତର୍କବୃଦ୍ଧି ପାଇବାରୁ ଆଲୋଚନା ଅମୀମାଂସିତ ରହିପାରେ।

**ସିଂହ** ଭାଗ୍ୟସ୍ଥାନରେ ରବି ଓ ବୁଧ ଚନ୍ଦ୍ରଙ୍କ ନବମସ୍ଥ ଯୋଗୁ ନିକଟସ୍ଥ ବ୍ୟକ୍ତି ବିଶେଷମାନଙ୍କ ସାହାଯ୍ୟ ସହଯୋଗ ମାଧ୍ୟମରେ ସମସ୍ୟାର ସରଳ ସମାଧାନ କରିବେ। ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମଗୁଡ଼ିକୁ ତ୍ୱରାନ୍ୱିତ କରିବାରେ ସମର୍ଥ ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, କ୍ରୀଡା, ଚଳଚ୍ଚିତ୍ର, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ଚନ୍ଦ୍ରଙ୍କ ଶୁଭ ସଂସ୍ଥାନ ପ୍ରଭାବରୁ ଯାତ୍ରା, ନୂତନ କର୍ମାରମ୍ଭ, ବ୍ୟବସାୟିକ ସ୍ଥିତିବିଶେଷ ଭଲ ରହିବ। ତଥାପି ଭୁଲ୍ ବୁଝାମଣା ହେତୁ ଆତ୍ମୀୟମାନଙ୍କ ଅସହଯୋଗ, ଅସମ୍ମାନ ପାଇ ଦୁଃଖର ମାତ୍ରାକୁ ବଢାଇଦେଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** କେତୁ ଓ ଚନ୍ଦ୍ରଙ୍କ ଷଡାଷ୍ଟକ ସ୍ଥିତି ପାରିବାରିକ କ୍ଷେତ୍ରରେ କିଛିଟା ଟେନ୍ସନ ସୃଷ୍ଟି କରିବ। ଆଜି ଆକସ୍ମିକ ଭାବରେ ରାସ୍ତାରେ ଯିବା ସମୟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ। ଜଣେ ପଡୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ।

**ବିଛା** ଆଜିର ଗ୍ରହସ୍ଥିତିର ସୁପ୍ରଭାବରେ କେତେକ ନୂତନ ଯୋଜନା ପ୍ରସ୍ତୁତ କରିବେ। କର୍ମକ୍ଷେତ୍ରରେ ଯଥା ସମୟରେ ସବୁ କାମଗୁଡିକ ସମ୍ପନ୍ନ ହେବାରୁ ମନ ଏକ ପ୍ରକାର ଖୁସି ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** ବୃହସ୍ପତି ସହ ଚନ୍ଦ୍ରଙ୍କ ଷଡାଷ୍ଟକ ସ୍ଥିତି ହେତୁ ମନ ଚାହୁଁଥିବା ପ୍ରକାରେ କେତେକ କାର୍ଯ୍ୟ ସମ୍ପନ୍ନ କରିପାରିବେ ନାହିଁ। ନିର୍ଦ୍ଦିଷ୍ଟ ସମୟରେ ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥଲାଭ ଘଟିବ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁମାନଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** ମାନସିକ ଅସ୍ଥିରତା ଲାଗି ରହୁଥିବାରୁ କୌଣସି କାମରେ ମନ ଲାଗିବ ନାହିଁ। କୌଣସି ଜିନିଷ ପାଇବାକୁ କେନ୍ଦ୍ର କରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** ଆଜି ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥ ପାଇବେ, ଏବଂ ସ୍ଥଗିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ। ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ମନସ୍ତାପ କରିବାକୁ ପଡିପାରେ।

**ମୀନ** ଚନ୍ଦ୍ରଙ୍କ ପୃଷ୍ଠଦେଶସ୍ଥ ମଙ୍ଗଳ ମୁଖଭାବରେ ଅବସ୍ଥାନ କରିଥିବାରୁ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ ଏବଂ ସହଯୋଗ ନିରର୍ଥକ ମନେହେବ । ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି ମାଘ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ଫେବୃୟାରୀ ୧୫ ତାରିଖ, ରାଶି ନକ୍ଷତ୍ର-ମୃଗଶିରା/ବୃଷ ଦିବା ଘ୧୦।୦୯ମି ଗତେ, ମିଥୁନ ଚନ୍ଦ୍ର କନ୍ୟା ରାଶିର ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ, ଗୃହାରମ୍ଭ ଓ ଗୃହପ୍ରତିଷ୍ଠା, ଦିବା ଘ୭।୫୧ମି ମଧ୍ୟେ ଘ୪।୦୯ମି ଗତେ, ଘ୩।୫୦ମି ମଧ୍ୟେ ଅମୃତବେଳା। ସକାଳ ଘ୭।୫୧ମି ଗତେ ଘ୯।୧୬ମି ମଧ୍ୟେ, ଘ୧୨।୦୩ମି ଗତେ ଘ୧।୨୭ମି ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୨।୦୦ମି ଗତେ ଘ୩।୪୫ମି ମଧ୍ୟେ ଅମୃତ ବେଳା। ଦିବା ଘ୧୦।୩୫ମି ଗତେ ଘ୧୨।୦୦ମି ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଢେଙ୍କାନାଳ, ଶୁକ୍ରବାର, ୧୫ ଫେବୃୟାରୀ ୨୦୧୯


ପ୍ରେମ ଦିବସରେ ଘୃଣାର ବାର୍ତ୍ତା




## ଆଜି ସମ୍ବଲପୁର ଆସୁଛନ୍ତି ଶାହ

**ଭୁବନେଶ୍ୱର, ୧୪।୨(ବ୍ୟୁରୋ):** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସି ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଉଦ୍‌ବୋଧନ ଦେବେ। ୧୯ବର୍ଷର ଶାସନ କାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ମନ୍ତ୍ରୀମାନେ କିଛି ବି କାମ କରିନାହାନ୍ତି। ଭ୍ରଷ୍ଟାଚାର ଓ ଦୁର୍ନୀତିରେ ଲିପ୍ତଥିବା ବିଜେଡି ସରକାରକୁ ଏବେ ବିଶ୍ରାମ ଦରକାର ବୋଲି ରାଜ୍ୟବାସୀ ନିର୍ଣ୍ଣୟ କରିସାରିଥିବା ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂହ କହିଛନ୍ତି। ଭାଜପା କେବଳ ଜନତାଙ୍କୁ ବିକାଶ ଓ ସେବା ଯୋଗାଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶାକୁ ବିଶେଷ ଭାବେ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ସେଥିଲାଗି ସେ ଲଗାତର ୩ଥର ଆସି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଆଗାମୀ ଦିନରେ ଭାଜପା କେନ୍ଦ୍ରୀୟ ନେତୃବୃନ୍ଦ ଓଡିଶା ଆସିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୧୭ରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ ଓଡିଶା ଗସ୍ତରେ ଆସି ଭଦ୍ରକରେ ଏକ ଜନ ସଭାରେ ଯୋଗଦେବେ। ଆସନ୍ତା ୨୦ରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଭବାନୀପାଟଣା ଏବଂ ନାରୁଣିଠାରେ ଆୟୋଜିତ କାର୍ଯ୍ୟକର୍ତ୍ତା ସମାବେଶରେ ଯୋଗଦେବେ ବୋଲି ଅରୁଣ ସୂଚନା ଦେଇଛନ୍ତି।

ଟ୍ରକ୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁ ନେଇ ଉତ୍ତେଜନା

# ଗାଡ଼ି ପୋଡ଼ିଦେଲେ ଉତ୍ତ୍ୟକ୍ତ ଲୋକେ

**ରୂପସା/ବସ୍ତା, ୧୪।୨ (ଡି.ଏନ.ଏ./ସ୍ୱ.ପ୍ର.)**

ବାଲେଶ୍ୱର ସଦର ବ୍ଲକ ହଳଦୀପଦା-ବାହାବଳପୁର ରାସ୍ତାର ସୋଲପଟାଠାରେ ଗୁରୁବାର ଏକ କାଠ ବୋଝେଇ ଟ୍ରକ୍ ଧକ୍କାରେ ସୋଲପଟା


ଜଳୁଥିବା ଟ୍ରକ।

ହାଇସ୍କୁଲର ଜଣେ ୮ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତଛାତ୍ର ହେଲେ ସାର୍ଥା ପଞ୍ଚାୟତ ବୁଧିଆମାରି ଗ୍ରାମର ଜୟପ୍ରକାଶ ପାତ୍ରଙ୍କ ଏକମାତ୍ର ପୁଅ ରାଜକୁମାର (୧୩)। ରାଜକୁମାର ସ୍କୁଲ ଛୁଟି ହେବା ପରେ ଖେଳି ସାରି ସାଇକେଲ ଯୋଗେ ମାମୁ ଘରକୁ ଯାଉଥିଲେ। ସେ ସୋଲପଟା ଗ୍ରାମର ମାମୁ ଘରେ ରହି ପାଠ ପଢୁଥିଲେ। ହଳଦୀପଦାରୁ ବାହାବଳପୁର ଅଭିମୁଖେ ଯାଉଥିବା ଏକ କାଠ ବୋଝେଇ ଟ୍ରକ୍ (ନଂ. ଓଆର୦୯କେ ୫୪୪୨) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ରାଜକୁମାରଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଟ୍ରକ୍‌ଟି ପଳାଉଥିବା ବେଳେ ସ୍ଥାନୀୟ ଲୋକେ ଶିଳଦା ଛକଠାରେ ଟ୍ରକ୍‌କୁ ଅଟକାଇ ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ସୋଲପଟାଠାରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ବସ୍ତା ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।




FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com **Authorised Main Dealers: ANGUL**: Shree Durga TVS, Ph: 9861222572. **DHENKANAL**: Orissa TVS, Ph.: 8260250728. **Authorised Dealers:** Pallahara, Phalguni Motors, Ph.: 06765279020; Kamakhyanagar, Priya Motors, Ph.: 9437332936; Talcher, Shree Durga Motors, Ph: 06760-241799; **Gondia :** Mohapatra Motors, Ph : 7008092305 ; **Rasol :** S.B.Motors, Ph : 9437663780; Jiral, Subham Automobiles, Ph : 7894884668, 9437549916; Parjang, Devi Motors, Ph : 9777112004; Mahaveer Motors, Banarpal, Ph : 9040267959; Mahidharpur, Urmila Motors, Ph : 9777930551.

McCann/Blr/Tvs/265/02/19




E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in

**NARAYANI MOTORS**
• BHUBANESWAR: 7381094890/0674-2588474, 0674-2588475, 0674-2588473
• PURI: 9583022035
• PARADEEP:9583022034/06722-228044

**ODYSSEY MOTORS**
• ANGUL: 7752076136,9776901481
• PALLAHARA: 7873565435,9437831123

**JYOTE MOTORS**
• BHUBANESWAR: LEWIS ROAD - 9776615020, 9776615035, 9776615032 NAYAPALLI - 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240 • NAYAGARH: 7381028515 • BALASORE: 7064499108

**SKY AUTOMOBILES**
• BHUBANESWAR: 9776645711
• CUTTACK: 9776677771, 7381873818
• DHENKANAL: 9776900005 • JAJPUR: 9776900777

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer and exchange bonus and is valid till 28th Feb'19. Scratch and Win Offer is applicable on all models(vehicles invoiced between 4th Feb'19 to 28th Feb'19) except New Ertiga and New WagonR. Under this offer, customer can get maximum upto 10gm gold coin or MGA worth upto ₹15000. Only Gold coin can be redeemable in form of Cash discount or MGA ( calculation will be based on 1gm gold coin equivalent to ₹3000). Offers as shown above may change without any prior notice.

ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି– କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। –ଶ୍ରୀଅରବିନ୍ଦ



# ସନ୍ଦେହଘେରରେ ଟିକସଦାତା

ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ବାର୍ଷିକ ପାଞ୍ଚଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀମାନଙ୍କ ଆୟକରରେ ଯେଉଁ ରିହାତି ଘୋଷଣା କରିଥିଲେ ତାକୁ ନେଇ ଉପୁଜିଥିବା ଦ୍ୱନ୍ଦ୍ୱ ୧୦ ଦିନ ପରେ ବି ଦୂର ହୋଇପାରିଲା ନାହିଁ। ଫେବୃୟାରୀ ପହିଲାରେ ଉପସ୍ଥାପିତ ଅନ୍ତରୀଣ ବଜେଟରେ ଗୋୟଲ ଘୋଷଣା କରିଥିଲେ ଯେ, ଯେଉଁମାନଙ୍କର ବ୍ୟକ୍ତିଗତ ବାର୍ଷିକ ମୋଟ ଆୟ ୫ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ, ତାଙ୍କୁ ଆୟକରରେ ରିହାତି ମିଳିବ। ଏହି ଘୋଷଣା ପରେ କିଏ ପ୍ରକୃତରେ ଟିକସ ସୁବିଧା ପାଇବ ଓ କିଏ ପାଇବ ନାହିଁ, ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଲା। ଗଣମାଧ୍ୟମ ମୂଳକଥା ନ ବୁଝି ପ୍ରଚାର କଲା ଯେ, ଆୟକର ଛାଡ଼ ସୀମା ଅଢ଼େଇ ଲକ୍ଷରୁ ଦ୍ୱିଗୁଣିତ ହୋଇ ୫ ଲକ୍ଷ ହୋଇଗଲା। କିନ୍ତୁ ଅର୍ଥ ବିଲ୍‌ରେ ସ୍ପଷ୍ଟ ଲେଖା ଅଛି ଯେ, ଅଢ଼େଇ ଲକ୍ଷ ଓ ୫ ଲକ୍ଷର ସ୍ଲାବ୍ (ସ୍ତର) ମଧ୍ୟରେ କୌଣସି ପରିବର୍ତ୍ତନ ହୋଇ ନାହିଁ ଏବଂ ଆୟକର ୫ ପ୍ରତିଶତ ରହିଛି। ଏହା ବେତନଭୋଗୀ କର୍ମଚାରୀ, ବିଶେଷତଃ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଏକ ଉପହାର ବୋଲି କିଛି ଲୋକ ମନେକରୁଥିବା ବେଳେ, ଅର୍ଥନୀତି ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଏହା ସମ୍ପୂର୍ଣ୍ଣ ଛାଡ଼ ନୁହେଁ, ଏକ ରିହାତି ମାତ୍ର। ପୁଣି ଯେଉଁମାନଙ୍କ ବାର୍ଷିକ ମୋଟ ଆୟ ୫ ଲକ୍ଷ ଡେଉଁ ନ ଥିବ, କେବଳ ସେହିମାନେ ଏ ରିହାତି ପାଇବେ। ଉକ୍ତ ଘୋଷଣା ଓ ଗଣମାଧ୍ୟମରେ ପ୍ରକାଶିତ ବିଭ୍ରାନ୍ତିକୁ ନେଇ ଲୋକମାନେ ଦ୍ୱନ୍ଦ୍ୱରେ ରହୁଥିବା ବେଳେ ସରକାର କିଛି ସ୍ପଷ୍ଟୀକରଣ ନ ଦେଇ ଚୁପ୍‌ଚାପ୍ ବସିପଡ଼ିଛନ୍ତି।

ମଙ୍ଗଳବାର ଅର୍ଥମନ୍ତ୍ରୀ ଗୋୟଲ କହିଛନ୍ତି ଯେ, ଯେଉଁମାନଙ୍କ ଆୟ ସାଢ଼େ ଛଅ ଲକ୍ଷ ପର୍ଯ୍ୟନ୍ତ ହୋଇଥିବ, ସେମାନେ ଯଦି ଭବିଷ୍ୟନିଧି ପାଣ୍ଠି, ଜୀବନବୀମା ଆଦିରେ ନିର୍ଦ୍ଦିଷ୍ଟ ପରିମାଣର ନିବେଶ ବା ସଞ୍ଚୟ କରିଥିବେ, ତେବେ ସେମାନଙ୍କୁ କିଛି ଆୟକର ଦେବାକୁ ପଡ଼ିବ ନାହିଁ। ତା'ଛଡ଼ା ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହଋଣର ସୁଧ, ଶିକ୍ଷାଋଣର ସୁଧ, ଜାତୀୟ ପେନ୍‌ସନ ଯୋଜନାର ଜମାରାଶି, ବରିଷ୍ଠ ନାଗରିକଙ୍କ ପାଇଁ ଚିକିତ୍ସା ଖର୍ଚ୍ଚ ପ୍ରଭୃତିକୁ ମୋଟ ଆୟରୁ କଟାଯାଉଥିବାରୁ ସାଢ଼େ ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କୁ ମଧ୍ୟ ଆୟକର ଦେବାକୁ ନ ପଡ଼ିପାରେ। ତେବେ ଏହା ସମ୍ପୂର୍ଣ୍ଣ ତଥ୍ୟ ନୁହେଁ, ଏ ପ୍ରସଙ୍ଗରେ ଆହୁରି ଅନେକ ଅସ୍ପଷ୍ଟତା ମଧ୍ୟ ରହିଛି।

## ଆଜିର ଅର୍ଥନୀତି

ଦୁଃଖର ବିଷୟ ଅନ୍ତରୀଣ ବଜେଟ ଉପସ୍ଥାପନର ଦୁଇ ସପ୍ତାହ ବିତିଯାଇଥିଲେ ମଧ୍ୟ ମନ୍ତ୍ରୀ ଏଯାଏ ଲୋକଙ୍କ ସନ୍ଦେହମୋଚନ କରିନାହାନ୍ତି। ସେ ଜାଣିଶୁଣି ପ୍ରସଙ୍ଗକୁ ଅସ୍ପଷ୍ଟ ରଖିଛନ୍ତି ଏବଂ ତାହା ପଛରେ ନିର୍ଦ୍ଦିଷ୍ଟ କାରଣ ନିଶ୍ଚୟ ରହିଛି। ସାଧାରଣ ନିର୍ବାଚନ ଆଉ ମାତ୍ର ଦୁଇମାସରୁ କମ୍ ଦିନ ବାକି ଥିବା ବେଳେ ମନ୍ତ୍ରୀ ବୋଧହୁଏ ଭାବୁଛନ୍ତି, ପ୍ରସଙ୍ଗ ସେମିତି ଅସ୍ପଷ୍ଟ ରହିଲେ ତାହା ତାଙ୍କ ସରକାର ତଥା ଦଳ ପାଇଁ ଲାଭଦାୟକ ହେବ। ଲୋକଙ୍କ ବାର୍ଷିକ ମୋଟ ଆୟ ୯.୫ ଲକ୍ଷ ଟଙ୍କାରୁ ଅଧିକ ହେଲେ ତାଙ୍କର ଆୟକର କିପରି ହିସାବ ହେବ, ସେ ନେଇ ଟିକସ ପରାମର୍ଶଦାତାମାନେ ମଧ୍ୟ ନିଶ୍ଚିତ ନୁହନ୍ତି। ଆୟକରରେ ଯେଉଁ ସୁବିଧା ଦିଆଯାଇଛି, ତାହା ରିହାତି ଆକାରରେ ହୋଇଥିବାରୁ ୯.୫ ଲକ୍ଷ ଟଙ୍କାରୁ ଅଧିକ ଆୟ କରୁଥିବା ଲୋକମାନେ ଉଲ୍ଲିଖିତ କ୍ଷେତ୍ରରେ ନିବେଶ, ସଞ୍ଚୟ କରିସାରିବା ପରେ ମଧ୍ୟ କିଛି ଲାଭ ପାଇବେ ନାହିଁ। ତେଣୁ ମନ୍ତ୍ରୀ ଯଦି ଲୋକଙ୍କ ସନ୍ଦେହମୋଚନ କରିବା ପାଇଁ କଥାଟାକୁ ସ୍ପଷ୍ଟ କରିଦିଅନ୍ତି, ତେବେ ବହୁ ଟିକସଦାତା ହତୋତ୍ସାହ ହୋଇପଡ଼ିବେ। ଯେଉଁମାନଙ୍କର ଆୟ ୯.୫ ଲକ୍ଷ ଟଙ୍କାରୁ ଅଧିକ ସେମାନେ ୯.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କିଛି ଟିକସ ରିହାତି ପାଇବେ କି ନାହିଁ, ତା' ଉପରେ କୌଣସି ସ୍ପଷ୍ଟୀକରଣ ନାହିଁ। ବୋଧହୁଏ ଏହି କାରଣରୁ ଅର୍ଥମନ୍ତ୍ରୀ ଗତ ବଜେଟରେ ଆୟକରରେ ଯେଉଁ ପରିବର୍ତ୍ତନ କରାଯାଇଛି, ତା'ର ପୁଙ୍ଖାନୁପୁଙ୍ଖ ବିବରଣୀ ସ୍ପଷ୍ଟଭାବେ ପ୍ରକାଶ କରିବାକୁ ଚାହାନ୍ତି ନାହିଁ। ଉକ୍ତ ଅର୍ଥ ବିଲ୍ ଆଇନରେ ପରିଣତ ହେବା ପର୍ଯ୍ୟନ୍ତ ହୁଏତ ଟିକସଦାତାମାନଙ୍କୁ ଆଉ କିଛି ଅଧିକ ଦିନ ଅପେକ୍ଷା କରିବାକୁ ପଡ଼ିବ।

# ରାଜ୍ୟ ସରକାରଙ୍କ ଅନ୍ତରୀଣ ବଜେଟ



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃୟାରୀ ୭ ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଲେଖାନୁଦାନ ଉପସ୍ଥାପନ କରିଛନ୍ତି। ବଜେଟରେ ମୋଟ ବ୍ୟୟ ଅଟକଳ ୧,୩୨,୬୬୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ଏପ୍ରିଲରୁ ଜୁଲାଇ ୨୦୧୯ ପାଇଁ ୫୬,୯୨୧କୋଟି ଟଙ୍କାର ଲେଖାନୁଦାନ ଉପସ୍ଥାପନ କରାଯାଇଛି। ଏହା ବେହେରାଙ୍କ ଜୀବନର ଦ୍ୱିତୀୟ ବଜେଟ ହୋଇଥିଲା ବେଳେ ନିର୍ବାଚନ ପୂର୍ବର ଶେଷ ଅନ୍ତରୀଣ ବଜେଟ। ଅର୍ଥମନ୍ତ୍ରୀଙ୍କ କହିବା ଅନୁଯାୟୀ ଯେହେତୁ ନିର୍ବାଚନ ଆଗକୁ ଅଛି ତେଣୁ ସେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ନ କରି ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ବ୍ୟୟ ପାଇଁ ଲେଖାନୁଦାନ ଉପସ୍ଥାପନ କଲେ। ଅବଶ୍ୟ ବିପର୍ଯ୍ୟୟ ଏବଂ ନିର୍ବାଚନ ଖର୍ଚ୍ଚ ପାଇଁ ୧୦୦% ଏବଂ ଅନ୍ୟ ସବୁ ଯୋଜନା ନିମନ୍ତେ ବଜେଟର ୪୦% ବ୍ୟୟ ଲେଖାନୁଦାନରେ ଉପସ୍ଥାପନ କରିଛନ୍ତି। କେନ୍ଦ୍ରର କାମଚଳା ଅର୍ଥମନ୍ତ୍ରୀ ଯେପରି ନିଜ ସରକାରଙ୍କର ପ୍ରଶଂସା କରିଥିଲେ, ରାଜ୍ୟ ଅର୍ଥମନ୍ତ୍ରୀ ମଧ୍ୟ କିଛିଟା ନିଜ ସରକାରଙ୍କ ସଫଳତାର କଥା କହିଛନ୍ତି।

ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି। ଅର୍ଥମନ୍ତ୍ରୀ ଏହାକୁ ଜନମଙ୍ଗଳକାରୀ ବିକାଶ ଓ ନିବେଶକୁ ପ୍ରୋତ୍ସାହନ ଦେବ ବୋଲି କହିଲା ବେଳେ ବିରୋଧୀଦଳ ତରଫରୁ କୌଣସି ନୂତନତ୍ୱ ନାହିଁ, ଭୁଲ ତଥ୍ୟ ଉପରେ ପର୍ଯ୍ୟବସିତ ଏବଂ ଏଥିରେ ନିର୍ବାଚନକୁ ଆଖି ଆଗରେ ରଖି ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ପ୍ରୟାସ କରାଯାଇଛି ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ ବଜେଟକୁ କୃଷକ, ଗରିବ, ମହିଳା, ଯୁବଗୋଷ୍ଠୀ, ତଫସିଲଭୁକ୍ତ ଜାତି ଓ ଜନଜାତିଙ୍କ ସ୍ୱାର୍ଥ ସାଧନ ପାଇଁ ଉଦ୍ଦିଷ୍ଟ ବୋଲି ମତ ଦେଇଛନ୍ତି। ଅବଶ୍ୟ ବଜେଟର ସବିଶେଷ ସମୀକ୍ଷା କଲେ ଏହାର ପ୍ରକୃତ ରୂପ ଜଣାପଡିବ। ସବୁଠାରୁ ଚିନ୍ତାର ବିଷୟ ହେଉଛି କେନ୍ଦ୍ର ସରକାରଙ୍କ ପରି ରାଜ୍ୟ ସରକାର ମଧ୍ୟ ୨୦୧୮-୧୯ ବର୍ଷର ଆର୍ଥିକ ସର୍ବେକ୍ଷଣ ରିପୋର୍ଟ ପ୍ରସ୍ତୁତ କରିନାହାନ୍ତି। କିନ୍ତୁ ଓଡିଶା ଦ୍ରୁତ ଅଭିବୃଦ୍ଧି ହାସଲ କରିବା କଥା ଅର୍ଥମନ୍ତ୍ରୀ ବଜେଟ ଅଭିଭାଷଣରେ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ୨୦୧୮-୧୯ ବର୍ଷରେ ଆର୍ଥିକ ଅଭିବୃଦ୍ଧି ୭.୪୪% ହେବ ବୋଲି ଆକଳନ କରାଯାଇଥିଲେ ମଧ୍ୟ ବାସ୍ତବରେ ଏହା ୮.୫୫% ହୋଇଛି ଯାହା ଜାତୀୟ ହାର (୭ .୨୩%)ଠାରୁ ମଧ୍ୟ ଅଧିକ। କିନ୍ତୁ ୨୦୧୬-୧୭ ବର୍ଷରେ ୧୬ .୩୭% ଅଭିବୃଦ୍ଧି କଥା ଯାହା ବଜେଟ ସମ୍ପର୍କିତ ଅନ୍ୟ ପୁସ୍ତିକାରେ ଉଲ୍ଲେଖ ହୋଇଛି ତାହାର ସତ୍ୟତା ନେଇ ମନରେ ପ୍ରଶ୍ନ ଉଠୁଛି। ଉଲ୍ଲେଖଯୋଗ୍ୟ ଯେ ୨୦୧୮-୧୯ ବର୍ଷରେ ମୋଟ ନାମାଙ୍କନ ରାଜ୍ୟ ଜିଡିପି ୪,୪୩,୪୭୯ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇ ଥିଲା ବେଳେ ବାସ୍ତବରେ ଏହା ଅଧିକ ଅର୍ଥାତ୍ ୪,୮୬,୦୦୪ କୋଟି ଟଙ୍କା ହୋଇଛି। ୨୦୧୯-୨୦ ବର୍ଷରେ ଏହା ୫,୪୦,୮୧୨ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅର୍ଥାତ୍ ବାସ୍ତବ ଅଭିବୃଦ୍ଧି ୮ରୁ ୮.୫% ହେବ ବୋଲି ଆକଳନ କରାଯାଇଥିଲା ବେଳେ ନାମାଙ୍କନ ଅଭିବୃଦ୍ଧି ୧୧.୮୧% ହେବ ବୋଲି ଧାର୍ଯ୍ୟ କରାଯାଇଛି। ଅବଶ୍ୟ ପୂର୍ବ ବର୍ଷ ଏହା ୧୧ . ୮୧% ହୋଇଛି। କିନ୍ତୁ ଏକ ବଜେଟକୁ ବ୍ୟୟ ଅଟକଳ ଦୃଷ୍ଟିରୁ ପ୍ରସାରଣମୁଖୀ ଏବଂ ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ତାଳ ଦେଇ ପ୍ରସ୍ତୁତ କରାଯାଇଛି ବୋଲି କୁହାଯିବ ଯଦି ବଜେଟର ବ୍ୟୟ ଅଟକଳ ବୃଦ୍ଧି ନାମାଙ୍କନ ଆର୍ଥିକ ଅଭିବୃଦ୍ଧିଠାରୁ ଅଧିକ ହୋଇଥାଏ। କିନ୍ତୁ ୨୦୧୮-୧୯ ବର୍ଷର ବ୍ୟୟ ଅଟକଳ ୧,୨୦,୦୨୮ କୋଟି ଟଙ୍କା ଉପରେ ୨୦୧୯-୨୦ର ବ୍ୟୟ ଅଟକଳ ମାତ୍ର ୧୦.୪% ବୃଦ୍ଧି ପାଇଛି। ଅର୍ଥାତ୍ ଅଭିବୃଦ୍ଧି ସହିତ ତାଳ ଦେଇ ବଜେଟ ପ୍ରସ୍ତୁତ ହୋଇ ନାହିଁ। ସେପ୍ଟେମ୍ବର ୨୦୧୮ରେ ଅର୍ଥମନ୍ତ୍ରୀ ୨୦୧୮-୧୯ ପାଇଁ ୧୨,୭୯୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଞ୍ଜୁରୀ ଗୃହୀତ କରାଇଥିଲେ। ଫଳରେ ମୂଳ ବଜେଟ ଓ ଅତିରିକ୍ତ ବଜେଟର ବ୍ୟୟ ବରାଦକୁ ମିଶାଇଲେ ୨୦୧୮-୧୯ ବର୍ଷର ବଜେଟ ଆକାର ୧,୩୨,୮୧୮ କୋଟି ଟଙ୍କା ହେବ। କିନ୍ତୁ ୨୦୧୮-୧୯ର ସଂଶୋଧିତ ଅଟକଳ ମାତ୍ର ୧,୨୦,୧୨୫ କୋଟି ଟଙ୍କା ଯାହା ମୂଳ ବଜେଟର ବ୍ୟୟ ବରାଦଠାରୁ ମାତ୍ର ୯୭ କୋଟି ଟଙ୍କା ଅଧିକ। ଏହାର ଅର୍ଥ ପ୍ରତ୍ୟେକବର୍ଷ ପରି ଏହି ବର୍ଷ ମଧ୍ୟ ଅତିରିକ୍ତ ବଜେଟ କେବଳ ନାମକୁ ମାତ୍ର ଉପସ୍ଥାପନ ହେଉଛି। ଏହି ପ୍ରକ୍ରିୟା ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳୁଛି। କିନ୍ତୁ ଏକ ଭଲ କଥା ହେଉଛି ବିଭିନ୍ନ ରାଜ୍ୟରେ ହାରାହାରି ବ୍ୟୟ ଅଟକଳର ୯% ଖର୍ଚ୍ଚ ନ ହୋଇ ପାରିଲା ବେଳେ ଓଡିଶାରେ ଏହା ୬%।

ବଜେଟରେ ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦ ବୃଦ୍ଧି ହୋଇଛି। ପ୍ରଶାସନିକ (ପୂର୍ବରୁ ଅଣଯୋଜନା) ବ୍ୟୟ ଗତବର୍ଷ ୫୦,୭୬୧କୋଟିଟଙ୍କା ଥିଲାବେଳେ ୨୦୧୯-୨୦ରେ ଏହା ୫୮,୧୭୦କୋଟି ଟଙ୍କାକୁ ବୃଦ୍ଧିପାଇଛି। ସେହି ଅବଧିରେ କାର୍ଯ୍ୟକ୍ରମ ବ୍ୟୟ (ପୂର୍ବରୁ ଯୋଜନା ବ୍ୟୟ) ୬୨,୦୦୦ କୋଟି ଟଙ୍କାରୁ ୬୬,୦୦୦ କୋଟି ଟଙ୍କାକୁ, ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରେ ୧୮୬୫ କୋଟି ଟଙ୍କାରୁ ୨୦୦୦ କୋଟି ଟଙ୍କାକୁ, ରାଜ୍ୟ ସରକାରଙ୍କ ହସ୍ତାନ୍ତରିତ ପାଣ୍ଠିରେ ୫୪୦୨ କୋଟି ଟଙ୍କାରୁ ୬୪୯୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ହସ୍ତାନ୍ତର ପାଣ୍ଠି କହିଲେ ଲୋକାଲ ବଡିଜକୁ କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନ ସୁପାରିସ ଅନୁଯାୟୀ ପାଣ୍ଠି ହସ୍ତାନ୍ତର କରାଯାଇଥାଏ। କିନ୍ତୁ ବଡ ଚିନ୍ତାର ବିଷୟ ହେଉଛି ସମ୍ପତ୍ତି ସୃଷ୍ଟି କରୁଥିବା ପୁଞ୍ଜିବ୍ୟୟ ଧାର୍ଯ୍ୟ ବ୍ୟୟଠାରୁ କମ୍ ହୋଇଛି। ୨୦୧୮-୧୯ ବର୍ଷରେ ପୁଞ୍ଜିବ୍ୟୟ ୨୯,୮୦୮ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଥିବା ବେଳେ ସଂଶୋଧିତ ଅଟକଳରେ ଏହା ହ୍ରାସ ପାଇ ୨୮,୭୯୭.୧୫ କୋଟି ଟଙ୍କା ହୋଇଛି। ୨୦୧୯-୨୦ ବର୍ଷ ପାଇଁ ଏହା ମାତ୍ର ୩୦,୩୮୨.୭୯ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଯଦି ମୁଦ୍ରାସ୍ଫୀତିକୁ ବିଚାରକୁ ନିଆଯାଏ ତେବେ ଏହି ବୃଦ୍ଧି ବିଯୁକ୍ତାତ୍ମକ ହେବ।

ଅବଶ୍ୟ ଅର୍ଥମନ୍ତ୍ରୀ ସାମ୍ବିଧାନିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ କୌଣସି ନୂତନ ଯୋଜନା କାର୍ଯ୍ୟକାରୀ କରିନାହାନ୍ତି। କେବଳ ପୂର୍ବ ଯୋଜନା ପାଇଁ ବ୍ୟୟବରାଦ କରିଛନ୍ତି। କାଳିଆ ଯୋଜନା ପାଇଁ ୪୪୬୧ କୋଟିଟଙ୍କା, କୃଷିଋଣ ଉପରେ ସୁଧ ରିହାତିପାଇଁ ୮୦୦ କୋଟିଟଙ୍କା, ପିଠା (ଆମ ଗାଁ ଆମ ବିକାଶର ଉପଯୋଜନା)ପାଇଁ ୪୦୦ କୋଟି ଟଙ୍କା, ଟଙ୍କିକିଆ ଚାଉଳ ପାଇଁ ୧୦୯୮ କୋଟି ଟଙ୍କା, ମଧୁବାବୁ ପେନସନ ଯୋଜନା ପାଇଁ ୨୧୨୦ କୋଟି ଟଙ୍କା, ବସୁଧା ଯୋଜନା ପାଇଁ ୨୯୩୫ କୋଟି ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୮୬୪ କୋଟି ଟଙ୍କା, ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଇଁ ୫୦୦ କୋଟି ଟଙ୍କା, ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପାଇଁ ୧୬୭୭ କୋଟି ଟଙ୍କା, ରେଳ ପ୍ରକଳ୍ପର ଉନ୍ନତି ପାଇଁ ୪୧୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଗ୍ରାମୀଣ ବିକାଶ ପାଇଁ ୧୦୨୮ କୋଟି ଟଙ୍କା, ଶିକ୍ଷା ପାଇଁ ୧୯,୯୧୧ କୋଟି ଟଙ୍କା ଏବଂ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧୯,୫୫୭ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଅର୍ଥମନ୍ତ୍ରୀ କହିଛନ୍ତି ଯେ ୨୦୧୩-୧୪ରେ ଯେତେବେଳେ କୃଷି ବଜେଟ ଉପସ୍ଥାପନ କରାଗଲା ସେତେବେଳେ ୭୧୬୨ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ଏହା ୧୭୩% ବୃଦ୍ଧି ପାଇଛି। କିନ୍ତୁ ବାସ୍ତବରେ ଏହା ଗତବର୍ଷ ତୁଳନାରେ ୧୬% ବୃଦ୍ଧିପାଇଛି। ଗତବର୍ଷ ଏ ବାବଦରେ ୧୬,୭୬୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଅବଶ୍ୟ ଏହା ମୋଟ ବଜେଟର ପ୍ରାୟ ୧୪.୭୪%, ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଚିନ୍ତାର ବିଷୟ ହେଉଛି ଏବେ ବି ଓଡିଶା ଆଳୁ, ପିଆଜ, ମାଛ, ଅଣ୍ଡା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛି। ଅନେକ ଶୀତଳଭଣ୍ଡାର ଅଚଳ ହେବା ଏବଂ ନୂତନ ନିର୍ମାଣ ନ ହେବା ଯୋଗୁ ଚାଷୀମାନେ ତାଙ୍କ ଉତ୍ପାଦିତ ଦ୍ରବ୍ୟ ସଂରକ୍ଷିତ ରଖିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୁନଶ୍ଚ ଜଳସେଚିତ ଜମିର ପରିମାଣ ଆଖିଦୃଶିଆ ଭାବେ ବୃଦ୍ଧି ପାଇ ନାହିଁ।

ଯଦିଓ ଲେଖାନୁଦାନରେ ଟିକସ ବୃଦ୍ଧି କରିବାର ସମ୍ଭାବନା ନ ଥାଏ, ତଥାପି ବିଗତ ବର୍ଷର ବଜେଟକୁ ଅନୁଧ୍ୟାନ କଲେ ଜଣେ ଉପଲବ୍ଧି କରିବ ଯେ, ସମ୍ବଳ ସଂଗ୍ରହ ବା ଟିକସ ଜନିତ ଆୟ ବୃଦ୍ଧି କରିବାରେ ରାଜ୍ୟ ସରକାର ସେତେଟା ସଫଳ ନୁହନ୍ତି। ରାଜ୍ୟର ଜିଏସ୍‌ଡିପି ଅନୁସାରେ ନିଜସ୍ୱ ଟିକସ ଅନୁପାତ ୧୯୯୯-୨୦୦୦ରେ ୩.୫୬% ଥିଲା, ଯାହା ୨୦୧୭-୧୮ରେ ବୃଦ୍ଧି ପାଇ ୬.୪୨%ରେ ପହଞ୍ଚିଥିଲା। କିନ୍ତୁ ୨୦୧୯-୨୦ରେ ଏହା ୬.୧୦% ହେବ ବୋଲି ଆକଳନ କରାଯାଇଛି। ତ୍ରୟୋଦଶ ଅର୍ଥ କମିଶନ ଅନୁସାରେ ଏହା ୬.୭୫% ହେବା ଉଚିତ। ଅବଶ୍ୟ ରାଜ୍ୟଗୁଡ଼ିକର ହାରାହାରି ଏହି ଅନୁପାତ ୬%। ଜିଏସ୍‌ଟିର କୁପ୍ରଭାବ ମଧ୍ୟ ପଡୁଛି। ଏହା ସତ୍ତ୍ୱେ ରାଜସ୍ୱ କିପରି ବୃଦ୍ଧିପାଇବ ତାହା ପ୍ରତି ସରକାର ଧ୍ୟାନ ଦେବା ଆବଶ୍ୟକ। ଅବଶ୍ୟ ସରକାର ବିତ୍ତୀୟ ଶୃଙ୍ଖଳା ରକ୍ଷା କରିବାରେ ସମ୍ପୂର୍ଣ୍ଣ ସଫଳ ହୋଇଛନ୍ତି, ଯଦିଓ ଏହା ନିମ୍ନଗାମୀ ହୋଇଛି। ଧାର୍ଯ୍ୟଠାରୁ ଅଧିକ ଅଭିବୃଦ୍ଧି ସରକାରଙ୍କ ସହାୟକ ହୋଇଛି। କିନ୍ତୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖାଲି ପଡିଥିବା ସ୍ଥାନରେ ଯଦି ନିଯୁକ୍ତି ସୃଷ୍ଟି ପାଇଁ ବ୍ୟବସ୍ଥା ହୋଇଥାନ୍ତା ତେବେ ଭଲ ହୋଇଥାନ୍ତା।

ଡିଭାଇନନଗର, ଚାଉଳିଆଗଞ୍ଜ, କଟକ,
ମୋ-୯୪୩୭୨୦୮୭୬୨,
skmohapatra67@gmail.com

# ପ୍ରଶାସନିକ ନା ପ୍ରାଶାସନିକ

ଡ. ସଦାନନ୍ଦ ନାୟକ

ଖବରକାଗଜ କେବଳ ଖବର ପରିବେଷଣ କରେନାହିଁ, ତାହା ସମ୍ପୃକ୍ତ ଭାଷାର ସମୃଦ୍ଧି ସାଧନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ନିର୍ଦ୍ଦିଷ୍ଟ ସମୟରେ ଭାଷା ଏତେସଂଖ୍ୟକ ପାଠକଙ୍କ ପାଖରେ ପହଞ୍ଚିବାର ଏହା ହେଉଛି ସର୍ବୋତ୍କୃଷ୍ଟ ମାଧ୍ୟମ। ଖବରକାଗଜର ଭାଷାକୁ ଲୋକମାନେ ମାନକ ଭାଷା ରୂପେ ଗ୍ରହଣ କରିଥାନ୍ତି। ଶବ୍ଦଜ୍ଞାନ ବୃଦ୍ଧି ନିମନ୍ତେ ଅନେକେ ଖବରକାଗଜକୁ ହିଁ ଆଶ୍ରୟ କରିଥାନ୍ତି। ଶବ୍ଦର ବନାନ, ଶବ୍ଦ ପ୍ରୟୋଗ, ବାକ୍ୟ ଗଠନ ଓ ବ୍ୟାକରଣଗତ ଜ୍ଞାନ ଲୋକମାନେ ଖବରକାଗଜରୁ ଆହରଣ କରିଥାନ୍ତି।

ଅନେକ ସମୟରେ ବିଭିନ୍ନ ଖବରକାଗଜ, ଗୋଟିଏ ଖବରକାଗଜର ବିଭିନ୍ନ ସଂଖ୍ୟା, ଏପରିକି ଗୋଟିଏ ସଂଖ୍ୟାର ବିଭିନ୍ନ ପୃଷ୍ଠାରେ ଗୋଟିଏ ଗୋଟିଏ ଶବ୍ଦର ବିବିଧ ରୂପ ପରିଦୃଷ୍ଟ ହୁଏ। ଅବଶ୍ୟ କେତେକ ଓଡ଼ିଆ ଶବ୍ଦରେ ବନାନ ପରିବର୍ତ୍ତନ ବା ସଂସ୍କାରର ଆବଶ୍ୟକତା ରହିଛି, କିନ୍ତୁ ତାହା ସର୍ବଦା ନିୟମ-ଆଧାରିତ ହେବା ବିଧେୟ। ବ୍ୟାକରଣ ହେଉଛି ଗୋଟିଏ ଭାଷାର ମେରୁଦଣ୍ଡ, ଏହା ଭାଷାକୁ ବଞ୍ଚେଇବାରେ ସହାୟକ ହୋଇଥାଏ।

ମୂଳ ପ୍ରସଙ୍ଗକୁ ଆସିବା, Administrative ଶବ୍ଦର ସମାର୍ଥବାଚକ ଓଡ଼ିଆ ଶବ୍ଦ ଭାବରେ 'ପ୍ରଶାସନିକ' ଓ 'ପ୍ରାଶାସନିକ' ଏହି ଦୁଇଗୋଟି ଶବ୍ଦର ବ୍ୟବହାର ସମ୍ପ୍ରତି ବିଭିନ୍ନ ଖବରକାଗଜରେ ଦେଖିବାକୁ ମିଳୁଛି। କେବଳ ଖବରକାଗଜରେ ନୁହେଁ, ଅନେକ ପୁସ୍ତକ ଓ ଫଳକରେ ମଧ୍ୟଏପରି ଦେଖାଯାଉଛି। ତେବେ ପୁସ୍ତକ ବା ଫଳକ ଅପେକ୍ଷା ଖବରକାଗଜର ଲେଖା ସମାଜ ବା ପାଠକ ଉପରେ ଅଧିକ ପ୍ରଭାବ ବିସ୍ତାର କରିଥାଏ। ଏହି ଶବ୍ଦଦ୍ୱୟର ପ୍ରୟୋଗ ପାଠକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି, କେଉଁ ଶବ୍ଦଟି ଠିକ୍? ପ୍ରଶାସନିକ ନା ପ୍ରାଶାସନିକ? ଅଧିକାଂଶ ଓଡ଼ିଆ ଅଭିଧାନରେ ଏହି ଶବ୍ଦ ସ୍ଥାନିତ ହୋଇନାହିଁ, ତେଣୁ ସମାଧାନର କୌଣସି ଉପାୟ ପାଠକଙ୍କ ପାଖରେ ଉପଲବ୍ଧ ହେଉନାହିଁ।

ସମାଧାନକୁ ଆସିବା। ଶବ୍ଦର ଗଠନକୁ ବିଚାର କରାଯାଉ, ନିୟମଟି ହେଉଛି-କୌଣସି ଶବ୍ଦରେ 'ଇକ' ପ୍ରତ୍ୟୟ ଯୋଗହେଲେ, ସେହି ଶବ୍ଦର ଧ୍ୱନିରେ କେତେକ ପରିବର୍ତ୍ତନ ଘଟିଥାଏ। ବିଶେଷତଃ ଶବ୍ଦର ଆଦିସ୍ୱରରେ ପରିବର୍ତ୍ତନ ଘଟେ, ଏହା ବିବିଧ, ଯଥା–

(କ) ଆଦିସ୍ୱରର ଗୁଣରେ ପରିବର୍ତ୍ତନ ଘଟେ : ଯେପରି
ବିଦ୍ୟୁତ୍+ଇକ=ବୈଦ୍ୟୁତିକ, ଦିନ+ଇକ=ଦୈନିକ,
ମୂଳ+ଇକ=ମୌଳିକ, ବିଷୟ+ଇକ=ବୈଷୟିକ,
ଇତିହାସ+ଇକ=ଐତିହାସିକ,
ବିଜ୍ଞାନ+ଇକ=ବୈଜ୍ଞାନିକ,
ବ୍ୟାକରଣ+ଇକ=ବୈୟାକରଣିକ,
ଭୂଗୋଳ+ଇକ=ଭୌଗୋଳିକ,
ଲୋକ+ଇକ=ଲୌକିକ ଇତ୍ୟାଦି।

(ଖ) ଆଦିସ୍ୱରର ମାତ୍ରାରେ ପରିବର୍ତ୍ତନ ଘଟେ : ଯେପରି
ସମାଜ+ଇକ=ସାମାଜିକ,
ପରିବାର+ଇକ=ପାରିବାରିକ,
ମନଃ (ସ୍)+ଇକ=ମାନସିକ,
ବ୍ୟବସାୟ+ଇକ=ବ୍ୟାବସାୟିକ,
ଲକ୍ଷଣ+ଇକ=ଲାକ୍ଷଣିକ,
ଅର୍ଥ+ଇକ=ଆର୍ଥିକ, ମାତ୍ରା+ଇକ=ମାତ୍ରିକ,
ତମଃ (ସ୍)+ଇକ=ତାମସିକ,
ସାହିତ୍ୟ+ଇକ=ସାହିତ୍ୟିକ ଇତ୍ୟାଦି।

ତେଣୁ ଅତ୍ୟନ୍ତ ସହଜ ଓ ସରଳ କଥା ଏହି ଯେ, ପ୍ରଶାସନ+ଇକ=ପ୍ରାଶାସନିକ, ଅର୍ଥାତ୍ 'ପ୍ରଶାସନ' ଶବ୍ଦର ଆଦିସ୍ୱରର ମାତ୍ରାରେ ପରିବର୍ତ୍ତନ ଘଟି, 'ଅ' ଟି 'ଆ' ହୋଇଛି ଏବଂ ନୂତନ ଶବ୍ଦଟି ହୋଇଛି 'ପ୍ରାଶାସନିକ', 'ପ୍ରଶାସନିକ' ନୁହେଁ। ସୁତରାଂ 'ପ୍ରାଶାସନିକ' ଶବ୍ଦ ହିଁ ଶୁଦ୍ଧ, 'ପ୍ରଶାସନିକ' ଅଶୁଦ୍ଧ।

କେତେକେ କହିଥାନ୍ତି, 'ପ୍ରଶାସନିକ' ଏକ ବହୁଳ ଭାବରେ ବ୍ୟବହୃତ ହେଉଥିବା ଶବ୍ଦ, ତେଣୁ ଏହା ହିଁ ଠିକ୍ ବା ଶୁଦ୍ଧ। ଏପରି ଯୁକ୍ତି ଅଯଥାର୍ଥ, କାରଣ ପ୍ରତ୍ୟେକ ଭାଷାର ଗୋଟାଏ ନିୟମ ରହିଛି, ଶବ୍ଦର ଏକ ଗଠନଗତ ବିଧି ରହିଛି, ନିୟମ ଉଲ୍ଲଂଘନ ଯେକୌଣସି ଭାଷା ପାଇଁ ଶୁଭଙ୍କର ନୁହେଁ।

ଅନ୍ୟ ଦୁଇଗୋଟି ବହୁ ପ୍ରଚଳିତ ଅଶୁଦ୍ଧ ଶବ୍ଦ ହେଉଛି 'ଅର୍ଥନୈତିକ' ଓ 'ରାଜନୈତିକ'।

ନିୟମ ଅନୁସାରେ
ଅର୍ଥନୀତି+ଇକ=ଆର୍ଥନୀତିକ, ସେହିପରି
ରାଜନୀତି+ଇକ=ରାଜନୀତିକ।

କେହି କେହି ଭାବିଥାନ୍ତି ନୀତି+ଇକ=ନୈତିକ, ତେଣୁ ଅର୍ଥନୈତିକ ଓ ରାଜନୈତିକ ହିଁ ଠିକ୍ : କିନ୍ତୁ ଏଠାରେ ଜାଣିରଖିବା ଉଚିତ ଯେ, ଏହି ଶବ୍ଦଦ୍ୱୟର ଗଠନ 'ଅର୍ଥନୀତି+ଇକ' ଏବଂ 'ରାଜନୀତି+ଇକ' ଏହି ପ୍ରକ୍ରିୟାରେ ହୋଇଛି, 'ଅର୍ଥ+ନୈତିକ' ଓ 'ରାଜ+ନୈତିକ' ଏପରି ହୋଇନାହିଁ। ଏପରି ହେଲେ ଅର୍ଥ ଅଭିବ୍ୟକ୍ତିରେ ବିଭ୍ରାଟ ଘଟିବ। ତେଣୁ ଆର୍ଥନୀତିକ ଓ ରାଜନୀତିକ ହିଁ ଶୁଦ୍ଧ।

ସିଦ୍ଧାନ୍ତ ଏହି ଯେ, 'ପ୍ରାଶାସନିକ', 'ଆର୍ଥନୀତିକ' ଓ 'ରାଜନୀତିକ' ଶବ୍ଦ ହିଁ ଶୁଦ୍ଧ। ପ୍ରଶାସନିକ, ଅର୍ଥନୈତିକ ଓ ରାଜନୈତିକ ଶବ୍ଦ ଅଶୁଦ୍ଧ। ତେବେ ଖବରକାଗଜଗୁଡିକ ଏହି ଶବ୍ଦଗୁଡ଼ିକର ପ୍ରୟୋଗ ସମ୍ପର୍କରେ ସଚେତନ ହେଲେ ପାଠକ ଓ ଜିଜ୍ଞାସୁଙ୍କ ମନରୁ ଦ୍ୱନ୍ଦ୍ୱ ଦୂର ହେବ, ଓଡ଼ିଆ ଭାଷା ଓ ସାହିତ୍ୟ ଉତ୍କର୍ଷର ସର୍ବୋଚ୍ଚ ଶିଖରକୁ ସ୍ପର୍ଶ କରି ଆହୁରି ସମୃଦ୍ଧ ହେବ।

ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ମୋ :୯୯୩୮୮୨୪୬୪୨

## ଏଇ ଭାରତରେ

ଶିକ୍ଷାର୍ଥୀଙ୍କ ଜୀବନରେ ପରୀକ୍ଷା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପରୀକ୍ଷା ଦେବାରୁ ବଞ୍ଚିତ ହେଲେ ଗୋଟିଏ ବର୍ଷ ନଷ୍ଟ କରିବାକୁ ପଡେ। ତେଣୁ ସବୁ କିଛି ପ୍ରତିବନ୍ଧକକୁ ଏଡାଇ ପରୀକ୍ଷା ହଲ୍‌ରେ ପହଞ୍ଚିବା ଜରୁରୀ। ଜଣେ ବ୍ୟକ୍ତି ତାଙ୍କ ଝିଅକୁ ପରୀକ୍ଷାକେନ୍ଦ୍ରକୁ ନେଉଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ଏହା ସତ୍ତ୍ୱେ ସେ ଝିଅକୁ ପରୀକ୍ଷା ହଲ୍‌ରେ ପହଞ୍ଚାଇବାକୁ ଆଦୌ ହେଳା କରି ନ ଥିଲେ। ଏପରି ଏକ ଅଭାବନୀୟ ଘଟଣା ଘଟିଛି ବିହାର ରାଜ୍ୟର ବୀରପୁରଠାରେ। ଏଠାରେ ଜଣେ ଆର୍‌ଜେଡି ନେତାଙ୍କୁ କିଛି ଅଜଣା ବ୍ୟକ୍ତି ଗୁଳିମାଡ଼ କରିଥିଲେ। ତେବେ ସେ ଏହାକୁ ଖାତିର ନ କରି ଦୀର୍ଘ ୬ କିଲୋମିଟର ଦୂର ବାଇକ ଚଳାଇ ଝିଅକୁ ପରୀକ୍ଷାକେନ୍ଦ୍ରରେ ପହଞ୍ଚାଇଥିଲେ। ଏହି ନେତା ଜଣକ ହେଉଛନ୍ତି ରାମକୃପାଳ ମହାତୋ। ସେ ଝିଅ ଦାମିନୀକୁ ବେଗୁସରାଇସ୍ଥିତ ପରୀକ୍ଷା କେନ୍ଦ୍ରକୁ ଇଣ୍ଟର ପରୀକ୍ଷା ପାଇଁ ନେଉଥିଲେ। ବାଟରେ କିଛି ଅଜଣା ବ୍ୟକ୍ତି ସେମାନଙ୍କୁ ଘେରି ଯାଇଥିଲେ। ସେମାନେ ରାମକୃପାଳଙ୍କ ସମ୍ମୁଖକୁ ଚାଲିଆସି ଗୁଳି ଚଳାଇଥିଲେ। ତେବେ ତୁରନ୍ତ ହସ୍ପିଟାଲ୍ ଯିବାକୁ ଦାମିନୀ ବାପାଙ୍କୁ କହିଥିଲେ ସୁଦ୍ଧା ପରୀକ୍ଷା ନ ଦେଲେ ଗୋଟେ ବର୍ଷ ନଷ୍ଟ ହୋଇଯିବ କହି ଦାମିନୀକୁ ବୁଝାଇଥିଲେ। ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇ ରାମକୃପାଳ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ ହସ୍ପିଟାଲ୍‌ରେ ପହଞ୍ଚାଇଥିଲେ। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୋଲିସ ପକ୍ଷରୁ ଆକ୍ରମଣର ତଦନ୍ତ ଆରମ୍ଭ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଫେବୃୟାରୀ ୧୯୯୪**

- ଜର୍ମାନୀ ଭାରତକୁ ୭୬୦ କୋଟି ଟଙ୍କା ଋଣ ଓ ସହାୟତା ଯୋଗାଇଦେବା ନେଇ ଏକ ରାଜିନାମା ସ୍ୱାକ୍ଷରିତ।
- ଏସ୍.ଆର୍. ବୋମାଇ ଜନତା ଦଳ ସଭାପତି ପଦରୁ ଓହରିଯିବା ପରେ ବିଶ୍ୱନାଥ ପ୍ରତାପ ସିଂ ସଭାପତି ନିର୍ବାଚିତ।
- ଜର୍ମାନୀର ପୂର୍ବତନ ଚାନସେଲର ହେଲମଟ ଶଚମିଡ୍‌ଟ୍ ରୁଷିଆର ରାଷ୍ଟ୍ରପତି ବୋରିସ ୟେଲ୍‌ଟସିନଙ୍କ ଅର୍ଥନୈତିକ ପରାମର୍ଶଦାତା ନିଯୁକ୍ତ।

## ଚିରନ୍ତନୀ

ବିରହ ରତି ନୁହଇ ଆନ
କେବଳ ଦେହ-ତାପ।
ଭାବର ଜାଲେ ରହଇ ସେ ତ ଲୁଚି
ନୀତିର ନାମେ ଏ ଧରାଧାମେ
ଚଳଇ ଯଥା ପାପ
ଅନୀତି ଯଥା ହୁଅଇ ଏଥି ଶୁଚି!

(ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | B | | | | | | D | | | | | | |
| | | C | 0 | 1 | 5 | | | | 7 | D | | 2 | | |
| | | | 3 | 6 | | | E | C | 2 | | A | 8 | 4 | |
| 7 | | | | | | | | | | | | | | |
| | 5 | | | | | | 4 | 8 | | 1 | | A | D | 6 |
| A | 7 | 4 | D | | B | | | | 9 | | 8 | C | | |
| C | | | | | | | | 6 | 3 | | | | | 5 |
| 8 | D | | | 2 | | | 7 | 3 | | | | | | |
| E | | | 4 | A | | | 1 | | B | | | 7 | 0 | |
| | 3 | | | | | 8 | B | | | E | | 6 | | |
| | 9 | | | | | | | | | | | 0 | | A |
| | | 1 | 5 | | | | 0 | | | | | | | |
| | | 2 | | B | 6 | | | | | 4 | 5 | | E | |
| 3 | | | A | | | 9 | | | | | 2 | D | | 4 |
| 4 | A | | | | 7 | | | | 6 | 0 | E | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 5 | C | 8 | B | 0 | 7 | 9 | 6 | A | 4 | 3 | 2 | E | 1 |
| A | 6 | 2 | 3 | 7 | D | 1 | 0 | C | B | E | 5 | 4 | 8 | 9 |
| 4 | 0 | 3 | E | 6 | 9 | 2 | B | A | D | 8 | 1 | C | 7 | 5 |
| 9 | 8 | B | 4 | 1 | A | D | E | 5 | 7 | C | 2 | 6 | 0 | 3 |
| 7 | E | 1 | C | 5 | 2 | 8 | 4 | 3 | 9 | 6 | 0 | B | D | A |
| 0 | D | 5 | A | C | 6 | 9 | 8 | 7 | 1 | B | 4 | E | 3 | 2 |
| 6 | 3 | 9 | 0 | 8 | 1 | 5 | C | 4 | E | 2 | 7 | D | A | B |
| 2 | B | E | 7 | 4 | 3 | A | 6 | 1 | 8 | 0 | D | 5 | 9 | C |
| 8 | 4 | A | 5 | D | E | B | 3 | 2 | 6 | 9 | C | 0 | 1 | 7 |
| 1 | C | 7 | 9 | 2 | B | 0 | D | E | 3 | 5 | A | 8 | 6 | 4 |
| E | 7 | 4 | D | 9 | 5 | 6 | 1 | B | 2 | 3 | 8 | A | C | 0 |
| C | 2 | 6 | B | 3 | 4 | E | A | D | 0 | 7 | 9 | 1 | 5 | 8 |
| 5 | A | D | 2 | 0 | 8 | C | 7 | 9 | 4 | 1 | 6 | 3 | B | E |
| B | 9 | 8 | 1 | A | C | 3 | 2 | 0 | 5 | D | E | 7 | 4 | 6 |
| 3 | 1 | 0 | 6 | E | 7 | 4 | 5 | 8 | C | A | B | 9 | 2 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦାଗୀ ନେତା

ମହାଶୟ,

ଭାରତର ୧୫୮୧ ଜଣ ବିଧାୟକ ଓ ସାଂସଦଙ୍କ ନାଁରେ ଫୌଜଦାରି ମକଦ୍ଦମା ରହିଛି। ୫୧ ଜଣଙ୍କ ନାଁରେ ବଳାତ୍କାର ଓ ନାରୀ ନିର୍ଯାତନା ମାମଲା ଅଛି। ତଥାପି ସେମାନେ ଜନପ୍ରତିନିଧି। ଏପରି କି ସେମାନେ ଜେଲରେ ରହି ମଧ୍ୟ ନିର୍ବାଚନରେ ପ୍ରାର୍ଥୀ ହୋଇ ନିର୍ବାଚିତ ହେଉଛନ୍ତି। ଇଏ କି ପ୍ରକାରର ନିର୍ବାଚନ, ଲୋକେ ସେମାନଙ୍କୁ କେମିତି ନିର୍ବାଚିତ କରୁଛନ୍ତି? ଦଳପତି ସେମାନଙ୍କୁ ଲଢିବା ପାଇଁ କେମିତି ଟିକେଟ ଦେଉଛନ୍ତି ଏବଂ ନିର୍ବାଚନ କମିଶନର କେମିତି ସେମାନଙ୍କୁ ଲଢିବାକୁ ସୁଯୋଗ ଦେଉଛନ୍ତି, ତାହା ବୁଝି ହେଉନାହିଁ। ଆହୁରି ବିଡ଼ମ୍ବନାର କଥା, ଯେଉଁ ପ୍ରାର୍ଥୀଙ୍କୁ ଲୋକେ ହରାଇ ଦେଉଛନ୍ତି ସରକାର ସେମାନଙ୍କୁ ଉଚ୍ଚ ପଦପଦବୀରେ ଅବସ୍ଥାପିତ କରୁଛନ୍ତି ଏବଂ ରାଜ୍ୟସଭାକୁ ମଧ୍ୟ ପଠାଇ ଦେଉଛନ୍ତି। ରାଜନେତାମାନେ ଗୋଟିଏ ଦଳରେ ଦୀର୍ଘଦିନ ରହି ଲୋକଙ୍କ ମଧ୍ୟରେ ନିଜର ସ୍ଥିତିକୁ ମଜଭୁତ କରିସାରିବା ପରେ ଯଦି ମନ୍ତ୍ରୀଟିଏ ହୋଇ ନ ପାରିଲେ ତେବେ ଅନ୍ୟ ଦଳକୁ ରାତିଅଧିଆ ଡେଇଁ ପଡୁଛନ୍ତି। ଏହାଦ୍ୱାରା ଲୋକଙ୍କର ବିଶ୍ୱାସ ଉପରେ କୁଠାରାଘାତ କରୁଛନ୍ତି। ନିର୍ବାଚନ କମିଶନରଙ୍କୁ ଅନୁରୋଧ ଦୁର୍ନୀତିଗ୍ରସ୍ତ ପ୍ରାର୍ଥୀଙ୍କର ନୋମିନେଶନକୁ ନାକଚ କରନ୍ତୁ। ଭୋଟରମାନେ ସଚ୍ଚୋଟ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରାନ୍ତୁ ଏବଂ ଦଳ ବଦଳକାରୀ ସୁବିଧାବାଦୀ ପ୍ରାର୍ଥୀଙ୍କୁ ବାଦ୍ ଦିଅନ୍ତୁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### କାଳିଆର ସୁବଣ୍ଟନ ହେଉ

ଭୂମିହୀନ, ନାମମାତ୍ର ଓ କ୍ଷୁଦ୍ରଚାଷୀ ପାଇଁ କାଳିଆ ଏକ ଭଲ ଯୋଜନା। କିନ୍ତୁ ସବୁଜ ଫର୍ମ ବଣ୍ଟନରେ ଅବ୍ୟବସ୍ଥା ନଜରକୁ ଆସିଛି। ଭୂମିହୀନ ଓ ନିଜ ନାମରେ ଜମି ନ ଥିବା ବ୍ୟକ୍ତି କ'ଣ ଲେଖିବେ ଦ୍ୱନ୍ଦ୍ୱରେ ପଡିଛନ୍ତି। ତା' ଛଡା ଯୋଜନାର ସୁବିଧା ହାତେଇବା ପାଇଁ ଗୋଟିଏ ପରିବାରର ଏକାଧିକ ବ୍ୟକ୍ତି ପୃଥକ୍ ଭାବେ ଆବେଦନ କରିଛନ୍ତି। ପଞ୍ଚାୟତ ମୁଖ୍ୟ, ଆର୍‌ଆଇ ଓ ଅନ୍ୟ ଅଧିକାରୀମାନେ ଚାହିଁଲେ କାଳିଆର ସୁବଣ୍ଟନ ହୋଇପାରିବ।

ରମେଶ ଦତ୍ତ, କଲ୍ୟାଣନଗରୀ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଦିବ୍ୟାଙ୍ଗଙ୍କ ପ୍ରେରଣା ପ୍ରଫୁଲ୍ଲ ସାର୍

# ସଙ୍ଗୀତ ଭରିଛି ଜୀବନରେ ସରସତା

**ଅନ୍ଧତ୍ୱର ଯନ୍ତ୍ରଣା ଅଟକାଇପାରିନି ତାଙ୍କ ସଙ୍ଗୀତମୟ ଜୀବନକୁ । ବରଂ ଏହା ତାଙ୍କ ଭିତରେ ଭରିଦେଇଛି ଅସୀମ ଶକ୍ତି, ଯାହାକୁ ପୁଞ୍ଜିକରି ସେ ପାଲଟିଛନ୍ତି ଅନେକଙ୍କ ପଥପ୍ରଦର୍ଶକ। ନିଆରା ବଞ୍ଚିବାଶୈଳୀ ପାଇଁ ପ୍ରେରଣା ପାଲଟିଥିବା ଏମିତି ଜଣେ ମଣିଷ ହେଲେ ବିଶିଷ୍ଟ ସଙ୍ଗୀତ ସାଧକ ତଥା ବେହେଲା ବାଦକ ଗୁରୁ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର।**

**ଦୀନେଶ ଦାସ**
**ଓଡ଼ାପଡ଼ା, ୧୪।୨**

ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନେ ଶାରୀରିକ ଅକ୍ଷମତା। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପ୍ରଫୁଲ୍ଲ ସାର୍। ଦୀର୍ଘ ୪୦ବର୍ଷର ସଙ୍ଗୀତ ସାଧନା ଭିତରେ ସେ ସାମ୍ନା କରିଛନ୍ତି ଅନେକ ସଂଘର୍ଷ। ଶିଖିଛନ୍ତି ପ୍ରତିକୂଳ ପରିସ୍ଥିତିରେ ବଞ୍ଚିବାର କୌଶଳ, ଯାହା ତାଙ୍କୁ ଦେଇଛି ପରିଚିତି।

ପ୍ରଫୁଲ୍ଲଙ୍କ ଜନ୍ମ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ପାଳିମି ଗ୍ରାମରେ। ମା' ମାଳତୀ ଏବଂ ବାପା ଚକ୍ରଧରଙ୍କ ୪ ପୁଅ ୩ ଝିଅ ମଧ୍ୟରେ ସେ ହେଉଛନ୍ତି ତୃତୀୟ। ମାତ୍ର ୨ବର୍ଷ ବୟସରେ ଶାରୀରିକ ବ୍ୟାଧି ତାଙ୍କ ଆଖିର ଜ୍ୟୋତି ଛଡ଼ାଇନେଲା। ସବୁଦିନ ପାଇଁ ଦୃଷ୍ଟିଶକ୍ତି ହରାଇ ବସିଲେ। ଖେଳି ବୁଲିବା ବୟସରେ ବୋଝ ହୋଇଗଲା ଜୀବନ। ଅନେକ କଷ୍ଟ, ଯନ୍ତ୍ରଣା, ସଂଘର୍ଷ ଭିତରେ ବିତିଗଲା ଶୈଶବ। ୨୦ ବର୍ଷ ବୟସରେ କିଛି କରିବା ଆଶା ତାଙ୍କୁ ଟାଣି ଆଣିଲା କଟକ। ସେଠାରେ କଲ୍ୟାଣୀ ଦୃଷ୍ଟିହୀନ ସ୍କୁଲରେ ନାମ ଲେଖାଇଲେ। ତା' ସହିତ କଳା ବିକାଶ କେନ୍ଦ୍ରରେ ଆରମ୍ଭ ହେଲା ସଙ୍ଗୀତ ଶିକ୍ଷା। ତେବେ ପ୍ରତିକୂଳ ପରିସ୍ଥିତିରେ ମାତ୍ର ୪ର୍ଥ ଶ୍ରେଣୀରେ ପାଠପଢ଼ାରେ ଲାଗିଲା ଡୋରି। ହେଲେ ସଙ୍ଗୀତ ଶିକ୍ଷାରୁ ମୁହଁ ଫେରାଇ ପାରିଲେନି। ଗୁରୁ ଅଖିଳ କୁମାର ଲେଙ୍କା, ନିରୋଜ ନଳିନୀ କୁମାର, ବାଳକୃଷ୍ଣ ଦାସଙ୍କଠାରୁ ସେ ଶିଖିଲେ ଓଡ଼ିଶୀ ସଙ୍ଗୀତର ଅ..ଆ..। ପରେ ଗୁରୁ ମହମ୍ମଦ ହମିଦ୍ ଅହେଜଙ୍କଠାରୁ ବେହେଲାରେ ହାସଲ କଲେ ପାରଦର୍ଶିତା।

ନିଜର ଜୀବନ ସଂଘର୍ଷ ସମ୍ପର୍କରେ ଗୁରୁ ପ୍ରଫୁଲ୍ଲ କୁହନ୍ତି, ୧୯୮୨ରେ କଟକ ଆକାଶବାଣୀ କେନ୍ଦ୍ରରେ 'ଯୁବବାଣୀ' କାର୍ଯ୍ୟକ୍ରମରେ ପ୍ରଥମ ଥର ପାଇଁ ତାଙ୍କୁ ଗୀତ ଗାଇବାର ସୁଯୋଗ ମିଳିଲା। ୧୯୮୬ରେ ସେଠାରୁ ହିଁ ତାଙ୍କୁ ମିଳିଥିଲା 'ବି' ଗ୍ରେଡ଼ କଣ୍ଠଶିଳ୍ପୀ ମାନ୍ୟତା। ତେବେ ୧୯୮୩ରୁ ସେ କଟକରେ ସଂଗୀତ ଶିକ୍ଷାଦାନରେ ମନୋନିବେଶ କରିସାରିଥିଲେ। ଜନ୍ମସ୍ଥାନ କେନ୍ଦ୍ରାପଡ଼ା ହୋଇଥିଲେ ମଧ୍ୟ ଦୀର୍ଘଦିନ ହେଲା ଢେଙ୍କାନାଳ ପାଲଟିଯାଇଛି ତାଙ୍କର ସ୍ଥାୟୀ ଠିକଣା, କହିବାକୁ ଗଲେ ସଙ୍ଗୀତ ସାଧନାର ତୀର୍ଥସ୍ଥଳୀ। ଢେଙ୍କାନାଳକୁ ବାଦ୍ ଦେଲେ ଅନୁଗୋଳ, ଆଠଗଡ଼, ଯାଜପୁର, ଏରସମା, କଲିକତା ଯାଇ ସେ ସଙ୍ଗୀତ ଶିକ୍ଷା ଦେଇଛନ୍ତି। ଅସୀମା ପଣ୍ଡା, ଶକ୍ତି ମିଶ୍ରଙ୍କ ସମେତ ଆହୁରି ଅନେକ କଣ୍ଠ ଶିଳ୍ପୀ ତାଙ୍କ ପାଖରୁ ଶିକ୍ଷା ଲାଭ କରିଛନ୍ତି। ସଙ୍ଗୀତ ଶିକ୍ଷା ପାଇଁ ଯିବା ବେଳେ ଗୋରୁ ଆକ୍ରମଣର ଶିକାର ହେବାକୁ



ପଡ଼ିଛି ତ, ଆଉ କେବେ ଡ୍ରେନ୍‌ରୁ ଖସିପଡ଼ି କ୍ଷତାକ୍ତ ହୋଇଛନ୍ତି। ସଙ୍ଗୀତ ହିଁ ତାଙ୍କ ଜୀବନକୁ ନର୍କରୁ ନିର୍ମାଲ୍ୟ କରିଛି। ଭରିଦେଇଛି ସରସତା। ସ୍ତ୍ରୀ ଲାବଣ୍ୟବତୀ, ପୁଅ ସୁଦୀପ ଏବଂ ଝିଅ ବାଗେଶ୍ୱରୀଙ୍କୁ ନେଇ ଏବେ ସଂସାର ରଥ ବେଶ ହସଖୁସିରେ ଗଡ଼ି ଚାଲିଛି। ସୁଦୀପ ଜଣେ ପ୍ରତିଷ୍ଠିତ କି ବୋର୍ଡ ବାଦକ। ଆଗାମୀ ଦିନରେ ସଙ୍ଗୀତ ବିଦ୍ୟାଳୟ ପ୍ରତିଷ୍ଠା କରି ସଙ୍ଗୀତ ସାଧନା ଜାରି ରଖିବେ ବୋଲି ସେ କୁହନ୍ତି।

# ଅଷ୍ଟଶମ୍ଭୁ ମନ୍ଦିରକୁ ଘନଉଛି ବିପଦ

**ନିଗମାନନ୍ଦ ଦଳବେହେରା**
**ପରଜଙ୍ଗ, ୧୪।୨**



ଐତିହ୍ୟସମ୍ପନ୍ନ କୁଆଲୋ ଅଷ୍ଟଶମ୍ଭୁ ମନ୍ଦିର ପ୍ରତି ବିପଦ ଘନେଇବାରେ ଲାଗିଛି। ଆବଶ୍ୟକ ମରାମତି କରାଯାଉ ନ ଥିବାରୁ ୧୪ଶହ ଶତାବ୍ଦୀର ଏହି ପ୍ରାଚୀନ ମନ୍ଦିର ମାଟିରେ ମିଶିବା ଆଶଙ୍କା ସୃଷ୍ଟି ହୋଇଛି। ଦୀର୍ଘ ୧୪ବର୍ଷ ହେଲା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିଲେ ମଧ୍ୟ ପୁନରୁଦ୍ଧାର କାମ ଆଗେଇ ପାରୁନାହିଁ। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ବୁଦ୍ଧିଜୀବୀ।



ଢେଙ୍କାନାଳ ଜିଲାର ଐତିହ୍ୟ, କିମ୍ବଦନ୍ତୀ ତଥା ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ପରଜଙ୍ଗ ବ୍ଲକ କୁଆଲୋସ୍ଥିତ ଅଷ୍ଟଶମ୍ଭୁ ମନ୍ଦିର। ରାଜାରାଜୁଡ଼ା ଅମଳରୁ ନିର୍ମିତ ଉକ୍ତ ଶୈବପୀଠ ଚିତ୍ତାକର୍ଷକ କାରୁକାର୍ଯ୍ୟ ଲାଗି ପ୍ରସିଦ୍ଧି ଅର୍ଜନ କରିଛି। ହେଲେ ଦୀର୍ଘଦିନ ଧରି ମରାମତି ଅଭାବରୁ ମନ୍ଦିର ଭାଙ୍ଗିରୁଜି ଗଲାଣି। ବାରମ୍ବାର ଦାବି ପରେ ୧୯୭୨ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ସର୍ଭେ କରାଯାଇଥିଲା। ଉକ୍ତ ସମୟରେ କେତେକାଂଶ ମରାମତି ହୋଇଥିଲା। ୨୦୦୪ ପରଠାରୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଉପରେ ପୀଠର ରକ୍ଷଣାବେକ୍ଷଣ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଦୀର୍ଘ ୧୪ବର୍ଷ ଧରି ଏଏସ୍‌ଆଇର କାମ କେବଳ ମନ୍ଦିର ଚଟାଣରେ ପଥର ବସାଇବାରେ ସୀମିତ ରହିଛି। କାମ ଆରମ୍ଭ ହେଉ ନ ଥିବାରୁ ୨୦୧୨ରୁ ମୁଖ୍ୟ ମନ୍ଦିରରେ ଲୁହା ପାଇପ ବନ୍ଧା ହୋଇରହିଛି, ଯାହା ମନ୍ଦିର ଶୋଭା ନଷ୍ଟ କରୁଛି।

ସବୁଠାରୁ ବଡ଼ କଥା, ବର୍ଷାଦିନେ ମନ୍ଦିର ବେଢ଼ାରେ ବର୍ଷାପାଣି ଲହଡ଼ି ଭାଙ୍ଗୁଛି। ଏହାଦ୍ୱାରା ଭିତ୍ତିଭୂମି ଦୁର୍ବଳ ହେବାରେ ଲାଗିଛି। ପଥର ଫାଙ୍କରେ ପାଣି ଗର୍ଭଗୃହକୁ ପଶୁଛି। ମନ୍ଦିର ଚୂଡ଼ାରେ ଥିବା ପିତଳ କଳସରେ ଆର୍ଥ୍ ବ୍ୟବସ୍ଥା ନ ଥିବାରୁ ବଜ୍ରପାତ ହେଉଛି। ଏହା ପୀଠକୁ କ୍ଷତି ପହଞ୍ଚାଉଛି। ମନ୍ଦିର ପ୍ରାଙ୍ଗଣରେ ଥିବା ଖୋଲା କୂଅ ଖରାଦିନେ ଜଳକଷ୍ଟ ମେଣ୍ଟାଇପାରୁନି। ଆଜିଯାଏ ଏହାର ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ। ଦେବୋତ୍ତର ବିଭାଗର ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ପାର୍କିଂ ବ୍ୟବସ୍ଥା କରାଯାଉ ନ ଥିବାରୁ ଶ୍ରଦ୍ଧାଳୁମାନେ ସମସ୍ୟା ଭୋଗୁଛନ୍ତି। ଦୀର୍ଘବର୍ଷ ହେଲା ସମସ୍ୟା ଲାଗି ରହିଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଅଞ୍ଚଳବାସୀଙ୍କ ଭାବାବେଗ ସହିତ ଜଡ଼ିତ ଅଷ୍ଟଶମ୍ଭୁ ମନ୍ଦିର ପ୍ରତି ଅବହେଳାକୁ ନେଇ

## କୀର୍ତ୍ତିରାଜିକୁ ଅଣଦେଖା

ପ୍ରତିବାଦର ସ୍ୱର ଉଠିବା ପରେ ଏହାକୁ ପୁନରୁଦ୍ଧାର କରିବାକୁ ଆଶା ଦେଖାଇଥିଲା କେନ୍ଦ୍ର। ପୀଠ ମରାମତି କରିବା ଲାଗି ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମନ୍ଦିର ବୁଲି ଦେଖିବା ସହ ଶୀଘ୍ର କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ଭିତରେ କାମ ପାଇଁ ଆସିଥିବା ପଥର ଗଦା ହୋଇ ରହିଛି। ହେଲେ କାରିଗରଙ୍କ ଦେଖାନାହିଁ, ଯାହା ଲୋକଦେଖାଣିଆ ବୋଲି ଆଲୋଚନା ହେଉଛି।

ଏ ନେଇ ଏଏସ୍‌ଆଇ ଅଧିକାରୀ ପ୍ରଭାତ ମିଶ୍ର କୁହନ୍ତି, ଏବେ ମାଙ୍କଡ଼ା ପଥର କାମ ଜାରି ରହିଛି। ଟେଣ୍ଡର ମଞ୍ଜୁରୀ ହେବା ପରେ ମନ୍ଦିର କାମ ଆରମ୍ଭ ହେବ। ପଥର ଫାଙ୍କାସ୍ଥାନରୁ ପାଣି ଗଳୁଛି। ସିମେଣ୍ଟ ଲଗାଇବା ନିୟମ ନ ଥିବାରୁ ସମସ୍ୟା ହେଉଛି। ଚୂନ ଦ୍ୱାରା ମରାମତି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ବିରଳ କାରୁକଳାର ନମୁନା

କାରୁକାର୍ଯ୍ୟପୂର୍ଣ୍ଣ ଅଷ୍ଟଶମ୍ଭୁ ମନ୍ଦିର ବେଢ଼ାରେ ୮ ମନ୍ଦିର ରହିଛି। ମୁଖ୍ୟମନ୍ଦିରରେ କନକେଶ୍ୱର ମହାଦେବ ପୂଜା ପାଉଛନ୍ତି। ଏଠାରେ ପୂଜାପାଉଥିବା ଶିବଲିଙ୍ଗ ୭ଫୁଟ ମୋଟେଇ ଏବଂ ଉଚ୍ଚତା ୪ ଫୁଟରୁ ଅଧିକ। ଏହା ଶୁକ୍ଳପକ୍ଷରେ ପାଉଁଶିଆ ଏବଂ କୃଷ୍ଣପକ୍ଷରେ ଗାଢ଼ କଳାରଙ୍ଗରେ ବଦଳିଯାଉଥିବା ଅଞ୍ଚଳବାସୀ କୁହନ୍ତି। ସେହିପରି ବାବା ସିଦ୍ଧେଶ୍ୱର, ବାବା ବୈଦ୍ୟନାଥ, ବାବା ଲୋକନାଥ, ବାବା ପଶ୍ଚିମେଶ୍ୱର, ବାବା କପିଳେଶ୍ୱର, ବାବା ବାଣେଶ୍ୱର, ବାବା ଐଶାନେଶ୍ୱର ଏବଂ ମା' କନକଦୁର୍ଗା ପୀଠର ଶୋଭା ବଢ଼ାଇଛନ୍ତି। ଏ ନେଇ ସମିତିସଭ୍ୟ ପ୍ରଶାନ୍ତ ବିଶ୍ୱାଳ କୁହନ୍ତି, ଅଷ୍ଟଶମ୍ଭୁ ମନ୍ଦିର ବିରଳ କାରୁକଳାର ନମୁନା। ଏବେ ଏହା ବିପଦସଙ୍କୁଳ ଅବସ୍ଥାରେ ରହିଛି। ମରାମତି କରା ନ ଗଲେ ଏହା ମାଟିରେ ଲୀନ ହୋଇଯିବ ବୋଲି ସେ କହିଛନ୍ତି।

# ୧୬ରୁ ରାଜ୍ୟସ୍ତରୀୟ ପ୍ରତିଭା ମହୋତ୍ସବ

**ଢେଙ୍କାନାଳ ଅଫିସ,୧୪।୨**

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଫେବୃୟାରୀ ୧୬ରେ ସାଂସ୍କୃତିକ ଅନୁଷ୍ଠାନ ସୂର୍ଯ୍ୟାଲୋକ ଫାଉଣ୍ଡେଶନର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ରାଜ୍ୟସ୍ତରୀୟ ପ୍ରତିଭା ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ଝୋଟି, ମେହେନ୍ଦି, କୌତୁକବେଶ, ହୁଳହୁଳି, ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଭିନ୍ନ ଜିଲାର ସଫଳ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅଧ୍ୟକ୍ଷ ଦୀପକ ରଞ୍ଜନ ମିଶ୍ର କହିଛନ୍ତି।








ADVERTISEMENT WANTED

AIRA requires the following post for its development projects in Dhenkanal district.

| Post | Qualification & Experience |
|---|---|
| Data Entry Operator | +3 with PGDCA and 2-3 years experience |
| Yoga Teacher | BPED with 4 years experience |
| Teacher | +2 CT/BA, B.Ed. & One year experience |
| ANM | +2 Sc. with Nursing |
| Cook | 8th with two years experience in cooking |
| Warden | +3 (Home Sc.) with 1 year experience |
| Watchman | 8th Pass |
| Doctor | BHMS/ BAMS/ AYUSH with 3 years experience |
| Pharmacist | B.Pharma with 2 years experience |
| Driver | 8th with valid DL & 3 years experience |
| Social Worker | MSW/ BSW with 3 years experience |

*Interested candidates may apply within 7 days of publication to the following address:*

AIRA, PO- Karamul, Dist.- Dhenkanal- 759014, Email: aira_dkl@yahoo.co.in

*For AIRA, Sd./- Director*







## ଶ୍ରୀ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ - ଏକ ଅନନ୍ୟ ଶିକ୍ଷାନୁଷ୍ଠାନ

୧୯୮୬ ମସିହାରୁ ଶ୍ରୀ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବନ୍ତଳା +୨ କଳା ଓ ବିଜ୍ଞାନ କ୍ଷେତ୍ରରେ ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ। କଳା ବିଭାଗରେ ୨୫୬ ଓ ବିଜ୍ଞାନ ବିଭାଗରେ ୧୯୨ ସିଟ୍ ବିଶିଷ୍ଟ ଏହି ବିଦ୍ୟାଳୟରେ ଅନ୍ୟାନ୍ୟ ପାରମ୍ପରିକ ବିଷୟ ସହ କଳାରେ ଲଜିକ୍, ସୋସିଓଲୋଜି, ଏଜୁକେଶନ ଓ ବିଜ୍ଞାନରେ ଜିଓଲୋଜି, ଜିଓଗ୍ରାଫି ଆଦି ବିଷୟ ଛାତ୍ରଛାତ୍ରୀଙ୍କ ପାଇଁ ମୁଖ୍ୟ ଆକର୍ଷଣ। ଗତ ୨୦୧୮ ସିଏଚ୍ଏସ୍‌ସି ପରୀକ୍ଷାରେ ଏହି ବିଦ୍ୟାଳୟ କଳାରେ ୫୯ ଓ ବିଜ୍ଞାନରେ ୬୨ ଶତକଡ଼ା ଫଳାଫଳ ଏହାର ଅନ୍ୟତମ ଉତ୍କର୍ଷ।


ଅଧ୍ୟକ୍ଷ ଅଜୟ କୁମାର ସାହୁଙ୍କ ସହିତ କର୍ମଚାରୀ ବୃନ୍ଦ

ଯୋଗାଯୋଗ ନିମନ୍ତେ:
୦୬୭୬୪-୨୮୬୧୩
Website: **scsbantala.org**
Email: **scsmbantala@gmail.com**

## ବନ୍ତଳା (+୩) ଉଚ୍ଚତର ଶିକ୍ଷା ମହାବିଦ୍ୟାଳୟ, ଅନୁଗୋଳ

## କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ଅନର୍ସ

୧୯୯୦-୯୧ ମସିହାରେ ପ୍ରଥମେ କଳା ବିଭାଗ ଓ ୧୯୯୧-୯୨ ମସିହାରେ ବିଜ୍ଞାନ ବିଭାଗ, ୧୯୧୭-୧୮ରେ ବାଣିଜ୍ୟ ବିଭାଗ ଖୋଲିଥିଲା। ଅନୁଗୋଳ ଜିଲ୍ଲା ବନ୍ତଳା ପଞ୍ଚାୟତ ଜରାଓରପୁର ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ଠାକୁରଙ୍କ ଆଶୀର୍ବାଦ ଓ ଗ୍ରାମବାସୀଙ୍କ ଜମି ଦାନରେ ଆଜି ଅନୁଷ୍ଠାନ ଗଢ଼ିଉଠିଛି। ଗ୍ରାମବାସୀଙ୍କ ସହାୟତା ପାଇଁ ଅନୁଗୋଳ ବ୍ଲକ୍, ବଅଁରପାଳ, ଛେଣ୍ଡିପଦା, ହିନ୍ଦୋଳ, ତାଳଚେର, ଆଠମଲ୍ଲିକ, କିଶୋରନଗର ଅଞ୍ଚଳର ଅଧିକାଂଶ ପରିବାରରେ ଅତିକମ୍‌ରେ ଜଣେ ଲେଖାଏଁ ଛାତ୍ରୀଛାତ୍ର ଆମ ମହାବିଦ୍ୟାଳୟରେ ପାଠ ପଢ଼ି ଶିକ୍ଷିତ ହୋଇ ସ୍ୱରୋଜଗାର ସ୍ୱାବଲମ୍ବୀ ହେବା ସହିତ ସମାଜର ଉନ୍ନତି କ୍ଷେତ୍ରରେ ପ୍ରତ୍ୟକ୍ଷ ଓ ପରୋକ୍ଷ କ୍ଷେତ୍ରରେ ନିୟୋଜିତ ହୋଇଛନ୍ତି। କଳା ବିଭାଗରେ ରାଜନୀତି ବିଜ୍ଞାନ, ଇତିହାସ, ଇକୋନୋମିକ୍ସ, ଓଡ଼ିଆ, ଇଂରାଜୀ, ଏଜୁକେଶନ ଆଦି ରହିଛି। ସେହିପରି ପଦାର୍ଥ, ରସାୟନ, ଗଣିତ, ଉଦ୍ଭିଦ ଓ ପ୍ରାଣୀଜ ବିଜ୍ଞାନ ଆଦି ରହିଛି। ସେହିପରି ବାଣିଜ୍ୟ ବିଭାଗରେ ମ୍ୟାନେଜମେଣ୍ଟ ଓ ଆକାଉଣ୍ଟ୍ସ ଆଦି ବିଭାଗରେ ଅନର୍ସ ରହିଛି।


ମହାବିଦ୍ୟାଳୟର କର୍ମଚାରୀବୃନ୍ଦ

**ଅଧ୍ୟକ୍ଷ, ମନମୋହନ ସାହୁ,** +୩ ଉଚ୍ଚତର ଶିକ୍ଷା ମହାବିଦ୍ୟାଳୟ
ମୋ. ନଂ.- ୯୯୩୮୫୮୪୫୬, Email: bantaladegreecollege@gmail.com
Web Add.- www.bantaladegreecollege.org



# ନବରଙ୍ଗପୁରରେ କଂଗ୍ରେସର କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟ

**ନବରଙ୍ଗପୁର, କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ତଥ୍ୟ ସଂଗ୍ରହ**

ନବରଙ୍ଗପୁର,୧୪।୨(ବି.ପ୍ର.): ନବରଙ୍ଗପୁର ଓ କଳାହାଣ୍ଡି ଲୋକ ସଭା ଏବଂ ତତ୍ ସମ୍ବନ୍ଧୀୟ ୧୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଗୁରୁବାର କଂଗ୍ରେସ କ୍ରେନ୍ଦୀୟ ସ୍କ୍ରିନିଂ କମିଟି ସଦସ୍ୟ ତଥା ଗୁଜରାଟ ବିଧାୟକ ନୌସାଦ ସୋଲାଙ୍କି ନବରଙ୍ଗପୁରରୁ ତଥ୍ୟ ସଂଗ୍ରହ କରିଛନ୍ତି। ୫ଶହରୁ ଊର୍ଦ୍ଧ୍ୱ କଂଗ୍ରେସ ପଦାଧିକାରୀଙ୍କ ସହିତ ସେ ଆଲୋଚନା କରିଥିଲେ। ଅଖିଳ ଭାରତୀୟ କଂଗ୍ରେସ କମିଟିର ସମ୍ପାଦକ ଅନିଲ ଚୌଧୁରୀ, ପ୍ରଦେଶ କମିଟି ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପୂର୍ବତନ ବିଧାୟକ ସଦନ ନାୟକ ଓ ଦକ୍ଷିଣ ଓଡ଼ିଶା ଦାୟିତ୍ୱରେ ଥିବା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, କଳାହାଣ୍ଡି ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲ, ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପିସିସି ସାଧାରଣ ସମ୍ପାଦକ, ଅଖିଳ ଭାରତ କଂଗ୍ରେସ କମିଟିର ସଦସ୍ୟ, ପିସିସି ସଦସ୍ୟ ଓ ୨ଟି ଲୋକସଭା ନିର୍ବାଚନ ମଣ୍ଡଳୀର ଜିଲା ପଦାଧିକାରୀ ସେମାନଙ୍କ ମତାମତ ଦେଇଥିଲେ। ଏହି ଟିମ୍ ଶୁକ୍ରବାର କୋରାପୁଟ ଲୋକସଭା ମଣ୍ଡଳୀ ସହ ୭ ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଦଳୀୟ ନେତୃମଣ୍ଡଳଙ୍କ ସହ ଦେଖାକରି ସେମାନଙ୍କ ମତାମତ ସଂଗ୍ରହ କରିବେ। ଏହା ଜୟପୁର ଠାରେ ଜିଲା କଂଗ୍ରେସ କମିଟିର ସଭାପତି ମୀନାକ୍ଷୀ ବାହିନୀପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ସ୍କ୍ରିନିଂ କମିଟିର ସଦସ୍ୟ ସୋଲାଙ୍କି କହିଛନ୍ତି ଯେ, ସମସ୍ତ ଦରଖାସ୍ତ ଓ ମତାମତକୁ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ରାହୁଲ ଗାନ୍ଧୀଙ୍କ ନିକଟରେ ଉପସ୍ଥାପନ କରାଯିବ।

## ମୂର୍ତ୍ତି ଚୋରି ର୍ୟାକେଟର ଗୁମର ଖୋଲିବ ଏସ୍‌ଟିଏଫ୍

# ସୟଦ ଜିଲନୁରଙ୍କୁ ୫ ଦିନ ରିମାଣ୍ଡ ଆବେଦନ

- **ମୂର୍ତ୍ତିଟି ପୁରୀରୁ ଚୋରି ହୋଇଥିବା ସନ୍ଦେହ**
- **ଯାଞ୍ଚ ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି**

ଭୁବନେଶ୍ୱର,୧୪।୨(ବ୍ୟୁରୋ) ଅନ୍ତର୍ଜାତୀୟ ମୂର୍ତ୍ତି ଚୋରି ର୍ୟାକେଟର ଗୁମର ଖୋଲିବ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ବୁଧବାର ଖଣ୍ଡଗିରି ଯଦୁପୁରରୁ ଜବତ ଦୁଇ ଅଷ୍ଟଧାତୁ ମୂର୍ତ୍ତି କେଉଁଠୁ ଚୋରି କରାଯାଇଥିଲା ଓ ଏହି ଘଟଣା ପଛରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହାର ଖୋଳତାଡ଼ କରିବ ଏସ୍‌ଟିଏଫ୍ ଟିମ୍। ଏଥିପାଇଁ ଗିରଫ ସୟଦ ଜିଲନୁର୍ ଓରଫ କଟାଙ୍କୁ ୫ଦିନ ରିମାଣ୍ଡରେ ଆଣିବାକୁ ଗୁରୁବାର ସ୍ଥାନୀୟ କୋର୍ଟରେ ଆବେଦନ କରିଛି ଏସ୍‌ଟିଏଫ୍। ଅନ୍ୟପକ୍ଷରେ ଜବତ ମୂର୍ତ୍ତିଗୁଡ଼ିକ ୧୨୫୪ ମସିହାର ହୋଇଥିବା ଓ ଏହା ପୁରୀ ଅଞ୍ଚଳରୁ ଚୋରି ହୋଇଥିବା ଅନୁମାନ କରାଯାଉଛି। ମୂର୍ତ୍ତି ପଛରେ ରହିଥିବା ଖୋଦିତ ଶବ୍ଦରୁ ଏ ସମ୍ପର୍କରେ ସୂଚନା ମିଳୁଛି। ତେବେ ଠିକ୍ ତଥ୍ୟ ଜାଣିବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି ଲେଖାଯାଇଛି। ଯାଞ୍ଚ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ଏସ୍‌ଟିଏଫ୍ ଏସ୍‌ପି ପ୍ରଶାନ୍ତ କୁମାର ଭୋଇ ସୂଚନା ଦେଇଛନ୍ତି।



ତାଙ୍କ କହିବାନୁସାରେ, ଓଡିଶାରେ ଏହି ର୍ୟାକେଟ ପଛରେ ଅନେକ ବ୍ୟକ୍ତି ସମ୍ପୃକ୍ତ ଥିବା ଓ ଏମାନେ ସାଧାରଣତଃ ପୁରାତନ ମୂର୍ତ୍ତି, ହନୁମାନ ପାଇସା ଆଦି କାରବାର କରୁଥିବା ସନ୍ଦେହ କରାଯାଉଛି। ଏଥିପାଇଁ ଏଜେଣ୍ଟମାନେ ବିଭିନ୍ନ ଅଞ୍ଚଳରେ ଦଲାଲମାନଙ୍କୁ ନିୟୋଜିତ କରି ତାହାର ସନ୍ଧାନ କରିଥାନ୍ତି। ସୂଚନା ମିଳିବା ପରେ ଅତି ଚତୁରତାର ସହ ଗୋପନରେ ତାହାର ପରୀକ୍ଷାନିରୀକ୍ଷା କରାଯାଇଥାଏ। ସେଗୁଡିକୁ ଏଜେଣ୍ଟମାନେ କିଣିବା ପରେ ଭୋପାଳ, ହାଇଦ୍ରାବାଦ, ବିଶାଖାପାଟଣା ଓ ଆନ୍ଧ୍ର ଆଦି ରାଜ୍ୟରେ ଥିବା ମାଷ୍ଟରମାଇଣ୍ଡ୍‌କୁ ବିକ୍ରି କରିଥାନ୍ତି। ସେଠାରୁ ନେପାଳ କିମ୍ବା ଅନ୍ୟ ପଡୋଶୀ ରାଷ୍ଟ୍ର ଦେଇ ଅନ୍ତର୍ଜାତୀୟ ବଜାରକୁ କୋଟି କୋଟି ଟଙ୍କାରେ ଚାଲାଣ କରାଯାଉଥିବା ସୂଚନା ମିଳିଛି। ତେବେ ଗିରଫ ପରେ ଅଭିଯୁକ୍ତ ସୟଦଙ୍କଠାରୁ ମୂର୍ତ୍ତି ସମ୍ପର୍କରେ ଅଧିକ କିଛି ସୂଚନା ମିଳିପାରିନି। ସେ ଉକ୍ତ ମୂର୍ତ୍ତି ସମ୍ପର୍କରେ କିଛି ଜାଣି ନ ଥିବା ଓ ତାଙ୍କର ଜଣେ ସାଙ୍ଗ ଉକ୍ତ ଦୁଇ ମୂର୍ତ୍ତିକୁ ଦେଇଥିବା କହିଛନ୍ତି। କିନ୍ତୁ ଏହାକୁ ଏସ୍‌ଟିଏଫ୍ ସହଜରେ ଗ୍ରହଣ କରିପାରୁନି। ସୂଚନାଯୋଗ୍ୟ, ଏସ୍‌ଟିଏଫ୍ ଖଣ୍ଡଗିରି ଯଦୁପୁରରେ ଚଢାଉ କରି ସୟଦଙ୍କ ଘରୁ ୧୨ କେଜି ୬୦ ଗ୍ରାମ୍‌ର କୃଷ୍ଣ ଓ ୧୮କେଜି ୪୪୦ ଗ୍ରାମ୍‌ର ରାଧା ମୂର୍ତ୍ତି ଜବତ କରିଥିଲା। ଏହାର ଆନ୍ତର୍ଜାତିକ ବଜାର ମୂଲ୍ୟ ଆନୁମାନିକ ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ହେବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗରଜିଲା ମେଘ ବରଷେ ନାହିଁ,**
**ଭୁକିଲା କୁକୁର କାମୁଡ଼େ ନାହିଁ।**

ଯେଉଁମାନେ ତୁମ୍ଭି ତୋଫାନ ଭଳି କଥା କୁହନ୍ତି କଥାରେ କଥାରେ ଏସା କରିଦେବି-ତେସା କରିଦେବି ବୋଲି ବାହୁସ୍ଫୋଟ ମାରିହୁଅନ୍ତି ବାସ୍ତବରେ ସେମାନେ କିଛି କରିପାରି ନ ଥାନ୍ତି। ବାହାଦୁରି ଦେଖେଇବା କେବଳ ମାତ୍ର ସାର ହୋଇଥାଏ। ସେହିପରି ଟାଣକରି କଥା କହୁଥିବା ବ୍ୟକ୍ତି କେବେ କାହାରି ଅନିଷ୍ଟ କରନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଗଲା କଥା ଗଲାଣି,**
**କିଆଁ ଲାଗିଛି ହଣାହଣି।**

ଯାହା ଘଟିଗଲାଣି ତାକୁ ଆଳ କରି ପରସ୍ପର ମଧ୍ୟରେ ହଣାହଣି, ମରାମରି ହେବାରେ ଲାଭ କିଛି ମିଳି ନ ଥାଏ। କଥାରେ ଅଛି, ଗତସ୍ୟ ଶୋଚନା ନାସ୍ତି। ଘଟିଯାଇଥିବା ଘଟଣା ପାଇଁ ମନସ୍ତାପ କରିବା ତଥା ଅନ୍ୟକୁ ଦୋଷାରୋପ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପଶ୍ଚିମ ଓଡ଼ିଶାର ବିକାଶ ବିନା ପୂର୍ବୋଦୟ ଅସମ୍ଭବ

- **ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ**
- **ସମ୍ବଲପୁରର ରହିଛି ସ୍ୱତନ୍ତ୍ର ପରିଚୟ**
- **ରେଳ ବିଭାଗ ପକ୍ଷରୁ ମ୍ୟୁଜିୟମ ହେବ**
- **ବିକାଶ ପାଇଁ କେନ୍ଦ୍ର ବଦ୍ଧପରିକର**

ସମ୍ବଲପୁର,୧୪।୨(ବ୍ୟୁରୋ) ସମ୍ବଲପୁର ଏକ ସୁନ୍ଦର ସହର। ଏହାର କଳା, ସଂସ୍କୃତି, ନୃତ୍ୟ, ଗୀତର ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ରହିଛି। ପଶ୍ଚିମ ଓଡ଼ିଶା ସହ ସମ୍ବଲପୁର ଜିଲାର ବିକାଶ ପାଇଁ କେନ୍ଦ୍ର ସରକାର ବଦ୍ଧପରିକର। ରାସ୍ତାଘାଟ, ପାଣି ବିଜୁଳି ଭଳି ମୌଳିକ ସୁବିଧା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଉଛନ୍ତି। ପଶ୍ଚିମ ଓଡିଶା ବିକାଶ ବିନା ପୂର୍ବୋଦୟ ଅସମ୍ଭବ। ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ଜୟଦୀପ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ଏହି ଅବସରରେ ପ୍ରଧାନ ସମ୍ବଲପୁର ରେଳଷ୍ଟେଶନ ସମ୍ମୁଖଭାଗ ଓ ସଞ୍ଚାର କ୍ଷେତ୍ର, ବୈଦ୍ୟୁତିକ ଚଳମାନ ସିଡ଼ି ସହିତ ର୍ୟାମ୍ପ, ଫୁଡ୍ ପ୍ଲାଜା, ଯନ୍ତ୍ରୀକୃତ ବୁଟ୍ ଲଣ୍ଡ୍ରିକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସେ ଲୋକାର୍ପଣ କରିଛନ୍ତି। ସେହିପରି ଟିପିଲିମା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ସମ୍ମେଳନ ଭବନ, ବାଳିକା ସାଧାରଣ କକ୍ଷ, ଶୌଚାଳୟ ଓ ସାଇକେଲ ଷ୍ଟାଣ୍ଡ ଉଦ୍‌ଘାଟନ କରିଥିଲେ। କୁଷ୍ଟୁରା କଲେଜରେ ମହିଳା ଛାତ୍ରାବାସ, କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେସେଇବାହାଲ କଲେଜରେ ଛାତ୍ରାବାସ, କୁଚିଣ୍ଡାରେ ବିଦ୍ୟାଳୟ ଭବନ, ଧନୁପାଲିରେ ଉଚ୍ଚ ମାଧ୍ୟମିକ ଖଣ୍ଡର ନୂତନ ବ୍ଲକ ନିର୍ମାଣ ପାଇଁ ସେ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାଟଣାଗଡ଼ ବିଧାୟକ ତଥା ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, କୁଚିଣ୍ଡା ବିଧାୟକ ରବି ନାଏକ, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ଉପସ୍ଥିତ ଥିଲେ। ବିଧାୟିକା ପାଣିଗ୍ରାହୀ ରେଳ ଚଳାଚଳ ଓ ସମ୍ବଲପୁରକୁ କେତେକ ଟ୍ରେନର ସମ୍ପ୍ରସାରଣ କରିବାକୁ ଦାବି କରିଥିଲେ। ଦାବିଗୁଡ଼ିକ ଯଥାର୍ଥ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ସେହିପରି ସମ୍ବଲପୁରରେ ଏକ ମ୍ୟୁଜିୟମ ନିର୍ମାଣ ପାଇଁ ବିଧାୟିକା ଦାବି କରିଥିଲେ। ଏଥିପାଇଁ ରାଜ୍ୟ ସରକାର ୫ ଏକର ଜମି ଦେଲେ କେନ୍ଦ୍ର ୫ କୋଟି ଟଙ୍କା ଅନୁଦାନ ଯୋଗାଇ ଦେବ ବୋଲି ପ୍ରଧାନ କହିଥିଲେ।

## ନିଆଁଲାଗି ଆଖୁ ଫସଲ ନଷ୍ଟ

ନବରଙ୍ଗପୁର,୧୪।୨(ବି.ପ୍ର.): ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ପଣ୍ଡୁଗୁଡା ପଞ୍ଚାୟତ ଅଧିନ ବାଦେପୁର ଗାଁ ନିକଟରେ ଥିବା ଆଖୁ କିଆରିରେ ଗୁରୁବାର ନିଆଁଲାଗି ବ୍ୟାପକ ଫସଲ ଜଳିଯାଇଛି। ଖବର ପାଇ କୋଷାଗୁମୁଡା ବ୍ଲକ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଆଖୁ ଅମଳ ସମୟରେ ପତ୍ର ଗୁଡିକ ଶୁଖା ପଡିଥିବା ଓ ଖୋଲା ଅଞ୍ଚଳ ହୋଇଥିବାରୁ ତୀବ୍ର ଗତିରେ ଏକରରୁ ଏକରକୁ ନିଆଁ ବ୍ୟାପି ଯାଇଥିଲା। ତେବେ କିପରି ଆଖୁ ଫସଲରେ ନିଆଁ ଲାଗିଲା ତାହା ଜଣାପଡି ନାହିଁ।


**THE ODISHA MINING CORPORATION LIMITED** OMC ODISHA NEW OPPORTUNITIES
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
No. CAD-1410

**E-Procurement Notice**

**NIT No-05/E-PROC/OMC/F&E/2019 Dtd. 12.02.2019**

| | | |
|---|---|---|
| 1. | Name of the work | Operation and maintenance of PM2.5 and PM10 online analyzers installed near Bhadrasahi Chakk in Keonjhar District of Odisha along with data transmission facility to SPCB/CPCB server for a period of five years. |
| 2. | Availability of bid document in Govt. portal | 13.02.2019 to 05.03.2019 up to 5.00 PM |
| 3. | Last date of on-line submission of tender in portal | 05.03.2019 up to 5.00 PM. |
| 4. | Submission of EMD | Rs.10,000.00 (Rupees Ten thousand) only through online as available in www.tendersodisha.gov.in. |
| 5. | Date of opening of Technocommercial Bid | 06.03.2019 at 11.00 AM. |

All other details can be seen from the tender document available at Govt. website www.tendersodisha.gov.in & in OMC website www.omcltd.in.
OMC reserves the right to reject any or all tenders without assigning any reason therefor.
30005/11/0180/1819 **Head (F&E)**

**OFFICE OF THE DIVISIONAL FOREST OFFICER, BALLIGUDA FOREST DIVISION, BALLIGUDA, KANDHAMAL-762103**
**Tel:- 06846-243249, Fax:-06846-243066,**
**e-mail:- dfo_balliguda@yahoo.co.in**

**NOTICE INVITING TENDER**

No. 161-MM: Sealed Tenders are invited from the reputed registered suppliers/Authorized Disstributers/ Dealers or registered Firm for supply of different items for Balliguda Divisions detailed below during 2018-19 financial year. The quotation complete in all respect (including photo copy of PAN Card/CST Clearance/IT Clearance/ Photo copy of Authorized Dealership/ Firm License / GST Clearance etc.) for the specified or similar Model of the items as mentioned below should reach before the Divisional Forest Officer, Balliguda. in person / Regd. Post by 25.02.2019, and shall be opened on 26.02.2019 at 11:00 AM in presence of the Bidders or their authorized representative. All suppliers whosoever are sending their quotations kindly ensure that all items should reach Balliguda Division Office latest by 25.02.2019 without fail.

**Material to be supplied:-**

| Sl.No. | Particular | Specification (Same or Similar) |
|---|---|---|
| 1 | Drone Camera | (i) DJI Phantom 4 Pro<br>(ii) DJI Phantom 4 Pro version 2.0.<br>(iii) DJI Mavic Air Quadcopter Drone Standalone Kit with Controller & 32 Megapixel Cameras. Or similar<br>(iv) DJI Tello Drone with 5MP HD Camera 720P Wi-Fi FPV 8D Flips Bounce Mode Quadcopter Stem Coding Newest Professional Camera Drone. Or similar |
| 2 | Metal Detector | 3- 4 meter range or similar<br>Damp/waterproof<br>good power supply<br>LCD display or similar<br>Different Modes of operation Or similar |

**Sd./- Divisional Forest Officer, Balliguda Division**
08047/11/0006/1819

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES) ମଳକଣ୍ଟକ (FISSURE) ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**DIRECTORATE OF SECONDARY EDUCATION, ODISHA, BHUBANESWAR**

**Notice No.4A-02-2019-6911** **Date.13.02.2019**

**Special Recruitment Drive for the Post of Contractual Trained Graduate Teachers in Govt. Secondary Schools of Odisha 2019** No.-84-N

A. Directorate of Secondary Education, Odiaha , Bhubaneswar invites online applications from intending SC /ST Candidates for Special Recruitment Against Unfilled 912 Vacancies of Contractual Trained Graduate Teachers (TGT PCM, TGT CBZ & TGT Arts) in Govt. Secondary Schools of Odisha. Application by any other mode shall not be accepted. The Selection for the Recruitment will be made through Online ( Computer Based) Competitive Examination in selected Test Centres Covering all revenue Divisions of Odisha. Schedule for important activities is as follows:

| Activity | Date line |
|---|---|
| Commencement of Online Registration on DSE **website https://dseodisha.in** | 20.02.2019 (11.00 AM. onwards) |
| Last Date for Online Registration | 13.03.2019 (up to 6.00 PM.) |
| Tentative Date of Online Examination | 25.03.2019 to 31.03.2019 |

B. **Vacancy Position:** Post wise and Social Category wise breakup of the Vacancy Position is given below:

| Sl. No. | Post | SC Category | ST Category | Total No. of Vacancy |
|---|---|---|---|---|
| 1 | TGT PCM | 48 | 325 | 373 |
| 2 | TGT CBZ | 55 | 227 | 282 |
| 3 | TGT ARTS | 41 | 216 | 257 |
| **Grand total** | | **144** | **768** | **912** |

C. Detailed Advertisement shall be available in the website **https://dseodisha.in** from 13.02.2019.
**Sd./- (B.P Sarangi)**
**Director, Secondary Education, Odisha.**
11024/11/0011/1819

**ODISHA LIFT IRRIGATION CORPORATION LTD.**
(A Govt. of Odisha undertaking)
**OFFICE OF THE EXECUTIVE ENGINEER, LIFT IRRIGATION DIVISION, BHADRAK**
**e - Procurement Notice** No. CAD-1413

1. Bid Identification No: 02 /18-19 / 341 DT.12.02.2019
The Executive Engineer, Lift Irrigation Division, Bhadrak on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites percentage Rate bids in online mode for Installation of Pump Set and energisation of Cluster Shallow Tube Well L.I projects in Turn-key basis from reputed Contractors/Firms having H.T. license issued by E.L.B.O, Odisha, with Regd. No.(8 digit) of CDMS portal and experience in similar nature of work for Erection of 11 KV line, L.T.line with AB Cable & Commissioning of S/S for power supply to Lift Irrigation projects with installation of motor, starter and its energisation including supply of all materials. The proof of registration and experience from the appropriate authority shall be enclosed along with the Bid. All the documents to be submitted like PAN, GST registration, CDMS registration, online challan etc . should be self attested .Upon approval of the rates Contractor will be liable for completing the work within the stipulated time failing which action as dim fit will be initiated upon him.This affidavit will be a part of the F-2 agreement to be executed by approved contractor with the Odisha Lift Irrigation Corporation Limited. The default agencies or agencies making in ordinate delay in completing the works in time will not be allowed to participate in the tender.
2. The authority reserves the right to increase or decrease the quantity of work, accept or reject any or all the Tenders without assigning any reason thereof.
3. Upon enforcement of GST ,all rates should be quoted accordingly, and the GST will be collected from the bills as per Govt. decision in force.
1. Name of the District : Bhadrak
2. Name of the Block : Bhandaripokhari, Basudevpur, Tihidi & Bonth.
3. No.of Cluster for Shallow Tube Well L.I. Projects : 20 Nos., Cluster for 109 Nos. Shallow Tube Well
4. Cost of Tender varies from Rs. 206757/- to Rs. 1936114/-
5. E.M.D. to be deposited (1% of Tender value) in shape of F.D. or T.D.R. duly pledged in favour Executive Engineer, Lift Irrigation Division, Bhadrak
6. Cost of Tender paper to be deposited : – Rs. 2000/- to Rs. 6000/- in online mode in the account No. 385901110050000 of Union Bank of India, Bhadrak copy of online receipt should be enclosed with bid document . The GST @ 5% on Tender paper will be paid by the buyer directly on reverse charge basis bearing GSTIN21AAACO5986G1ZF. The copy of the deposit Challan made by them should be enclosed along with the bid document.
7. Date & Time of publication :- 19.02.2019 at 11.00 A.M.
8. Closing Date & Time :- 23.02.2019 at 5.00 P.M.
9. Date of dropping :- 25.02.2019 up to 2.30 P.M.
10. Opening Date & Time :- 26.02.2019 at 11.30 A.M.
11. Receiving of hard copies of license, GST Registration, PAN, EMD, CDMS Regd., online receipt of tender cost and GST challan etc. in sealed envelope on dt. 25.02.2019 up to 2.30 P.M. to be dropped in sealed tender box at office of the Executive Engineer ,L.I. Division, Bhadrak.
12. Class of contractor :- Electrical Contractor having valid H.T License.
13. Completion period : - 60 days.

The details are available in the Government Tender Website i.e. www.tenderorissa.gov.in and other related documents are available in the DTCN for bidding.
32239/11/0005/1819 **Sd./- Er. Yosobanta Pradhan, Executive Engineer, L.I.Division, Bhadrak**

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**SMS JOBS DHAMAKA**
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

**ମୁଦ୍ରିକା ଫାଇନାନ୍ସ ଲୋନ**
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

**LOAN**
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

**!!ଋଣ ଋଣ ଋଣ!!**
**ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**TARIFF — MORE SPACE • SAME PRICE**

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ**
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ : ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

**ଲୋନ୍ LOAN**
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ଗୋରୁ ଗାଡ଼ି ଧକ୍କା ଘଟଣା: ଚାଳକ ଗିରଫ

କଟକ ଅଫିସ, ୧୪।୧- ବେଆଇନ ଭାବେ ଗୋରୁ ନେଇ ଯାଉଥିବା ଏକ ପିକଅପ୍ ଭ୍ୟାନ ଧକ୍କାରେ ଗତ ଜାନୁଆରୀ ୧୮ ତାରିଖରେ ଜଣେ ଯୁବକ ଗୁରୁତର ହୋଇଥିଲେ। ପୁରୀଘାଟ ପୋଲିସ ସେହିଦିନ ଗାଡିକୁ ଜବତ କରି ଥାନାକୁ ଆଣିଥିବାବେଳେ ଚାଳକ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ତଦନ୍ତ କରି ପୋଲିସ ଅଭିଯୁକ୍ତ ଚାଳକ ଚାଉଳିଆଗଞ୍ଜ ଅଞ୍ଚଳର ରାଜକିଶୋର ସାସମଲଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି।

## ଏସ୍‌ସିବି ସର୍ଜରି ଓଟିରେ ନିଆଁ

କଟକ ଅଫିସ, ୧୪।୨- ଗୁରୁବାର ଏସ୍‌ସିବି ମେଡିକାଲର ସର୍ଜରୀ ବିଭାଗ ଓଟିରେ ଶଟ୍ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ଓଟିରେ ଲାଗିଥିବା ଏକ ଫ୍ୟାନ୍‌ରୁ ଧୂଆଁ ବାହାରୁଥିବା ଦେଖି ରୋଗୀ ଓ ସମ୍ପର୍କୀୟମାନେ ହୋହଲ୍ଲା କରିଥିଲେ। ପରେ ଅଗ୍ନିଶମ ଓ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତୁରନ୍ତ ଉକ୍ତ ଫ୍ୟାନକୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯିବା ସହିତ ଓଟିକୁ ବନ୍ଦ କରାଯାଇଥିଲା। ବାରମ୍ବାର ଏସ୍‌ସିବିରେ ଶଟ୍ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଭଳି ଅଘଟଣ ଘଟୁଥିଲେ ମଧ ମେଡିକାଲ ପ୍ରଶାସନ କିମ୍ବା ବିଦ୍ୟୁତ୍ ବିଭାଗ ଏଥିପ୍ରତି ସଚେତନ ରହୁନାହାନ୍ତି। ଏ ସମ୍ପର୍କରେ ଏସ୍‌ସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କୁହନ୍ତି, ଆଜି ସେଭଳି କୌଣସି ବଡ଼ଧରଣର ଘଟଣା ଘଟିନାହିଁ। କେବଳ ଫ୍ୟାନରୁ ଧୂଆଁ ବାହାରୁଥିଲା। ଏହାକୁ ଆୟତ୍ତ କରାଯାଇଛି। ତେବେ ଭବିଷ୍ୟତରେ ଏଭଳି ଘଟଣାକୁ ରୋକିବା ପାଇଁ ପଦକ୍ଷେପ ନିଆଯାଉଛି।

## ଏନ୍‌ବିଡବ୍ଲ୍ୟୁ ବଳରେ ୨ ଗିରଫ

କଟକ ଅଫିସ, ୧୪।୨- ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ବଳରେ ପୁରୀଘାଟ ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ମଠସାହି ଅଞ୍ଚଳର ଦୀପକ ରାଜ ଓ ଅନାମ ନାୟକ। ପୋଲିସ ସୂଚନା ଅନୁଯାୟୀ, ଦୀପକଙ୍କ ନାଁରେ ୨୦୧୮ ମସିହାରେ ଏକ ଚୋରି ମାମଲା ରହିଥିବା ବେଳେ ଅନାମଙ୍କ ନାଁରେ ୨୦୧୮ ଏବଂ ୨୦୧୪ରେ ୨ଟି ଚୋରି ମାମଲା ରହିଛି। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ଥିବାବେଳେ ସେମାନେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ସେମାନଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିବା ସହ ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

# ମୁକ୍ତ ବିଶ୍ୱବିଦ୍ୟାଳୟ ଏବେ ଥଇଥାନ କେନ୍ଦ୍ର

- କୁଳସଚିବଙ୍କ କାର୍ଯ୍ୟକାଳ ଶେଷ
- ଅର୍ଥ, ପରୀକ୍ଷା ନିୟନ୍ତ୍ରକ ପଦବୀ ଖାଲି
- ଅବସର କର୍ମଚାରୀଙ୍କୁ ପୁନଃ ନିଯୁକ୍ତି

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପ୍ରତି ଉଚ୍ଚଶିକ୍ଷା ବିଭାଗର ଚରମ ଅବହେଳା ପ୍ରଦର୍ଶନ ଜାରି ରହିଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟ କେବଳ କୁଳପତିଙ୍କୁ ନେଇ କାର୍ଯ୍ୟକ୍ଷମ ହେଉଛି। ପ୍ରାରମ୍ଭିକ ଭାବେ ନିଯୁକ୍ତ ହୋଇଥିବା କୁଳସଚିବଙ୍କ କାର୍ଯ୍ୟକାଳ ୨୦୧୮ ଡିସେମ୍ବରରୁ ସରିଯାଇଛି। ହେଲେ ଉଚ୍ଚଶିକ୍ଷା ବିଭାଗ ସେଠାରେ ନୂଆ କୁଳସଚିବ ନିଯୁକ୍ତ କରିନାହିଁ। ଅନୁରୂପ ଭାବେ ପୁରାତନ କୁଳସଚିବଙ୍କ କାର୍ଯ୍ୟକାଳକୁ ମଧ ବଢ଼ାଇ ନାହାନ୍ତି, ଯାହାଦ୍ୱାରା ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଯଥା ଅର୍ଥ ନିୟନ୍ତ୍ରକ ଓ ପରୀକ୍ଷା ନିୟନ୍ତ୍ରକ ପଦବୀ ବିଗତ ସାଢ଼େ ୩ ବର୍ଷରୁ ଅଧିକ ସମୟ ଧରି ଖାଲିପଡ଼ିଛି। କୁଳସଚିବ ଏହି ଦୁଇ ଅତିରିକ୍ତ ଦାୟିତ୍ୱରେ ରହି ବିଗତ ଦିନରୁ କାମ ଚଳାଇ ଆସୁଥିବା ଜଣାପଡ଼ିଛି। ତେଣୁ କୁଳସଚିବଙ୍କ କାର୍ଯ୍ୟକାଳ ସରିବା ପରେ ବି ଅର୍ଥ ନିୟନ୍ତ୍ରକ ଏବଂ ପରୀକ୍ଷା ନିୟନ୍ତ୍ରକ ପଦବୀ ଖାଲିପଡ଼ିଛି। ସେହିପରି ମୁକ୍ତ ବିଶ୍ୱବିଦ୍ୟାଳୟ ସଂଖ୍ୟାଧିକ ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ପୂର୍ବରୁ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମୟରେ ଉଚ୍ଚଶିକ୍ଷା ବିଭାଗରେ ଅତିରିକ୍ତ ସଚିବ ଥିବା ଜଗନ୍ନାଥ ପ୍ରଧାନ ଅବସର ନେଇ ପରାମର୍ଶଦାତାଭାବେ ମୁକ୍ତ ବିଶ୍ୱବିଦ୍ୟାଳୟରେ ଯୋଗଦେଇଛନ୍ତି। ବିଗତ ଦୁଇ ବର୍ଷ ହେଲାଣି ସେ ମୁକ୍ତ ବିଶ୍ୱବିଦ୍ୟାଳୟରୁ ମାସକୁ ୩୫,୦୦୦ ଟଙ୍କା ପାରିଶ୍ରମିକ ନେଉଛନ୍ତି। ଏଥିସହିତ ପଦବୀର ଦ୍ୱାହିଦେଇ ରାଜଧାନୀ ଭୁବନେଶ୍ୱରରେ ସରକାରୀ କ୍ୱାର୍ଟର୍ସ ହାତେଇଥିବା ଅଭିଯୋଗ ହୋଇଛି। ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମୟରେ କିଛିଟା ସହଯୋଗ କରିଥିବାରୁ ଜଗନ୍ନାଥ ପ୍ରଧାନ ଅବସର ପରେ ଏହି ନିଯୁକ୍ତି ପାଇଛନ୍ତି। ହେଲେ ସେ କ'ଣ କାମ କରୁଛନ୍ତି, କେଉଁଦିନ ଅଫିସ ଆସୁଛନ୍ତି ସେ ସମ୍ପର୍କରେ କୌଣସି ରେକର୍ଡ କି ଅଫିସ ଅର୍ଡର ନ ଥିବା ଭିତିରି ସୂତ୍ରରୁ ଜଣାପଡ଼ିଛି।

ଜଗନ୍ନାଥ ଓଡ଼ିଶା ଅର୍ଥସେବାର ଜଣେ ପୂର୍ବତନ କର୍ମଚାରୀ ଥିଲେ। ତେଣୁ ତାଙ୍କ ନିଯୁକ୍ତି ଓ କାର୍ଯ୍ୟକଳାପ ନେଇ ଉଚ୍ଚଶିକ୍ଷା ବିଭାଗ ତୁରନ୍ତ ତଦନ୍ତ କରିବା ପାଇଁ ଦାବି ଉଠିଛି। ସେହିପରି ଆଉ ଜଣେ କର୍ମଚାରୀ ହେଉଛନ୍ତି ପୃଥ୍ୱୀରାଜ ମିଶ୍ର। ପୃଥ୍ୱୀରାଜ ପୂର୍ବରୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରେ କାମ କରୁଥିଲେ। ସେହି ବ୍ୟାଙ୍କରେ ବିଶ୍ୱବିଦ୍ୟାଳୟର ଜମାଖାତା ରହିଛି। ତେଣୁ ପୁରୁଣା ପରିଚୟକୁ ଆଧାରକରି ପୃଥ୍ୱୀରାଜ ମୁକ୍ତ ବିଶ୍ୱବିଦ୍ୟାଳୟରେ ବିଗତ ୨ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିବା ସହ ମାସକୁ ପରାମର୍ଶଦାତା ଭାବେ ୩୫,୦୦୦ରୁ ଅଧିକ ଟଙ୍କା ଦରମା ନେଉଛନ୍ତି। ତେଣୁ ବ୍ୟାଙ୍କ ଚାକିରିରେ ଅଧିକାଂଶ ସମୟ କାଟିଥିବା ପୃଥ୍ୱୀରାଜ ଏବେ ଅଧାପନା କାର୍ଯ୍ୟରେ ମୁକ୍ତ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପାଇବା ବେଶ୍ ଆଶ୍ଚର୍ଯ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି। ଆଗରୁ ସେ ନନ୍ ଟିଚିଂ କର୍ମଚାରୀ ଭାବେ କାମ କରୁଥିଲେ।

ଅନ୍ୟପକ୍ଷରେ କ'ଣ ପାଇଁ ଉଚ୍ଚଶିକ୍ଷା ବିଭାଗ ସ୍ଥାୟୀ କର୍ମଚାରୀ ନିଯୁକ୍ତି ନିମନ୍ତେ ଅନୁମତି ପ୍ରଦାନ କରୁନାହିଁ ଓ ଜଗନ୍ନାଥ ପ୍ରଧାନଙ୍କ ପରି ଅବସରପ୍ରାପ୍ତ କର୍ମଚାରୀଙ୍କ ରୋଜଗାର ନିମନ୍ତେ ବାଟ ଖୋଲିଛି, ତାହା ବେଶ୍ ସନ୍ଦେହ ସୃଷ୍ଟି କରିଛି। ବିଶ୍ୱବିଦ୍ୟାଳୟ କୁଳପତି ଏ ନେଇ ବାରମ୍ବାର ଚିଠି ଲେଖିଛନ୍ତି ଓ ରାଜ୍ୟପାଳଙ୍କୁ ଭେଟି ମଧ ଆଲୋଚନା କରିଛନ୍ତି। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ସେ ଦିଗକୁ ଆଦୌ ଦୃଷ୍ଟି ଦେଉନାହିଁ ବରଂ ବିଶ୍ୱବିଦ୍ୟାଳୟକୁ ଅଧାମଲା ଅବସ୍ଥାରେ ରଖି ବିଭାଗ ଅଚିନ୍ତା ନିଦ୍ରାରେ ଶୋଇଛି। ଏହିସବୁ ଅଭିଯୋଗ ଉପରେ ପ୍ରଥମେ ଫୋନ୍ ଯୋଗେ ଜଗନ୍ନାଥ ଓ ପୃଥ୍ୱୀରାଜଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ହେଲେ କେବଳ ଜଗନ୍ନାଥଙ୍କ ସହ ଯୋଗାଯୋଗ ହୋଇପାରିଥିଲା। ସେ ଏହିସବୁ ଅଭିଯୋଗ ଉପରେ ରେଜିଷ୍ଟ୍ରାରଙ୍କ ମତାମତ ନେବାକୁ କହିଥିଲେ। ଏହା ପରେ ରେଜିଷ୍ଟ୍ରାର ଜୟନ୍ତ କରଶର୍ମାଙ୍କ ମତାମତ ଲୋଡାଯାଇଥିଲା। ସେ ଜଗନ୍ନାଥ ପ୍ରଧାନ ଏବଂ ପୃଥ୍ୱୀରାଜ ମିଶ୍ରଙ୍କୁ ପରାମର୍ଶଦାତାଭାବେ ନିଯୁକ୍ତ କରାଯାଇଥିବା ସ୍ୱୀକାର କରିଛନ୍ତି। ଏଥିସହିତ ଉଭୟଙ୍କୁ ୩୫,୦୦୦ ଟଙ୍କା ମାସିକ ପାରିଶ୍ରମିକ ଦିଆଯାଉଥିବା କଥାକୁମଧ ସ୍ୱୀକାର କରିଛନ୍ତି। ଜଗନ୍ନାଥ ବିଶ୍ୱବିଦ୍ୟାଳୟ ପଦବୀକୁ ଆୟୁଧ କରି କ୍ୱାର୍ଟର୍ସ ରଖିଥିବା ପ୍ରସଙ୍ଗରେ ରେଜିଷ୍ଟ୍ରାର କରଶର୍ମା ଅବଗତ ନ ଥିବା କହିଛନ୍ତି।

## ସୀମାନ୍ତରେ ମାଓବାଦୀଙ୍କ ଲଙ୍କାକାଣ୍ଡ

# ଜାଳିଲେ ଯାତ୍ରୀବାହୀ ବସ୍, କାର୍ ସହ ହାଇଓ୍ୱା

- ମାଓବାଦୀ-ପୋଲିସଙ୍କ ମଧରେ ଗୁଳି ବିନିମୟ
- ଅଟକି ରହିଛି ଶତାଧିକ ଗାଡିମୋଟର
- ଜୋରଦାର କରାଯାଇଛି କୋମ୍ବିଂ ଅପରେଶନ

ମାଲକାନଗିରି,୧୪।୨(ଡି.ଏନ.ଏ.)–

ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ପଡିଆଠାରୁ ୭ କିମି ଦୂର ଜଗଦଲପୁର–ହାଇଦ୍ରାବାଦ ଜାତୀୟ ରାଜପଥରେ ଗୁରୁବାର ସନ୍ଧ୍ୟାରେ ଲାଲବାହିନୀ ଲଙ୍କାକାଣ୍ଡ ସୃଷ୍ଟି କରିଛି। ମାଓବାଦୀମାନେ ଯାତ୍ରୀବାହୀ ବସ୍, କାର ସହ ଏକ ହାଇଓ୍ୱା ମେଶିନ ପୋଡିଛନ୍ତି। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଖବରରୁ ଜଣାପଡିଛି, ଜଗଦଲପୁରଠାରୁ ହାଇଦ୍ରାବାଦ ଯାଉଥିବା ଏକ ସରକାରୀ ବସ୍‌କୁ ମାଓବାଦୀମାନେ ଇରାମ ନିକଟରେ ଅଟକାଇ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦେଇ ବସ୍‌ରେ ନିଆଁ ଲଗାଇ ଜାଳି ଦେଇଥିଲେ। ସେଠାରେ ଥିବା ଅନ୍ୟ ଏକ କାର୍‌କୁ ମଧ ଜାଳିଥିଲେ। ସେହିପରି ନିକଟରେ ଠିକା କାର୍ଯ୍ୟରେ ନିୟୋଜିତ ଏକ ହାଇଓ୍ୱା ମେଶିନକୁ ମଧ ମାଓବାଦୀମାନେ ପୋଡି ଦେଇଛନ୍ତି। ପ୍ରାୟ ୨୦ରୁ ୩୦ ଜଣ ମାଓବାଦୀ ଜାତୀୟ ରାଜପଥ ଅବରୋଧ କରି ଏପରି ଘଟାଇଛନ୍ତି। ଖବର ପାଇ ଏସ୍‌ଟିଏଫ୍ ପକ୍ଷରୁ ଘଟଣା ସ୍ଥଳକୁ ଯାଉଥିବା ବେଳେ ମାଓବାଦୀ ଓ ପୋଲିସଙ୍କ ମଧରେ ଗୁଳି ବିନିମୟ ହୋଇଥିଲା। ତେବେ ଏଥିରେ କେହି ମୃତାହତ ହୋଇ ନାହାନ୍ତି। ସିଆରପିଏଫ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା ସୁକୁମା ଏସ୍.ପି. ଅଭିଶେକ ମୀନା କହିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅପରେଶନ ସମାଧାନ ନାମରେ ମାଓବାଦୀଙ୍କୁ ଦମନ କରିବାକୁ ମିଥ୍ୟା ଏନ୍‌କାଉଣ୍ଟର କରିବା, ନିରୀହ ଲୋକଙ୍କୁ ଗିରଫ କରିବା, ବିକାଶ ନାମରେ ରାସ୍ତା ନିର୍ମାଣକୁ ଆଳ କରି ଲାଲବାହିନୀକୁ ହତ୍ୟା ଯୋଜନା କରାଯାଉଥିବା ମାଓବାଦୀଙ୍କ ପକ୍ଷରୁ କୁହାଯାଇଛି। ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣକୁ ବିରୋଧ କରି କୋଣ୍ଟା ମାଓବାଦୀ ଆଞ୍ଚଳିକ କମିଟି ପକ୍ଷରୁ ସେଠାରେ ମରାଯାଇଥିବା ଏକ ପୋଷ୍ଟରରେ ଏହା ଉଲ୍ଲେଖ ରହିଛି। ଖବର ଲେଖା ହେବା ବେଳକୁ ରାତି ସାଢେ ୯ଟା ସୁଦ୍ଧା ଜାତୀୟ ରାଜପଥର ଦୋର୍ନାପାଲ ଓ କୋଣ୍ଟାରେ ଶହ ଶହ ଗାଡି ମୋଟର ଅଟକି ରହିଛି। ଏହି ଗାଡିଗୁଡିକ ମାଲକାନଗିରିରୁ ହାଇଦ୍ରାବାଦ ଓ ବିଜୟଓ୍ୱାଡା ଯାଉଥିବା ଜଣାପଡିଛି।

# 'କ୍ରୀଡ଼ା ବିକାଶ ପାଇଁ ଓଡ଼ିଶା ସର୍ବୋତ୍ତମ ରାଜ୍ୟ'

## ସ୍ପୋର୍ଟସ ଷ୍ଟାର ପତ୍ରିକା ପକ୍ଷରୁ ମିଳିଲା ସମ୍ମାନ

ଭୁବନେଶ୍ୱର,୧୪।୨(ବ୍ୟୁରୋ):

କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶା ସର୍ବୋତ୍ତମ ରାଜ୍ୟ। ଏହି ପରିପ୍ରେକ୍ଷୀରେ ଜାତୀୟସ୍ତରୀୟ କ୍ରୀଡ଼ା ପତ୍ରିକା 'ସ୍ପୋର୍ଟସ ଷ୍ଟାର' ସମ୍ମାନ ଓଡ଼ିଶାକୁ ମିଳିଛି। ମାୟାନଗରୀ ବମ୍ବେରେ ଗୁରୁବାର ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଓଡ଼ିଶା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ୨୦୧୮ ଶେଷଭାଗରେ ପୁରୁଷ ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ ଏହି ପୁରସ୍କାର ମିଳିଛି। ଚେସ୍ ଦୁନିଆର ପରିଚିତ ନାମ ବିଶ୍ୱନାଥନ୍ ଆନନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ଗ୍ରହଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଛନ୍ତି ଯେ, ସାଧାରଣତଃ ମନ୍ତ୍ରୀମାନେ ପୁରସ୍କାର ପ୍ରଦାନ କରିଥାନ୍ତି। କିନ୍ତୁ ଆଜି ହେଉଛି ଏକ ବ୍ୟତିକ୍ରମ। ଆପଣମାନେ ଆଶ୍ଚର୍ଯ୍ୟ ହେଉଥିବେ ଯେ, ମୁଁ ଏଠାରେ କ୍ରୀଡ଼ା ପୁରସ୍କାର ଗ୍ରହଣ କରୁଛି। ରାଜନୀତି କ୍ରୀଡ଼ାଠାରୁ ଅଲଗା ନୁହେଁ। ଆମକୁ ଦୌଡ଼ିବା, ଡେଇଁବା, ଧରିବା ଫୋପାଡ଼ିବା ଆଦି ସବୁକିଛି କରିବାକୁ ପଡିଥାଏ। ବେଳେବେଳେ ଆପଣ ଜାଣିପାରିବେ ନାହିଁ ଯେ, ଆପଣ କେଉଁ ଦିଗରେ ଦୌଡୁଛନ୍ତି। ବେଳେବେଳେ ଆପଣ ଫୋପାଡିବେ ଏବଂ ଅନ୍ୟମାନେ ମଧ ଆପଣଙ୍କୁ ଫୋପାଡିବେ। ଉଭୟ ଖେଳ ଓ ରାଜନୀତିରେ ସଫଳ ହେବା ପାଇଁ ଝୁଙ୍କ୍ ଦରକାର। ଖେଳ ଜିତିବାର ଝୁଙ୍କ୍ ହିଁ ବିଜୟ ମୁକୁଟ ପିନ୍ଧାଇଥାଏ। ରାଜନୀତିରେ ମଧ ସମାନ କଥା, ଜିତିବାର ଝୁଙ୍କ୍ ହିଁ ବିଜୟୀ କରାଇବ। ହେଲେ ସେବା ପାଇଁ ନିଜସ୍ୱ ଝୁଙ୍କ୍ ଦ୍ୱାରା ଲୋକଙ୍କ ହୃଦୟ ଜିଣିହୁଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ୫ ବର୍ଷରେ ୫ ଲକ୍ଷ ପକ୍କାଘର ନିର୍ମାଣ କରାଯାଇଥିଲା। ମାତ୍ର ଏହି ୫ ବର୍ଷରେ ୨୦ ଲକ୍ଷ ପକ୍କାଘର ଏକ ଆହ୍ୱାନ ଥିଲା। ଏଥିପାଇଁ ଜିଲାଗୁଡ଼ିକ ମଧରେ ଗଠନଧର୍ମୀ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରାଗଲା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

କ୍ରୀଡ଼ାର ବିକାଶ ପାଇଁ 'ଦ ହିନ୍ଦୁ' ପକ୍ଷରୁ ଆରମ୍ଭ କରାଯାଇଥିବା କ୍ରୀଡ଼ା ପୁରସ୍କାର ପାଇଁ ଅଭିନନ୍ଦନ ଜଣାଉଛି। ଖେଳରେ କିଏ ଜିତୁ ବା ହାରୁ, ମାତ୍ର କ୍ରୀଡ଼ାର ବିକାଶ ହେଉ। ଓଡ଼ିଶାର ଜନସାଧାରଣ ହକି ପ୍ରତି ବିଶେଷ ଆଗ୍ରହ ଦେଖାଇ ଥାଆନ୍ତି। ସେଥିପାଇଁ ମହିଳା ଏବଂ ପୁରୁଷ ହକି ଦଳର ସରକାରୀ ପ୍ରାୟୋଜକର ଦାୟିତ୍ୱ ନିଆଯାଇଛି। ଯଦି ରାଜ୍ୟଗୁଡ଼ିକ ଏହିପରି ଭାବେ ଗୋଟିଏ ଦୁଇଟି ଖେଳ ପାଇଁ ଆଗ୍ରହ ପ୍ରକାଶ କରନ୍ତି, ତେବେ କ୍ରୀଡ଼ାର ବିକାଶ ହୋଇପାରିବ ବୋଲି ନବୀନ କହିଛନ୍ତି। ଏହି ପୁରସ୍କାରକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ପୁରସ୍କାର ଚୟନ କରିଥିବା ବିଚାରକ ମଣ୍ଡଳୀରେ ଲୋକପ୍ରିୟ କ୍ରିକେଟର ସୁନୀଲ ଗାଭାସ୍କର, ହିନ୍ଦୁ ଗ୍ରୁପର ଅଧ୍ୟକ୍ଷ ଏନ୍. ରାମ, ପୂର୍ବତନ ହକି କ୍ୟାପଟେନ୍ ଏମ୍.ଏମ୍ ସୋମେୟା, ଅଲିମ୍ପିଆନ୍ ଅଞ୍ଜଳି ଭଗତ ଏବଂ ଅଞ୍ଜୁ ବବି ଜର୍ଜ ପ୍ରମୁଖ ସଦସ୍ୟ ରହିଛନ୍ତି।

**DRAFT**

**In the Court of the Civil Judge (Senior Division) Dhenkanal**

**INTESTATE CASE NO. 4/2018**

Abhiram Jena ..... Petitioner

*Versus*

Anuja Prasad Jena and another..... O.Ps.

**Notice under Order-5 Rule-20 C.P.C. read with Section-372 of Indian Succession Act 1955**

Whereas the petitioner Abhiram Jena, Son of Late Madhabananda Jena being insane / disable represented by his elder brother Ambika Prasad Jena, Son of Late Madhabananda Jena of Village/PO-Balarampur, P.S.- Sadar, District-Dhenkanal has filed the above case for grant of succession certificate due to death of Madhabananda Jena and as such, it is noticed that if at all anybody else having any interest or objection for grant of such certificate he/she may appear and contest the case in support of their claim by appearing in person or through Pleader on this the 20th day of March 2019 at about 10.30AM, failing which the case will be heard and determined exparte.

Given under my hand and seal of this court this the 2nd day of February 2019.

*Sd./- Mrs A. Swain*
*Civil Judge (Senior Division)*
*Dhenkanal*

**ପୂର୍ବ ତଟ ରେଳପଥ**

**ତାଳଚେର ଶାଖାରେ ଏମ୍‌ସିଏଲ୍‌ର ଲିଙ୍ଗରାଜ ସାଇଲୋ (SILO)ସାଇଡ଼ିଂ କ୍ଷେତ୍ର ଠାରେ ଓଭର ହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ ସମ୍ବନ୍ଧୀୟ ସାର୍ବଜନିକ ଅଧିସୂଚନା** ପ୍ରୋଫର୍ମା 10.01

ପୂର୍ବ ତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ନିମ୍ନ ବର୍ଣ୍ଣିତ ଶାଖାର ସମ୍ପୂର୍ଣ୍ଣ ହୋଇଥିବା ଶାଖାରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ଶାଖା ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହାପରେ 25,000 ଭୋଲ୍ଟ, 50 Hz, A.C ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ କରାଯିବ। ସେହି ତାରିଖ ଦିନ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନରେ ସବୁ ସମୟପାଇଁ ବିଦ୍ୟୁତ୍ ପ୍ରବାହ ରହିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଏହି କଥିତ ଓଭରହେଡ୍ ଲାଇନ ନିକଟରେ ପ୍ରବେଶ କରିପାରିବେ ନାହିଁ କିମ୍ବା କାର୍ଯ୍ୟ କରିପାରିବେ ନାହିଁ।

**AC 25 KV ଟ୍ରାକ୍ସନ୍ ପ୍ରଚଳନ ନିମନ୍ତେ "ସଡ଼କ ବ୍ୟବହାରକାରୀଙ୍କୁ ସତର୍କ ସୂଚନା"** ପ୍ରୋଫର୍ମା 10.02

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ, ପୂର୍ବ ତଟ ରେଳପଥର ସୂଚିତ ଶାଖାରେ 25 KV A.C ଇଲେକ୍ଟ୍ରିକ୍ ଟ୍ରାକ୍ସନ ପ୍ରଚଳନ ହେତୁ ଅତି ଉଚ୍ଚାକରି ବୋଝେଇ ହୋଇ ଆସୁଥିବା ପଦାର୍ଥ ଏହି ଜୀବନ୍ତ ଟ୍ରାକ୍ସନ ତାର ସଂସ୍ପର୍ଶରେ ନ ଆସିବା କିମ୍ବା ଏହି ବିପଦପୂର୍ଣ୍ଣ ଅଞ୍ଚଳର ନିକଟବର୍ତ୍ତୀ ନ ହେବା ନିମନ୍ତେ ସମସ୍ତ ରେଳ ଫାଟକମାନଙ୍କରେ ସଡ଼କ ପତନ ଠାରୁ 4.67 ମି. ଉଚ୍ଚତାରେ ହାଇଟ୍ ଗେଜ୍ ମାନ ସ୍ଥାପନ କରାଯାଇଅଛି।

ତେଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଅଛିଯେ ସଡ଼କ ଗାଡ଼ିରେ ବୋଝେଇ କରିବା ସମୟରେ ଉପର ବର୍ଣ୍ଣିତ ଉଚ୍ଚତାକୁ ଧ୍ୟାନରେ ରଖି ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନକରେ, ସେଥିପ୍ରତି ଦୃଷ୍ଟି ଦେବେ।

**ଅତ୍ୟଧିକ ଉଚ୍ଚତା ବିଶିଷ୍ଟ ବୋଝେଇ ଦ୍ୱାରା ସୃଷ୍ଟି ହେବାକୁ ଥିବା ବିପଦ ନିମ୍ନମତେ ଅଟେ :**
(1) ହାଇଟ୍ ଗେଜ୍ ପ୍ରତି ବିପଦ ଫଳସ୍ୱରୂପ ସଡକ ଏବଂ ରେଳ ଲାଇନ୍ ର ଅବରୋଧ ।
(2) ପରିବହନ କରାଯାଉଥିବା ସାମଗ୍ରୀ ବା ଉପକରଣ କିମ୍ବା ଏହାକୁ ନେଉଥିବା ଗାଡ଼ି ପ୍ରତି ବିପଦ।
(3) ବିଦ୍ୟୁତ୍‌ପ୍ରବାହୀ ତାର ସନ୍ନିକଟ ବିପଜ୍ଜନକ ଅଞ୍ଚଳ କିମ୍ବା ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା ଅଗ୍ନି ବିପଦ ଏବଂ ଜୀବନ ପ୍ରତି ବିପଦ।

ସେକ୍ସନ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ତାଳଚେର ସ୍ଥିତ ଏମ୍‌ସିଏଲ୍‌ର ଲିଙ୍ଗରାଜ ସାଇଲୋ (SILO) ସାଇଡ଼ିଂ ଠାରୁ ଦେଉଳବେଡ଼ା ସାଇଡ଼ିଂ, ଦେଉଳବେଡ଼ା, ଲିଙ୍ଗରାଜ ସାଇଲୋ (SILO)ସାଇଡ଼ିଂ ସ୍ଥିତ ଅତିରିକ୍ତ ସାଇଡ଼ିଂ ପର୍ଯ୍ୟନ୍ତ ବଲ୍‌ବ ଲାଇନ୍ ର 25 KV AC ସହିତ OHE ର ବିଦ୍ୟୁତୀକରଣ କାର୍ଯ୍ୟ।

**ବିଦ୍ୟୁତ୍ ପ୍ରବାହ ତାରିଖ : 12.03.2019**

PR-472/J/18-19 ସିନିୟର ଡ଼ିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର(TRD), ଖୋର୍ଦ୍ଧା ରୋଡ଼

**ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
ବି.କେ. ରୋଡ୍ ଶାଖା, କଟକ-୭୫୩୦୦୧, ଫୋନ୍ ନଂ.: ୦୬୭୧-୨୪୧୯୮୯୩, ୨୪୧୪୫୨୯, ମେଲ୍: c0343@psb.co.in
ପି.ଏସ୍.ବି.

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି

ଅମାନତ ରାଶି ଏବଂ କାଗଜ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ: ୨୫.୦୩.୨୦୧୯ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ।

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ରୁଲ୍ସ ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ। **ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କର** ନିମ୍ନଲିଖିତ ସୁରକ୍ଷିତ ଋଣ ଆଦାୟ କରିବା ନିମନ୍ତେ ନିମ୍ନଦର୍ଶିତ ସୁରକ୍ଷିତ ସମ୍ପତ୍ତିଗୁଡିକ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ" ଇଲେକଟ୍ରୋନିକ ପଦ୍ଧତି **https://www.bankeauctions.com** ମାଧ୍ୟମରେ ବିକ୍ରି କରାଯିବା ପାଇଁ ପ୍ରସ୍ତାବମାନ ତା.୨୫.୦୩.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ଆହ୍ୱାନ କରାଯାଉଛି ।

| | |
|---|---|
| ବନ୍ଧକପ୍ରାପ୍ତ ସମ୍ପତ୍ତି ଗୁଡିକର ତନଖି ତାରିଖ ଏବଂ ସମୟ | କ୍ର.ନଂ.:୧: ୧୮.୦୩.୨୦୧୯, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧରେ<br>କ୍ର.ନଂ.:୨: ୧୯.୦୩.୨୦୧୯, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧରେ<br>କ୍ର.ନଂ.:୩: ୨୦.୦୩.୨୦୧୯, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧରେ |
| EMD (ଅମାନତ ରାଶି) ଏବଂ କାଗଜ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ | ୨୫.୦୩.୨୦୧୯ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା । |
| ଇ-ନିଲାମ/ବିକ୍ରୟ ତାରିଖ ଏବଂ ସମୟ | ୨୮.୦୩.୨୦୧୯, ପୂର୍ବାହ୍ନ ୧୧.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା ମଧରେ |
| ବିଡ୍ ବୃଦ୍ଧି ପରିମାଣ | ଟ.୧୦,୦୦୦/- |

**ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ**

| କ୍ର. ନଂ. | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ | ସମ୍ପତ୍ତିଗୁଡିକର ବିବରଣୀ (ଉପଲବ୍ଧ ବିବରଣୀ ଅନୁଯାୟୀ) | ସମୁଦାୟ ବକେୟା/ ଦଖଲ ନୋଟିସ୍‌ର ତାରିଖ | ସଂରକ୍ଷିତ ମୂଲ୍ୟ /ଅମାନତ ରାଶି |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ କ୍ରିଷ୍ଣା ଲେଡିଜ କର୍ଣ୍ଣର, ସ୍ୱତ୍ତ୍ୱାଧିକାରୀ: ତ୍ରିଲୋଚନ ପରିଡା/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ କ୍ରିଷ୍ଣାଞ୍ଜଳୀ ପରିଡା | ଶ୍ରୀମତୀ କ୍ରିଷ୍ଣାଞ୍ଜଳୀ ପରିଡା, ସ୍ୱାମୀ: ତ୍ରିଲୋଚନ ପରିଡାଙ୍କ ନାମରେ ଖାଲି ଥିବା ବାସୋପଯୋଗୀ ପ୍ଲଟ୍ ଯାହାର ନଂ.: ୧୭୨୪/୩୬୧୯, ଜ୍ୟୋତ୍ସ୍ନା ବିହାର, ଫେଜ-୨, ପ୍ରତାପ ନଗରୀ, କଟକ, ପରିମିତ କ୍ଷେତ୍ର: ୧୦୦୧.୮ ବର୍ଗଫୁଟ, ଏହାର ଚରିପାର୍ଶ୍ୱରେ ଉତ୍ତର: ସବ-ପ୍ଲଟ୍ ନଂ.: ୧୩୬, ପୂର୍ବ: ସବ୍ ପ୍ଲଟ୍ ନଂ.: ୧୫୭, ଦକ୍ଷିଣ: ପ୍ରସ୍ତାବିତ ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୧୫୮/୧ | ୩୧.୦୧.୨୦୧୯ ସୁଦ୍ଧା ଟ.୧୩,୭୯,୯୫୬/- /୦୧.୧୧.୨୦୧୮ | ଟ.୭.୨୦ଲକ୍ଷ / ଟ.୦.୭୨ଲକ୍ଷ |
| ୨. | ଋଣଗ୍ରହୀତାମାନେ: ଶ୍ରୀ ଦୀପକ ତରାଇ ଏବଂ ଶ୍ରୀ କ୍ଷୀରୋଦ ପ୍ରସାଦ ତରାଇ/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରଶ୍ମି ରେଖା ତରାଇ | ଶ୍ରୀ କ୍ଷୀରୋଦ ପ୍ରସାଦ ତରାଇଙ୍କ ନାମରେ ଥିବା ବ୍ୟବସାୟିକ ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୬୨୫୫/୧୦୨୮୫, ମ୍ୟୁଟେସନ୍ ଖାତା ନଂ.: ୮୯୦/୧୪୧୪, ପୂର୍ବତନ ହାଲ ଖାତା ନଂ.: ୩୬୬, ପ୍ଲଟ୍ ନଂ.: ୬୨୫୫, ମୌଜା: କାଣ୍ଡସର, ତହସିଲ: ବଅଁରପାଳ, ଜିଲ୍ଲା: ଅନଗୁଳ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୦୭ଡିସିମିଲି ଏବଂ ସେଠାରେ ଥିବା ସମସ୍ତ ନିର୍ମାଣ, ଏହାର ଚରିପାର୍ଶ୍ୱରେ ଉତ୍ତର: ବିଷ୍ଣୁ ମହାକୁଡ, ପୂର୍ବ: ସର୍ବସାଧାରଣ ରାସ୍ତା, ଦକ୍ଷିଣ: ରାସ୍ତା ଏନ୍‌ଏଚ୍-୫୫, ପଶ୍ଚିମ: ବିଷ୍ଣୁ ମହାକୁଡ ଏବଂ ଅନ୍ୟମାନେ | ୩୧.୦୧.୨୦୧୯ ସୁଦ୍ଧା ଟ.୧୭,୫୦,୧୧୮/- /୧୯.୧୧.୨୦୧୮ | ଟ.୮.୫୦ଲକ୍ଷ / ଟ.୦.୮୫ଲକ୍ଷ |
| ୩. | ଋଣଗ୍ରହୀତାମାନେ: ଶ୍ରୀ କ୍ଷୀରୋଦ ପ୍ରସାଦ ତରାଇ ଏବଂ ଶ୍ରୀ ସୁଶାନ୍ତ ବିଶ୍ୱାଳ/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅଞ୍ଜନା ବିଶ୍ୱାଳ | ଶ୍ରୀ ସୁଶାନ୍ତ ବିଶ୍ୱାଳ ଏବଂ ଶ୍ରୀମତୀ ଅଞ୍ଜନା ବିଶ୍ୱାଳଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୫୦, ଖାତା ନଂ.: ୧୨୦୫/୬୬୧, ଶଙ୍କରପୁର, ଡ଼ିଅସାହି, ଅରୁଣୋଦୟ ମାର୍କେଟ, କଟକ, ପରିମିତ କ୍ଷେତ୍ର: ଏକର୦.୦୫୫ଡିସିମିଲି ଏବଂ ସେଠାରେ ଥିବା ସମସ୍ତ ନିର୍ମାଣ, ଏହାର ଚରିପାର୍ଶ୍ୱରେ ଉତ୍ତର: ରାସ୍ତା ଏବଂ ଅଚ୍ୟୁତ ପଣ୍ଡା, ଦକ୍ଷିଣ: ଯୋଗୀ ରାଉତ, ପଶ୍ଚିମ: ଅଖୁ ରାଉତ, ପୂର୍ବ: ଅଚ୍ୟୁତ ପଣ୍ଡା | ୩୧.୦୧.୨୦୧୯ ସୁଦ୍ଧା ଟ.୧୬,୩୮,୨୧୪/- /୧୨.୦୧.୨୦୧୯ | ଟ.୩୮.୦୦ଲକ୍ଷ / ଟ.୩.୮୦ଲକ୍ଷ |

ଅମାନତ ରାଶି ଦାଖଲର ବିବରଣୀ: ଆକାଉଣ୍ଟ ନଂ.: ୦୩୪୩୧୦୦୦୦୦୧୩୭୮, ଆକାଉଣ୍ଟର ନାମ: PUNJAB AND SIND BANK EMD A/C, ହିତାଧିକାରୀଙ୍କ ନାମ: ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ ଏବଂ IFSC Code: PSIB0000343

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କର ପ୍ରଦତ୍ତ ଲିଙ୍କ୍ www.psbindia.com ଏବଂ www.bankeauctions.com, ଇ-ମେଲ୍: support@bankeauctions.com ଦେଖନ୍ତୁ ।

ଏହି ନୋଟିସଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ୩୦ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଭାବେ ବିବେଚନା କରାଯିବ ।

ସ୍ଥାନ: କଟକ, ତାରିଖ:୧୪.୦୨.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ, ମୋ.: ୯୦୦୭୩୮୨୪୬୭

**ଆଲ୍ଲାହାବାଦ ବ୍ୟାଙ୍କ**

ମଣ୍ଡଳ କାର୍ଯ୍ୟାଳୟ : ୩/ ୧ବି, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫,
ଫୋନ୍ - (୦୬୭୪) ୨୩୬୨୩୪୨, ୨୩୬୦୪୩୩, ଫ୍ୟାକ୍ସ - ୨୩୬୨୮୩୬

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧିକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ **https://allahabadbank.auctiontiger.net** ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୧୫.୦୩.୨୦୧୯ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୧୩.୦୩.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା**

| ଶାଖାର ନାମ / ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା**<br>ଋଣଗ୍ରହୀତା: (୧)ଶ୍ରୀମତୀ ଅଲିଭା ଚୌଧୁରୀ, ସ୍ୱା-ଶ୍ରୀ ଅଶୋକ କୁମାର ଚୌଧୁରୀ, (୨)ଶ୍ରୀ ଅଶୋକ କୁମାର ଚୌଧୁରୀ, ପିତା-ଶ୍ରୀ ରାମନାଥ ଖୁଣ୍ଟିଆ, ଉଭୟଙ୍କ ଠିକଣା: ଫ୍ଲାଟ ନଂ.-୧୦୩, ବ୍ଲକ-ବି୩, ଶ୍ରୀକ୍ଷେତ୍ର ରେସିଡେନ୍ସି, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୧୫। | କ)୦୧.୧୨.୨୦୧୮ ଖ)୦୪.୦୨.୨୦୧୯ ଗ)୨୮.୦୮.୨୦୧୮ ସୁଦ୍ଧା ଟ.୨୧,୦୭,୨୪୨/- +୨୮.୦୮.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ଶ୍ରୀମତୀ ଅଲିଭା ଚୌଧୁରୀଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-ବୋଡଣ୍ଡା, ଖାତା ନଂ.-୨୫୫/୨୯, ପ୍ଲଟ ନଂ.-୩୭, ସବ୍ ପ୍ଲଟ ନଂ.-୦୬, ଏରିଆ-ଏକର୦.୦୩୯ ଡିସିମିଲି, ଏସଆରଓ-ଜଟଣୀ, ଥାନା ନଂ.-୫୯ (ଥାନା-ଭୁବନେଶ୍ୱର), ଜିଲ୍ଲା-ଖୋର୍ଦ୍ଧାରେ ଅବସ୍ଥିତ । ଚଉହଦି: ଉତର-ରାସ୍ତା, ଦକ୍ଷିଣ-ପ୍ଲଟ ନଂ.-୩୯, ପୂର୍ବ-ପ୍ଲଟ ନଂ.୩୮, ପଶ୍ଚିମ-ପ୍ଲଟ ନଂ.୩୫ । | କ) ଟ.୨୬,୬୭,୦୦୦/-<br>ଖ) ଟ.୨,୬୬,୭୦୦/-<br>ଗ) ଟ.୧୦,୦୦୦/- |
| **ଭୁବନେଶ୍ୱର ମୁଖ୍ୟ ଶାଖା**<br>ଋଣଗ୍ରହୀତା:(୧)ଶ୍ରୀ ମନୋରଞ୍ଜନ ସ୍ୱାଇଁ, ପିତା-୰ତ୍ରିଲୋଚନ ସ୍ୱାଇଁ, ଫ୍ଲାଟ ନଂ.-୨୭୪/ସି, ଓମ୍ ନିବାସ, କଟକ ରୋଡ, ସାରଳା ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୦୬, (୨)ଶ୍ରୀ ମଳୟରଞ୍ଜନ ସ୍ୱାଇଁ, ପିତା-ଶ୍ରୀ ମନୋରଞ୍ଜନ ସ୍ୱାଇଁ, ଫ୍ଲାଟ ନଂ.-୨୦୨, ୨ୟ ମହଲା, ଲୋଟସ୍ ଏନ୍‌କ୍ଲେଭ, ଜୟଦୁର୍ଗା ନଗର, ବମିଖାଲ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୦୬। | କ)୧୫.୧୦.୨୦୧୮ ଖ)୩୦.୧୨.୨୦୧୮ ଗ)୧୩.୧୦.୨୦୧୮ ସୁଦ୍ଧା ଟ.୫୨,୨୬,୧୨୬.୪୯ +୧୩.୧୦.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ଶ୍ରୀ ମନୋରଞ୍ଜନ ସ୍ୱାଇଁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହା ଏମ୍‌ଆଇଜି ଘର ନଂ.-୪୪, ଏରିଆ-୨୪୦୦ ବର୍ଗଫୁଟ, କଳିଙ୍ଗ ବିହାର ହାଉସିଂ ସ୍କିମ୍ ଅଧିନ, ଜୋନ୍-ଜେ୯(ଏ), ମୌଜା-ଭଗବାନପୁର, ତହସିଲି-ଭୁବନେଶ୍ୱର, ଏସ୍‌ଆରଓ-ଖଣ୍ଡଗିରି, ଥାନା ନଂ.-୯, (ଥାନା-ଭୁବନେଶ୍ୱର), ଜିଲ୍ଲା-ଖୋର୍ଦ୍ଧାରେଅବସ୍ଥିତ। ଚଉହଦି:ଉତର-ରାସ୍ତା, ଦକ୍ଷିଣ-ଘର ନଂ.୫୫, ପୂର୍ବ-ଘର ନଂ.୪୫, ପଶ୍ଚିମ-ଘର ନଂ.୪୩। | କ) ଟ.୭୧,୦୧,୮୨୦/-<br>ଖ) ଟ.୭,୧୦,୧୮୨/-<br>ଗ) ଟ.୨୫,୦୦୦/- |
| **ଭୁବନେଶ୍ୱର ମୁଖ୍ୟ ଶାଖା**<br>ଋଣଗ୍ରହୀତା :ଶ୍ରୀ ଗୁରୁପ୍ରୀତ୍ ସିଂ, ପିତା-ଶ୍ରୀ ବଲବିନ୍ଦର ସିଂ, ଫ୍ଲାଟ ନଂ.-ଏନ୍/୩-୨୦୦, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୧୫, ଜାମିନ୍‌ଦାର: (୧)ଶ୍ରୀ ପ୍ରଦୀପ କୁମାର ସୁତାର, ପିତା-୰ଚିନ୍ମୟୀ ସୁତାର, ଫ୍ଲାଟ ନଂ.-୨୦୫, ଶ୍ରୀରାମ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୧୫, (୨)ଶ୍ରୀ ଜସିତ୍ ସିଂ, ଫ୍ଲାଟ ନଂ.-୫୦୨, ଅମ୍ରିତା ପ୍ୟାଲେସ୍, ସତ୍ୟ ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୦୭। | କ)୨୭.୦୪.୨୦୧୮ ଖ)୨୨.୦୮.୨୦୧୮ ଗ)୦୪.୦୪.୨୦୧୮ ସୁଦ୍ଧା ଟ.୧୨,୬୮,୪୨୫/- +୦୪.୦୪.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ଶ୍ରୀ ଗୁରୁପ୍ରୀତ୍ ସିଂଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହା ଫ୍ଲାଟ ନଂ.-୩୦୨, ୩ୟ ମହଲା, ଅମ୍ରିତା ସପିଙ୍ଗ ଆର୍‌କେଡ, ସିଆର୍‌ପି ଛକ, ମୌଜା-ନୟାପଲ୍ଲୀ, ୟୁନିଟ୍-୧୭, ଖାତା ନଂ.-୧୪୦, ପ୍ଲଟ ନଂ.-୧୨୯୪, ଅନୁରୂପ ନନ୍ ଫାଇନାଲ ହାଲ ପ୍ଲଟ ନଂ.-୧୬, ଖାତା ନଂ.-୨୧୩୪, ଥାନା-ନୟାପଲ୍ଲୀ, ତହସିଲି-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ନିର୍ମାଣ ଏରିଆ-୧୩୦୦ ବର୍ଗଫୁଟରେ ଅବସ୍ଥିତ। | କ) ଟ.୫୫,୭୭,୦୦୦/-<br>ଖ) ଟ.୫,୫୭,୭୦୦/-<br>ଗ) ଟ.୨୫,୦୦୦/- |
| **ଭୁବନେଶ୍ୱର ମୁଖ୍ୟ ଶାଖା**<br>ଋଣଗ୍ରହୀତା: ଶ୍ରୀ ସୋମନାଥ ପଟ୍ଟନାୟକ, ପିତା-ଶ୍ରୀ ବୁଧନାଥ ପଟ୍ଟନାୟକ, ପ୍ଲଟ ନଂ.-୪୨୦୩, ବରଗଡ, ୟୁନିଟ୍-୩୫, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୧୮। | କ)୦୩.୧୦.୨୦୧୮,ଖ)୦୩.୦୧.୨୦୧୯ ଗ)୨୮.୦୯.୨୦୧୮ ସୁଦ୍ଧା ଟ.୧୨,୨୧,୭୭୩/- +୨୮.୦୯.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ଶ୍ରୀ ସୋମନାଥ ପଟ୍ଟନାୟକଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହା ମୌଜା-ୟୁନିଟ୍ ୩୫, ବରଗଡ (ପୋଡାସାହି), ଖାତା ନଂ.-୧୫୫୭, ପ୍ଲଟ ନଂ.-୪୨୦୩, ଏରିଆ-ଏକର ୦.୦୨୩ ଡିସିମିଲି, ଡିଏସ୍‌ଆରଓ-ଭୁବନେଶ୍ୱର, ଥାନା ନଂ.-୭୬, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାରେ ଅବସ୍ଥିତ । ଚଉହଦି: ଉତର-ରାସ୍ତା, ଦକ୍ଷିଣ-କେ.ପାତ୍ର, ପୂର୍ବ-ରବିନ୍ଦ୍ର ବେହେରା, ପଶ୍ଚିମ-ରାସ୍ତା । | କ) ଟ.୧୮,୪୪,୦୦୦/-<br>ଖ) ଟ.୧,୮୪,୪୦୦/-<br>ଗ) ଟ.୧୦,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

**୧)** ଇ - ନିଲାମ ପ୍ଲାଟଫର୍ମ (**https://allahabadbank.auctiontiger.net**) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୬୨୨୦୩୧୯ ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡ଼େମୋନଷ୍ଟ୍ରେସନ ପ୍ରଦାନ କରିପାରିବେ ।

**୨)** ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।

**୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୧୬.୦୨.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।**

**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।**

ସ୍ଥାନ-ଭୁବନେଶ୍ୱର, ତାରିଖ- ୧୩.୦୨.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

## ସଂକ୍ଷେପରେ

ବହୁ କୋଟି ଠକେଇ ମାମଲା

### ଗୋଲ୍‌ଡେନ ବାବାଙ୍କ ମୁଖ୍ୟ ସହଯୋଗୀ ଗିରଫ

**ଭୁବନେଶ୍ୱର,୧୪।୨ (ବ୍ୟୁରୋ):** ବହୁ କୋଟି ଠକେଇ ମାମଲାରେ ଜେଲ୍ ଯାଇଥିବା ଜ୍ୟୋତି ରଞ୍ଜନ ବେଉରା ଓରଫ ଗୋଲ୍‌ଡେନ ବାବାଙ୍କୁ ମୁଖ୍ୟ ସହଯୋଗୀଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗୁରୁବାର ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ଭେସାରି ଗ୍ରାମର ଅଶ୍ୱିନୀ କୁମାର ପ୍ରଧାନ (୨୫)। ଗୋଲ୍‌ଡେନ ବାବା ଜାଲ୍ କାଗଜପତ୍ରରେ ଏକ ସଂସ୍ଥା ଖୋଲି ଠକେଇ ର୍‌ୟାକେଟ ଚଳାଇଥିଲେ। ଓଡ଼ିଶା ଓ ରାଜ୍ୟ ତଥା ଦେଶ ବାହାର ବହୁ କମ୍ପାନୀକୁ ଫାଇନାନ୍ସ କରାଇ ଦେବାକୁ କହି ବହୁ କୋଟି ଟଙ୍କା ଲୁଟିଥିଲେ। ଏମ୍‌ଏସ୍ ନ୍ୟାଶନାଲ ଏଣ୍ଟରପ୍ରାଇଜେସ୍ ନାମକ ଏକ ଖଣି କମ୍ପାନୀକୁ ୧୦ବର୍ଷ ପାଇଁ ୪.୭୫ ପ୍ରତିଶତ ସୁଧ ହାରରେ ୧୧୦ କୋଟି ଟଙ୍କା ଋଣ କରାଇ ଦେବାର ଲୋଭ ଦେଖାଇ ୧୨.୪ କୋଟି ଟଙ୍କା ଠକି ନେଇଥିଲା। ଏ ସଂକ୍ରାନ୍ତରେ କମ୍ପାନୀ ମ୍ୟାନେଜର ଗତ ଡିସେମ୍ବର ୧୬ରେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ନାମରେ ମାମଲା ନଂ.୧/୧୯ ରୁଜୁ କରିଥିବା ଜାଣିବା ପରେ ଗୋଲ୍‌ଡେନ ବାବା ଓ ମୁଖ୍ୟ ସହଯୋଗୀ ଅଶ୍ୱିନୀ ଦିଲ୍ଲୀ ଫେରାର ହୋଇଯାଇଥିଲେ। ଡିସେମ୍ବର ୩୧ରେ ଗୋଲ୍‌ଡେନ୍ ବାବା ଗିରଫ ହେବା ପରେ ତାଙ୍କ ନାମରେ ଏକାଧିକ ଠକେଇ ଅଭିଯୋଗ ଆସିଥିଲା। ତାଙ୍କ ନାମରେ ୭ଟି ଅର୍ଥନୈତିକ ଆପରାଧିକ ମାମଲା ରୁଜୁ କରାଯାଇଥିବାବେଳେ ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ନେଇଥିଲା। ପ୍ରଥମେ ପୋଲିସ ଓ ପରେ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରି ବହୁ ତଥ୍ୟ ପାଇଥିଲା। ଗୋଲ୍‌ଡେନ୍ ବାବାଙ୍କୁ ଅଶ୍ୱିନୀ ଜାଲ୍ କାଗଜପତ୍ର ପ୍ରସ୍ତୁତି ଓ ଅର୍ଥ କାରବାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ କହିଛନ୍ତି।

ଚଳଚ୍ଚିତ୍ରରେ ଚିଟ୍‌ଫଣ୍ଡ୍ ଟଙ୍କା

### ଜେଲ ଗଲେ ବଲିଉଡ୍ ଅଭିନେତା ନାସିର ଖାନ

**ଭୁବନେଶ୍ୱର,୧୪।୨ (ବ୍ୟୁରୋ):** ଚିଟ୍‌ଫଣ୍ଡ୍ ଠକେଇ ମାମଲାରେ ସିବିଆଇ ବଲିଉଡ୍ ଅଭିନେତା ତଥା ଫାଇନ୍ ଇଣ୍ଡିଆ ସେଲ୍‌ସ ପ୍ରାଇଭେଟ ଲିମିଟେଡ୍ ନିର୍ଦ୍ଦେଶକ ନାସିର ଖାନ୍‌ଙ୍କୁ ଗିରଫ କରିଛି। ଗୁରୁବାର ତାଙ୍କୁ ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡାସ୍ଥିତ ସ୍ୱତନ୍ତ୍ର କାରାଗାରର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ମଧ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରିଥିବାବେଳେ ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିଥିଲେ। ମିଳିଥିବା ସୂଚନା ମୁତାବକ, ନାସିର ଉକ୍ତ ସଂସ୍ଥା ଜରିଆରେ ଜମାକରୀଙ୍କଠାରୁ ବହୁ କୋଟି ଟଙ୍କା ଠକେଇ କରିଥିଲେ। ବାଲେଶ୍ୱର ଅଞ୍ଚଳରେ ସଂସ୍ଥାର ଏକ ଶାଖା ଖୋଲି ଲୋଭନୀୟ ସ୍କିମ୍ ଜରିଆରେ ଶତାଧିକ ଲୋକଙ୍କଠାରୁ ଟଙ୍କା ଉଠାଇଥିଲା। ଏହାପରେ ସଂସ୍ଥାର ଉକ୍ତ ଶାଖା କାର୍ଯ୍ୟାଳୟ ହଠାତ୍ ବନ୍ଦ ହୋଇଯାଇଥିଲା। ଠକେଇର ଶିକାର ଜମାକାରୀମାନେ ଥାନା ଓ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ୨୦୦୯ରେ କ୍ରାଇମବ୍ରାଞ୍ଚ ନାସିରଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଫାଇନ ଇଣ୍ଡିଆ ସଂସ୍ଥାର ନିର୍ଦ୍ଦେଶକ ନାସିରଙ୍କୁ ସିବିଆଇ ତଦନ୍ତ ପରିସରଭୁକ୍ତ କରିଥିଲା। ଜମାକାରୀଙ୍କଠାରୁ ଉଠାଇଥିବା ଟଙ୍କାକୁ କାନପୁରସ୍ଥିତ ଏକ କମ୍ପାନୀ ମାଧ୍ୟମରେ ନାସିର ବମ୍ବେକୁ ପଠାଇଥିଲେ। ନାସିରଙ୍କ ସହପ୍ରଯୋଜନାରେ ହିନ୍ଦୀ ଚଳଚ୍ଚିତ୍ର 'ସାଡୋ'ରେ ଉକ୍ତ ଟଙ୍କା ବିନିଯୋଗ ହୋଇଥିବା ତଦନ୍ତରୁ ଜଣାପଡିଥିଲା। ଏ ନେଇ ସିବିଆଇ ତାଙ୍କୁ ବାରମ୍ବାର ନୋଟିସ ଜାରି କରିବା ପରେ ମଧ ସେ ହାଜର ହୋଇ ନ ଥିଲେ।

■ କଣ୍ଟାବାଞ୍ଜିରେ ଭାଜପାର ଓବିସି ମହାସମ୍ମିଳନୀ

# ମୁଖ୍ୟମନ୍ତ୍ରୀ ବିକାଶ କଥା କହି ଲୋକଙ୍କୁ ଠକୁଛନ୍ତି

## ନରେନ୍ଦ୍ର ମୋଦି ହିଁ ସ୍ଥିର, ନିର୍ମଳ ସରକାର ଦେଇପାରିବେ: ରାମକ୍ରିପାଲ୍

**କଣ୍ଟାବାଞ୍ଜି,୧୪।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ଖାଟୁ ଶ୍ୟାମ ମନ୍ଦିର ପଡ଼ିଆରେ ଭାଜପାର ଓବିସି ମହାସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ଲୋକ ସଭା ନିର୍ବାଚନ ମଣ୍ଡଳୀର ଟିଟିଲାଗଡ଼, ପାଟଣାଗଡ଼, ବଲାଙ୍ଗୀର, ଲୋଇସିଂହା ଓ କଣ୍ଟାବାଞ୍ଜି ସହ ପଡୋଶୀ ଜିଲା ନୂଆପଡ଼ା, କଳାହାଣ୍ଡି, ବରଗଡ଼ର ପଛୁଆବର୍ଗ ସମ୍ପ୍ରଦାୟର ପ୍ରତିନିଧିମାନେ ଯୋଗଦେଇଥିଲେ। ପୂର୍ବାହ୍ନ ୧୧ଟା ୪୫ରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ରାମକ୍ରିପାଲ ଯାଦବ, ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ ହେଲିକପ୍ଟରରେ ଆସି ପହଞ୍ଚିଥିଲେ। ପରେ ଦଳୀୟ କର୍ମକର୍ତ୍ତା ସମସ୍ତଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ।

ସଭା ପ୍ରାରମ୍ଭରେ ବିଧାୟକ କନକବର୍ଦ୍ଧନ ସିଂଦେଓ ଉଦ୍‌ବୋଧନ ଦେଇ ଓଡ଼ିଶାରେ ନବୀନ ସରକାର ଦୀର୍ଘବର୍ଷର ଶାସନକାଳରେ ଚାଷୀଙ୍କୁ ଜଳସେଚନର ସୁବିଧା ଯୋଗାଇ ପାରି ନାହାନ୍ତି। କାଳିଆ ଯୋଜନା କେବଳ ବିଜେଡିର ବିକାଶ ଯୋଜନା ବୋଲି କହିଥିଲେ। ଆମ ଗାଁ ଆମ ବିକାଶ ନୁହେଁ ଏହା କେବଳ ବିଜେଡି କର୍ମୀଙ୍କ ବିକାଶ ବୋଲି ସେ କଟାକ୍ଷ କରିଥିଲେ। ଏ ନେଇ ଭାଜପା ୧୯ବର୍ଷ ଶାସନର ଜବାବ ମାଗୁଛି ବୋଲି କନକବର୍ଦ୍ଧନ କହିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ,ଓଡ଼ିଶାରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣମାନେ ଖୁସି ତ, ତେବେ ମୁଁ ମଧ ଖୁସି କହି ନିଜକୁ ସଫେଇ ଦେଉଛନ୍ତି। ରାଜ୍ୟରେ ପିସି କାରବାର ବଢିଚାଲିଥିବା ବେଳେ ଜନସାଧାରଣ ସେଥିରେ ପେଷି ହେଉଛନ୍ତି ବୋଲି କହିଥିଲେ। ଓଡ଼ିଆ କହି ଜାଣି ନ ଥିବା ମୁଖ୍ୟମନ୍ତ୍ରୀ ବିକାଶ କଥା କହି ଲୋକଙ୍କୁ ଠକୁଛନ୍ତି ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। ରାଜ୍ୟ ଭାଜପା ସଭାପତି ତଥା ନୂଆପଡ଼ା ବିଧାୟକ ବସନ୍ତ ପଣ୍ଡା ନବୀନଙ୍କୁ ଧୃତରାଷ୍ଟ୍ରଙ୍କ ସହ ତୁଳନା କରି ଓଡ଼ିଶାବାସୀଙ୍କ ହକ୍ ଓ ସାମ୍ବିଧାନିକ ଅଧିକାରକୁ ଛଡାଇ ନିଆଯାଉଥିବା କହିଥିଲେ। ଓଡ଼ିଶାରେ ଜଳସେଚନ ଓ କଳକାରଖାନା ସ୍ଥାପନ କରାଗଲେ ଚାଷୀ ଓ ବେକାର ଯୁବତୀ,ଯୁବକ ଉପକୃତ ହେବେ ବୋଲି କହିଥିଲେ। ଶେଷରେ କେନ୍ଦ୍ରମନ୍ତ୍ରୀ ଯାଦବ କେନ୍ଦ୍ରର ମୋଦି ସରକାର ଓବିସିଙ୍କ ପାଇଁ ଓବିସି କମିଶନ ଗଠନ କରିଥିବା କହିଥିଲେ। ବର୍ତ୍ତମାନ ଦୁର୍ନୀତିରେ ଜଡ଼ିତ ନେତାମାନେ ଏକ ମହାମେଣ୍ଟ ଗଠନ କରି ଏକତ୍ରିତ ହେଉଛନ୍ତି। ହେଲେ ଭାରତରେ ଏକ ସ୍ୱଚ୍ଛ, ନିର୍ମଳ ସରକାରଙ୍କ ଆବଶ୍ୟକତା ରହିଛି, ଯାହା ନରେନ୍ଦ୍ର ମୋଦି ହିଁ ଦେଇପାରିବେ ବୋଲି କହିଥିଲେ।

ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ଭାଜପା ଜିଲା ଉପସଭାପତି ଲକ୍ଷ୍ମଣ ବାଗ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରାଷ୍ଟ୍ରପତି ବେହେରା, ବଲାଙ୍ଗୀର ଜିଲା ଯାଦବ ମହାସଭା ସଭାପତି ପରମାନନ୍ଦ ହାତୀ, ଘିନୁ ଆଡ଼ଯୁଏଡ, ଅଘରିଆ ସମାଜ ସଭାପତି ହରିଶଙ୍କର ସାଏ, ଧୁବାଇଚରଣ ପୁଟେଲ, କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ବଲାଙ୍ଗୀର ଜିଲା ପଛୁଆବର୍ଗ ସଭାନେତ୍ରୀ ଶୈଳବାଳା ବାଗ, ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ଦିଲୀପ ଖର୍ସେଲ, ପ୍ରେମସିଂ ହେର୍ଣ୍ଡା, ରାଧେଶ୍ୟାମ ରଣା, ଭାଜପା ଜିଲା ଯୁବ ମୋର୍ଚ୍ଚା ଉପସଭାପତି ମନୀଷ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଭାଜପା ସଭାପତି ଭକ୍ତବନ୍ଧୁ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ଭାଜପା ଉପସଭାପତି ଶ୍ରୀବତ୍ସ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।



ଭାଜପାର ଓବିସି ମହାସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନ୍ତ୍ରୀ ରାମକ୍ରିପାଲ୍ ଯାଦବଙ୍କ ସହ ଦଳୀୟ କର୍ମକର୍ତ୍ତା।

■ କାଳିଆ ଯୋଜନାର ସଫଳ ରୂପାୟନ

# କ୍ଷେତ୍ରାଧିକାରୀଙ୍କ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୪।୨(ବ୍ୟୁରୋ)**

'କାଳିଆ' ଯୋଜନାରେ ଭୂମିହୀନ କୃଷି ଶ୍ରମିକଙ୍କୁ ଜୀବିକା ନିର୍ବାହ ନିମନ୍ତେ ଦିଆଯାଉଥିବା ଆର୍ଥିକ ସହାୟତାର ସୁବିନିଯୋଗ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏଥିଲାଗି ନିୟୋଜିତ କ୍ଷେତ୍ରାଧିକାରୀଙ୍କୁ ଠିକ୍‌ଭାବେ କାର୍ଯ୍ୟ କରିବା ପାଇଁ କୃଷିମନ୍ତ୍ରୀ ଶଶିଭୂଷଣ ବେହେରା ନିର୍ଦ୍ଦେଶ ଦେଇଛନ୍ତି। 'କାଳିଆ' ଯୋଜନାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ନିମନ୍ତେ ଜିଲାସ୍ତରୀୟ ପ୍ରଶିକ୍ଷକମାନଙ୍କ ପାଇଁ ଦିନିକିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରକୁ କୃଷି ଭବନଠାରେ ଉଦ୍‌ଘାଟନ କରି ମନ୍ତ୍ରୀ ବେହେରା ଏହି କଥା କହିଛନ୍ତି।

କୌଣସି ଯୋଜନାର ସୁଫଳ ଏହାର ସଫଳ କାର୍ଯ୍ୟକାରିତାରେ ମିଳିଥାଏ । ରାଜ୍ୟସ୍ତରୀୟ ଉଦ୍ୟାନ କୃଷି, ପ୍ରାଣୀଧନ ଚିକିତ୍ସା, ମତ୍ସ୍ୟ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ଓ କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀମାନେ ସମନ୍ୱୟ ରଖି ଧାର୍ଯ୍ୟ ସମୟ ମଧ୍ୟରେ ବ୍ଲକସ୍ତରର ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେଇ ଯୋଜନାକୁ ସଫଳ କରିବା ଉପରେ କୃଷି ବିଭାଗ ଗୁରୁତ୍ୱାରୋପ କରିଛି । କାର୍ଯ୍ୟସୂଚୀ ଅନୁଯାୟୀ, ଜିଲାସ୍ତରୀୟ ପ୍ରଶିକ୍ଷକମାନଙ୍କ ପକ୍ଷରୁ ବ୍ଲକସ୍ତରରେ ଚଳିତ ମାସ ୧୮ରେ ତାଲିମ ପ୍ରଦାନ କରାଯିବ। ସେହିପରି ୨୧ ମଧ୍ୟରେ ବ୍ଲକସ୍ତରୀୟ ପ୍ରଶିକ୍ଷକମାନେ କ୍ଷେତ୍ର ଅଧିକାରୀମାନଙ୍କୁ ଟ୍ରେନିଂ ଦିଆଯିବ। ଗ୍ରାମ ପଞ୍ଚାୟତସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟ ଚଳିତ ମାସ ୨୫ରୁ ମାର୍ଚ୍ଚ ପହିଲା ମଧ୍ୟରେ ଶେଷ କରାଯିବ ।

ଜୀବିକା ନିର୍ବାହ ନିମନ୍ତେ ହିତାଧିକାରୀମାନଙ୍କୁ ବତକ ଓ ଅଣ୍ଡାଦିଆ କୁକୁଡ଼ା ପାଳନ, ଛତୁଚାଷ, ମହୁଚାଷ, ମାଛଧରା ଉପକରଣ, କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଆଦି ବିଷୟରେ ତାଲିମ ଦିଆଯିବ । ଏଥିସହିତ ଜଣେ ଭୂମିହୀନ କୃଷି ଶ୍ରମିକ ନିଜ ସୁବିଧା, କୌଶଳ ଓ ବସବାସ କରୁଥିବା ଅଞ୍ଚଳ ଅନୁସାରେ ଅନ୍ୟ କୌଣସି ଜୀବିକା ନିର୍ବାହ ପନ୍ଥା ମଧ୍ୟ ଅବଲମ୍ବନ କରିପାରିବେ । ହିତାଧିକାରୀମାନଙ୍କୁ ଜୀବିକା ନିର୍ବାହ ନିମନ୍ତେ ୧୨,୫୦୦ ଟଙ୍କାର ଆର୍ଥିକ ସହାୟତା ୩ଟି କିସ୍ତିରେ ପ୍ରଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ୫୦୦୦, ଦ୍ୱିତୀୟ ପର୍ଯ୍ୟାୟରେ ୩୦୦୦ ଏବଂ ଶେଷ କିସ୍ତିରେ ୪୫୦୦ ଟଙ୍କା ପ୍ରଦାନ କରାଯିବ। ଏହା ପୂର୍ବରୁ ଗ୍ରାମପଞ୍ଚାୟତ ନୋଡାଲ ଅଫିସରଙ୍କ ଦ୍ୱାରା ହିତାଧିକାରୀଙ୍କ ଜୀବିକା ନିର୍ବାହ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଯାଞ୍ଚ ଓ ଆକଳନ କରାଯିବ। ଗ୍ରାମପଞ୍ଚାୟତସ୍ତରୀୟ ନୋଡାଲ ଅଧିକାରୀମାନେ ହିତାଧିକାରୀଙ୍କ ଜୀବିକା ନିର୍ବାହ ଯୋଜନାଗୁଡ଼ିକର ଜିଓଟ୍ୟାଗ୍ ଫଟୋ ଉଦ୍ଦିଷ୍ଟ ସାଇଟ୍‌ରେ ପୋଷ୍ଟ କରିବାର ବ୍ୟବସ୍ଥା ରହିଛି ।

ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ଡ. କିଷନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଗାତରେ ପଡ଼ି ହାତୀ ଶାବକ ମୃତ

## ରେଳ କେବୁଲ ଲାଇନ ପାଇଁ ଖୋଳାଯାଇଥିଲା



ମୃତ ହାତୀ ଶାବକ।

**ବିଶ୍ରା,୧୪।୨ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବିଶ୍ରା ବନାଞ୍ଚଳ ଅନ୍ତର୍ଗତ ମହିପାଣି ଗ୍ରାମ ନିକଟରେ ବୁଧବାର ରାତିରେ ଗାତରେ ପଡ଼ି ଏକ ଅଣ୍ଡିରା ହାତୀ ଶାବକର ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ବିଶ୍ରା ବନାଞ୍ଚଳ ଅଧିକାରୀ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପୋତି ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ ମହିପାଣି ଗ୍ରାମକୁ ୧୭ଟି ହାତୀଥିବା ଏକ ପଲ ଆସିଥିଲେ। ଗ୍ରାମବାସୀ ହୋହଲ୍ଲା କରିବାରୁ ହାତୀପଲ ରେଳ ଧାରଣା ଦେଇ ଜଙ୍ଗଲ ଆଡ଼କୁ ଫେରି ଯାଇଥିଲେ। ରେଳ ବିଭାଗ ପକ୍ଷରୁ କେବୁଲ ଲାଇନ ପୋତିବା ପାଇଁ ଗାତ ଖୋଳାଯାଇଥିଲା। ସେହି ଗାତରେ ଏକ ହାତୀ ଶାବକ ପଡିଯାଇଥିଲା। ଗାତରେ ଅଧିକ କାଦୁଅ ଥିବାରୁ ହାତୀମାନେ ଶାବକକୁ ବାହାର କରିପାରି ନ ଥିଲେ। ଖବର ପାଇ ଗ୍ରାମବାସୀ ମଧ ହାତୀ ଶାବକକୁ ଉଦ୍ଧାର ଲାଗି ସେଠାରେ ପହଞ୍ଚି ଥିଲେ। ହେଲେ ହାତୀପଲ ଗ୍ରାମବାସୀଙ୍କୁ ଘଟଣାସ୍ଥଳକୁ ଆସିବାକୁ ଦେଇ ନ ଥିଲେ। ହାତୀମାନେ ଶାବକ ଚାରିପାଖରେ ଘୂରି ବୁଲୁଥିଲେ। ଅତ୍ୟଧିକ କାଦୁଅ ଥିବାରୁ କିଛି ସମୟ ମଧ୍ୟରେ ଶାବକର ମୃତ୍ୟୁ ଘଟିଥିଲା। ଏ କଥା ଜଣାପଡିବା ପରେ ହାତୀମାନେ ଜଙ୍ଗଲକୁ ଫେରିଯାଇଥିଲେ। ସକାଳୁ ଗ୍ରାମବାସୀ ହାତୀ ଶାବକକୁ ଉଦ୍ଧାର କରିବା ପରେ ବନାଞ୍ଚଳ ଅଧିକାରୀଙ୍କୁ ଖବର ଦେଇଥିଲେ।

# ଭାଲେଣ୍ଟାଇନ୍ସ ଡେ'ରେ ବିବାହ କଲେ ପ୍ରେମୀ ଯୁଗଳ

**ଲୋଇସିଂହା,୧୪।୨(ଡି.ଏନ.ଏ.)**

■ ପ୍ରେମିକଙ୍କ ପରିବାର ଲୋକଙ୍କ ସମ୍ମତି ନ ଥିଲା

■ ସତ୍ୟପାଠ ପରେ ଥାନାରେ ବିବାହ ହେଲା

ଗୁରୁବାର ଥିଲା ଭାଲେଣ୍ଟାଇନ୍ସ ଡେ ବା ବିଶ୍ୱ ପ୍ରେମ ଦିବସ। ଏହି ଦିବସକୁ ଆହୁରି ସ୍ମରଣୀୟ କରିଛନ୍ତି ପୁନମ ଓ ଗୁରୁଦେବ। ସାମାଜିକ ପ୍ରତିବନ୍ଧକକୁ ଖାତିର ନ କରି ଦୁହେଁ ବିବାହ କରିଛନ୍ତି। ପୋଲିସ ଉପସ୍ଥିତିରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନାରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଛି ।

ପୋଲିସ ସୂଚନା ମୁତାବକ, ଗତ କିଛିଦିନ ତଳେ ଲୋଇସିଂହା ଥାନା ଅଧୀନ ବାଦିବାହାଲ ପଞ୍ଚାୟତ ସଦର ଗ୍ରାମର ପୁନମ ବାରିକ(୨୫) ଓ ଭାଲୁପାଲି ଗ୍ରାମର ଗୁରୁଦେବ ସୁନା(୨୩)ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛିଦିନ ଲୁଚାଛପା ସମ୍ପର୍କ ମଧ୍ୟରେ ଦିନ କାଟିଥିଲେ। ଉଭୟେ ଗୋଟିଏ ଜାତିର ହୋଇଥିବାରୁ ବୈଦିକ ରୀତିରେ ବିବାହ କରିବାକୁ ଦୁହେଁ ନିଷ୍ପତ୍ତି ନେଇଥିଲେ। ହେଲେ ଗୁରୁଦେବଙ୍କ ପରିବାର ଲୋକେ ଏଥିରେ ରାଜି ହୋଇ ନ ଥିଲେ। ପୁନମ କିଛିଦିନ ତଳେ ଗୁରୁଦେବଙ୍କ ଘରକୁ ଯାଇଥିଲେ। ହେଲେ ଗୁରୁଦେବଙ୍କ ପରିବାର ଲୋକେ ତାଙ୍କୁ ଘରୁ ବାହାର କରିଦେଇଥିଲେ। ପ୍ରାପ୍ତବୟସ୍କ ହୋଇଥିବାରୁ ଉଭୟେ ଲୋଇସିଂହା ଥାନାକୁ ଯାଇ ବିବାହ କରିବାକୁ ପୋଲିସର ସାହାର୍ଯ୍ୟ ଲୋଡିଥିଲେ। ପୋଲିସର ପରାମର୍ଶ କ୍ରମେ ସେମାନେ କୋର୍ଟ ମ୍ୟାରେଜ ପାଇଁ ଆବେଦନ କରିଥିଲେ। ଗୁରୁବାର ସେମାନେ ସ୍ୱାମୀ ସ୍ତ୍ରୀ ଭାବେ ରହିବା ପାଇଁ ଲୋଇସିଂହା ନୋଟାରିଙ୍କ ପାଖରେ ଏକ ସତ୍ୟପାଠ କରିଥିଲେ। ଗୁରୁବାର ସନ୍ଧ୍ୟାରେ ଉଭୟେ ସତ୍ୟପାଠ ନେଇ ଲୋଇସିଂହା ଥାନାକୁ ଆସିଥିଲେ। ଶେଷରେ ପୋଲିସ ଏବଂ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଦୁହେଁ ବିବାହ କରିଥିଲେ ବୋଲି ଲୋଇସିଂହା ଥାନା ଏସ୍‌ଆଇ ଆର୍ତ୍ତତ୍ରାଣ ସାହୁ କହିଛନ୍ତି।

■ କଟକର ଦୁଇ ଝିଅଙ୍କୁ ଅପହରଣ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୪।୨(ବ୍ୟୁରୋ):** ଓଡ଼ିଶାର ଗୃହ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରେ ରହିଛି। ପୋଲିସର ଦାୟିତ୍ୱହୀନତା ଏବଂ ସମ୍ବେଦନହୀନତା ପାଇଁ କଟକର ଗୋଟିଏ ଝିଅ ଆତ୍ମହତ୍ୟା କରିଥିବାବେଳେ ଅନ୍ୟଜଣଙ୍କ ବିଷୟରେ କୌଣସି ପତ୍ତା ମିଳିନାହିଁ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ଅପହରଣକାରୀଙ୍କ କବଳରୁ ଝିଅକୁ ଉଦ୍ଧାର କରନ୍ତୁ। ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ସୁନିଶ୍ଚିତ କରାନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର ଗୁରୁବାର ଟୁଇଟ୍ କରି କହିଛନ୍ତି ଯେ, ରାଜ୍ୟର ଝିଅ, ମା' ଓ ଭଉଣୀଙ୍କ ସମ୍ମାନ ଓ ସୁରକ୍ଷା କ୍ଷେତ୍ରରେ ଟିକେ ହେଲେ ସାଲିସ କରାଯିବ ନାହିଁ। କିନ୍ତୁ ଆମ ଝିଅମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ରାଜ୍ୟ ସରକାର ଓ ପୋଲିସ ପାଖରେ ଟିକେ ହେଲେ ଦରଦ ନାହିଁ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, କଟକ ସହରର ଦୁଇ ନାବାଳିକା ଭଉଣୀଙ୍କୁ ଅପହରଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଭଉଣୀଙ୍କ ଆତ୍ମହତ୍ୟା ଘଟଣା ଶୁଣିବା ପରେ ସେ ମର୍ମାହତ ହୋଇଛନ୍ତି। କଟକ ଓଡିଶାର ପୋଲିସ୍ ମୁଖ୍ୟାଳୟ। ଏଭଳି ଘଟଣା ପରେ ପୋଲିସ୍ କିପରି ହାତବାନ୍ଧି ବସିଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି। ଆହୁରି କହିଛନ୍ତି, ଦୁଇଜଣଙ୍କ ଅପହରଣ ପରେ ସେମାନଙ୍କ ପରିବାର ତରଫରୁ ମୁଣ୍ଡାସାହି ଥାନାରେ ଏତଲା ଦିଆଯାଇଥିଲା। ଏତଲା ଦିଆଯିବାର ୭ଦିନ ପର୍ଯ୍ୟନ୍ତ ପୋଲିସ୍ କିଛି କଲାନାହିଁ। ଅପହୃତାଙ୍କ କବଳରୁ ଜଣେ ଭଉଣୀ ଫେରିଲା। ଏହାପରେ ମର୍କତନଗର ଥାନାରେ ବୟାନ ରେକର୍ଡ କଲେ। ଅପମାନ ସହି ନପାରି ଘରକୁ ଫେରି ସେ ଆତ୍ମହତ୍ୟା କଲେ। ଓଡିଶା ପୋଲିସ, ପ୍ରଶାସନ ଓ ସରକାରଙ୍କ ଉପରେ ବିଶ୍ୱାସ ନ ପାଇବାରୁ ବୋଧହୁଏ ଝିଅଟି ଆତ୍ମହତ୍ୟା କଲେ ବୋଲି ଧର୍ମେନ୍ଦ୍ର ଅଭିଯୋଗ ଆଣିଛନ୍ତି। ଦୁଇ ଭଉଣୀ ବଳାତ୍କାରରେ ଶିକାର ହୋଇଥିବା ଖବର ପ୍ରକାଶ ପାଇଛି। ଜଣେ ଦୁର୍ଭାଗ୍ୟଜନକ ଭାବେ ଆତ୍ମହତ୍ୟା କଲେ, ହେଲେ ଅନ୍ୟ ଜଣକ ଅପହୃତାଙ୍କ କବଳରେ କେଉଁ ଅବସ୍ଥାରେ କିପରି ଅଛନ୍ତି ଭାବି ବ୍ୟସ୍ତ ଲାଗୁଥିବା ଧର୍ମେନ୍ଦ୍ର କହିଛନ୍ତି। ସେମାନଙ୍କୁ କିଏ ଅପହରଣ କରିଛି ସେନେଇ ପୋଲିସ ନିକଟରେ ଖବର ଅଛି ବୋଲି ଖବରରେ ପ୍ରକାଶ ପାଉଛି। ଯଦି ଏକଥା ସତ ହୁଏ ତେବେ ସାଙ୍ଘାତିକ। ଆମ ସରକାର ଓ ପୋଲିସ ପାଖରେ ଝିଅମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଟିକେ ହେଲେ ଦରଦ ନ ଥିବା ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

**ପିଏମ୍ କିଷାନ ନିଧି ଯୋଜନା ରାଜ୍ୟରେ ଲାଗୁ ନ ହେବା ପ୍ରସଙ୍ଗ**

# ଭୟ କରୁଛନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର, ୧୪।୨(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନା ଏକ ଅଭୂତପୂର୍ବ ଏବଂ ଯୁଗାନ୍ତକାରୀ ଯୋଜନା। ଏହି ଯୋଜନା ସାରା ଦେଶରେ ଲାଗୁ କରାଯାଇଛି । ମାତ୍ର ଏଠି ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଛନ୍ତି । ପୂର୍ବରୁ ଆୟୁଷ୍ମାନ ଭାରତ ଯୋଜନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରହଣ ନ କରିବା ପରି ଏହି ଯୋଜନାକୁ ଲାଗୁ କଲେ କାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରେୟ ନେଇଯିବେ ସେଥିଲାଗି ବିଜେଡି ଡରୁଛି ବୋଲି ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ପୃଥ୍ୱୀରାଜ କହିଛନ୍ତି ଯେ, ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ ନ କରିବା ଦ୍ୱାରା ଅନେକ ରୋଗୀ ଚିକିତ୍ସାରୁ ବଞ୍ଚିତ ରହି ହନ୍ତସନ୍ତ ହେଉଛନ୍ତି । ସେହିପରି କାଳିଆ ଯୋଜନାରେ ହିତାଧିକାରୀ ଚୟନ ଠିକ୍‌ଭାବେ ହୋଇନାହିଁ । ଭୂମିହୀନଙ୍କୁ ଚିହ୍ନଟ ନ କରି ଯୋଜନାରେ ସାମିଲ କରିବା ଅତ୍ୟନ୍ତ ହାସ୍ୟାସ୍ପଦ ଘଟଣା । କାଳିଆ ଯୋଜନା ସମ୍ପୂର୍ଣ୍ଣଭାବେ ବିଫଳ ହେବାକୁ ବସିଛି। କୃଷକ ସମାଜ ସହ ପ୍ରତାରଣା କରିବାକୁ ଦିଆଯିବ ନାହିଁ । ଭୂମିହୀନ ଲୋକଙ୍କ ତାଲିକା ରାଜ୍ୟ ସରକାରଙ୍କ ପାଖରେ ନାହିଁ । ବିଜେଡି ଭୂମିହୀନ ଲୋକଙ୍କ ଅର୍ଥ ନୁହେଁ ବରଂ ଦଳୀୟ ଭିତ୍ତିରେ ଟଙ୍କା ବାଣ୍ଟି ଭୋଟ ହାତେଇବାକୁ ବସିଛି ବୋଲି ପୃଥ୍ୱୀରାଜ କହିଛନ୍ତି। କାଳିଆ ଯୋଜନାରେ ୧୨ଲକ୍ଷ ଚାଷୀଙ୍କୁ ସହାୟତା ଦେବା କଥା ସମ୍ପୂର୍ଣ୍ଣ ମିଥ୍ୟା। ବାସ୍ତବରେ ୩ଲକ୍ଷ ୭୫ହଜାର ଚାଷୀଙ୍କୁ ଅର୍ଥ ମିଳିଛି । ଯଦି ସତ୍‌ସାହସ ଅଛି ତେବେ ରାଜ୍ୟ ସରକାର ସାଢେ ୧୨ଲକ୍ଷ ଚାଷୀଙ୍କ ନାଁ ୱେବ୍‌ସାଇଟରେ ପ୍ରକାଶ କରନ୍ତୁ ବୋଲି ପୃଥ୍ୱୀରାଜ କହିଛନ୍ତି।

୧୧ ଜିଲାରେ ଝଡ଼ବର୍ଷା ସମ୍ଭାବନା

# ମାଲକାନଗିରିରେ ପାରଦ ୩୬.୨ ଡିଗ୍ରୀ

**ଭୁବନେଶ୍ୱର,୧୪।୨(ବ୍ୟୁରୋ)–**

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ୧୧ଟି ଜିଲାରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ, କେନ୍ଦୁଝର, ବରଗଡ, ସୋନପୁର, ବଲାଙ୍ଗୀର, ନୂଆପଡା, ନବରଙ୍ଗପୁର ଏବଂ କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ଝଡବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଉପକୂଳବର୍ତ୍ତୀ ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ ଆଦି ଜିଲାଗୁଡିକରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। । ୧୬ ତାରିଖରେ ଉପକୂଳ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ରାଜ୍ୟର ଅନ୍ୟ ଭାଗରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗୋଟିଏ ପଟେ ବର୍ଷା ସମ୍ଭାବନା ଥିବାବେଳେ ଅନ୍ୟ ପଟେ ପାରଦ ଉପର ମୁହାଁ ହୋଇ ଚାଲିଛି। ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୩୬.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ କାଳିଆ ସହାୟତା

## ୩ ଲକ୍ଷ ଭୂମିହୀନ କୃଷି ଶ୍ରମିକଙ୍କୁ ମିଳିବ ସହାୟତା

**ଭୁବନେଶ୍ୱର,୧୪।୨(ବ୍ୟୁରୋ)–**କାଳିଆ(କୃଷକ ଆସିଷ୍ଟାନ୍ସ ଫର୍ ଲାଇଭ୍‌ଲିହୁଡ୍ ଆଣ୍ଡ୍ ଇନ୍‌କମ୍ ଅଗ୍‌ମେଣ୍ଟେଶନ)ଯୋଜନାରେ କୃଷିଶ୍ରମିକମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ସହାୟତା ଶୁକ୍ରବାରଠାରୁ ପ୍ରଦାନ କରାଯିବ। ୩ ଲକ୍ଷ ଭୂମିହୀନ କୃଷି ଶ୍ରମିକଙ୍କୁ ଏହି ଯୋଜନାରେ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ। ଜୀବିକାର୍ଜନ ପାଇଁ ପ୍ରତ୍ୟେକଙ୍କୁ ୧୨,୫୦୦ ଟଙ୍କାର ସହାୟତା ଯୋଗାଇ ଦିଆଯିବ ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ହିତାଧିକାରୀମାନଙ୍କୁ କିପରି ଟଙ୍କା ପଠାଯିବ ସେ ନେଇ ପ୍ରତ୍ୟେକ ଜିଲାର ନୋଡାଲ ଅଫିସରମାନଙ୍କୁ ଗୁରୁବାର ତାଲିମ ପ୍ରଦାନ କରାଯାଇଛି। ଅବଶିଷ୍ଟ ୩୦୦୦ ଓ ୪,୫୦୦ ଟଙ୍କା ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଦାନ କରାଯିବ। ଏହି ସହାୟତା ଉପଯୁକ୍ତ ଚାଷୀଙ୍କ ନିକଟରେ ପହଞ୍ଚୁଛି କି ନାହିଁ ସେ ନେଇ ରାଜ୍ୟ ସରକାର ନିୟମିତ ନଜର ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଏହାଛଡା ୧୪ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨୨ ତାରିଖ ସୁଦ୍ଧା ସହାୟତା ଯୋଗାଇ ଦିଆଯିବ। ରାଜ୍ୟ ସରକାର କାଳିଆ ଯୋଜନା ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଖରିଫ ଓ ରବି ଫସଲ ପାଇଁ ୧୦ ହଜାର ଟଙ୍କା ଯୋଗାଇଦେବେ। ଭୂମିହୀନ କୃଷି ଶ୍ରମିକଙ୍କୁ ୧୨,୫୦୦ ଟଙ୍କାର ଜୀବିକା ସହାୟତା ଯୋଗାଇ ଦିଆଯିବ। ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି) ଜରିଆରେ ଏହି ସହାୟତା ରାଶି ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ ପଠାଯିବାକୁ ବ୍ୟବସ୍ଥା ହୋଇଛି।

ଆସନ୍ତା ସାଧାରଣ ନିର୍ବାଚନରେ ରାଜ୍ୟରେ ଭାଜପାର ନେତୃତ୍ୱ ନେବା ପାଇଁ ମୁଁ ସ୍ୱାଧୀନ । କାରଣ ମୋତେ ଆର୍‌ଏସ୍‌ଏସ୍ ପାଠ ପଢ଼ାଉନାହିଁ ।
- ଜୟରାମ ଠାକୁର, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ







ପୁଲ୍‌ୱାମା ଜିଲା ଲାଥେପୋରାସ୍ଥିତ ଶ୍ରୀନଗର-ଜମ୍ମୁ ରାଜପଥର ଆକ୍ରମଣସ୍ଥଳ।



ଜଣେ ଆହତ ଯବାନଙ୍କୁ ହସ୍ପିଟାଲକୁ ନିଆଯାଉଛି।

## ମୋଦିଙ୍କୁ ଘେରିଲେ ବିରୋଧୀ

# ଏନ୍‌ଡିଏ ଅମଳରେ ୧୮ ଆକ୍ରମଣ

**ଶ୍ରୀନଗର/ନୂଆଦିଲ୍ଲୀ,୧୪।୨**

କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର କ୍ଷମତାସୀନ ହେବା ପରଠାରୁ ୧୮ଟି ବଡ଼ ଆତଙ୍କବାଦୀ ଆକ୍ରମଣ ଘଟିଛି। ଆତଙ୍କବାଦୀମାନେ ଥରକୁ ଥର ସୁରକ୍ଷା ବଳ ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରୁଥିବାବେଳେ କେନ୍ଦ୍ର ଏହାକୁ ରୋକିବାରେ ବିଫଳ ହୋଇଛି। କାରଣ ସରକାରଙ୍କ ଜମ୍ମୁ-କଶ୍ମୀର ଓ ଆତଙ୍କବାଦ ନିରୋଧୀ ନୀତି ବାଟବଣା ହୋଇଯାଇଛି ବୋଲି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

ଗୁରୁବାର ଅପରାହ୍ନରେ ଦେଶବାସୀଙ୍କ ଛାତି ଥରାଇଦେବା ଭଳି ଖବର ଆସିଥିଲା। ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ସିଆର୍‌ପିଏଫ୍ ବସ୍‌କୁ ଜୈଶ୍ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ।



ଆତଙ୍କବାଦୀ ଆକ୍ରମଣ ପରେ ସମ୍ପୃକ୍ତ ଅଞ୍ଚଳକୁ ଘେରି ରହିଛନ୍ତି ସୁରକ୍ଷା ବଳ।

ସମୟ ଗଡ଼ି ଚାଲିବା ସହ ଶହୀଦଙ୍କ ସଂଖ୍ୟା ବଢ଼ିଚାଲିଥିଲା। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଏହି ପ୍ରସଙ୍ଗରେ ମୋଦି ସରକାରଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ନିୟନ୍ତ୍ରଣରେଖା ସଂଲଗ୍ନ ଅଞ୍ଚଳରେ ନିୟମିତ ଭାବେ ଯବାନ ଶହୀଦ ହେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଏହା ୧୮ତମ ବଡ଼ ଆତଙ୍କବାଦୀ ଆକ୍ରମଣ। ପମ୍ପୋରରୁ ନେଇ ଉରି, ପଠାନ୍‌କୋଟରୁ ଅମରନାଥ ଯାଏ ଆକ୍ରମଣର ତାଲିକା ଲମ୍ବିଛି। ପାକିସ୍ତାନ ପଟୁ ସବୁଦିନ ଆକ୍ରମଣ ହେଉଛି। କେବଳ ଜମ୍ମୁ-କଶ୍ମୀରରେ ୪୦୦ ଯବାନ ଶହୀଦ ହେଲେଣି। ହେଲେ ଆମ ସରକାର କାହିଁକି ନୀରବ ବସିଛନ୍ତି ବୋଲି ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆକ୍ରମଣର ନିନ୍ଦା କରିବା ସହ ଶହୀଦଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏଆଇସିସି ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଏଭଳି ଆତଙ୍କବାଦୀ ଆକ୍ରମଣ ଭବିଷ୍ୟତରେ ଯେପରି ନ ଘଟେ କେନ୍ଦ୍ର ସରକାର ତାହା ସୁନିଶ୍ଚିତ କରିବା ପାଇଁ ସରକାର କଡ଼ା ପଦକ୍ଷେପ ନିଅନ୍ତୁ। କଂଗ୍ରେସର ପୂର୍ବ ଉତ୍ତରପ୍ରଦେଶ ପ୍ରଭାରୀ ପ୍ରିୟଙ୍କା ଲକ୍ଷ୍ନୌରେ ହେବାକୁ ଥିବା ପ୍ରଥମ ଖବରଦାତା ସମ୍ମିଳନୀକୁ ବାତିଲ କରିଦେଇଛନ୍ତି। ଜମ୍ମୁ-କଶ୍ମୀରର ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତି ମଧ୍ୟ ଆକ୍ରମଣର ନିନ୍ଦା କରିଛନ୍ତି। ଭୁଟାନରେ ଥିବା ସ୍ୱରାଷ୍ଟ୍ର ସଚିବ ରାଜୀବ ଗଉବା ଗସ୍ତ କାଟ୍ କରି ନୂଆଦିଲ୍ଲୀ ଫେରୁଛନ୍ତି। ଆକ୍ରମଣ ପରିପ୍ରେକ୍ଷୀରେ ସୁରକ୍ଷା ସମ୍ପର୍କିତ କେନ୍ଦ୍ରର କ୍ୟାବିନେଟ ବୈଠକ ଶୁକ୍ରବାର ପୂର୍ବାହ୍ନରେ ବସିବ ବୋଲି ଜଣାପଡ଼ିଛି।

## ଟାର୍ଗେଟରେ ଯବାନ



ଉରି ଆକ୍ରମଣ ବେଳର ଦୃଶ୍ୟ

**୨୦୧୭ ଅଗଷ୍ଟ ୨୬:** ଜମ୍ମୁ-କଶ୍ମୀରର ପୁଲ୍‌ୱାମାସ୍ଥିତ ଡିଷ୍ଟ୍ରିକ୍ଟ ପୋଲିସ ଲାଇନରେ ୩ ଜେଇଏମ୍ ଆତଙ୍କବାଦୀ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ୮ ସୁରକ୍ଷା କର୍ମୀ ଶହୀଦ ହୋଇଥିଲେ।

**୨୦୧୬ ନଭେମ୍ବର ୨୯:** ନଗରୋଟା ସେନା ଶିବିରକୁ ୩ ଆତଙ୍କବାଦୀ ଟାର୍ଗେଟ କରିଥିଲେ। ଆତଙ୍କବାଦୀଙ୍କୁ ଗୁଳିକରି ନିପାତ କରିବା ପୂର୍ବରୁ ୭ ଯବାନ ଶହୀଦ ହୋଇଥିଲେ।

**୨୦୧୬ ସେପ୍ଟେମ୍ବର ୧୮:** ଉରି ସେନା ଶିବିରରେ ଯବାନମାନେ ଶୋଇଥିବାବେଳେ ୪ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ୧୮ ଯବାନ ଶହୀଦ ହୋଇଥିଲେ।

**୨୦୧୬ ଜୁନ୍ ୨୫:** ପମ୍ପୋରଠାରେ ସିଆର୍‌ପିଏଫ୍ ବସ୍‌କୁ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ୮ ଯବାନ ଶହୀଦ ହୋଇଥିଲେ।

**୨୦୧୬ ଜୁନ୍ ୨:** ପମ୍ପୋରରେ ଏକ ସିଆର୍‌ପିଏଫ୍ ବସକୁ ଆତଙ୍କବାଦୀ ଟାର୍ଗେଟ କରିଥିଲେ। ସେମାନେ ଏକ ସରକାରୀ କୋଠାକୁ କବ୍‌ଜା କରିଥିଲେ। ଦୁଇଦିନ ଧରି ଏନ୍‌କାଉଣ୍ଟର ଚାଲିବା ପରେ ୨ ସେନା ଅଧିକାରୀ, ୩ ଯବାନ ଓ ଜଣେ ନାଗରିକ ନିହତ ହୋଇଥିଲେ।

**୨୦୧୬ ଜାନୁୟାରୀ ୨:** ପଞ୍ଜାବର ପଠାନ୍‌କୋଟ ବାୟୁସେନା ଘାଟିରେ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ୭ ଯବାନ ଶହୀଦ ଓ ଜଣେ ନାଗରିକ ନିହତ ହୋଇଥିଲେ। ୫ ତାରିଖରେ ୫ ଆତଙ୍କବାଦୀଙ୍କ ମୃତଦେହ ମିଳିଥିଲା।

**୨୦୧୪ ଡିସେମ୍ବର ୫:** ୬ ସଶସ୍ତ୍ର ଆତଙ୍କବାଦୀ ଉରିସ୍ଥିତ ମୋହରା ସେନା ଶିବିରରେ ପଶି ଗୁଳି ଚଳାଇଥିଲେ। ଏଥିରେ ୧୦ ଯବାନ ଶହୀଦ ହୋଇଥିଲେ।

**୨୦୧୩ ଜୁନ୍ ୨୪:** ଶ୍ରୀନଗରସ୍ଥିତ ହାଇଦରପୋରାରେ ସେନାର ଯବାନଙ୍କୁ ନେଇ ଯାଉଥିବା ଏକ ବସକୁ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ଏହି ଆକ୍ରମଣରେ ୮ ଯବାନଙ୍କ ଜୀବନ ଯାଇଥିଲା।

**୨୦୦୮ ଜୁଲାଇ ୧୯:** ନରବାଲ୍‌ର ଏକ ରାସ୍ତାକଡ଼ରେ ଆତଙ୍କବାଦୀମାନେ ଆଇଇଡି ଖଞ୍ଜିଥିଲେ। ଏହା ବିସ୍ଫୋରଣ ହେବା ପରେ ୧୦ ଯବାନ ଶହୀଦ ହୋଇଥିଲେ।

**୨୦୦୫ ନଭେମ୍ବର ୨:** ତତ୍କାଳୀନ ମୁଖ୍ୟମନ୍ତ୍ରୀ ମୁଫ୍‌ତି ମହମ୍ମଦ ସୟିଦ୍‌ଙ୍କ ନାଓଗାମ୍‌ସ୍ଥିତ ବାସଭବନ ନିକଟରେ ଆତ୍ମଘାତୀ ବିସ୍ଫୋରଣରେ ୩ ପୋଲିସ ଶହୀଦ ଓ ୬ ନାଗରିକ ନିହତ ହୋଇଥିଲେ।

### ୧୦ କି.ମି. ଶୁଭିଲା ବିସ୍ଫୋରଣ

**ଶ୍ରୀନଗର,୧୪।୨(ପି.ଟି.)-** ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ସିଆର୍‌ପିଏଫ୍ ବସ୍ ଧକ୍କା ହୋଇଥିବା ସ୍କର୍ପିଓରେ ୩୦୦ କେ.ଜି. ବିସ୍ଫୋରକ ଥିଲା। ଏହା ଧକ୍କା ହେବା ପରେ ବିସ୍ଫୋରଣର ଶବ୍ଦ ୧୦ କି.ମି. ଯାଏ ଶୁଭିଥିଲା। ଏଥିରେ ଆଖପାଖ ଅଞ୍ଚଳର ଲୋକେ ଭୟରେ ଥରି ଉଠିଥିଲେ। ସ୍କର୍ପିଓ ଚଳାଉଥିବା ଆତଙ୍କବାଦୀ ଆଦିଲ୍ ଅହମ୍ମଦ ଏଥିରେ ନିହତ ହୋଇଛନ୍ତି। ସେ ଗତବର୍ଷ ଜୈଶ୍‌ରେ ସାମିଲ ହୋଇଥିଲେ। ଉପତ୍ୟକାରେ ସୁରକ୍ଷା ବଳ ଓ ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ଅନେକ ଆକ୍ରମଣରେ ତାଙ୍କର ହାତ ଥିଲା ବୋଲି ପୋଲିସ କହିଛି।



ଆଦିଲ୍ ଅହମ୍ମଦ

## 'ବେକାର ଯିବନି ତ୍ୟାଗ'

**ନୂଆଦିଲ୍ଲୀ,୧୪।୨(ପି.ଟି.)-**ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିନ୍ଦା କରିବା ସହ ଏନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ସହ ଆଲୋଚନା କରିଛନ୍ତି। ଯବାନଙ୍କ ତ୍ୟାଗ ବେକାର ଯିବନାହିଁ। ଶହୀଦଙ୍କ ପରିବାର ସହ ସାରା ଦେଶ ଛିଡ଼ା ହୋଇ ରହିଛି ବୋଲି ମୋଦି ଟୁଇଟ୍ କରିଛନ୍ତି। ସେହିପରି ଭୀରୁ ଆତଙ୍କବାଦୀଙ୍କ ଆକ୍ରମଣର ସବୁ ପ୍ରକାର ପ୍ରତିଶୋଧ ନିଆଯିବ ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ ମଧ୍ୟ ଏହାର କଡ଼ାନିନ୍ଦା କରି ଅନୁରୂପ ଟୁଇଟ୍ କରିଛନ୍ତି।



"ଯବାନଙ୍କ ଉପରେ ଆତଙ୍କବାଦୀଙ୍କ ଆକ୍ରମଣ ଭୀରୁତାର କାର୍ଯ୍ୟ। ଏହା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ଦେଶସେବା ପାଇଁ ଜୀବନକୁ ଉତ୍ସର୍ଗ କରିଥିବା ପ୍ରତି ଯବାନଙ୍କ ପାଖରେ ମଥାନତ କରୁଛି। ପାକିସ୍ତାନର ଜୈଶ-ଇ-ମହମ୍ମଦକୁ ଏହାର ଠିକଣା ଜବାବ ଦିଆଯିବ।
- ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ



## ରାଷ୍ଟ୍ରପତିଙ୍କ ନିନ୍ଦା

ପୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ସାରା ଦେଶର ଭାବନା ଓ ପ୍ରାର୍ଥନା ଶହୀଦ ପରିବାର ସହିତ ରହିଛି। ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆତଙ୍କବାଦ ଓ ଦାନବ ଶକ୍ତି ବିରୋଧରେ ଏହି ଲଢ଼େଇ ପଛରେ ସାରା ଦେଶ ଛିଡ଼ାହୋଇଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଆତଙ୍କବାଦୀଙ୍କ ବୀଭତ୍ସ ଆକ୍ରମଣରେ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ ମର୍ମାହତ ବୋଲି କହିଛନ୍ତି। ସେ ଶହୀଦ ଯବାନଙ୍କ ପରିବାରଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ ଲାଗି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।



## 'ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ କେନ୍ଦ୍ର ତଦନ୍ତ ନିର୍ଦ୍ଦେଶ ଦେଇପାରିବ'

**ନୂଆଦିଲ୍ଲୀ,୧୪।୨(ପି.ଟି.)**



- ସୁପ୍ରିମକୋର୍ଟଙ୍କ ରାୟ ଗଣତନ୍ତ୍ର ବିରୋଧୀ: କେଜ୍‌ରିୱାଲ
- ଅଦାଲତଙ୍କ ବିରୋଧରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଯୁଦ୍ଧ ଘୋଷଣା କରିଛନ୍ତି: ଭାଜପା

ରାଜଧାନୀର ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦେବା ଅଧିକାର ଦିଲ୍ଲୀ ସରକାରଙ୍କର ନୁହେଁ କେନ୍ଦ୍ରର ବୋଲି ଗୁରୁବାର ସୁପ୍ରିମକୋର୍ଟ କହିବା ପରେ ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କୁ ଶକ୍ତ ଝଟକା ଲାଗିଛି। ତେବେ ଦୁଇଜଣିଆ ଖଣ୍ଡପୀଠର ଖଣ୍ଡିତ ରାୟ ପରେ ଦିଲ୍ଲୀ ଅଫିସରଙ୍କୁ କିଏ ନିୟନ୍ତ୍ରଣ କରିବ ସେ ନିଷ୍ପତ୍ତି ବୃହତର ଖଣ୍ଡପୀଠଙ୍କ ଉପରେ ଛଡ଼ାଯାଇଛି। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗଣତନ୍ତ୍ର ବିରୋଧୀ ଏବଂ ଦିଲ୍ଲୀବାସୀଙ୍କ ପ୍ରତି ଅନ୍ୟାୟ ବୋଲି କହିଛନ୍ତି। ରାୟରୁ ଜଣାପଡୁଛି କର୍ମଚାରୀଙ୍କୁ ବଦଳି କରିବା କିମ୍ବା ଜଣେ ପିଅନ ନିଯୁକ୍ତି କରିବା କ୍ଷମତା ମଧ୍ୟ ଏକ ନିର୍ବାଚିତ ସରକାରଙ୍କର ନାହିଁ। ଏଏପି ସରକାର କିପରି କାମ କରିବ ତାହା କେଜ୍‌ରିୱାଲ ଜାଣିବାକୁ ଚାହିଁଛନ୍ତି। ଯଦି ପ୍ରତି କାମରେ ଏବଂ ପ୍ରତ୍ୟେକ ଫାଇଲ ମଞ୍ଜୁର କରାଇବାରେ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ଉପରାଜ୍ୟପାଳଙ୍କ ବାସଭବନରେ ଧାରଣାରେ ବସିବାକୁ ହେବ ତେବେ ସରକାର କିପରି ଚାଲିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଦିଲ୍ଲୀ ଅଫିସରଙ୍କ ଉପରେ କାହାର ଅଧିକାର ରହିବ ଏହା ଉପରେ ଜଷ୍ଟିସ ଏ.କେ. ସିକ୍ରି ଏବଂ ଅଶୋକ ଭୂଷଣଙ୍କ ଖଣ୍ଡପୀଠ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରି ନାହାନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ବିରୋଧରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଯୁଦ୍ଧ ଘୋଷଣା କରିଥିବା ଭାଜପା ଅଭିଯୋଗ କରିଛି। ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର କରିବାକୁ ଭାଜପା ବିଚାର କରୁଛି। ରାଜନୈତିକ ଇତିହାସରେ ସୁପ୍ରିମକୋର୍ଟଙ୍କ ଉପରେ ଏହା ସବୁଠୁ ବଡ଼ ଆକ୍ରମଣ ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି।

## ଏଲ୍‌ଜିଙ୍କ ଘର ବାହାରେ ମୁଖ୍ୟମନ୍ତ୍ରୀଙ୍କ ଧାରଣା



**ପୁଡୁଚେରୀ,୧୪।୨(ପି.ଟି.)**

ପୁଡୁଚେରୀ ଉପରାଜ୍ୟପାଳ(ଏଲ୍‌ଜି) କିରଣ ବେଦୀଙ୍କ ବାସଭବନ ବାହାରେ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ଓ ତାଙ୍କ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ ଓ ଦଳୀୟ ବିଧାୟକମାନେ ବୁଧବାରଠାରୁ ଧାରଣାରେ ବସିଛନ୍ତି। ତାଙ୍କ ସରକାର ପ୍ରତି ବେଦୀଙ୍କ ନକାରାତ୍ମକ ଆଭିମୁଖ୍ୟ ପ୍ରତିବାଦରେ ଏହି ଧାରଣା ଦିଆଯାଉଥିବା ନାରାୟଣସ୍ୱାମୀ କହିଛନ୍ତି। ଗତ ରାତିରେ ସେମାନେ କଳା ଶାର୍ଟ ପିନ୍ଧି ରାଜନିବାସ ସମ୍ମୁଖ ରାସ୍ତାରେ ଶୋଇ ରହିଥିଲେ। ମାଗଣା ଚାଉଳ ଯୋଜନା ସମେତ ୩୯ଟି ସରକାରୀ ପ୍ରସ୍ତାବକୁ ଉପରାଜ୍ୟପାଳ ମଞ୍ଜୁରୀ ଦେବା ଲାଗି ସେମାନେ ଦାବି କରିଆସୁଛନ୍ତି। ଏହି ଧାରଣାରେ କଂଗ୍ରେସର ଅନ୍ୟ ସଂଗଠନ ଏବଂ ଡିଏମକେ ମଧ୍ୟ ସାମିଲ ହୋଇଛି। ଗୁରୁବାର ସକାଳେ ବେଦୀ କଡା ସୁରକ୍ଷା ମଧ୍ୟରେ ନୂଆଦିଲ୍ଲୀ ଯାଇଛନ୍ତି। ସେ ଦିଲ୍ଲୀରୁ ଫେରିବା ପରେ ୨୧ରେ ମୁଖ୍ୟମନ୍ତ୍ରୀଙ୍କୁ ଡାକି ଉକ୍ତ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ରାଜନିବାସ ପକ୍ଷରୁ କୁହାଯାଇଛି।

## ଆତ୍ମଘାତୀ ଆକ୍ରମଣରେ ୨୭ ସୈନ୍ୟ ନିହତ

**ତେହେରାନ,୧୪।୨(ପି.ଟି.)**

ଇରାନରେ ଏକ ଆତ୍ମଘାତୀ କାର ବୋମା ବିସ୍ଫୋରଣରେ ୨୭ ସୈନ୍ୟ ନିହତ ହୋଇଛନ୍ତି। ଇରାନର ରିଭଲ୍ୟୁଶନାରୀ ଗାର୍ଡ ଉପରେ ଏହା ସବୁଠୁ ଭୟାବହ ଆକ୍ରମଣ। ସୈନ୍ୟମାନେ ସୀମାନ୍ତ ପାଟ୍ରୋଲିଂରୁ ଫେରୁଥିବାବେଳେ ସେମାନଙ୍କ ବସ୍‌କୁ ବିସ୍ଫୋରକ ଭର୍ତ୍ତି କାର ଧକ୍କା ଦେଇଥିଲା। ଏହି ଆତଙ୍କବାଦୀ ଆକ୍ରମଣରେ ଅନ୍ୟ ୧୩ ଆହତ ହୋଇଛନ୍ତି। ବିସ୍ଫୋରଣରେ ବସ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

## ମଞ୍ଚରେ ରାହୁଲଙ୍କୁ ମହିଳାଙ୍କ ଚୁମ୍ବନ

**ଧରମପୁର,୧୪।୨(ପି.ଟି.)-**ଗୁଜରାଟର ଭଲସାଦ ଜିଲାରେ ଏକ ସଭାମଞ୍ଚରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଗାଲରେ ଜଣେ ମହିଳା ଚୁମ୍ବନ ଦେଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ରାହୁଲ ତାଙ୍କ ଭାଇ ଭଳି। ଏହା ସ୍ୱତଃପ୍ରବୃତ୍ତ ଭାବ ପ୍ରଦର୍ଶନ, ଭାଲେଣ୍ଟାଇନ୍ସ ଦିବସର ଉଦ୍ଦୀପନା ନୁହେଁ ବୋଲି ମହିଳା ଜଣକ ଗଣମାଧ୍ୟମକୁ କହିଛନ୍ତି। ଉକ୍ତ ମହିଳା କଂଗ୍ରେସ କର୍ମୀ ଜଣକ ଅନ୍ୟମାନଙ୍କ ସହ ରାହୁଲଙ୍କୁ ଫୁଲମାଳ ପିନ୍ଧାଇବାକୁ ମଞ୍ଚ ଉପରକୁ ଆସି ଚୁମ୍ବନ ଦେଇଥିଲେ।

### ଇତିହାସର ଆଇନାରେ

**ଫେବୃୟାରୀ ୧୫ର ପ୍ରମୁଖ ଘଟଣା**

୨୦୦୩ ଫେବୃୟାରୀ ୧୫ରେ ଇରାକ ଯୁଦ୍ଧକୁ ବିରୋଧ କରି ବିଶ୍ୱର ୬୦୦ ନଗରୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ପାଖାପାଖି ୩କୋଟି ଲୋକ ଅଂଶଗ୍ରହଣ କରିଥଲେ। ବିଶ୍ୱ ଇତିହାସରେ ଏହାକୁ ସର୍ବବୃହତ୍ ଶାନ୍ତିପୂର୍ଣ୍ଣ ଗଣଧାରଣା ଆଖ୍ୟା ଦିଆଯାଇଛି। ଏହାପରେ ଆମେରିକା ନେତୃତ୍ୱାଧୀନ ମେଣ୍ଟଶକ୍ତିର ଇରାକ ବିରୋଧୀ ଯୁଦ୍ଧକୁ ବିରୋଧ କରି ବିଭିନ୍ନ ରାଷ୍ଟ୍ରରେ ବିଭିନ୍ନ ସମୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିଲା।

୧୯୨୩ ଫେବୃୟାରୀ ୧୫ରେ ଗ୍ରିଗୋରିଆନ୍ କ୍ୟାଲେଣ୍ଡର ଗୃହୀତ କରିବାରେ ଗ୍ରିସ୍ ଥିଲା ଶେଷ ୟୁରୋପୀୟ ଦେଶ। ବିଶ୍ୱରେ ଗ୍ରିଗୋରିଆନ୍ କ୍ୟାଲେଣ୍ଡରକୁ ବହୁଳ ବ୍ୟବହାର କରାଯାଏ। ଏହା ପୋପ୍ ଗ୍ରିଗୋରି ତ୍ରୟୋଦଶଙ୍କ ନାମରେ ନାମିତ। ସେ ଏହି କ୍ୟାଲେଣ୍ଡରକୁ ୧୫୮୨ରେ କାର୍ଯ୍ୟକାରୀ କରିଥିଲେ। ଉକ୍ତ କ୍ୟାଲେଣ୍ଡର ଅନୁଯାୟୀ ବର୍ଷକ ହେଉଛି ୩୬୫.୨୪ ଦିନ। ତଦନୁଯାୟୀ ପ୍ରତି ୪ବର୍ଷରେ ଥରେ ଅଧିବର୍ଷ ପଡ଼େ।

## ନିଜ ବାୟୋପିକ୍‌ରେ ନିର୍ଦ୍ଦେଶନା ଦେବେ କଙ୍ଗନା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ଖୁବ୍ ଶୀଘ୍ର ନିଜ ବାୟୋପିକ୍ (ଜୀବନକାହାଣୀ ଭିତ୍ତିକ ଫିଲ୍ମ)ର ନିର୍ଦ୍ଦେଶନା ଦେବାକୁ ଚାହୁଁଛନ୍ତି। ତେବେ ଏହି ପ୍ରକଳ୍ପ ଜନମତକୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। 'ବାହୁବଳୀ' ଓ 'ମଣିକର୍ଣ୍ଣିକା: ଦି କୁଇନ୍ ଅଫ୍ ଝାନ୍ସି'ର କାହାଣୀକାର କେ.ଭି. ବିଜୟେନ୍ଦ୍ର ଉକ୍ତ ବାୟୋପିକ୍ ପାଇଁ କାହାଣୀ ଲେଖୁଥିବା ବେଳେ ଚଳିତବର୍ଷ ଶେଷ ସୁଦ୍ଧା ଏହା ରିଲିଜ୍ ହେବା ଆଶା କରାଯାଏ। ଏ ସମ୍ପର୍କରେ କଙ୍ଗନା ଏକ ବିବୃତିରେ କହନ୍ତି, ତାଙ୍କ ନିଜ କାହାଣୀକୁ ନେଇ ନିର୍ମାଣ ହେବାକୁ ଥିବା ଫିଲ୍ମର ନିର୍ଦ୍ଦେଶନା ସେ ନିଜେ ଦେବେ। ଏହା ତାଙ୍କ ପ୍ରଚାର ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ସେ ଏକ ବିବୃତିରେ କହିଛନ୍ତି। ମୋ ଚାରିପାଖର ଲୋକଙ୍କ ଭଲପାଇବା ମୋତେ ସାହସୀ କରିଛି। ୧୨ ସପ୍ତାହ ତଳେ ମୋ ନିଜ ଜୀବନୀକୁ ଭିତ୍ତିକରି ଏକ କାହାଣୀ ଲେଖିବାକୁ ସୁଯୋଗ ଦେବାକୁ ବିଜୟେନ୍ଦ୍ର ତାଙ୍କୁ ପ୍ରସ୍ତାବ ଦେଇଥିଲେ। ଏହା ଶୁଣି କଙ୍ଗନା ପ୍ରଥମେ ନର୍ଭସ୍ ହୋଇଯାଇଥିଲେ। ତେବେ ତାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ଉକ୍ତ ପ୍ରକଳ୍ପ ଆଗେଇ ନେବାକୁ ସେ ବିଜୟେନ୍ଦ୍ର ମହାଶୟଙ୍କୁ ପ୍ରସ୍ତାବ ଦେଇଥିଲେ।



### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୦ | ୧୩.୯ |
| ଚାନ୍ଦବାଲି | ୩୨.୨ | ୧୬.୦ |
| କଟକ | ୩୨.୨ | ୧୫.୦ |
| ପାରାଦ୍ୱୀପ | ୨୯.୨ | ୧୭.୩ |
| ଭୁବନେଶ୍ୱର | ୩୪.୬ | ୧୫.୮ |
| ଗୋପାଳପୁର | ୩୦.୪ | ୧୬.୮ |
| ପୁରୀ | ୨୯.୦ | ୧୮.୪ |
| ଅନୁଗୋଳ | ୩୨.୭ | ୧୨.୦ |
| ବାରିପଦା | ୩୧.୬ | ୧୪.୪ |
| ଝାରସୁଗୁଡ଼ା | ୩୨.୮ | ୧୪.୦ |
| କେନ୍ଦୁଝର | ୩୧.୬ | ୧୩.୧ |
| ସମ୍ବଲପୁର | ୩୩.୩ | ୧୪.୦ |
| ସୁନ୍ଦରଗଡ଼ | ୩୦.୫ | ୧୨.୫ |
| ହୀରାକୁଦ | ୩୨.୧ | ୧୪.୬ |
| ତାଲଚେର | ୩୩.୨ | ୧୪.୩ |
| ଭବାନୀପାଟଣା | ୩୨.୫ | ୧୩.୫ |
| ବଲାଙ୍ଗୀର | ୩୩.୦ | ୧୪.୨ |
| କୋରାପୁଟ | ୩୨.୦ | ୧୨.୬ |
| ଫୁଲବାଣୀ | ୩୧.୦ | ୧୧.୩ |
| ଟିଟିଲାଗଡ଼ | --- | ୧୨.୫ |
| ମାଲକାନଗିରି | ୩୫.୫ | ୧୩.୮ |
| ସୋନପୁର | ୩୩.୦ | ୧୨.୪ |
| ଦାରିଙ୍ଗିବାଡ଼ି | ୨୮.୫ | ୧୨.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■୩୩ତମ ଜିଲାସ୍ତରୀୟ ଭାରତ ସ୍କାଉଟ୍ସ, ଗାଇଡ୍ସ କ୍ୟାମ୍ପୋରି ଉଦ୍‌ଘାଟନ
**ସ୍ଥାନ:** ଦିଲ୍ଲୀ ପବ୍ଲିକ ସ୍କୁଲ
**ସମୟ:** ଅପରାହ୍ନ ୩ଟା।

## ସଂକ୍ଷେପରେ

### କସ୍ତୁରବା ଆବାସିକ ବିଦ୍ୟାଳୟର ୩ ଛାତ୍ରୀ ଅସୁସ୍ଥ

**କାମାକ୍ଷାନଗର, ୧୪।୨(ଡି.ଏନ୍.ଏ.):** କଙ୍କଡ଼ାହାଡ଼ କସ୍ତୁରବା ଆବାସିକ ବିଦ୍ୟାଳୟର ୩ଜଣ ଛାତ୍ରୀ ଗୁରୁବାର ସନ୍ଧ୍ୟାରେ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ସକାଳେ ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା ପାରମିତା ପାତ୍ର ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କଙ୍କଡ଼ାହାଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ସେଠାରୁ ସୁସ୍ଥ ହୋଇ ଫେରିଥିଲେ। ହେଲେ ଅପରାହ୍ନରେ ପୁଣିଥରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଏହାପରେ ୭ମ ଶ୍ରେଣୀର ଅନ୍ୟ ଦୁଇ ଛାତ୍ରୀ ଲିପିନା ପାତ୍ର, ଲିପ୍ସାରାଣୀ ମହାନ୍ତ ମଧ ଅସୁସ୍ଥ ହୋଇଯାଇଥିଲେ। ଏ ନେଇ ପାର୍ଟ ଟାଇମ୍ ଶିକ୍ଷୟିତ୍ରୀ ନମିତା ପତି କୁହନ୍ତି, ପ୍ରଜ୍ଞା ପାରମିତା ଚେତାଶୂନ୍ୟ ହୋଇପଡ଼ିବା ପରେ ଭୟରେ ଅନ୍ୟ ଦୁଇଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ଡାକ୍ତର ବିଶ୍ୱଜିତ୍ ନନ୍ଦ କୁହନ୍ତି, ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସେମାନଙ୍କୁ ଜ୍ୱର ହୋଇଛି। ଚିକିତ୍ସା ଚାଲିଛି।

### କୃମିନାଶକ ଔଷଧ ଖାଇବାରୁ ଛାତ୍ରୀଛାତ୍ର ବଞ୍ଚିତ

**ପରଜଙ୍ଗ, ୧୪।୨(ଡି.ଏନ.ଏ.):** ରାଜ୍ୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ସଂଘ ଡାକରାରେ ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି ଆନ୍ଦୋଳନ। ଏଥିରେ ସାମିଲ ହୋଇଛନ୍ତି ପରଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ କର୍ମଚାରୀ। ଏହାର ପ୍ରଭାବ ପଡ଼ିଛି କୃମିନାଶକ ଔଷଧ ବଣ୍ଟନ ଉପରେ। କର୍ମଚାରୀ ଅଭାବରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଔଷଧ ଖାଇବାକୁ ବଞ୍ଚିତ ହୋଇଛନ୍ତି। ସେହିପରି ଅନ୍ୟ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ମଧ ପ୍ରଭାବିତ ହୋଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ଅଧିକାରୀ (ପିଏଚ୍‌ଇଓ) କବିତା ସ୍ୱାଇଁ କୁହନ୍ତି, ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ଆନ୍ଦୋଳନରେ ଯୋଗ ଦେଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଖୁବଶୀଘ୍ର ଏହାର ସମାଧାନ କରାଯିବ।

### ଏମ୍‌ଭିଆଇଙ୍କୁ ମାଡ଼ମାରି ଯୁବକ ଗିରଫ

**ଢେଙ୍କାନାଳ ଅଫିସ,୧୪।୨:** ଢେଙ୍କାନାଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଏମ୍‌ଭିଆଇ ଶ୍ରୀବତ୍ସ ଦଳେଇଙ୍କୁ ମାଡ଼ ମାରିବା ଅଭିଯୋଗରେ ଯୁଗଳଧର ଚକ୍ରଙ୍କୁ ପୋଲିସ ଗିରଫ କରିଛି। କୌଣସି କାରଣରୁ ଉଭୟଙ୍କ ମଧରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁଗଳଧର ଏମ୍‌ଭିଆଇଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ନଂ.୪୩/୧୯ ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### ମାନସିକ ରୋଗୀ ଚିହ୍ନଟ ଶିବିର

**ଭୁବନ, ୧୪।୨(ଡି.ଏନ୍.ଏ.)** ଢେଙ୍କାନାଳ ଜିଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ମାନସିକ ରୋଗୀ ଚିହ୍ନଟ ଏବଂ ଔଷଧ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମଠକରଗୋଳା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ୨୦ଜଣ ମାନସିକ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା। ଡା. ରମେଶ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଏଡିଏମ୍‌ଓ ପ୍ରଦୀପ କୁମାର ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମାନସିକ ରୋଗୀଙ୍କୁ ଔଷଧ ଅପେକ୍ଷା ବେଶି ସ୍ନେହ ଓ ସହାନୁଭୂତି ଲୋଡ଼ା। ସେମାନଙ୍କ ପ୍ରତି ସହନଶୀଳ ହେଲେ ରୋଗ ଶୀଘ୍ର ଉପଶମ ହେବ। ଡା. ଶାନ୍ତାକୁମାରୀଙ୍କ ସମେତ ବିଭାଗର କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

■ଗଡ଼ିଲା ବ୍ଲୁ-ବଟନ ଏକ୍ସପ୍ରେସ

# ଭୋଟରଙ୍କୁ ସଚେତନ କରାଇବ

**ଢେଙ୍କାନାଳ ଅଫିସ,୧୪।୨**



ଭୋଟର ସଚେତନତା ମୋବାଇଲ ଭ୍ୟାନ ଶୁଭାରମ୍ଭ ଅବସରରେ ଅଧିକାରୀମାନେ।

ଓଡ଼ିଶା ଇଲେକ୍ସନ ୱାଚ୍ ଏବଂ ଢେଙ୍କାନାଳ ଜିଲା ପ୍ରଶାସନର ମିଳିତ ସହଯୋଗରେ ଗୁରୁବାରଠାରୁ ଗଡ଼ିଛି ବ୍ଲୁ-ବଟନ ଏକ୍ସପ୍ରେସ ମୋବାଇଲ ଭ୍ୟାନ୍। ଜିଲା କାର୍ଯ୍ୟାଳୟରୁ ଏହାର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଡେପୁଟି କଲେକ୍ଟର (ନିର୍ବାଚନ) ରଶ୍ମିରେଖା ସ୍ୱାଇଁ, ସହକାରୀ ଜିଲାପାଳ (ନିର୍ବାଚନ) ଭଜନାନନ୍ଦ ସାହୁ, ଜିଲା ଇଲେକ୍ସନ ୱାଚ ସଂଯୋଜକ ଶେଷଦେବ ରାଉତ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ।

ଏହି ରଥ ଜିଲାର ସମସ୍ତ ବ୍ଲକ ଓ ପଞ୍ଚାୟତ ପରିକ୍ରମା କରି ଭୋଟରଙ୍କୁ ସଚେତନ କରାଇବ। ପୋଷ୍ଟର, ଲିଫଲେଟ୍ ମାଧମରେ 'ମୋ ଭୋଟ, ମୋ ଦେଶ' ଓ 'ମୋ ଭୋଟ ସଉଦା ପାଇଁ ନୁହେଁ' ବାର୍ତ୍ତାର ପ୍ରଚାର କରାଯିବ। ସାଧାରଣ ନିର୍ବାଚନରେ କୌଣସି ଭୋଟର ଯେପରି ମତଦାନରୁ ବଞ୍ଚିତ ନ ହୁଅନ୍ତି ସେ ନେଇ ପରାମର୍ଶ ଦିଆଯାଇଥିଲା। ଭୋଟର ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ।

ଫେବୃୟାରୀ ୧୨ରୁ ଦୁଇଟି ବ୍ଲୁ-ବଟନ ଏକ୍ସପ୍ରେସ ମୋବାଇଲ ଭ୍ୟାନ୍ ଭୁବନେଶ୍ୱରରୁ ବାହାରିଛି। ଏଥିରୁ ଗୋଟିଏ କଟକ ପରିକ୍ରମା କରିବା ପରେ ଢେଙ୍କାନାଳରେ ପହଞ୍ଚିଛି। ଏହି ରଥ ଅନୁଗୋଳ, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଜିଲା ପରିକ୍ରମା କରିବ। ସେହିପରି ଦ୍ୱିତୀୟ ସଚେତନତା ରଥ ଭୁବନେଶ୍ୱରରୁ ବାହାରି ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନାଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା ଜିଲା ପରିକ୍ରମା କରି ୨୧ ତାରିଖରେ ପ୍ରତ୍ୟାବର୍ତ୍ତନ କରିବ ବୋଲି ରାଜ୍ୟ ଯୁଗ୍ମ ନିର୍ବାଚନ ଅଧିକାରୀ ରଘୁରାମ ଆର. ଆୟାରଙ୍କ ସୂତ୍ରରୁ ଜଣାପଡ଼ିଛି।

ଦୁଃଖ ବଖାଣିଲେ ଯାଯାବର ଦମ୍ପତି

# 'ନାଟ ନ କଲେ ଭୋକରେ ମରିବୁ'

**କାମାକ୍ଷାନଗର, ୧୪।୨(ଡି.ଏନ୍.ଏ.)**



'ଘର ନାହିଁ। ଭତ୍ତା କି ଚାଉଳ ମିଳୁନି। ରାତି ପାହିଲେ ମୁହଁରେ ରଙ୍ଗ ବୋଳି ଗଳିକନ୍ଦିରେ ନାଟ କରୁଛୁ। ନାଟ ନ କଲେ ପାଞ୍ଚ ପ୍ରାଣୀ କୁଟୁମ୍ବ ଭୋକରେ ମରିଯିବୁ।' ଏ ହେଉଛି ଯାଯାବର ଦମ୍ପତି ଗୋପାଳ ପଧାନ (୫୦), ଶ୍ରୀମତୀ ପଧାନ (୪୦)ଙ୍କ ମନର କ୍ଷୋଭ। ପେଟ ଚାଖଣ୍ଡକ ପାଇଁ ଦୁହେଁ ଦୁର୍ଦ୍ଦିନରେ କାଳାତିପାତ କରୁଥିବାବେଳେ ସେମାନଙ୍କ ନିକଟରେ ଅପହଞ୍ଚ ହୋଇ ରହିଛି ସରକାରୀ ସୁବିଧା।

ନିଜ ଠିକଣା ପଚାରିବାରୁ ଗୋପାଳ ବଖାଣିଥିଲେ ନିଜ କରୁଣ କାହାଣୀ। ସେ କୁହନ୍ତି, ୧୫ ବର୍ଷ ତଳେ ତାଳଚେର ଏନ୍‌ଟିପିସି ନିକଟରେ ୪ ପୁଅ ଏବଂ ସମ୍ପର୍କୀୟଙ୍କ ସହ ରହୁଥିଲେ। ବଡ଼ ପୁଅ ଶ୍ରୀକାନ୍ତ (୨୦)ଙ୍କ ବାହାଘର ସରିଛି। ପୁଅ ବିକ୍ରମ (୧୫), ବିକାଶ (୭), ପ୍ରକାଶ (୪)କୁ ନେଇ ସେ କାମାକ୍ଷାନଗର ଚାଲିଆସିଛନ୍ତି। କନ୍ତିଓପୁଟସାହି ପଞ୍ଚାୟତ ଜକା ଗ୍ରାମର ଆମ୍ବତୋଟା ପାଲଟିଛି ତାଙ୍କର ଘର। ସ୍ତ୍ରୀସ୍ୱାମୀ ଗାଁ ଗାଁ ବୁଲି ଧୁଡୁକି ବଜାଇ ନାଟ କରୁଛନ୍ତି। ଖଜୁରି ପତ୍ରରୁ ଝାଡୁ ତିଆରି କରି ବିକୁଛନ୍ତି। ନାଟତାମ୍‌ସା କଲେ ଲୋକେ ଭାତ, ଚାଉଳ ଦିଅନ୍ତି। କିଛି ପଇସା ମଧ ମିଳିଯାଏ। ବୁଧବାର ରାୟନୃସିଂହପୁର ପଞ୍ଚାୟତରେ 'ପିଠା' କାର୍ଯ୍ୟକ୍ରମ ଚାଲିଥିବାବେଳେ ଉପସ୍ଥିତ ଅଧିକାରୀଙ୍କୁ ଦୁଃଖ ଜଣାଇଥିଲେ ପଧାନ ଦମ୍ପତି। ଭତ୍ତା, ଚାଉଳ ମିଳୁ ନ ଥିବା ନେଇ ପ୍ରଶ୍ନ ମଧ କରିଥିଲେ। ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଅଧିକାରୀ। ହେଲେ ଆଧାରକାର୍ଡ, ଭୋଟର ପରିଚୟ ପତ୍ର ନ ଥିବାରୁ ସରକାରୀ ଯୋଜନାରେ ସାମିଲ ହେବା କାଠିକର ପାଠ ବୋଲି ହୃଦୟଙ୍ଗମ କରି ସାରିଲେଣି ଶ୍ରୀକାନ୍ତ। ସେ କହୁନ୍ତି, ସରକାରୀ ଯୋଜନା ଉପରେ ଆଉ ଭରସା ନାହିଁ। ଏମିତି କଷ୍ଟରେ ବଞ୍ଚୁଛୁ, ଏମିତି ହିଁ ମରିଯିବୁ। ଗରିବ ଲୋକେ ସୁଫଳ ନ ପାଇଲେ ଏତେ ସବୁ ଯୋଜନା କାହା ପାଇଁ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଜିଏମ୍‌ଆରରେ ସଡ଼କ ସୁରକ୍ଷା ସପ୍ତାହ

**ଓଡ଼ାପଡ଼ା,୧୪।୨(ଡି.ଏନ.ଏ)**


ସଡ଼କ ସୁରକ୍ଷା ସପ୍ତାହରେ ଆୟୋଜିତ ସଚେତନତା ଶୋଭାଯାତ୍ରା।

ଓଡ଼ାପଡ଼ା ବ୍ଲକ କମଳାଙ୍ଗସ୍ଥିତ ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡ୍ ପରିସରରେ ଚାଲିଥିବା ସଡ଼କ ସୁରକ୍ଷା ସପ୍ତାହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କମ୍ପାନୀ କର୍ମଚାରୀଙ୍କ ସମେତ ଆଖପାଖ ଅଞ୍ଚଳବାସୀଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନତା କରାଯାଇଥିଲା। ସେହିପରି ଦୁର୍ଘଟଣାକୁ କିପରି ରୋକାଯାଇପାରିବ ସେ ନେଇ ପରାମର୍ଶ ଦିଆଯାଇଥିଲା।

ଏହି ଅବସରରେ ଗାଡ଼ି ଚାଳକ, କାର୍ଯ୍ୟରତ ଶ୍ରମିକଙ୍କୁ ଅଡିଓ ଭିଜୁଆଲ ମାଧମରେ ସଚେତନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ଜିଏମ୍‌ଆର ଭରଲକ୍ଷ୍ମୀ ଡିଏଭି ପବ୍ଲିକ ସ୍କୁଲ, ମଙ୍ଗଳପୁର ଶିଶୁ ମନ୍ଦିର, ଅଚଳକୋଟ ପ୍ରାଥମିକ ବିଦ୍ୟାଳୟରେ ପ୍ରତିଯୋଗିତା ହୋଇଥିଲା। କର୍ମଚାରୀଙ୍କୁ କର୍ମକ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ଜିକେଇଏଲ୍ ସିଓଓ ରମେଶ ଆର. ପାଇ ପରାମର୍ଶ ଦେଇଛନ୍ତି। କମ୍ପାନୀର ଇଏଚ୍‌ଏସ୍ ବିଭାଗ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ପରଜଙ୍ଗ, ୧୪।୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ ପାଟରପଦା ପଞ୍ଚାୟତ ବଡ଼କମର ଗ୍ରାମର ନିଖୋଜ ବୃଦ୍ଧ ଜୟକୃଷ୍ଣ ରଣା (୭୫)ଙ୍କର ମୃତଦେହ ବୁଧବାର ସନ୍ଧ୍ୟାରେ ଉଦ୍ଧାର କରାଯାଇଛି। ୨ଦିନ ହେଲା ଜୟକୃଷ୍ଣ ନିଖୋଜ ଥିଲେ। ତାଙ୍କ ପୁଅ ବିଜୟ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୪/୧୯ରେ ମାମଲା ରୁଜୁ ହୋଇଥିଲା। ବୁଧବାର ପାଳସାହି-କମର ଗାଁ ନିକଟ ବ୍ରାହ୍ମଣୀ ନଦୀ କୂଳ ଜଙ୍ଗଲରୁ ବଡ଼କମର ଗ୍ରାମର ଅର୍ଜୁନ ସେଠୀ, ଛବି ସେଠୀ ମୃତଦେହ ଠାବ କରି ପରିବାରକୁ ସୂଚନା ଦେଇଥିଲେ। ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ସଦଳବଳ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏ ନେଇ ନଂ. ୨/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତେବେ ଜଙ୍ଗଲୀଜନ୍ତୁ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ବନ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ରେଞ୍ଜର ହରମୋହନ ନାୟକ କୁହନ୍ତି, ମୃତଦେହ ଜବତ ହେବା ଦିନ ଏପରି କୌଣସି ଅଭିଯୋଗ କରାଯାଇ ନ ଥିଲା। ବ୍ୟବଚ୍ଛେଦ ସରିବା ପରେ ମୃତକଙ୍କ ପରିବାର ଲୋକେ ଏପରି ଅଭିଯୋଗ ଆଣିଛନ୍ତି, ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

# ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଦକ୍ଷତା ଅଭିବୃଦ୍ଧି ତାଲିମ


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ।

**ଭୁବନ, ୧୪।୨(ଡି.ଏନ୍.ଏ.)**

କେନ୍ଦ୍ର ମାନବସମ୍ବଳ ମନ୍ତ୍ରଣାଳୟ ପକ୍ଷରୁ ଭୁବନସ୍ଥିତ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ପରିସରରେ ଗୁରୁବାରଠାରୁ ଆରମ୍ଭ ହୋଇଛି ବିଜ୍ଞାନ ଦକ୍ଷତା ଅଭିବୃଦ୍ଧି ତାଲିମ ଶିବିର। କେନ୍ଦ୍ର ମାନବସମ୍ବଳ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ୩ଦିନ ଧରି ଚାଲିବ। ଏଥିରେ ୭ ହାଇସ୍କୁଲର ଅଷ୍ଟମ, ନବମ ଶ୍ରେଣୀର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଛନ୍ତି।

କଲେଜ ଅଧକ୍ଷ ଡ. କିଶୋର ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ କଲିକତା ବିଶ୍ୱବିଦ୍ୟାଳୟ ଅଧାପକ ଡ. ଭୂପତି ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ମେଦିନିପୁର କଲେଜର ଡ. ସୁବାସ ସାମନ୍ତ, ସମ୍ମାନିତ ଅତିଥି ମେଦିନିପୁର ଆଇଆଇଟିର ଡ. ଅରିନ୍ଦମ୍ ଚକ୍ରବର୍ତ୍ତୀ, ଖୋର୍ଦ୍ଧା ବେଗୁନିଆ କଲେଜର ପ୍ରାକ୍ତନ ଅଧକ୍ଷା ପ୍ରଭାତୀ ମିଶ୍ର, ଡ. ହରେକୃଷ୍ଣ ପଣ୍ଡା ମଞ୍ଚାସୀନ ଥିଲେ।

ମେଦିନିପୁର କଲେଜର ଅଧାପକ ବୀରେନ୍ଦ୍ର ଦଣ୍ଡପାଟ, ତନ୍ମୟ ପାଲ ଯୋଗଦେଇ ବିଜ୍ଞାନ ପଠନ ଶୈଳୀ, ବିଭିନ୍ନ ଜଟିଳ ତତ୍ତ୍ୱ, ଏହାର ସମାଧାନର ସୂତ୍ର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମନସ୍ୱିନୀ ମହାପାତ୍ର, ସୁଦେଷ୍ଣା ଆଏଚ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିନର୍ଜିରେ ସିନ୍‌ଫେଷ୍ଟ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ, ୧୪।୨**



ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜର ବାର୍ଷିକ ଉତ୍ସବ ସିନ୍‌ଫେଷ୍ଟ-୨୦୧୯ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ଅଭିଜିତ ମୁଖାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧକ୍ଷା ଡ. ଇତିଶ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ ଟ୍ରଷ୍ଟି ଅଜୟ ସାହୁ, ସାଂସ୍କୃତିକ ପରିଷଦ ଉପସଭାପତି ପ୍ରଫେସର ପବିତ୍ର କୁମାର ନାୟକ, ଛାତ୍ର ପ୍ରତିନିଧି ଆଦିତ୍ୟ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ଥିଲା। ଏଥିପୂର୍ବରୁ ପୂର୍ବାହ୍ନ ୧୦ଟାରେ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଆଇଆଇଏମ୍‌ସିରେ ଆଲୋଚନାଚକ୍ର

# ରେଡିଓ ଭବିଷ୍ୟତ ଉଜ୍ଜ୍ୱଳ


ଆଲୋଚନାଚକ୍ରରେ ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ ଅଫିସ,୧୪।୨**

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ଗୁରୁବାର ରେଡିଓ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆକାଶବାଣୀ ଦିଲ୍ଲୀର ବରିଷ୍ଠ ପ୍ରସାରକ ଅଖିଲ ମିତଲ ଯୋଗଦେଇ କହିଲେ, ଟେଲିଭିଜନ ଆସିବା ପରେ ରେଡିଓର ଭବିଷ୍ୟତକୁ ନେଇ ଯେଉଁ ଆଶଙ୍କା ଦେଖାଯାଉଥିଲା ତାହା ଭୁଲ ପ୍ରମାଣିତ ହୋଇଛି। ରେଡିଓର ଭବିଷ୍ୟତ ଉଜ୍ଜ୍ୱଳ। ବିଦ୍ୟୁତ୍ ନ ଥିଲେ ଟେଲିଭିଜନ ଚାଲିବ ନାହିଁ। ରେଡିଓକୁ ଧରି ଯେ କୌଣସି ସ୍ଥାନକୁ ଯାତାୟାତ କରିହେବ, କିନ୍ତୁ ଟେଲିଭିଜନ କ୍ଷେତ୍ରରେ ଏହା ସମ୍ଭବ ନୁହେଁ। ଗାଡ଼ିମୋଟରରେ ହେଉ କି ମୋବାଇଲ, ସବୁଥିରେ ରେଡିଓ ଶୁଣାଯାଇପାରୁଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଖବର ପାଇବା ଲାଗି ରେଡିଓ ହିଁ ସର୍ବୋତ୍କୃଷ୍ଟ ମାଧମ ବୋଲି ସେ ମତବ୍ୟକ୍ତ କରିଥିଲେ।

ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ କାର୍ଯ୍ୟକ୍ରମରେ ଅଧକ୍ଷତା କରି କହିଲେ, ୭୦ରୁ ୮୦ ଦଶକ ରେଡିଓର ସୁବର୍ଣ୍ଣ ଯୁଗ ଥିଲା। ଶ୍ରୋତାମାନେ ଦେଶ ବିଦେଶରୁ ସହଜରେ ଖବର ଜାଣିପାରୁଥିଲେ। ଇଣ୍ଟରନେଟ୍‌ରେ ରେଡିଓ ନୂଆ ରୂପରେ ପରିପ୍ରକାଶ ହେବା ସହ ଗଣମାଧମ ଦୁନିଆରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ରେଡ଼ିଓ ଖବର ପଠନ, ସାକ୍ଷାତ୍‌କାର, ଧାରାବିବରଣୀ ସମ୍ପର୍କରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ।

## ମହିମା କଲେଜରେ ଲିଙ୍ଗଗତ ସଚେତନତା କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୧୪।୨**

ଗଁଦିଆ ବ୍ଲକ ଯୋରନ୍ଦା ମହିମାଗାଦିସ୍ଥିତ ମହିମା ମହାବିଦ୍ୟାଳୟରେ ଗୁରୁବାର ଉତ୍କଳ ବିଶ୍ୱବିଦ୍ୟାଳୟ ନାରୀ ଅଧ୍ୟୟନ ବିଭାଗ ଏବଂ ରାଜ୍ୟ ସରକାରଙ୍କ ଶିଶୁ ଓ ମହିଳା ବିକାଶ ବିଭାଗ ଆନୁକୂଲ୍ୟରେ ଲିଙ୍ଗଗତ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ଅଶୋକ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଜ୍ଞା ପାରମିତା ବସ୍ତିଆ, ପ୍ରୋଜେକ୍ଟ ସ୍ୱରାଜ୍ୟର ପୁଷ୍ପାଶ୍ରୀ ଯୋଗଦେଇ ସମାଜରେ ଲିଙ୍ଗଗତ ବୈଷମ୍ୟ ପ୍ରଭାବ ଏବଂ ଏହାର ନିରାକରଣ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଅଧାପକ ଶରତ ଚନ୍ଦ୍ର ସ୍ୱାଇଁ, ପ୍ରଜେଶ ଜେନା, ରଞ୍ଜନ ମହାପାତ୍ର, କାଳିନ୍ଦୀ ପଣ୍ଡା, କର୍ମଚାରୀ ବୈକୁଣ୍ଠ ବିହାରୀ ସାହାଣୀ, ଜୟନ୍ତ ନାୟକ, ମଧୁସୂଦନ ଦେହୁରୀ, ଅର୍ଜୁନ ରାଉଳ, ଦ୍ୱାରିକା ନାଥ, ପ୍ରସନ୍ନ ରାଉତ, ଛାତ୍ର ସୁନୀଲ ଦେହୁରୀ, ସନ୍ତୋଷ ବେହେରା, ଅଜିତ୍ ଦାସ ପ୍ରମୁଖ ସହଯୋଗ କରିଥିଲେ। ଅଧାପକ ପ୍ରହ୍ଲାଦ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଏବଂ ଅଧାପିକା ଶକୁନ୍ତଳା ଭୂୟାଁ ଧନ୍ୟବାଦ ଦେଇଥିଲେ।

■ବଣସିଂହ ସ୍କୁଲର ୧୧୯ତମ ବାର୍ଷିକ ଉତ୍ସବ

# ଚରିତ୍ର ଗଠନ ଉପରେ ଗୁରୁତ୍ୱ


ବାର୍ଷିକ ଉତ୍ସବ ସମାରୋହରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ ଅଫିସ,୧୪।୨**

ଢେଙ୍କାନାଳ ସଦର ବ୍ଲକ୍ ବଣସିଂହ ପ୍ରାଥମିକ ବିଦ୍ୟାଳୟର ୧୧୯ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଇଓ ନିତ୍ୟାନନ୍ଦ ବାରିକ ଯୋଗଦେଇ କହିଲେ, କେବଳ ସରକାରୀ ଅନୁଦାନ ଉପରେ ନିର୍ଭର କଲେ ବିଦ୍ୟାଳୟ ଉନ୍ନତି ହେବ ନାହିଁ। ଏ ଦିଗରେ ଛାତ୍ରୀଛାତ୍ର ଆଗେଇ ଆସିବା ଦରକାର। ଏଥି ଲାଗି ସରକାର 'ମୋ ସ୍କୁଲ ଅଭିଯାନ' ଆରମ୍ଭ କରିଛନ୍ତି। ଏଥିରେ ପୁରାତନ ଛାତ୍ରୀଛାତ୍ର ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ବଣସିଂହ ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଙ୍କର୍ଷଣ ଶତପଥୀ, ଏବିଇଓ ମଧୁସୂଦନ ଷଣ୍ଢ ଯୋଗଦେଇ ନିଷ୍ଠାପର ଭାବେ ଅଧ୍ୟୟନ ଓ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ସାମରିକ ଅଧିକାରୀ ବିଜୟ କୁମାର ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ ଗୋଲକ ବିହାରୀ ସାମଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁ, ଗଣମାଧମ ପ୍ରତିନିଧି ଶିଶିର ଶତପଥୀ, ସରପଞ୍ଚ କପିଳ ଘଡ଼େଇ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁବାଳା ହୋତା, ପରିଚାଳନା କମିଟି ସଭାପତି ନିରାକାର ପୁହାଣ, ଶିକ୍ଷକ ପ୍ରମୋଦ ବିଶ୍ୱାଳ, ଶିକ୍ଷକ ବିକ୍ରମ ସେଠୀ, ଶିକ୍ଷୟିତ୍ରୀ ରଞ୍ଜନା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପବିତ୍ର ମୋହନ ବିଶ୍ୱାଳଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସହଯୋଗ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବୁବୁନ୍ ଶତପଥୀ, ପ୍ରଶାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### କାର ଧକ୍କାରେ ମହିଳା ଗୁରୁତର

**ବଇଣ୍ଡା, ୧୪।୨ (ଡି.ଏନ.ଏ.):** ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ଠାକୁରଗଡ଼ ଥାନା ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ କାର(ନଂ.ଓଡ଼ି୩୩ଜେ୯୪୯୫) ଧକ୍କାରେ ସେହି ଗ୍ରାମର ମହିଳା ଲକ୍ଷ୍ମୀ ଗୋଚ୍ଛାୟତ ଆହାତ ହୋଇଛନ୍ତି। ସ୍ଥାନୀୟ ଗ୍ରାମବାସୀ ଓ ପୋଲିସ ତାଙ୍କୁ ଉଦ୍ଧାର କରି ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପୋଲିସ କହିଛି, ଲକ୍ଷ୍ମୀ ରାସ୍ତା ପାର ହେଉଥିବାବେଳେ ବଇଣ୍ଡାରୁ ବୌଦ୍ଧ ଅଭିମୁଖେ ଯାଉଥିବା କାରଟି ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ କାରଟିକୁ ଜବତ କରିଛି।

### ଚାଲାଣ ସମୟରେ ୨୫୬ ଗୋରୁ ଉଦ୍ଧାର
### ୫ ଗାଡ଼ି ଜବତ, ଚାଳକ ଗିରଫ



**ବଣ୍ଟଁରପାଳ, ୧୪।୨ (ଡି.ଏନ୍.ଏ.):** ବଣ୍ଟଁରପାଳ ଥାନା ମହାଧରପୁର ନିକଟରେ ପୋଲିସ ବୁଧବାର ରାତିରେ ୫ଟି ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ଏଥିରୁ ୨୫୬ ଗୋରୁଙ୍କୁ ଉଦ୍ଧାର କରିବା ସହ ଚାଳକ ଏସ୍.କେ. ଜାଫର, ଏସ୍.କେ. ଫକୀର ଆଲାମ, ଏସ୍.କେ. ଅସ୍ତକ, ଏସ୍.କେ. ଅବଦାହାଲେ, ଏସ୍.କେ. ରାମାଜାନ୍, ଏସ୍.କେ. ନିଜାଉଦ୍ଦିନଙ୍କୁ ପୋଲିସ ଗିରଫ କରିଛି। ଏମାନେ ଆଠମଲ୍ଲିକରୁ ଗୋରୁ ନେଇ ଭଦ୍ରକ ଅଭିମୁଖେ ଯାଉଥିଲେ। ମହାଧରପୁର ଠାରେ ଫାଣ୍ଡି ଅଧିକାରୀ ଗୋକୁଳା ନନ୍ଦ ପଣ୍ଡା ପିଛା କରି ଗାଡ଼ିଗୁଡ଼ିକୁ ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପରଲୋକ

**ବଇଣ୍ଡା, ୧୪।୨ (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ସଦାନନ୍ଦପୁର ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ ଶାଖା ପରିଚାଳକ ଧୁର୍ବଚରଣ ବିଶ୍ୱାଳ(୭୦)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ କିଛିମାସ ହେବ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁଖବର ପ୍ରସାରିତ ହେବା ପରେ ଠାକୁରଗଡ଼ ଓ ସଦାନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବୈଶ୍ୟ ବଣିକ ସମାଜର ବୈଠକ

**କଣିହାଁ, ୧୪।୨ (ଡି.ଏନ.ଏ.):** କଣିହାଁ ବ୍ଲକ ଶୁଶୁବା ଗ୍ରାମଠାରେ ନଅ ରାଜ୍ୟ ବୈଶ୍ୟ ବଣିକ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଜିଲାର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ। ଜାତିର ଉନ୍ନତି, ସମୃଦ୍ଧି ସହିତ ସାମାଜିକ କଲ୍ୟାଣ ଉପରେ ଆଲୋଚନା କରାଯାଇଥିଲା। ସେହିପରି ସମାଜର ଇଷ୍ଟ ଦେବୀ ଗଜେଶ୍ୱରୀଙ୍କ ଶତବାର୍ଷିକ ପ୍ରତିଷ୍ଠା ଦିବସକୁ ପାଳିନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସମାଜର ସଭାପତି ରଘୁନାଥ ପୃଷ୍ଟି, ଉପସଭାପତି ବେଣୁଧର ଦାସ, ସମ୍ପାଦକ ଲଳିତ କୁମାର ସାହୁ ବୈଠକ ପରିଚାଳନା କରିଥିଲେ।

### ଶିଶୁଙ୍କୁ ସଂସ୍କାରୀ କରନ୍ତୁ ମା'



**ବଇଣ୍ଡା, ୧୪।୨ (ଡି.ଏନ.ଏ.):** ଭଲ ପରିବାରରୁ ଶିଶୁଟିଏ ଭଲ ଶିକ୍ଷା ପାଇଥାଏ। ବିଶେଷ କରି ମା'ମାନେ ଏ ଦିଗରେ ଯତ୍ନବାନ ହେବା ଆବଶ୍ୟକ। ଶିଶୁକୁ ଆରମ୍ଭରୁ ସଂସ୍କାର ଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କୁ ସୁନାଗରିକ କରି ଗଢ଼ିତୋଳିବାକୁ ମା'ମାନେ ଗୁରୁତ୍ୱ ଦିଅନ୍ତୁ ବୋଲି ସୋମବାର ବଇଣ୍ଡା ସରସ୍ୱତୀ ଶିଶୁମନ୍ଦିର ପରିସରରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ଅତିଥିମାନେ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ସଭାପତି ସନାତନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷୟିତ୍ରୀ ପ୍ରେମଲତା ସାହୁ, ଅନ୍ୟତମ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନା ଯୋଗ ଦେଇଥିଲେ। ପ୍ରୀତିରାଣୀ ବୋଷ, ଜ୍ୟୋତ୍ସ୍ନାମୟୀ ପ୍ରଧାନ ସହଯୋଗ କରିଥିଲେ। ଏଥିରେ ଉପସ୍ଥିତ ମା'ମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା।

# ୬୯୨ ପ୍ରିଜାଇଡିଂ, ପୋଲିଂ ଅଫିସରଙ୍କୁ ତାଲିମ



**ଅନୁଗୋଳ ଅଫିସ, ୧୪।୨**

ଅନୁଗୋଳର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ କାର୍ଯ୍ୟ ସୁପରିଚାଳନା ପାଇଁ ନିୟୋଜିତ କର୍ମଚାରୀମାନଙ୍କ ପ୍ରଥମ ରାଉଣ୍ଡ ତାଲିମ କାର୍ଯ୍ୟକ୍ରମ ଗୁରୁବାର ୧୫ଟି ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଛି। ପ୍ରତ୍ୟେକ ତାଲିମ କେନ୍ଦ୍ରରେ ୫୦ ଜଣ ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଫିସରମାନଙ୍କୁ ଜିଲାସ୍ତରୀୟ ମାଷ୍ଟର ଟ୍ରେନର ଏବଂ ବିଧାନସଭାସ୍ତରୀୟ ମାଷ୍ଟର ଟ୍ରେନରମାନେ ତାଲିମ ପ୍ରଦାନ କରିଛନ୍ତି। ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, ତାଳଚେର ନିର୍ବାଚନମଣ୍ଡଳୀ ଦାୟିତ୍ୱ ନେଇଥିବା ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଡେପୁଟି କଲେକ୍ଟର ବୈତୁରା ଦୀପ୍ ଏହାର ତଦାରଖ କରୁଛନ୍ତି। ଜିଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ମାଷ୍ଟର ଟ୍ରେନର ଭାବେ ଅନୁଗୋଳ ଅତିରିକ୍ତ ତହସିଲଦାର ସାଗରିକା ସାହୁ ଓ ଅନୁଗୋଳ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ମେହେର ତାଲିମ ପ୍ରଦାନ କରିଥିଲେ। ସମସ୍ତ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୫ଟି ସ୍ଥାନରେ ପ୍ରଥମ ରାଉଣ୍ଡ ତାଲିମ କାର୍ଯ୍ୟକ୍ରମରେ ସମସ୍ତ ଜିଲାସ୍ତରୀୟ ଓ ବିଧାନସଭାସ୍ତରୀୟ ମାଷ୍ଟର ଟ୍ରେନର ତାଲିମ ପ୍ରଦାନ କରିଛନ୍ତି। ୨୭୬୯ ଜଣ କର୍ମଚାରୀ ଚଳିତ ମାସ ୧୭ ତାରିଖ ପର୍ଯ୍ୟନ୍ତ ହେଉଥିବା ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଗୁରୁବାର ପ୍ରଥମ ଦିବସ ୬୯୨ ଜଣଙ୍କୁ ତାଲିମ ଦିଆଯାଇଛି। ଅନୁପସ୍ଥିତ ଥିବା ୫୭ ଜଣଙ୍କ ବିରୋଧରେ ଜନପ୍ରତିନିଧି ଅଧିନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**ଅନୁଗୋଳ ଅଫିସ, ୧୪।୨**

ଅନୁଗୋଳ ସ୍ଥିତ ସୁସୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନବମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅତିଥି ଭାବେ ପ୍ରଦୀପ କୁମାର ଦାଶ, ମଞ୍ଜୁଲତା ମହାପାତ୍ର, ରାଜକିଶୋର ସାହୁ, ପ୍ରସନ୍ନ ପାଣିଗ୍ରାହୀ, ବିଦ୍ୟାଳୟ ଚେୟାରମ୍ୟାନ ଅନିଲ କର, ସମ୍ପାଦକ ସୁମନ୍ତ କୁମାର ବିଶ୍ୱାଳ, ପ୍ରଧାନ ଆଚାର୍ଯ୍ୟ ବିନୋଦିନୀ ଆଚାର୍ଯ୍ୟ, ମଣ୍ଡଳ ସଂଯୋଜକ ସୁକାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଉଚିତ ମାର୍ଗଦର୍ଶନ କରିବାକୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଗୁରୁଜୀ ସଚିନ କୁମାର ସାହୁ ଓ ସୁବାସ ଚନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଗୁରୁମା, ଗୁରୁଜୀ, ସେବିକା, ସେବକ ଓ କର୍ମକର୍ତ୍ତା ସହଯୋଗ କରିଥିଲେ। ଗୁରୁମା ମଞ୍ଜୁବାଳା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଧରାପଡ଼ିଲେ ୨ ଅଣଓଡ଼ିଆ ଲୁଟେରା
# ନକଲି ନମ୍ବର ପ୍ଲେଟ୍, କବାଟ ତାଡ଼ିବା ଯନ୍ତ୍ର ଜବତ

**ବଣ୍ଟଁରପାଳ, ୧୪।୨ (ଡି.ଏନ୍.ଏ.)**– କିଛି ମାସ ହେଲା ନାଲ୍କୋ ଟାଉନଶିପ କଲୋନୀ ପରିସରରେ ଚୋରି ଓ ଲୁଟ ଆଦି ବୃଦ୍ଧି ପାଉଥିଲା। ବାରମ୍ବାର କ୍ୱାର୍ଟର୍ସଗୁଡ଼ିକରୁ ଚୋରି ହେଉଥିବାରୁ କଲୋନୀବାସୀ ଚିନ୍ତିତ ହୋଇପଡ଼ିଥିଲେ। ଏ ନେଇ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖି ନାଲ୍କୋ ଅଧିକାରୀମାନେ ବୁଧବାର କଲୋନୀର ସୁରକ୍ଷା ଯାଞ୍ଚ କରିଥିଲେ। ଏହାପରେ ବିଳମ୍ବିତ ରାତିରେ ୨ ଜଣ ଅଣଓଡ଼ିଆ ଲୁଟେରାଙ୍କୁ ନାଲ୍କୋ କଲୋନୀ ସୁରକ୍ଷା କର୍ମଚାରୀମାନେ ଧରିବାରେ ସଫଳ ହୋଇଛନ୍ତି। ସମ୍ପୃକ୍ତ ଦୁଇ ଲୁଟେରାଙ୍କ ଘର ଛତିଶଗଡ଼ରେ ବୋଲି ଜଣାପଡ଼ିଛି।

ସୁରକ୍ଷା କର୍ମଚାରୀଙ୍କ ସୂଚନା ଅନୁଯାୟୀ, ସନ୍ଧ୍ୟା ୮ଟାରେ ୨ ଲୁଟେରା ଏକ କାର୍ (ନଂ. ଓଡ଼ି୧୫ଇ–୭୯୫୧) ଯୋଗେ କଲୋନୀ ପରିସରରେ ପଶିଥିଲେ। ସେମାନେ ସି.୧୦୧ ନିକଟସ୍ଥ ଏକ ଗ୍ୟାରେଜ ଭିତରେ ଲୁଚି ରହିଥିଲେ। ରାତିରେ ଉକ୍ତ କ୍ୱାର୍ଟର୍ସ ପାଚେରି ଡେଇଁ ଚୋରି ଉଦ୍ୟମ କରିବାକୁ ଯାଉଥିବାବେଳେ



ଧରା ପଡ଼ିଥିବା ୨ ଅଣଓଡ଼ିଆ ଦୁର୍ବୃତ୍ତ।

ସୁରକ୍ଷା କର୍ମଚାରୀମାନେ ସେମାନଙ୍କୁ କାବୁ କରି ନେଇଥିଲେ। ଘଟଣାସ୍ଥଳରେ ନାଲ୍କୋ ବରିଷ୍ଠ ପ୍ରବନ୍ଧକ ରାଜାରାମ ମିଶ୍ର, ଇଷ୍ଟେଟ୍ ବିଭାଗ ପ୍ରବନ୍ଧକ ମଣିରଞ୍ଜନ ପଟ୍ଟନାୟକ ପହଞ୍ଚି ସେମାନଙ୍କୁ ପଚରାଉଚରା କରିଥିଲେ। କାର୍‌ରୁ ଏକ ନକଲି ନମ୍ବର ପ୍ଲେଟ ଓ କବାଟ ତାଡ଼ିବା ଯନ୍ତ୍ର ଜବତ କରାଯାଇଛି। ପରେ ଉଭୟଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଛି। ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ସିଦ୍ଧବାବା କ୍ରିକେଟ: କୁକୁଡ଼ାଙ୍ଗ ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

**ବଣ୍ଟଁରପାଳ, ୧୪।୨ (ଡି.ଏନ୍.ଏ.)**

ବଣ୍ଟଁରପାଳ ବ୍ଲକ ଭାଗବତପୁର ଠାରେ ଚାଲିଥିବା ଷଷ୍ଠ ସିଦ୍ଧବାବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ କୁକୁଡ଼ାଙ୍ଗ ଓ ତୁଳସୀପାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୁକୁଡ଼ାଙ୍ଗ ପ୍ରଥମେ ବ୍ୟାଟିଂ କରି ୨୨୩ ରନ ସଂଗ୍ରହ କରିଥିଲା। ଜବାବରେ ତୁଳସୀପାଳ ୧୩୫ ରନ କରି ପରାସ୍ତ ହୋଇଥିଲା। ବିଜୟୀ ଦଳର ପିନୁ କୁମାର ମ୍ୟାନ ଅଫ୍ ଦି ମ୍ୟାଚ ଓ ସିପୁ କୁମାର ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ବାବୁଲା ସିଂ ଓ ବାବୁ ଗଡ଼ନାୟକ ଖେଳ ପରିଚାଳନା କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ନାଲ୍କୋ ଶ୍ରମିକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଭବ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଶ୍ରମିକ ନେତା ବିଜନ ଦଳବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କମିଟି ପକ୍ଷରୁ ରଞ୍ଜିତ ଗଡ଼ନାୟକ, ଲିଟୁ ମହାପାତ୍ର, ଲୁଲୁ ମହାପାତ୍ର, ବିଭୂତି ସିଂ, ଅଭିରାମ ମହାପାତ୍ର, ସରୋଜ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଛେଣ୍ଡିପଦା, ୧୪।୨ (ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ୍ ପରଙ୍ଗ ଗ୍ରାମରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା କଳସଯାତ୍ରାରେ ସାମିଲ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବାବା ଗଙ୍ଗାଧର ଦାସ ମହାରାଜଙ୍କ ପୌରୋହିତ୍ୟରେ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ଶେଷରେ ପୂର୍ଣ୍ଣାହୁତି ସହ ପ୍ରସାଦ ସେବନ କରାଯାଇଥିଲା। ଯଜ୍ଞ କମିଟିର ପୂର୍ବତନ ସଭାପତି ଭାଗୀରଥି ସିଂ, କୋଷାଧ୍ୟକ୍ଷ ଏକାଦୁଶିଆ ସାହୁ, ଗ୍ରାମ କମିଟି ସଭାପତି ସିଦ୍ଧେଶ୍ୱର ମହାକୁଡ, କମିଟି ସଦସ୍ୟ ଗଙ୍ଗାଧର ଗଡନାୟକ, ନାଉରୀ ସାସମଲଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ନୂଆ ଅଭିଯାନକୁ ଗାଁ ଗାଁକୁ ନେବେ କାର୍ଯ୍ୟକର୍ତ୍ତା

**ଅନୁଗୋଳ ଅଫିସ, ୧୪।୨**



ସ୍ଥାୟୀ ପଟ୍ଟା ସହ ପକ୍କାଘର ଓ ବେରୋଜଗାରଙ୍କୁ ରୋଜଗାର ଅଭିଯାନକୁ ଗାଁ ଗାଁକୁ ନେବ ଭାଜପା। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ। ସେ କହିଥିଲେ ଯେ, ବିଜେଡି ସରକାର ଦେଇଥିବା ପକ୍କାଘର ଓ ରୋଜଗାର ପ୍ରତିଶ୍ରୁତି ପ୍ରତାରଣାର ରୂପ ନେଇଛି। ଭାଜପା ସରକାରକୁ ଆସିଲେ ୨୦୨୨ ସୁଦ୍ଧା ଜଣେ ବି ଲୋକ ସ୍ଥାୟୀ ପଟ୍ଟାସହ ପକ୍କାଘର ନ ଥାଇ ରହିବେ ନାହିଁ। ସବୁ ଯୁବ–ବେରୋଜଗାରଙ୍କୁ ଓଡ଼ିଶାରେ ନିଯୁକ୍ତି ଓ ଆତ୍ମନିଯୁକ୍ତି ଦିଆଯିବ। ଏ ଅଭିଯାନକୁ ଆଗାମୀ ଦିନରେ ଭାଜପା କାର୍ଯ୍ୟକର୍ତ୍ତାମାନେ ଓଡ଼ିଶାର ଘରେ ଘରେ ପହଞ୍ଚାଇବାକୁ ଯୋଜନା କରାଯାଇଛି। ଓଡ଼ିଶାରେ ରୋଜଗାର ପାଇଁ ବିଭିନ୍ନ ସମ୍ଭବନା ଥିବା ସତ୍ତ୍ୱେ ରାଜ୍ୟର ଏକ ତୃତୀୟାଂଶ ଯୁବପିଢ଼ିଙ୍କୁ ବାହାର ରାଜ୍ୟକୁ ରୋଜଗାର ତଥା କାର୍ଯ୍ୟ ଅନ୍ୱେଷଣରେ ଯିବାକୁ ପଡୁଛି। ରାଜ୍ୟରେ ଥିବା ସମ୍ବଳର ସୁପରିଚାଳନା ମାଧ୍ୟମରେ ୫ ବର୍ଷ ମଧ୍ୟରେ କାମ କରିବା ପାଇଁ ଆଗ୍ରହୀ ସବୁ ଓଡ଼ିଆଙ୍କ ପାଇଁ ରୋଜଗାର ଓ ସ୍ୱରୋଜଗାରର ସମ୍ଭାବନା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତି ଦିଆଯିବ ବୋଲି ଭାଜପା ନେତା ସାମଲ ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଢେଙ୍କାନାଳ ଲୋକସେବା କ୍ଷେତ୍ର ସହ ପ୍ରଭାରୀ ନିରଞ୍ଜନ ମିଶ୍ର, ମିଡିଆ ସେଲ ସଭାପତି ସୋମନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଗିରାଙ୍ଗ ଛକରୁ ନାବାଳକ ଉଦ୍ଧାର

**ଅନୁଗୋଳ ଅଫିସ, ୧୪।୨**

ଅନୁଗୋଳ ନାଲ୍କୋ ସ୍ଥିତ ଗିରାଙ୍ଗ ଛକରୁ ଗୁରୁବାର ଜଣେ ୧୦ ବର୍ଷର ନାବଳକଙ୍କୁ ସାମାଜିକ କର୍ମୀମାନେ ଉଦ୍ଧାର କରିଛନ୍ତି। ତାଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ସେ କେଉଁଠାରୁ ଆସିଛନ୍ତି ତାହା ମଧ୍ୟ ନାବାଳକ ଜଣକ କହିପାରୁନାହାନ୍ତି। ୨/୩ ଦିନ ହେବ ନାବାଳକ ସେଠାରେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ସାମାଜିକ କର୍ମୀ ପ୍ରତାପ କୁମାର ମହାପାତ୍ର, ରୁକେଶ ରୋଶନ ଦାସ ଓ ସୁବାଶିଷ ଗିରି ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ଆଣି ସ୍ୱାସ୍ଥ୍ୟପରୀକ୍ଷା କରାଇ ଜିଲା ଶିଶୁମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ପରେ ତାଙ୍କୁ ଆଦୃତ ଶିଶୁ ଗୃହକୁ ପଠାଯାଇଥିବା ଜିଲା ଶିଶୁମଙ୍ଗଳ ଅଧିକାରୀ ଗୌରୀଶଙ୍କର ବେହେରା ସୂଚନା ଦେଇଛନ୍ତି।

## ନବଜାତକଙ୍କୁ ଶିଶୁମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କଲେ ମା'

**ଅନୁଗୋଳ ଅଫିସ, ୧୪।୨**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଜଣେ ନବଜାତ ଶିଶୁଙ୍କୁ ତାଙ୍କ ମା' ଜିଲା ଶିଶୁମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି। ବିଭିନ୍ନ ସମୟରେ ଶିଶୁଙ୍କୁ ଜନ୍ମ ପରେ ରାସ୍ତା, ମେଡିକାଲ ପରିସରରେ ଫିଙ୍ଗି ଦିଆଯାଉଥିବା ଘଟଣା ସାମ୍ନାକୁ ଆସୁଥିବାବେଳେ ଏପରି କାମ କରି ମହିଳା ଜଣକ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସମ୍ପୃକ୍ତା ବିଧବା ମହିଳା ଜଣକ ନିଜ ପିଲାର ଲାଳନପାଳନ ପାଇଁ ହସ୍ତାନ୍ତର କରିଥିବା ଶିଶୁ ମଙ୍ଗଳ ଅଧିକାରୀ ଗୌରୀଶଙ୍କର ବେହେରା କହିଛନ୍ତି। ଶିଶୁଟିକୁ ଅନୁଗୋଳ ଆଦୃତ ଶିଶୁ ଗୃହକୁ ପଠାଯାଇଛି। ତାହାର ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ବେହେରା ସୂଚନା ଦେଇଛନ୍ତି।

# ସୌରଶକ୍ତି ବିନିଯୋଗ ସମ୍ପର୍କିତ କର୍ମଶାଳା

**ଅନୁଗୋଳ ଅଫିସ, ୧୪।୨**




ଅନୁଗୋଳ ଜିଲା କଳାକେନ୍ଦ୍ର ଠାରେ ସୌରଶକ୍ତି ବିନିଯୋଗ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓରେଡା ସହକାରୀ ନିର୍ଦ୍ଦେଶକ କିଶୋର କୁମାର ଦାସ ଯୋଗଦାନ କରିଥିଲେ। ଏଥିରେ ବହୁ ପ୍ରତିଷ୍ଠିତ କମ୍ପାନୀ ଯୋଗଦାନ କରି ଅନୁଗୋଳରେ ସୌରଶକ୍ତିର ସୁପରିଚାଳନା ନେଇ ଆଲୋଚନା କରିଥିଲେ। ବହୁ ଇଞ୍ଜିନିୟରିଂ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ସରକାରଙ୍କ ଏ ସମ୍ପର୍କିତ ଯୋଜନାଗୁଡ଼ିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଭବିଷ୍ୟତରେ ଏପରି କର୍ମଶାଳା ଆୟୋଜନ ନେଇ ନିଷ୍ପତ୍ତି ହୋଇଥିଲା। ଅନୁଗୋଳ ସୌର ସଚେତନତାର ଆବାହକ ରଶ୍ମିରଞ୍ଜନ ପାଣି ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଲୋଶନ କୁମାର ସାହୁ, ଜିତେନ୍ଦ୍ର କୁମାର ସାହୁ, ଧୀରେନ୍ଦ୍ର କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ହଣ୍ଡପା ଚାମ୍ପିୟନ

**ବଇଣ୍ଡା, ୧୪।୨ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପାଇକସାହି ଗ୍ରାମ ଖେଳ ପଡ଼ିଆଠାରେ ଚାଲିଥିବା ମା' ମାହେଶ୍ୱରୀ କପ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ନାବ ବଇଣ୍ଡା କ୍ରିକେଟ କ୍ଲବକୁ ହରାଇ ହଣ୍ଡପା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ହଣ୍ଡପା ବ୍ୟାଟିଂ କରି ୧୩୮ ରନ କରିଥିଲା। ଜବାବରେ ନାବ ବଇଣ୍ଡା ୯୫ ରନ କରି ପରାସ୍ତ ହୋଇଥିଲା। ବିଜୟୀ ଦଳର ବାବୁଲି ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦିନେଶ ମହାପାତ୍ର ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଚିତ୍ତ ରଞ୍ଜନ କର୍ଣ୍ଣ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ପାଇକସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୃସିଂହ ନାୟକ, ଯୁକ୍ତ ୩ କଲେଜ ଅଧ୍ୟକ୍ଷ ତୋଫାନ ମହାନନ୍ଦିଆ, ବିବେକା ପ୍ରଧାନ, କ୍ଷୀତିଶ ପ୍ରଧାନ, ରାଜେଶ ପ୍ରଧାନ ଯୋଗ ଦେଇଥିଲେ। ଅଭିରାମ ନାୟକ, ବୈକୁଣ୍ଠ ପ୍ରଧାନ ପରିଚାଳନା କରିଥିଲେ। ବାପୁନ ପ୍ରଧାନ, ପ୍ରବୀର ସାହୁ, କାହ୍ନା ନାୟକ ସହଯୋଗ କରିଥିଲେ।




# ଫସଲବୀମା ଦାବିରେ ରାସ୍ତାରୋକୋ

**ପବିତ୍ରନଗର, ୧୪।୨ (ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତର କୃଷକ କ୍ରିୟାନୁଷ୍ଠାନ କମିଟି ପ୍ରଧାନମନ୍ତ୍ରୀ ଫସଲବୀମା ପ୍ରଦାନ ଦାବିରେ ଗୁରୁବାର ରାସ୍ତାରୋକୋ ଆନ୍ଦୋଳନ କରିଥିଲା। କମିଟି ପକ୍ଷରୁ ସକାଳ ୬ଟାରୁ ବୁରୁକୁନାଠାରେ ୧୪୯ ନଂ ଜାତୀୟ ରାଜପଥ ଓ ତାଳଚେର–ପାଲଲହଡ଼ା ଏମ୍‌ଡିଆର୍ ରାସ୍ତାକୁ ପବିତ୍ରନଗର ଛକଠାରେ ଅବରୋଧ କରାଯାଇଥିଲା। ଆନ୍ଦୋଳନକାରୀଙ୍କ ଅଭିଯୋଗ ମୁତାବକ, ୨୦୧୭–୧୮ରେ ଫସଲବୀମା ଜନିତ କ୍ଷତିପୂରଣ ପ୍ରଦାନ ନିମନ୍ତେ ବୁରୁକୁନା ଗ୍ରାମର ବୀମାଭୁକ୍ତ ଚାଷୀ ଦାବି କରିଆସୁଛନ୍ତି। ବହୁବାର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ସତ୍ତ୍ୱେ କେବଳ ପ୍ରତିଶ୍ରୁତି ମିଳୁ ଥିବାରୁ ଅସନ୍ତୁଷ୍ଟ ଚାଷୀ ଗୁରୁବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ପରେ ପ୍ରଶାସନ ଓ କୃଷି ବିଭାଗ ଅଧିକାରୀମାନେ ସେମାନଙ୍କ ସହ ଆଲୋଚନା କରିବା ସହ



୧୫ ଦିନ ମଧ୍ୟରେ ୨୦୧୭ ଖରିଫ୍ ଋତୁର ବୀମାରାଶି ପ୍ରଦାନ ନିମନ୍ତେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ସମ୍ପୃକ୍ତ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ନିଲମ୍ବନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା। ଏହି ଆଲୋଚନାରେ ତାଳଚେର ସହକାରୀ ଜିଲାପାଳ ସଞ୍ଜୟ କୁମାର ବେହେରା, ତାଳଚେର ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ତାଳଚେର ଜିଲା କୃଷି ଅଧିକାରୀ ଲକ୍ଷ୍ମୀ ନାରାୟଣ ଶତପଥୀ, ସମଲ ଥାନା ଅଧିକାରୀ ସୁନୀଲ କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆନ୍ଦୋଳନରେ ଭାଜପା ନେତା ଅଶୋକ ମହାନ୍ତି, ବୁରୁକୁନା ସମିତି ସଭ୍ୟ ଜୁଲିରାଣୀ ପ୍ରଧାନ, କମିଟି ସଭାପତି ଜଗଜୀବନ ପ୍ରଧାନ, ଭାଜପା ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲ ପ୍ରମୁଖ ସାମିଲ ହୋଇଥିଲେ। ତେବେ ପ୍ରତିଶ୍ରୁତି ମୁତାବକ ଦାବି ପୂରଣ କରା ନ ଗଲେ ପୁଣି ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

# ୩୨୪ ଅଶୋକା କଢ଼ିରେ ହୁଏ ପୂଜାର୍ଚ୍ଚନା

**ବଅଁରପାଳ, ୧୪।୨ (ଉପେନ୍ଦ୍ର ରାଉତ):** ଅସହାୟ ହୋଇ ଧାଇଁ ଆସିଥିବା ଶ୍ରଦ୍ଧାଳୁଙ୍କୁ ସହାୟ ହୁଅନ୍ତି ମା'। ପୂରଣ କରନ୍ତି ସେମାନଙ୍କ ସମସ୍ତ ମନସ୍କାମନା। ମା'ଙ୍କ ଆଶୀର୍ବାଦରୁ ନିଃସନ୍ତାନ ଦମ୍ପତି ପାଇଛନ୍ତି ସନ୍ତାନ। ବିବାହ ଓ କୋର୍ଟକଚେରି ମାମଲାରେ ବି ଅନେକ ଭକ୍ତଙ୍କୁ ମିଳିଛି ସଫଳତା। ସେଥିପାଇଁ ୨ଶହ ବର୍ଷ ହେଲା ମା' କାମଦେବୀଙ୍କ ଉପରେ ରହିଛି ବଅଁରପାଳ ବ୍ଲକ ଗୋତମରାବାସୀଙ୍କ ପ୍ରଗାଢ଼ ବିଶ୍ୱାସ। ଗ୍ରାମର ପ୍ରତ୍ୟକ୍ଷ ଦେବୀ ଭାବେ ପୂଜାପାଇ ଆସୁଥିବା କାମଦେବୀଙ୍କ ଏପରି ବହୁ ମହିମା ରହିଥିବା ଗ୍ରାମର ବୟସ୍କମାନେ କହିଛନ୍ତି।

ସେମାନଙ୍କ କହିବା ଅନୁଯାୟୀ, ପୂର୍ବରୁ ଗୋତମରା ଗ୍ରାମରେ ପୂଜା ପାଉଥିଲେ ମା'। ୧୯୮୧ରେ ନାଲ୍‌କୋ କାରଖାନା ନିର୍ମାଣ ହେବା ପରେ ସେହି ପ୍ଲାଣ୍ଟ ପରିସରରେ ରହିଗଲା ମା'ଙ୍କ ପୀଠସ୍ଥଳୀ। ପ୍ଲାଣ୍ଟ ଭିତରୁ କାମଦେବୀଙ୍କୁ ହଟାଇବା ପାଇଁ ସେତେବେଳେ ନାଲ୍‌କୋ କର୍ତ୍ତୃପକ୍ଷ ଜୋରଦାର ଉଦ୍ୟମ କରିଥିଲେ। ଏପରି କି ପୂଜକଙ୍କୁ ଜେଲ ପଠାଇବା ସହ ଆସ୍ଥାନ ସ୍ଥଳ ଭାଙ୍ଗିବାକୁ ମେଶିନ୍ ନେଇ ଯାଇଥିଲେ। ମାତ୍ର ଗାଡ଼ି ଚାଳକ ରକ୍ତବାନ୍ତି କରି ଅସୁସ୍ଥ ହୋଇପଡ଼ିବାରୁ ପ୍ଲାଣ୍ଟ କର୍ତ୍ତୃପକ୍ଷ ତାଙ୍କ ଉଦ୍ୟମରେ ବିଫଳ ହୋଇଥିଲେ। ସେବେଠାରୁ ମା' ପ୍ଲାଣ୍ଟ ପରିସରରେ ହିଁ ପୂଜା ପାଇ ଆସୁଛନ୍ତି। କୌଣସି ଠିକାଦାର କିମ୍ବା ଇଞ୍ଜିନିୟର କାମ ଆରମ୍ଭ କରିବା ସମୟରେ ମା' କାମଦେବୀଙ୍କୁ ସ୍ମରଣ କରିଥାନ୍ତି। ଏପରି କି ପୀଠସ୍ଥଳୀରେ ପୂଜାର୍ଚ୍ଚନା କରିବା ପରେ ଯାଇ ଠିକା ସଂସ୍ଥାମାନେ କାମ ଆରମ୍ଭ କରିଥାନ୍ତି। ମା'ଙ୍କ ବିନା ଆଶୀର୍ବାଦରେ କୌଣସି ଠିକାଦାର କାମ ଆରମ୍ଭ କଲେ କ୍ଷତି ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ପ୍ରତ୍ୟେକ ବର୍ଷ ଚୈତ୍ରମାସ ଅଶୋକାଷ୍ଟମୀ ତିଥିରେ ଦେବୀଙ୍କ ବଡ଼ ପୂଜା ହୋଇଥାଏ। ଏହି ଦିନ ଦେବୀଙ୍କୁ ୩୨୪ଟି ଅଶୋକା ଫୁଲ କଢ଼ିରେ ପୂଜାର୍ଚ୍ଚନା କରାଯାଇଥାଏ। ଗୋତମରା ଗ୍ରାମ ଦିଅଁଘରୁ ଠାକୁରାଣୀଙ୍କ ଆଲମକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ସିପିପି ପ୍ଲାଣ୍ଟକୁ ଅଣାଯାଇଥାଏ। ଏହାପରେ ପ୍ଲାଣ୍ଟ ପରିସରରେ ବିଧିପୂର୍ବକ ପୂଜାର୍ଚ୍ଚନା ହୋଇଥାଏ। କର୍ମଚାରୀଙ୍କ ବ୍ୟତୀତ ଅନ୍ୟ ସମୟରେ ସୁରକ୍ଷା କର୍ମୀ ଓ ସିଆରପିଏଫ୍ କାହାକୁ ଭିତରକୁ ଛାଡ଼ୁ ନ ଥିବା ବେଳେ ମା'ଙ୍କ ବାର୍ଷିକ ପୂଜା ସମୟରେ କିନ୍ତୁ କୌଣସି ଭକ୍ତଙ୍କୁ ସୁରକ୍ଷା କର୍ମଚାରୀ ଅଟକାନ୍ତି ନାହିଁ। ଏହି ଦିନ ସମସ୍ତ ଭକ୍ତଙ୍କୁ ନାଲ୍‌କୋ ପକ୍ଷରୁ ସ୍ୱତନ୍ତ୍ର ଭାବେ ଗେଟପାସ୍ ପ୍ରଦାନ କରାଯାଇଥାଏ। ୨୦୦ ବର୍ଷ ପୂର୍ବରୁ ମା' ଏଠାରେ ଆବିର୍ଭାବ ହୋଇଥିବା ପୂଜକ ଚନ୍ଦ୍ରମଣି ମହାପାତ୍ର କୁହନ୍ତି। ଗନ୍ଧର୍ବ ବିଶ୍ୱାଳ କୁହନ୍ତି, ମା' କାମଦେବୀ ସମସ୍ତଙ୍କ ମନସ୍କାମନା ପୂରଣ କରିଥାନ୍ତି। କର୍ମଚାରୀ ବିଭବ ଜେନା କୁହନ୍ତି, ମା' କାମଦେବୀ ଆମର ଅଧିଷ୍ଠାତା ଦେବୀ। ପ୍ଲାଣ୍ଟ ପରିସରରେ କୌଣସି ଠିକାଦାର କାମ ଆରମ୍ଭ କରିବା ସମୟରେ ମା'ଙ୍କୁ ସ୍ମରଣ କରିଥାନ୍ତି। ଯଦି ଏହାକୁ କେହି ଅବମାନନା କରନ୍ତି ତାଙ୍କର କ୍ଷତି ହୋଇଥାଏ ବୋଲି ସାଧାରଣରେ ବିଶ୍ୱାସ ଥିବା ଜେନା କହିଛନ୍ତି।



**ମନସ୍କାମନା ପୂରଣ କରନ୍ତି ମା' କାମଦେବୀ**


ବିଭବ ଜେନା


ଚନ୍ଦ୍ରମଣି ମହାପାତ୍ର


ଗନ୍ଧର୍ବ ବିଶ୍ୱାଳ





ଝିଅ ନାହିଁ ତ ସଂସାର ନାହିଁ କନ୍ୟା ଭ୍ରୂଣହତ୍ୟା କରନ୍ତୁ ନାହିଁ।
ଆମର ମା,ଭଉଣୀ,ସ୍ତ୍ରୀ ଦରକାର କିନ୍ତୁ ଝିଅ କାହିଁକି ନୁହେଁ ?
ଗର୍ଭସ୍ଥ ଶିଶୁର ଲିଙ୍ଗନିରୂପଣ କରିବା ଏକ ଜାମିନ୍ ବିହୀନ ଦଣ୍ଡନୀୟ ଅପରାଧ
ସୌଜନ୍ୟ : ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଶୋଭା, ଢେଙ୍କାନାଳ

ଧରିତ୍ରୀର ସ୍ୱନକ୍ଷେତ୍ର ଅବସରରେ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ।
ପ୍ରାଣୀ ଚିକିତ୍ସା ବିଭାଗ, ବଅଁରପାଳ

ଧରିତ୍ରୀର ସ୍ୱନକ୍ଷେତ୍ର ଅବସରରେ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ।
କ୍ଷୀରୋଦ ପ୍ରଧାନ
ପ୍ରଧାନ ଶିକ୍ଷକ, ପି.ବି.କେ ହାଇସ୍କୁଲ, ବଅଁରପାଳ

ଧରିତ୍ରୀର ସ୍ୱନକ୍ଷେତ୍ର ଦିବସ ଉପଲକ୍ଷେ ଅଭିନନ୍ଦନ ।
ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ବଅଁରପାଳ

ଦିବ୍ୟଦର୍ଶନ ଶିଶୁମନ୍ଦିର ବଅଁରପାଳର
୨୦୧୯-୨୦ ଶିକ୍ଷା ବର୍ଷ ନିମନ୍ତେ ନାମଲେଖା ଚାଲୁଅଛି ।
ସରକାରଙ୍କର ନିର୍ଦ୍ଦେଶ ମୁତାବକ ପ୍ରତିବର୍ଷ
ଅନୁସୂଚିତ ଜାତି ଓ ଜନଜାତି ଏବଂ ଦାରିଦ୍ର୍ୟ ସିମାରେଖା ତଳେ ଥିବା
ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଧରିତ୍ରୀର ସ୍ୱନକ୍ଷେତ୍ର ଦିବସ ଉପଲକ୍ଷେ
ସମସ୍ତ ଚାଷୀ ଓ ବଅଁରପାଳ ବାସିଙ୍କୁ ଅଭିନନ୍ଦନ ।
ଗଡ଼ ତଳମୂଳ ସେବା ସମବାୟ ସମିତି, ବଅଁରପାଳ

ଧରିତ୍ରୀର ସ୍ୱନକ୍ଷେତ୍ର ଦିବସ ଉପଲକ୍ଷେ
ସମସ୍ତ ଚାଷୀ ଓ ବଅଁରପାଳ ବାସିଙ୍କୁ ଅଭିନନ୍ଦନ ।
ରଙ୍ଗାସିଂହା ସମବାୟ ସମିତି, ବଅଁରପାଳ

ଧରିତ୍ରୀର ସ୍ୱନକ୍ଷେତ୍ର ଅବସରରେ ସମସ୍ତ ଚାଷୀ, ଭାଇଭଉଣୀ, ଗ୍ରାହକ ଓ ଜମାକାରୀଙ୍କୁ ଶୁଭେଚ୍ଛା ।
ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ
ବଅଁରପାଳ ଶାଖା

With Best Compliments from :-
M/S MAA HINGULA INDANE GRAMIN VITRAK
Prop:- Mithun Behera
Balaram Prasad, Angul

With Best Compliments from :-
MOHAPATRA ENTERPRISES
SANTRI CHHAK, BANARPAL

ଧରିତ୍ରୀର ସ୍ୱନକ୍ଷେତ୍ର ଅବସରରେ ସମସ୍ତ ଛାତ୍ରୀଛାତ୍ର ଓ ଅବିଭାବକ ଏବଂ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ।
ଶଶିଭୂଷଣ ସାମନ୍ତ
ଅଧକ୍ଷ
ତଳମୂଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୋକତୁଙ୍ଗା
ଢେଙ୍କାନାଳ ଓ ଅନୁଗୋଳ ସଂସ୍କରଣ ଜନ୍ମବାର୍ଷିକ ଉପଲକ୍ଷେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୋକତୁଙ୍ଗା, ବନ୍ତଳା, ଅନୁଗୋଳ ତରଫରୁ ସ୍ୱାଗତ ସହିତ ଶୁଭ ଅଭିନନ୍ଦନ।
ସରକାରୀ ସ୍ୱୀକୃତିପ୍ରାପ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୋକତୁଙ୍ଗା, ବନ୍ତଳା, ଅନୁଗୋଳ ସ୍ଥାପିତ: ୨୦୧୧ ମସିହା
ଏହା ଦିବାଧାୟୀ ତଥା ଆବାସିକ ବିଦ୍ୟାଳୟ ଭାବେ ଅରୁଣ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନଙ୍କୁ ପ୍ରାତଃ ଓ ଦିବା ସମୟରେ ଦୁଇଟି ପର୍ଯ୍ୟାୟରେ ୨୫୦ ବିଦ୍ୟାର୍ଥୀଙ୍କୁ ୨୨ ଜଣ ଗୁରୁଜୀ/ଗୁରୁମାଙ୍କ ଉନ୍ନତମାନର ଶିକ୍ଷାଦାନର ବ୍ୟବସ୍ଥା ରହିଛି।
ନାମ ଲେଖା:
ତା.୧୦।୦୨।୨୦୧୯ରିଖଠାରୁ ଆରମ୍ଭ ହୋଇ ତା୩୦।୦୪।୨୦୧୯ରିଖ ପର୍ଯ୍ୟନ୍ତ



ଶ୍ରୀମାନ ତାପସ କୁମାର ଦେହୁରୀ, ସମ୍ପାଦକ ଓ ଅନୁଗୋଳ ଜିଲ୍ଲା ପ୍ରମୁଖ
Email: ssvmpokatunga@gmail.com, Mob: 9938054377, 7978072259

My Dentist ଦନ୍ତ ଚିକିତ୍ସାଳୟ
ORTHODONTIC & COSMETIC DENTAL CARE
Infront of Nalco Main Gate, N.H.-55, Nalco, Angul
Dr. Sambit Satyabrat Samal
BDS (Hons)
(Dental and Oral Surgeon)
S.C.B. Dental College & Hospital, Cuttack
Contact : 9437550009 / 9437646362
Regd. No. 1373(A)

ଉତ୍ସବ ଦେହୁରୀ
(ସରପଞ୍ଚ, ବୁଢାପଙ୍କ)
ଧରିତ୍ରୀର ସ୍ୱନକ୍ଷେତ୍ର ଅବସରରେ ବୁଢାପଙ୍କ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି । ମା ବାଉତୀ ଠାକୁରାଣୀ ସମସ୍ତଙ୍କର ଉତ୍ତରୋତ୍ତର କାମନା କରନ୍ତୁ

ଧରିତ୍ରୀର ସ୍ୱନକ୍ଷେତ୍ର ଅବସରରେ ସମସ୍ତ ଛାତ୍ରୀଛାତ୍ର ଓ ଅବିଭାବକ ଏବଂ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ।
ତଳମୂଳ ଆଞ୍ଚଳିକ ଡ଼ିଗ୍ରୀ କଲେଜ

With Best Compliments from :-
M/S DIVINE ENTERPRISES
Nalco Nagar

ଧରିତ୍ରୀ ଅନୁଗୋଳ ଢେଙ୍କାନାଳ ସଂସ୍କରଣର ସ୍ୱନକ୍ଷେତ୍ର ଅବସରରେ
ନାଲ୍‌କୋର ସମସ୍ତ ଶ୍ରମିକ ଭାଇଭଉଣୀ ମାନଙ୍କୁ ଶୁଭେଚ୍ଛା ଜଣାଉଛୁ ।
ବିଭୂତି ଶତପଥୀ
ଯୁଗ୍ମ ସାଧାରଣ ସମ୍ପାଦକ
ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ (ଏନ୍ଏସସିୟୁ)
ପରେଶ ଚନ୍ଦ୍ର ଜେନା
ସାଧାରଣ ସମ୍ପାଦକ
ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ (ଏନ୍ଏସସିୟୁ)

ବିନୟ କୁମାର ସିଂହ
ସଭାପତି
ସୁଶାନ୍ତ କୁମାର ବେହେରା
ସମ୍ପାଦକ
ଧରିତ୍ରୀର ସ୍ୱନକ୍ଷେତ୍ର ଅବସରରେ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ।
ବଳରାମପ୍ରସାଦ ସେବା ସମବାୟ ସମିତି, ବଅଁରପାଳ

RAIN, SUN AND FIREPROOF
KONARK IS THE RIGHT ROOF
USE
KONARK
Right at the top
KONARK AC SHEETS & ACCESSORIES
UAL - ODISHA
(PROP. : UAL INDUSTRIES LTD.)
(AN ISO 9001, 14001 & OHSAS 18001 CERTIFIED COMPANY)
ODISHA WORKS
At/P.o. Korian, Dist. Dhenkanal-759013 (Odisha)
Phone : (06762) 228231, Fax : (06762) 228263
EPABX : (06762) 228879, 228880, 228881
E-mail : ual_dkl@ualind.com
BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com
U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com
WHILE SOME PERSUE FOR EXCELLENCE
WE ARE BORN TO EXCELL

ଧରିତ୍ରୀର ସ୍ୱନକ୍ଷେତ୍ର ଅବସରରେ ସମସ୍ତ ଛାତ୍ରୀଛାତ୍ର ଓ ଅବିଭାବକ ଏବଂ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ।
ଆଖଣ୍ଡଳମଣି ଶିଳ୍ପତାଲିମ୍ କେନ୍ଦ୍ର
ବଅଁରପାଳ, ଅନୁଗୋଳ

With Best Compliments from :-
M/S UTKAL ENTERPRISE
Nalco Nagar

ଧରାତ୍ରୀର ସନକ୍ଷତ୍ର ଉପଲକ୍ଷେ
ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
NIET
ନାରାୟଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନୀୟରିଂ ଆଣ୍ଡ ଟେକ୍‌ନୋଲୋଜୀ
ଅରାହାଟ, ବଅଁରପାଳ, ଅନୁଗୋଳ
ବ୍ରାଞ୍ଚ: ମେକାନୀକାଲ୍ ଇଞ୍ଜିନୀୟରିଂ, ସିଭିଲ୍ ଇଞ୍ଜିନୀୟରିଂ, ଇଲେକ୍‌ଟ୍ରିକାଲ୍ ଇଞ୍ଜିନୀୟରିଂ, ମାଇନିଙ୍ଗ୍ ଇଞ୍ଜିନୀୟରିଂ, ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେସନ୍ ଇଞ୍ଜିନୀୟରିଂ
ପ୍ରଥମ ଥର ଅନୁଗୋଳରେ :- ମେକାନିକାଲ୍ ଇଞ୍ଜିନୀୟରିଂ (ପାର୍ଟ ଟାଇମ୍)
ମାଇନିଙ୍ଗ ଇଞ୍ଜିନୀୟରିଂ (ସେକେଣ୍ଡ ସିଫ୍ଟ)

ଶ୍ରୀଯୁକ୍ତ ସତ୍ୟବାନ ବରାହ
ସଭାପତି
ଶ୍ରୀଯୁକ୍ତ କୁଳେଶ ଚନ୍ଦ୍ର ସାହୁ
ଉପ-ସଭାପତି
ଶ୍ରୀଯୁକ୍ତ କୃତାର୍ଥ ସେନାପତି
ସମ୍ପାଦକ
ଧରିତ୍ରୀ ସ୍ୱନକ୍ଷେତ୍ର ଅବସରରେ ଶୁଭେଚ୍ଛା
ସରସ୍ୱତୀ ଶିଶୁମନ୍ଦିର, ବଅଁରପାଳ

ନର୍ମଦା ମାଝୀ (ସରପଞ୍ଚ, ଗଡ଼ସନ୍ତ୍ରୀ)
ଧରିତ୍ରୀର ସ୍ୱନକ୍ଷେତ୍ର ଅବସରରେ ସନ୍ତ୍ରୀ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି । ମା ଲୋଭୀ ଠାକୁରାଣୀ ସମସ୍ତଙ୍କର ଉତ୍ତରୋତ୍ତର କାମନା କରନ୍ତୁ ।

■ ବଢୁଛି ଖଣି କ୍ଷତିଗ୍ରସ୍ତଙ୍କ ଅସନ୍ତୋଷ

# ଓସିପି ସମ୍ମୁଖରେ ଅନଶନ, ଧାରଣା

କଣିହାଁ,୧୪।୨ (ଡି.ଏନ.ଏ.)

ଅନୁଗୋଳ ଜିଲାସ୍ଥିତ ଏମ୍‌ସିଏଲର କଣିହାଁ ଓସିପିରେ ଜମିବାଡି ହରାଇଥିବା କ୍ଷତିଗ୍ରସ୍ତଙ୍କ ଅସନ୍ତୋଷ ବଢିବାରେ ଲାଗିଛି। କଣିହାଁ ଗ୍ରାମବାସୀ ଗୁରୁବାର ଖଣି ବନ୍ଦ ଆନ୍ଦୋଳନ ସହ ଆମରଣ ଅନଶନରେ ବସିଥିବାବେଳେ କଂସମୁଣ୍ଡା ଗ୍ରାମର ଏସ୍‌ସିଏସ୍‌ଟି ସଙ୍ଗଠନ ପକ୍ଷରୁ ଖଣି ଫାଟକ ସମ୍ମୁଖରେ ଧାରଣା ଦିଆଯାଇଛି। କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ, ନିଯୁକ୍ତି ଓ ଥଇଥାନ କରା ନ ଗଲେ ଆନ୍ଦୋଳନ ବ୍ୟାପକ କରିବାକୁ ଚେତାବନୀ ଦିଆଯାଇଛି।

କଣିହାଁ ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ୧୯୯୫ରୁ ସେମାନଙ୍କ ଜମି ଅଧିଗ୍ରହଣ କରାଯାଇଛି। ୨୦୧୯ ଜାନୁୟାରୀ ୧୯ରେ ୧୮ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ପାଇଁ ପୋଷ୍ଟିଂ ଅର୍ଡର ଆସିଥିଲା। ହେଲେ କଣିହାଁ ଓସିପି କର୍ତ୍ତୃପକ୍ଷ ଜାଣିଶୁଣି ନିଯୁକ୍ତିପତ୍ର ଦେଉନାହାନ୍ତି। ଏ ନେଇ ପୂର୍ବରୁ ପ୍ରଶାସନ, ପୋଲିସ, ଏମ୍‌ସିଏଲ କର୍ତ୍ତୃପକ୍ଷଙ୍କ ସମେତ ତାଳଚେର ବିଧାୟକଙ୍କୁ ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଖଣିବନ୍ଦ ଆନ୍ଦୋଳନ ସହ ଅନଶନ କରାଯାଇଛି। ନିଯୁକ୍ତି ପତ୍ର ନ ମିଳିବା ପର୍ଯ୍ୟନ୍ତ ଖଣି ଫାଟକ ସମ୍ମୁଖରେ ଆନ୍ଦୋଳନ ସହ ଅନଶନ ଚାଲିବ ବୋଲି ମଞ୍ଜୁଲତା ପ୍ରଧାନ, ଦିବାକର ସାହୁ, ପ୍ରଶାନ୍ତ ସାହୁ, ଅବନୀ ସାହୁ, ଅନିତା ସାହୁ, ଦିଲୋକ କୁମାର ସାହୁ, ବସନ୍ତ କୁମାର ସାହୁ, ଦୀପକ ସାହୁ ପ୍ରମୁଖ କହିଛନ୍ତି। ଏହି ଆନ୍ଦୋଳନରେ ଗ୍ରାମର ପ୍ରାୟ ୧୮ ପରିବାର ସାମିଲ ହୋଇଛନ୍ତି।

ସେହିପରି ବିଭିନ୍ନ ପର୍ଯ୍ୟାୟରେ କଣିହାଁ ଓସିପିରେ ଜମି ହରାଇଥିବା କଂସମୁଣ୍ଡା ଗ୍ରାମର ଏସ୍‌ସିଏସ୍‌ଟି ସଙ୍ଗଠନ ନିଯୁକ୍ତି ଓ ଥଇଥାନ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ସଙ୍ଗଠନରେ ସାମିଲ ହୋଇଥିବା କ୍ଷତିଗ୍ରସ୍ତ ପ୍ରଜା ଜମି ହରାଇଛନ୍ତି। ହେଲେ ସେମାନଙ୍କ ପାଇଁ ନିଯୁକ୍ତି ଓ ଥଇଥାନ ସ୍ୱନସର ଲିଷ୍ଟ କାର୍ଯ୍ୟରେ ଅବହେଳା କରାଯାଉଛି। ଯେ ପର୍ଯ୍ୟନ୍ତ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ମିଳିନି ସେ ପର୍ଯ୍ୟନ୍ତ ଖଣି ଫାଟକ ସମ୍ମୁଖରେ ଆନ୍ଦୋଳନ ଜାରି ରହିବ ବୋଲି କମିଟି ସଭାପତି ହୀରମନୟ ନାଏକ, ସମ୍ପାଦକ କରୁଣାକର ନାଏକ, ପରାମର୍ଶଦାତା ହରିହର ନାଏକ, କ୍ଷତିଗ୍ରସ୍ତ କୁମର ନାଏକ, କ୍ଷେତ୍ରବାସୀ ନାଏକଙ୍କ ସହିତ ଅନ୍ୟମାନେ ଚେତାବନୀ ଦେଇଛନ୍ତି।


କଣିହାଁ ଗ୍ରାମବାସୀ ଅନଶନରେ ବସିଛନ୍ତି।

## ପୋଡ଼ାହେଲା ୪୬୮ ଗଞ୍ଜେଇ ଗଛ

ଅନୁଗୋଳ ଅଫିସ/ଛେଣ୍ଡିପଦା, ୧୪।୨

ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଜରପଡ଼ା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୪୬୮ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। କଞ୍ଚରା କୁଟପାଳସାହିରେ ଏହି ଗଞ୍ଜେଇ ଚାଷ ହୋଇଥିବା ଅବକାରୀ ବିଭାଗ ସୂଚନା ପାଇବା ପରେ ଗୁରୁବାର ଅବକାରୀ ଏସ୍‌ପି ସୁରେଶ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ସେଠାରେ ଚଢ଼ାଉ କରି ୪୬୮ଟି ଗଞ୍ଜେଇ ଗଛ ଠାବ କରି ନଷ୍ଟ କରିଥିଲା। ଏହାର ମୂଲ୍ୟ ୪ ଲକ୍ଷ ୬୮ ହଜାର ଟଙ୍କା ହେବ ବୋଲି ଅବକାରୀ ଏସ୍‌ପି ନାୟକ ସୂଚନା ଦେଇଛନ୍ତି। ଏଥିସହ କଞ୍ଚରା ହରିଜନସାହିରେ ମାଟି ତଳେ ପୋତା ଯାଇଥିବା ୧୬ ଲିଟର ଦେଶୀ ମଦ ଓ ୬୨୦ କିଲୋଗ୍ରାମ ମହୁଲ ପୋଚ ମଧ୍ୟ ଜବତ ହୋଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉରେ ଅବକାରୀ ବିଭାଗର ସମସ୍ତ ଅଧିକାରୀ ଓ ମୋବାଇଲ ସ୍କ୍ୱାଡ୍ ସାମିଲ ଥିଲେ।


ଗଞ୍ଜେଇ ଚାଷ ଉପରେ ଚଢ଼ାଉ କରାଯାଉଛି।


**TALCHER-ANGUL-MERAMANDALI DEVELOPMENT AUTHORITY, ANGUL**

**TENDER CALL NOTICE No. 02 OF 2018-19**

No. 552/ TAMDA OF Dt. 13.02.2019

1. Engineer Member, TAMDA, Angul on behalf of TAMDA invites sealed single cover percentage rate bid for the work as detailed below from the class of contractors mentioned in the table in Col.6 registered under State Govt. / Central Govt. / MES/ Railways for execution of civil works.

| Sl. No. | Name of the work | Estimated Cost Rs. in Table (approx.) | EMD duly pledged in favour of funds of TAMDA | Cost of tender paper in Rs. (non-refundable) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Save & protection of vacant land and provision of plantation and develop of park in site and services (plotted development) scheme near WW Hostel, Angul | 7.08 | 7,100.00 | 4000.00 | D&C | 2 (Two) months |

2. The sale & receipt of the tender paper will be started from dt. 15.02.2019 till dt.21.02.2019 upto 5.00PM on payment of the cost (non-refundable) as indicated in Co.-5 against the above noted work during office hour everyday.
3. The tender paper will be opened on dt.22.02.2019 at 11.00AM in the Office of the undersigned in presence of the Bidders who wish to attend. If the date of receipt & opening happens to be a holiday, the tender paper will be received / opened on the next working day at the same time and venue.
4. Bids should be accompanied with required E.M.D. as indicated in Col.-4 in shape of N.S.C./ KVP/ Postal time deposit duly pledged in favour of FUNDS OF TAMDA payable at Angul along with the attested copies of valid license, copies of ITCC (PAN) & GST clearance certificate & no relation certificate, failing which the tender will be rejected.
5. Bids document must be delivered in the tender box having identification No. TAMDA-1.
6. Bids document received after due date & time will not be entertained.
7. Further details can be seen from the bidding documents.
8. The authority reserves the right to reject any or all tenders without assigning any reason thereof.

*Sd./- Engineer Member*



**ODISHA STATE BEVERAGES CORPORATION LIMITED**

(A GOVERNMENT OF ODISHA UNDERTAKING)
2nd FLOOR, FORTUNE TOWER, CHANDRASEKHARPUR, BHUBANESWAR-751023 (ODISHA)
CIN: U51228OR2000SGC006372
Ref. No. 2539/OSBC/601 Dt. 14.02.2019

**TENDER CALL NOTICE FOR HIRING OF GO-DOWN**

No. CAD-1421: Sealed tenders in the prescribed format are invited by Odisha State Beverages Corporation Ltd., Bhubaneswar from intending go-down/warehouse owners for leasing out their existing go-down / warehouses situated in and around Khurda to Odisha State Beverages Corporation Ltd for storing of India Made Foreign Liquor / Beer/ Country Liquor. The last date and time of submission of sealed tender is 11.03.2019 3.00 P.M.
The details may please be seen in the official website of the Corporation i.e. https://osbc.co.in

36003/11/0008/1819 **Sd/- General Manager (Admn.)**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, CENTRAL CIRCLE (R&B) NIRMAN SOUDHA PHASE-II, 2ND FLOOR, BHUBANESWAR**
Mail i. d. seccbbsr@gmail.com
No. 1273-B

**E-PROCUREMENT SHORT TENDER CALL NOTICE NO.23 OF 2018-19**

No.451(Estg.) Bhubaneswar the 12th February'2019
The Superintending Engineer, Central Circle (R&B), Bhubaneswar on behalf of the Governor of Odisha invites percentage rate bids for two No R.C.C. Drain works to be received in online bidding, double cover system for construction works as detailed in:https://tendersorissa.gov.in. The details of bid documents will be available in the above website from 4.00 PM of 18.02.2019 to 5:00 PM of 25.02.2019. The bidders must possess compatible Digital Signature Certificate of Class II or III. Bids received online shall be opened at 11:00 AM of 26.02.2019 in the Office of the Superintending Engineer, Central Circle (R&B), Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.

**Sd./- Er. R.K.Sahu**
**Superintending Engineer**
34005/11/0041/1819 **Central Circle (R&B), Bhubaneswar**



**NEELACHAL ISPAT NIGAM LIMITED**
NINL Kalinga Nagar Industrial Complex, At/PO-Duburi, Dist-Jajpur, Odisha - 755026

**OPEN TENDER NOTICE**

Tdr. No. NINL/CC/18-19/WM/TDR-153, Date:12.02.2019
Name of Work: **Job contract for removal & disposal of sludge/silt from harvesting pond of NINL. Last date of tender submission: 04.03.2019 up to 3PM.** For detailed tender documents, please visit www.ninl.in. Corrigendum, extension etc shall be notified on website only.
Sr. Mgr.(WCC)
Tel. 06726-264068



**RWS&S DIVISION, SUNDARGARH**
Phone -06622-272369, Email id : rwss.sng@gmail.com

**1st CORRIGENDUM NOTICE**
**Bid identification No.EE, RWS&S, SNG 07/2018-19**

No. 1689-O: The following correction has been made for Sl.No. 22 & 23, Class of Contractor may kindly be read as Special Class & Super Class instead of A & Special Class and the Approximate Value of Work excluding GST may be read as Rs. 756.40 lakhs and Rs.780.92 lakhs and EMD Rs.7,56,500/- & 7,81,000/- respectively in place of Rs.735.00 lakhs & Rs.846.18 lakhs & EMD Rs.7,35,000/- & Rs.8,46,200/-.
All other term & condition are remain as is it.

**Sd./- Executive Engineer**
25009/11/0013/1819 **RWS&S Division, Sundargarh**



**BERHAMPUR MUNICIPAL CORPORATION** No.-482-C

**NOTICE FOR SUMMER CAMP-2019**

No.2087 / Date.13.02.2019
Berhampur Municipal Corporation is going to Organise 2nd Summer camp 2019 from 1st May 2019 to 31st May 2019. Interested individuals,institute can be submit their proposal to participate as trainers in different skill areas for Summer Camp 2019.
The proposal should reach to the undersigned on or before 28.02.2019 by 5.00 PM. by hand only. Interested trainers can give their area of interest in different skill set. Trainers will be chosen on first come first serve basis, if they fulfil the criteria. After getting acceptance of the undersigned they will enrol the students. The enrolment for participants will start from 20.04.2019.
Any further discussion should be made with the undersigned within the working hours.

**Sd./- Commissioner**
13035/11/0222/1819 **Berhampur, Municipal, Corporation.**



**OFFICE OF THE NOTIFIED AREA COUNCIL, DHAMNAGAR**
Pin:-756117(Odisha), Tel. No- 06786-236056
E.Mail:dhamnagar.nac@gmail.com

No. 225 Date : 14.02.2019

**"e" PROCUREMENT NOTICE**
**Bid Identification No- DNR 09/2018-19**

Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| | | |
|---|---|---|
| 1 | Name of the Work | Civil const. works as mentioned in DTCN. |
| 2 | No. of Works | 5 Nos. |
| 3 | Estimatcd Cost | As per DTCN |
| 4 | Period of Completion | 2 Calendar Months |
| 5 | Date and Time of Bidding | 14.02.2019 to 21.02.2019 |
| 6 | Last date and Time for receipt of bids in the portal | 21.02.2019 upto 5.00 pm |
| 7 | Submission of Original Document | 22.02.2019 to 23.02.2019 within Office Hour |
| 8 | Bids received online shall be opened on | 25-02-2019 onwards |
| 9 | Name and address of the officer inviting Bid | Executive Officer, Dhamnagar NAC |

Further details can be seen from the procurement portal i.e. www.tendersorissa.gov.in.

**Sd./- Executive Officer,**
**Dhamnagar NAC**



**OFFICE OF THE MUNICIPAL COUNCIL, BALANGIR**
No. 623 / BM/ Dt. 12.02.2019

**e-Procurement Notice**
**Bid Identification No. BLGR MPTY/07(01-26)/2018-19**

Bid Documents consisting of work, Estimated cost, Cost of Tender Paper, EMD, Time of completion, Class of Contractor and the set of terms and conditions of contract and other necessary documents can be seen in Govt. Website i.e. www.tendersorissa.gov.in

| | | | |
|---|---|---|---|
| 1 | Name of the Work | : | Civil Construction work as mentioned in DTCN |
| 2 | No. of works | : | 26 (Twenty Six) Nos. |
| 3 | Estimated Cost | : | Rs. 1.00 Lakhs to Rs. 10.00 Lakhs |
| 4 | Period of Completion | : | 2 to 3 Calendar Months |
| 5 | Date and Time of online Bidding | : | From 10.00 Am of 15.02.2019 to 5.00 PM of 23.02.2019 |
| 6 | Online Bids shall be opened on | : | 25.02.2019 on 11.30 AM |
| 7 | Name & Address of the Officer inviting Bid | : | Executive Officer, Balangir Municipality |
| 8 | Further details can be seen from the website www.tendersorissa.gov.in | | |
| 9 | Further any addendum / corrigendum / clarification issued in connection with the tenders shall be uploaded in the above website and no newspaper advertisement shall be given. Bidders are advised to visit the website regularly for obtaining all such details. | | |

**Sd./- Executive Officer,**
**Balangir Municipality**



No.1264-B

**GOVERNMENT OF ODISHA,**
**"e"-PROCUREMENT NOTICE**
**OFFICE OF THE SUPERINTENDING ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
**SHORT TENDER CALL NOTICE**
E-mail: rbcirclekhurda@gmail.com
**Bid Identification No. SE-Khordha (R&B) Circle-19/2018-19 Memo No - Dt.**

The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road work as detailed in the table below:

| | | |
|---|---|---|
| 1. | Nature of Work | Road Work |
| 2. | No. of Work | 01 No |
| 3. | Tender Cost | Rs.10000.00 (On-Line) |
| 4. | Class of Contractor | 'B ' Class & 'A' Class |
| 5. | Available of Bid document in the Website | From Dt. 16.02.2019, 10.00 AM to Dt. 25.02.2019, 4.30 PM |
| 6. | Date of opening of Bid | Dt. 25.02.2019 at 5.00 PM |
| 7. | The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website. | |

**Superintending Engineer,**
34127/11/0021/1819 **Khordha (R&B) Circle, Khordha**



**GOVERNMENT OF ODISHA**
**e-mail ID-eephiictc@nic.in** No.-485-C
**OFFICE OF THE EXECUTIVE ENGINEER, P.H. DIVISION- II, CUTTACK**
**e-Procurement Notice for Bid Identification No. EEPH- II, CTC- 91 of 2018-19.**

1. Name of the work. :- 9 Nos of P.H. work.
2. Estimated cost :- Rs.7.73 lakhs to Rs.42.58 lakhs
3. Period of completion :- 3 (Three) months.
4. Date & time of availablity of bid document in the portal :- From 11.00 AM. of 20.02.2019 to 5.00 PM. of 6.3.19
5. Last date / time of receipt of bids in the portal :- 5.00 PM. of 6.3.19
6. Date & time of opening of bids :- 11.00 AM. of 7.3.19
7. Name and address of the Officer Inviting Bid :- The Executive Engineer, P.H. Division- II, Nayabazar, Cuttack- 753004, Odisha. Ph. (0671) 2441063, email:eephiictc@nic.in

Further details can be seen from e-procurement portal **https://www.tendersodisha.gov.in.**

**Sd./- Executive Engineer,**
13012/11/0029/1819 **PH Division-II, Cuttack**



**OFFICE OF THE MUNICIPAL COUNCIL, NABARANGPUR**
Nabarangpur (Odisha), Pin: 764059, Tel./Fax No.: 06858-222031,
E-mail: nabarangpurm.hud@ori.nic.in, municipalityngpr@gmail.com

**"E" PROCUREMENT NOTICE**
**Bid Identification No-04/NM-2018-19**
**Tender Call Notice No-500/NM-19 Dated 04.02.2019**

The Executive Officer on behalf of Nabarangpur Municipality, Nabarnagpur invites percentage rate bids in single cover system in ONLINE MODE only in conformity with Detailed Tender Call Notice (DTCN).
Bid Documents consisting of Work, Estimated Cost, Cost of Tender Paper, EMD and Time of Completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | | |
|---|---|---|
| 1 | Nature of work | Civil works |
| 2 | No. of Works | 13 Nos. |
| 3 | Estimated Cost | 2.00 to 12.00 Lakhs |
| 4 | Period of Completion | 03 Months |
| 5 | Date & time of availability of the bid documents in the portal | 14.02.2019 to 23.02.2019 |
| 6 | Last date & Time of receipt of Bids in the portal | 16.00 hours of 23.02.2019 |
| 7 | Date & time of opening of Bid | 25.02.2019 at 11.00 AM |
| 8 | Name & Address of the Officer inviting Bid | Executive Officer, Nabarangpur Municipality |
| 9 | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |
| Further the details can be seen from the procurement portal: www.tendersorissa.gov.in | | |

***Sd./- Executive Officer***
***Nabarangpur Municipality***



**OFFICE OF THE EXECUTIVE ENGINEER, RWS&S PROJECT DIVISION, KHARIAR**
At-khariar, Po-Khariar,
Email:-eerwssproject_khariar@rediffmail.com

**INVITATIONS FOR BIDS (IFB) [e-Procurement]**
**Bid Identification No. EERWSS-KHR 20/2018-19**
**Dt.11.02.2019** No.1675-O

| | | | |
|---|---|---|---|
| 1. | The Executive Engineer, RWS&S Project division, Khariar on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for execution of Rural Piped Water Supply Schemes in Nuapada District. | | |
| 2. | Nature of Work | : | Execution of Rural Piped Water Supply Village to Amodi under Nuapada Block in the district of Nuapada. |
| 3. | No. of Work | : | 01 (One No.) |
| 4. | Class of Contractor | : | "A Class" and "Special Class" |
| 5. | Cost of Tender paper | : | Rs.10000.00 |
| 6. | Estimated Cost approximate | : | Rs.357.22 Lakhs |
| 7. | Period of completion | : | Within 12 calendar Months |
| 8. | Availability of bid documents in the website | : | From date.18.02.2019 at 10.00 AM to date. 11.03.2019 upto 5.00 PM |
| 9. | Last date & Time of seeking tender clarification | : | On date. 11.03.2019 at 05.00 PM |
| 10. | Date & Time for submission of Original Document, Court Affidavit in original form | : | On Dated. 13.03.2019 upto 12.00 NOON |
| 11. | Date of Opening of Bid | : | On date. 13.03.2019 at 12.00 NOON onwards |
| 12. | Any corrigendum/Addendum/ Cancellation of IFB will be displayed in the e-tender website only. The bidders have to participate in ONLINE bidding only. Further details can seen from the website i.e. http://tendersorissa.gov.in | | |

**Sd./- Executive Engineer,**
25109/11/0010/1819 **RWS&S Project Division, Khariar**



**OFFICE OF THE EXECUTIVE ENGINEER RWSS DIVISION, BHUBANESWAR**
**PLOT NO. 1214 (P), AT : TAPOVAN**
**P.O: KHANDAGIRI, BHUBANESWAR – 30**
**Tel- (0674) 2384108, E-Mail: eerwss_bbsr@nic.in**

**Govt. of Odisha e-Procurement Notice**
**Bid Identification Notice No. 59 of 2018-19**

No. 1685-O: The Executive Engineer, RWS&S Division, Bhubaneswar on behalf of Governor of Odisha invites percentage bid through e-procurement in double cover system according to norm of e-procurement.

| | | |
|---|---|---|
| 1. | Nature of Work | Supplying all labour , material T&P for laying of rising main and Distribution pipe line of HDPE/GI/DI, construction of pump house, compound wall, RCC ESR, UGR,SV chamber, Stand post with other ancillary works. For water supply schemes under Khordha Division. |
| 2. | No. of Tender | 1 Nos. |
| 3. | Tender Paper Cost | Rs.10000.00 |
| 4. | Value of Work | 72.81 lakhs |
| 5. | Class of Contractor | B" A" |
| 6. | Date & time of availability of Bid document in portal | 16-02-2019 4.00 P.M. to 25-02-2019 Up to 3.00 P.M. |
| 7. | Date & Time of seeking tender clarification | 16.02-2019 4.00 P.M. to 21-02-2019 Up to 3.00 P.M. during office hour. |
| 8. | Date & Time of opening of tender | 26.02.2019 at 11.00 A.M. in the O/O E.E., RWSS Divn., Bhubaneswar |
| 9. | Time of Completion | 180 days |
| 10. | The bidders have to participate in online bidding only. Further details can be seen from the web site https://www.tendersorissa.gov.in. corrigendum if any shall only be published above web site | |
| 11. | The Bid cost and EMD to be deposited through online | |

**EXECUTIVE ENGINEER**
25011/11/0039/1819 **RWS&S DIVISION, BHUBANESWAR**



**OFFICE OF THE EXECUTIVE ENGINEER, RWS & S DIVISION, KENDRAPARA.**
**At-Ichhapur, Post- Shree Baladevjew,** No-1658-O
**Email- eerwsskendrapara@gmail.com**

**INVITATIONS FOR BIDS (IFB) [e-Procurement]**
**Bid Identification No. RWS / 46 / 2018-2019**

**Letter No.551** **Dated.08.02.2019**

1. The Executive Engineer, RWS&S Division, Kendrapar on behalf of Governor of Odisha invites lump comps its bid in double cover system in ONLINE MODE from eligible Contractors for Execution of rural Piped Water Supply Schemes in Kendrapara District.
2. Name of the work : Execution of RPWS Schemes in the District of Kendrapara.
3. No. of work : 1 (One No.)
4. Value of the work : Rs.143.20 Lakhs.
5. Concerned tender inviting authority : Executive Engineer, RWS&S Division, Kendrapar.
6. Security amount (Rs.) (Online) : Rs.144000/-
7. Cost of Bid documents (Rs.) (Online) : Rs.10000.00.
8. Class of Bidder : "B" & "A"
9. Period of Completion : 10 Months.
10. Availability of bid documents in the website : From Date.22.02.2019 at 10.00 AM. to Date.11.03.2019 at 5.00 PM.
11. Last Date & Time of seeking tender clarification : Up to 07.03.2019 at 1.00 PM.
12. Date of opening of Bid : On Date.13.03.2019 at 10.00 AM. onwards.

The bidders have to Participate in ONLINE bidding only. Further details can be seen from the website i.e. **http://tendersorissa.gov.in.**
Subsequent corrigendum / addendum if required shall only be appeared in above website.

***Sd./- Executive Engineer,***
25004/11/0015/1819 ***RWS&S Division, Kendrapara***


See Career Appointment on every Wednesday & Saturday

# କ୍ରୀଡ଼ା କେନ୍ଦ୍ର କଳିଙ୍ଗ



ଭାରତର ଅଘୋଷିତ କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଛି ଭୁବନେଶ୍ୱର। କଳିଙ୍ଗ ଷ୍ଟାଡିୟମ ଏବେ କେବଳ ଓଡ଼ିଶା କିମ୍ବା ଭାରତର ନୁହେଁ ବିଶ୍ୱର ଅନ୍ୟତମ ପ୍ରମୁଖ ଷ୍ଟାଡିୟମଭାବେ ପରିଗଣିତ ହେଉଛି। କ୍ରୀଡ଼ା ପ୍ରତି ଓଡ଼ିଶା ସରକାରଙ୍କ ଆଗ୍ରହ, ବିଶ୍ୱ ସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ଥିବା ଷ୍ଟାଡିୟମ ସହ ନିକଟରେ ବିମାନ ବନ୍ଦର, ଗମନାଗମନରେ ସୁବିଧା, ଟ୍ରାଫିକ୍ ଶୃଙ୍ଖଳା, ପରିମଳ ବ୍ୟବସ୍ଥା, ହୋଟେଲ, ଅତିଥି ଅଭ୍ୟର୍ଥନା ଏବଂ ସର୍ବୋପରି କ୍ରୀଡ଼ା ପ୍ରତି ଦର୍ଶକଙ୍କ ଆଗ୍ରହ ଯୋଗୁ ଓଡ଼ିଶାକୁ ଏବେ ଅଧିକରୁ ଅଧିକ ପ୍ରତିଯୋଗିତା ଆସିବାରେ ଲାଗିଛି। ଆଥଲେଟିକ୍ସ ହେଉ ହକି କିମ୍ବା ଅନ୍ୟ କୌଣସି କ୍ରୀଡ଼ା, ଦେଶ ବିଦେଶର ଖେଳାଳି, ଅଫିସିଆଲ ଏବଂ କିମ୍ବଦନ୍ତୀ କ୍ରୀଡ଼ାବିତ୍‌ମାନେ ଏଠାକାର ଆୟୋଜନ ବ୍ୟବସ୍ଥାରେ ଶତମୁଖ। ଅତୀତରେ ଅନେକ ମେଗା ଇଭେଣ୍ଟର ଆୟୋଜନ ସ୍ଥଳ ପାଲଟିଥିବା କଳିଙ୍ଗ ଚଳିତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ବର୍ଷ ଆରମ୍ଭରୁ ଆଇ-ଲିଗ୍ ଏବଂ ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରୁ ଏହାର ଶୁଭାରମ୍ଭ ହୋଇ ଥିବାବେଳେ ଆଗକୁ ଏହାର ତାଲିକା ଆହୁରି ବଢ଼ିବା ନିଶ୍ଚିତ ହୋଇଛି।

୧୯୭୮ରେ ନିର୍ମିତ କଳିଙ୍ଗ ଷ୍ଟାଡିୟମରେ ଏବେ ଆଥଲେଟିକ୍ସ, ଫୁଟବଲ, ଫିଲ୍ଡ ହକି, ବାସ୍କେଟବଲ, ଟେନିସ, ଟେବୁଲ ଟେନିସ, ଭଲିବଲ, ୱାଲ୍ କ୍ଲାଇମ୍ବିଂ, ଶୁଟିଂ ରେଞ୍ଜ ଏବଂ ସୁଇମିଂ ଆଦି ଇଭେଣ୍ଟ ପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ଉପଲବ୍ଧ। ଷ୍ଟାଡିୟମ ପରିସରରେ ସ୍ପୋର୍ଟ୍ସ ହଷ୍ଟେଲ ଏବଂ ଉନ୍ନତ ମାନର ଜିମ୍ନାସିୟମ ରହିଛି। ୮ ଲେନବିଶିଷ୍ଟ ସିନ୍ଥେଟିକ୍ ଆଥଲେଟିକ୍ସ ଟ୍ରାକ୍ ଏବଂ ଅଲିମ୍ପିକ୍ସ ଷ୍ଟାଣ୍ଡାର୍ଡର ପିଚ୍ ଏବଂ ହକି ଟର୍ଫ ଥିବାଯୋଗୁ ଓଡ଼ିଶାକୁ ଅନେକ ମେଗା ପ୍ରତିଯୋଗିତା ଆସିବାର ବାଟ ଫିଟିଯାଇଛି।

## ଆଥଲେଟିକ୍ସ

୨୦୧୭ ଜୁଲାଇ ୫ରୁ ୯ ମଧ୍ୟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇ ଯାଇଛି ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍। ଓଡ଼ିଶା ସରକାର ଏବଂ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଦେଶ ବିଦେଶର ଆଥଲେଟ୍ସଙ୍କ ମନରେ ମଧୁର ସ୍ମୃତି ଆଣିଥିଲା। ଏଠାରେ ଗତବର୍ଷ ନ୍ୟାଶନାଲ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍ ମଧ୍ୟ ଅନୁଷ୍ଠିତ ହୋଇ ଯାଇଛି। ଏଏଫଆଇ ପକ୍ଷରୁ ଏହା ୨୦୧୮ ସେପ୍ଟେମ୍ବର ୨୫ରୁ ୨୮ ପର୍ଯ୍ୟନ୍ତ ସଫଳତାର ସହ ଆୟୋଜିତ ହୋଇଥିଲା।

## ହକି

କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟଭାବେ ୨୦୧୪ରେ ଅନୁଷ୍ଠିତ ହୋଇଥିଲା ଚାମ୍ପିୟନ୍ସ ଟ୍ରଫି। ଏଥିରେ ୮ଟି ଦେଶ ଭାଗ ନେଇଥିଲେ। ହକି ଇଣ୍ଡିଆ ଆନୁକୂଲ୍ୟରେ ଏହା ଡିସେମ୍ବର ୬ରୁ ୧୪ ପର୍ଯ୍ୟନ୍ତ ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ଆଗାମୀ ଦିନରେ ଆହୁରି ବଡ଼ ପ୍ରତିଯୋଗିତା ପାଇଁ ବାଟ ଫିଟାଇ ଦେଇଥିଲା। ୨୦୧୫ରେ ଏଠାରେ ଆୟୋଜିତ ହୋଇଥିଲା ଭାରତ-ଜାପାନ ଦ୍ୱିପାକ୍ଷିକ ହକି ସିରିଜ। ମେ ୩, ୫, ୭ ଓ ୯ ତାରିଖରେ ଏଠାରେ ଜାପାନ ବିପକ୍ଷରେ ୪ଟି ମ୍ୟାଚ ଖେଳିଥିଲା ଭାରତ। ୨ ବର୍ଷ ବ୍ୟବଧାନରେ ଏଠାରେ ଆୟୋଜିତ ହୋଇଥିଲା ଏଫଆଇଏଚ୍ ହକି ୱାର୍ଲ୍ଡ ଲିଗ୍ ଫାଇନାଲ। ୨୦୧୭ ଡିସେମ୍ବର ୧ରୁ ୧୦ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୋଇଥିଲା। ୪ଟି କନ୍‌ଫେଡେରେଶନର ୮ଟି ଦଳ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ହକି ଇଣ୍ଡିଆ ଆନୁକୂଲ୍ୟରେ ଏଠାରେ ୨୦୧୪ରୁ ୨୦୧୭ ପର୍ଯ୍ୟନ୍ତ ୪ ବର୍ଷ ସଫଳତାର ସହ ହକି ଇଣ୍ଡିଆ ଲିଗ୍ ଆୟୋଜିତ ହୋଇଛି। ଓଡ଼ିଶାଭିତ୍ତିକ ଫ୍ରାଞ୍ଚାଇଜ୍ କଳିଙ୍ଗ ଲାନ୍ସର୍ସର ଏହା ହେଉଛି ହୋମ୍ ଗ୍ରାଉଣ୍ଡ। ୨୦୧୭ରେ ଏଠାରେ ଅବଶିଷ୍ଟ ଭାରତ ଏବଂ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ମଧ୍ୟ ଖେଳା ଯାଇଥିଲା। ୨୦୧୮ରେ ହକିର ମହାକୁମ୍ଭ ବିଶ୍ୱକପର ମୂକସାକ୍ଷୀ ରହିଥିଲା କଳିଙ୍ଗ। ହକି ବିଶ୍ୱକପ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ଅବସରରେ ଦେଶ ବିଦେଶର ବହୁ କିମ୍ବଦନ୍ତୀ କ୍ରୀଡ଼ାବିତ୍ ଏବଂ କଳାକାର କଳିଙ୍ଗ ଷ୍ଟାଡିୟମରେ ସମବେତ ହୋଇଥିଲେ। ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଏଥିରେ ଭାଗ ନେଇଥିବାବେଳେ ହକି ବିଶ୍ୱକପ ଇତିହାସରେ ପ୍ରଥମଥରପାଇଁ ଚାମ୍ପିୟନ ହୋଇଥିଲା ବେଲଜିୟମ। ଏହି ଧାରା ଏବେ ଆଗକୁ ବଢ଼ିବାକୁ ଯାଉଛି। ଚଳିତ ବର୍ଷ ମଧ୍ୟ ଭାଗରେ ଏଠାରେ ଆୟୋଜନ ହେବାକୁ ଯାଉଛି ପୁରୁଷ ହକି ସିରିଜ ଫାଇନାଲ୍ସ। ଅଲିମ୍ପିକ୍ସର କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟ ପାଇଁ ଏହା ହେବ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା। ୨୦୧୯ ଜୁନ ୬ରୁ ୧୬ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଭାରତ, ଜାପାନ, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ଦକ୍ଷିଣ ଆଫ୍ରିକା, ଆମେରିକା ଓ ଉଜ୍‌ବେକିସ୍ତାନ ଅଂଶଗ୍ରହଣ କରିବେ। ଏଥିରୁ ୨ଟି ଦଳ ଅଲିମ୍ପିକ୍ସ କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବ।

**କଳିଙ୍ଗ ଷ୍ଟାଡିୟମରେ ବିଭିନ୍ନ କ୍ରୀଡ଼ାର ଜାତୀୟ/ଅନ୍ତର୍ଜାତୀୟ ଇଭେଣ୍ଟ ବଢ଼ିବାରେ ଲାଗିଛି। ବିଶ୍ୱର ଅନ୍ୟତମ ପ୍ରମୁଖ ଷ୍ଟାଡିୟମଭାବେ ପରିଗଣିତ ହେଉଥିବା କଳିଙ୍ଗ ଏବେ ଭାରତର ଆଗଧାଡ଼ିର କ୍ରୀଡ଼ାକେନ୍ଦ୍ରରେ ପରିଣତ ହୋଇଛି। ହକି ହେଉ କି ଆଥଲେଟିକ୍ସ କିମ୍ବା ଫୁଟବଲ, ଭାରତକୁ ଯେଉଁ ଖେଳର ଆୟୋଜନ ଅଧିକାର ମିଳୁ ନା କାହିଁକି ଏବେ ପ୍ରଥମେ କଳିଙ୍ଗ ଷ୍ଟାଡିୟମ ହିଁ ସ୍ମରଣକୁ ଆସୁଛି।**

## ଫୁଟବଲ

କେବଳ ଆଥଲେଟିକ୍ସ କିମ୍ବା ହକିକୁ ନେଇ ନୁହେଁ କଳିଙ୍ଗ ଷ୍ଟାଡିୟମରେ ଅନ୍ୟ ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ ତାଲିକା ମଧ୍ୟ ଲମ୍ବିବାରେ ଲାଗିଛି। ଭାରତରେ ପ୍ରଥମଥରପାଇଁ ଏକ ଅନ୍ତର୍ଜାତୀୟ ସିନିୟର ମହିଳା ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ପରିକଳ୍ପନା କରାଯାଇଥିଲା। ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫଏଫ) ପକ୍ଷରୁ ଏହାର ଆୟୋଜନ ଅଧିକାର ଓଡ଼ିଶାକୁ ପ୍ରଦାନ କରାଯାଇଥିଲା। ଫଳରେ ୨୦୧୯ ଫେବୃୟାରୀ ୯ରୁ ୧୫ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ। ଏଥିରେ ଭାରତ ସମେତ ମ୍ୟାନମାର, ନେପାଳ ଓ ଇରାନ ଆଦି ୪ଟି ଦଳ ଭାଗ ନେଇଥିଲେ। ଅନ୍ୟ ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟ ମଧ୍ୟରେ ଏଠାରେ ଏଏଫସି କପ୍ ଫୁଟବଲ ମ୍ୟାଚ ଆୟୋଜନର ସୂଚନା ମିଳିଛି। ମିନର୍ଭା ପଞ୍ଜାବ କଳିଙ୍ଗ ଷ୍ଟାଡିୟମକୁ ହୋମ୍ ଭେନ୍ୟୁଭାବେ ଗ୍ରହଣ କରିଛି। ତେଣୁ ୨୦୧୯ ଏପ୍ରିଲ ୩ରୁ ଜୁନ୍ ୨୬ ମଧ୍ୟରେ କଳିଙ୍ଗରେ ଅତି କମ୍‌ରେ ୨ଟି ମ୍ୟାଚ ଆୟୋଜନ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ଜାତୀୟ ପ୍ରତିଯୋଗିତା ମଧ୍ୟରେ ଏଠାରେ ୨୦୧୭-୧୮ ସିଜନରେ ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ) ଆୟୋଜନ ହୋଇଥିଲା। ୨୦୧୮ରେ ଇଣ୍ଡିଆନ ସୁପର କପ୍‌ର ପ୍ରଥମ ସଂସ୍କରଣ ସଫଳ ଆୟୋଜନ ପରେ ୨୦୧୯ରେ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ମଧ୍ୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବ ବୋଲି ଘୋଷଣା କରାଯାଇଛି। ଏହା ମାର୍ଚ୍ଚ ୧୫ରୁ ଏପ୍ରିଲ ୧୩ ପର୍ଯ୍ୟନ୍ତ ହେବା ସମ୍ଭାବନା ରହିଛି। ୨୦୧୮-୧୯ ସିଜନର ଆଇ-ଲିଗ୍ ମ୍ୟାଚ ମଧ୍ୟ କଳିଙ୍ଗରେ ଆୟୋଜନ ହେଉଛି। ଭାରତର ଯୁବ ଖେଳାଳିଙ୍କୁ ନେଇ ଗଠିତ ଇଣ୍ଡିଆନ ଆରୋଜ ଦଳ କଳିଙ୍ଗ ଷ୍ଟାଡିୟମକୁ ହୋମ୍ ଭେନ୍ୟୁ କରିଛି। ତେଣୁ ଦଳ ତା'ର ସମସ୍ତ ଘରୋଇ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମ ଏବଂ କଳିଙ୍ଗ ଷ୍ଟାଡିୟମରେ ଖେଳୁଛି।

## ରଗ୍‌ବୀ

କଳିଙ୍ଗ ଷ୍ଟାଡିୟମ ଏକ ଅନ୍ତର୍ଜାତୀୟ ସ୍ତରର ରଗ୍‌ବୀ ଟୁର୍ନାମେଣ୍ଟର ମଧ୍ୟ ମୂକସାକ୍ଷୀ ରହିଛି। ଏଠାରେ ୨୦୧୮ ଅକ୍ଟୋବର ୨୬ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଏସିଆନ ମହିଳା ରଗ୍‌ବୀ ଚାମ୍ପିୟନଶିପ୍। ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା।

## ଟେନିସ

ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ ଏବଂ ଓଡ଼ିଶା ଟେନିସ ଆସୋସିଏଶନ ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ୨୦୧୮ ଫେବୃୟାରୀ ୨୬ରୁ ମାର୍ଚ୍ଚ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଇଣ୍ଡିଆ ଏଫ-୧ ଫ୍ୟୁଚର ଟେନିସ ଚାମ୍ପିୟନଶିପ୍। ଏହା ସଫଳତାର ସହିତ ସମ୍ପନ୍ନ ହୋଇଥିବାରୁ ଏବଂ କଳିଙ୍ଗ ଷ୍ଟାଡିୟମରେ ୭ଟି ଉନ୍ନତ ମାନର ଟ୍ରାକ୍ ଉପଲବ୍ଧ ଥିବାରୁ ଆଗକୁ ଡେଭିସ୍ କପ୍ ପରି ବଡ଼ ପ୍ରତିଯୋଗିତା ଏଠାରେ ଆୟୋଜନ ହେବା ସମ୍ଭାବନା ଦେଖା ଦେଇଛି। ଏଠାରେ ଓଡ଼ିଶା ଟେନିସ ପ୍ରିମିୟର ଲିଗ୍ ମଧ୍ୟ ସଫଳତାର ସହ ଆୟୋଜନ ହୋଇ ଆସୁଛି।

**ପ୍ରସ୍ତୁତି : ତପନ ସ୍ୱାଇଁ**

# ଅଷ୍ଟ୍ରେଲିଆ ପାଇଁ ଚ୍ୟାଲେଞ୍ଜ



ନିର୍ମଳ କୁମାର ମିଶ୍ର

ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଦେଶ ଗସ୍ତରେ ସଫଳତା ପାଇବା ପରେ ଟିମ୍ ଇଣ୍ଡିଆ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ଏସୀୟ ଟେଷ୍ଟ ଦେଶଭାବେ ଉଭୟ ଟେଷ୍ଟ ଏବଂ ଏକଦିବସୀୟ ସିରିଜରେ ଅଷ୍ଟ୍ରେଲିଆକୁ ସ୍ୱଦେଶ ମାଟିରେ ହରାଇଥିଲା ଟିମ୍ ଇଣ୍ଡିଆ। ନ୍ୟୁଜିଲାଣ୍ଡରେ ଏକଦିବସୀୟ ସିରିଜ ଜିତିବା ପରେ ଟି୨୦କୁ ହାତଛଡ଼ା କରିଥିଲା ଭାରତ। ଏହି ସିରିଜରେ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତି ଅନୁଭବ କରିଥିଲେ କ୍ରିକେଟପ୍ରେମୀ। ଆଗକୁ ରହିଛି ଇଣ୍ଡିଆନ ପ୍ରିମିୟର ଲିଗ୍, ଆଇସିସି ବିଶ୍ୱକପ୍। ଏପରି ଏକ ସନ୍ଧିକ୍ଷଣରେ ଆରୋନ୍ ଫିଞ୍ଚଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦଳ ଭାରତ ଗସ୍ତରେ ଆସୁଛି। ବିଶ୍ୱକପ ପାଖେଇ ଆସୁଥିବାରୁ ଭାରତ-ଅଷ୍ଟ୍ରେଲିଆ ସିରିଜ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଏହି ଗସ୍ତରେ ଅଷ୍ଟ୍ରେଲିଆ ଦଳ ଭାରତରେ ୨ଟି ଟି୨୦ ସହିତ ୫ଟି ଏକଦିବସୀୟ ଖେଳିବାର କାର୍ଯ୍ୟସୂଚୀ ରହିଛି।

ଫେବୃୟାରୀ ୨୪ ରୁ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଦ୍ୱିପାକ୍ଷିକ ସିରିଜ ପାଇଁ କଙ୍ଗାରୁ ଦଳର ଆକ୍ରମଣାତ୍ମକ ଓପନର ଆରୋନ୍ ଫିଞ୍ଚ ଅଧିନାୟକ ମନୋନୀତ ହୋଇଥିବା ବେଳେ ଟିମ୍ ଇଣ୍ଡିଆର ନେତୃତ୍ୱ ଭାର ବିରାଟ କୋହଲିଙ୍କ ଉପରେ ନ୍ୟସ୍ତ କରାଯାଉଛି। କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ଏହି ଗସ୍ତ ପାଇଁ ଏକ ସନ୍ତୁଳିତ ଦଳ ମନୋନୀତ କରିଥିଲେ ହେଁ ଭାରତ ମାଟିରେ ଟିମ୍‌ଇଣ୍ଡିଆକୁ ହରାଇ ସିରିଜ ବିଜୟୀ ହେବା ସହଜ ହେବନାହିଁ ନିଶ୍ଚିତ। ବିଗତ ଭାରତ ଗସ୍ତ ସମୟରେ ଅଷ୍ଟ୍ରେଲିଆ ଦଳ ବହୁ ସିରିଜ ପରାଜୟର ସମ୍ମୁଖୀନ ହୋଇଛି। ଆଗାମୀ ସିରିଜ ପାଇଁ ଦଳରେ ଗ୍ଲେନ ମାକ୍ସୱେଲ, ପିଟର ହ୍ୟାଣ୍ଡସକମ୍ବ, କେନ୍ ରିଚାର୍ଡସନ, ମାର୍କ୍ସ ଷ୍ଟୋଇନିସ୍, ଉସ୍‌ମାନ୍ ଖ୍ୱାଜା, ନାଥାନ ଲିୟନ, ଆଡାମ୍ ଜାମ୍ପାଙ୍କ ପରି ଅଭିଜ୍ଞ ଖେଳାଳି ରହିଛନ୍ତି। ଆଘାତଜନିତ ସମସ୍ୟା ଯୋଗୁ ଦ୍ରୁତ ଅଭିଜ୍ଞ ବାମହାତୀ ପେସର ମିଚେଲ ଷ୍ଟାର୍କ ଶେଷ ମୁହୂର୍ତ୍ତରେ ଓହରିଯାଇଥିବାବେଳେ ଶନ୍ ମାର୍ଶ ବିଳମ୍ବରେ ଦଳରେ ସାମିଲ ହୋଇଛନ୍ତି। ବଲ୍ ଟ୍ୟାମ୍ପରିଂ ପାଇଁ ବାସନ୍ଦ ଯୋଗୁ ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଏବଂ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଡେଭିଡ୍ ୱାର୍ନରଙ୍କ ଅନୁପସ୍ଥିତି ଏଥର ମଧ୍ୟ ଅନୁଭୂତ ହେବ। ଟିମ୍ ଇଣ୍ଡିଆକୁ ସ୍ୱଦେଶ ମାଟିରେ ଉଭୟ ସିରିଜରେ ପରାସ୍ତ କରିବା ଏକ ଚ୍ୟାଲେଞ୍ଜ ବୋଲି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ସ୍ୱୀକାର କରିଛନ୍ତି। ୨୦୧୮ରେ ଅଷ୍ଟ୍ରେଲିଆ ଦଳ ସମସ୍ତ ଫର୍ମାଟରେ ଦୁର୍ବଳ ପ୍ରଦର୍ଶନ ଯୋଗୁ ବେଶ୍ ସମାଲୋଚିତ ହୋଇଥିଲା। ତେଣୁ ଭାରତ ଗସ୍ତର ଫଳାଫଳ ଉପରେ ସିଏ'ର ନଜର ରହିଛି। ଏହି ସିରିଜରେ ପେସ୍ ବୋଲିଂ ହିଁ ଅଷ୍ଟ୍ରେଲିଆର ମୁଖ୍ୟ ଶକ୍ତି ଥିବାବେଳେ ଶକ୍ତିଶାଳୀ ବ୍ୟାଟିଂ ଲାଇନ୍ ଅପ୍ ଭାରତକୁ ଫେଭରାଇଟ ଆଖ୍ୟା ଦେଇଛି। ଏହା ବ୍ୟତୀତ ଭାରତୀୟ ସ୍ପିନ୍ ବୋଲିଂ ନିଶ୍ଚିତ ରୂପେ କଙ୍ଗାରୁ ଦଳ ପାଇଁ ସମସ୍ୟା ସୃଷ୍ଟି କରିବ।



ଆରୋନ ଫିଞ୍ଚ୍

ସିରିଜ ପୂର୍ବରୁ ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ଟି୨୦ ଏବଂ ଏକଦିବସୀୟ ରେକର୍ଡ ଉପରେ ଆଲୋକପାତ କରାଯାଇପାରେ। ଏପର୍ଯ୍ୟନ୍ତ ଉଭୟ ଦେଶ ମଧ୍ୟରେ ୧୩୧ଟି ଏକଦିବସୀୟ ଖେଳାଯାଇଛି। ସେଥିରୁ ଭାରତ ମାତ୍ର ୪୭ ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୭୪ଟି ହାରିଛି। କୌଣସି ମ୍ୟାଚ ଟାଇରେ ସମାପ୍ତ ହୋଇ ନ ଥିବା ବେଳେ ୧୦ ମ୍ୟାଚରୁ କୌଣସି ଫଳାଫଳ ମିଳିପାରି ନାହିଁ। ୧୯୮୦ରୁ ୨୦୧୮ ମଧ୍ୟରେ ଖେଳାଯାଇଥିବା ଏକଦିବସୀୟ ସିରିଜରୁ ଭାରତ ୧୪ଟି ରେ ବିଜୟୀ ହୋଇଥିବା ବେଳେ କଙ୍ଗାରୁ ଦଳ ୨୪ ସିରିଜରେ ବିଜୟୀ ହୋଇ ବହୁ ଆଗରେ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ଏକଦିବସୀୟରେ ଭାରତର ବିଜୟ ହାର ମାତ୍ର ୩୮.୮୪ ପ୍ରତିଶତ ରହିଛି। ସେହିପରି ଉଭୟ ଦେଶ ମଧ୍ୟରେ ମୋଟ ୧୮ଟି ଟି୨୦ ମ୍ୟାଚ ଖେଳାଯାଇଛି। ଏଥିରୁ ଭାରତ ୧୧ଟିରେ ବିଜୟୀ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୬ଟି ଜିତିଛି। ୨୦୦୭ରୁ ୨୦୧୮ ମଧ୍ୟରେ ଖେଳାଯାଇଥିବା ମ୍ୟାଚଗୁଡିକ ମଧ୍ୟରୁ କେବଳ ଗୋଟିଏ ମ୍ୟାଚରୁ ଫଳାଫଳ ମିଳିପାରି ନାହିଁ।

## କାର୍ଯ୍ୟସୂଚୀ

୨୪।୨: ପ୍ରଥମ ଟି୨୦, ବିଶାଖାପାଟଣା(ସମୟ: ରାତି ୭ଟା)
୨୭।୨: ଦ୍ୱିତୀୟ ଟି୨୦, ବେଙ୍ଗାଲୁରୁ (ସମୟ: ରାତି ୭ଟା)
୨। ୩: ପ୍ରଥମ ଏକଦିବସୀୟ, ହାଇଦ୍ରାବାଦ (ସମୟ: ଅପରାହ୍ନ ୧ଟା ୩୦)
୫।୩: ଦ୍ୱିତୀୟ ଏକଦିବସୀୟ, ନାଗପୁର (ସମୟ: ଅପରାହ୍ନ ୧ଟା ୩୦)
୮।୩.: ତୃତୀୟ ଏକଦିବସୀୟ , ରାଞ୍ଚି (ସମୟ: ଅପରାହ୍ନ ୧ଟା ୩୦)
୧୦।୩.: ଚତୁର୍ଥ ଏକଦିବସୀୟ, ମୋହାଲି (ସମୟ: ଅପରାହ୍ନ ୧ଟା ୩୦)
୧୩।୩.: ପଞ୍ଚମ ଏକଦିବସୀୟ, ଦିଲ୍ଲୀ (ସମୟ: ଅପରାହ୍ନ ୧ଟା ୩୦)

ଏକଦିବସୀୟରେ ରୋହିତ ଶର୍ମା ଅଷ୍ଟ୍ରେଲିଆ ବିପକ୍ଷରେ ୩୧ଟି ମ୍ୟାଚରୁ ୭ ଶତକ ଏବଂ ୫ ଅର୍ଦ୍ଧଶତକ ସହିତ ୧୭୭୮ ରନ୍ ସଂଗ୍ରହ କରିଛନ୍ତି। ତାଙ୍କର ସର୍ବାଧିକ ସ୍କୋର ହେଉଛି ୨୦୯। ସେହିପରି ଧୋନୀ ୫୧ଟି ମ୍ୟାଚରୁ ୧୫୪୮ ରନ୍ ସଂଗ୍ରହ କରିଛନ୍ତି। ଏଥି ମଧ୍ୟରେ ୨ଟି ଶତକ ଓ ୧୦ ଅର୍ଦ୍ଧଶତକ ରହିଛି। ତାଙ୍କର ସର୍ବାଧିକ ସ୍କୋର ହେଉଛି ୧୩୯* ରନ୍। ଅଧିନାୟକ ବିରାଟ କୋହଲି ୩୧ ମ୍ୟାଚରୁ ୧୩୩୫ ରନ୍ କରିଛନ୍ତି। ଏଥି ମଧ୍ୟରେ ୬ ଶତକ ଏବଂ ୫ ଅର୍ଦ୍ଧଶତକ ସାମିଲ। ତାଙ୍କର ସର୍ବାଧିକ ସ୍କୋର ୧୧୮ ରନ। ଅଷ୍ଟ୍ରେଲିଆ ପକ୍ଷରୁ ଆରୋନ୍ ଫିଞ୍ଚ ୨୦ ମ୍ୟାଚରୁ ୮୫୬ (୨ ଶତକ ଓ ୬ ଅର୍ଦ୍ଧଶତକ), ଗ୍ଲେନ୍ ମାକ୍ସୱେଲ ୧୯ ମ୍ୟାଚରୁ ୬୦୩ ଏବଂ ଶନ୍ ମାର୍ଶ ୧୧ ମ୍ୟାଚରୁ ୫୦୮ ରନ୍ (୨ ଶତକ ଓ ୩ ଅର୍ଦ୍ଧଶତକ) ସଂଗ୍ରହ କରିଛନ୍ତି। ସେହିପରି ବୋଲିଂରେ ରବୀନ୍ଦ୍ର ଜାଡେଜା ୨୬ ମ୍ୟାଚରୁ ୨୪, ଭୁବନେଶ୍ୱର କୁମାର ୧୫ ମ୍ୟାଚରୁ ୧୬ ଏବଂ ମହମ୍ମଦ ସାମି ୧୦ମ୍ୟାଚରୁ ୧୩ଟି ଉଇକେଟ ନେଇ ଆଗରେ ରହିଛନ୍ତି।

ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ସର୍ବାଧିକ ଏକଦିବସୀୟ ସ୍କୋର ୩୫୯ ରନ୍ ରହିଥିବା ବେଳେ ଭାରତର ସର୍ବାଧିକ ସ୍କୋର ୩୮୩ ରନ୍ ରହିଛି। ସେହିପରି ସର୍ବନିମ୍ନ ସ୍କୋରରେ ଭାରତର ୬୩ ରନ୍ ତୁଳନାରେ ଅଷ୍ଟ୍ରେଲିଆର ୧୦୧ ରନ୍ ରେକର୍ଡ ବହନ କରୁଛି। ସେହିପରି ଟି୨୦ରେ ଭାରତ ପକ୍ଷରୁ ବିରାଟ କୋହଲି ୬୦.୪୨ ଆଭରେଜରେ ସର୍ବାଧିକ ୪୨୩ ରନ୍ ସଂଗ୍ରହ କରିଥିବା ବେଳେ ଅଷ୍ଟ୍ରେଲିଆର ଆରୋନ୍ ଫିଞ୍ଚ ୪୨.୭୫ ଆଭରେଜରେ ୩୪୨ ରନ୍ ସଂଗ୍ରହ କରିଛନ୍ତି। ଟି୨୦ରେ ଅଷ୍ଟ୍ରେଲିଆର ସର୍ବାଧିକ ସ୍କୋର ଭାରତ ବିପକ୍ଷରେ ୨୦୨ ରନ୍ ରହିଥିବା ବେଳେ ଭାରତର ୨୦୩ ରନ୍ ରହିଛି। ସଦ୍ୟ ପ୍ରକାଶିତ ଏକଦିବସୀୟ ଆଇସିସି ର୍ୟାଙ୍କିଙ୍ଗ୍‌ରେ ଇଂଲଣ୍ଡ(୧୨୬ ପଏଣ୍ଟ) ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତ ୧୨୨ ପଏଣ୍ଟ ସହ ଦ୍ୱିତୀୟ ଏବଂ ଅଷ୍ଟ୍ରେଲିଆ ୧୦୦ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛି। ସେହିପରି ଟି୨୦ ର୍ୟାଙ୍କିଙ୍ଗରେ ପାକିସ୍ତାନ ୧୩୫ ପଏଣ୍ଟ ସହିତ ୧ନଂ ସ୍ଥାନରେ ଥିବାବେଳେ ଭାରତ ୧୨୪ ପଏଣ୍ଟ ସହ ଦ୍ୱିତୀୟ ଏବଂ ଅଷ୍ଟ୍ରେଲିଆ ୧୧୭ ପଏଣ୍ଟ ସହ ୫ମ ସ୍ଥାନରେ ରହିଛି। ଉଭୟ ଫର୍ମାଟରେ ଭାରତ ପକ୍ଷରୁ ତାରକା ସ୍ପିନର କୁଲଦୀପ୍ ଯାଦବ, ଦ୍ରୁତ ବୋଲର ଯଶପ୍ରୀତ୍ ବୁମରା ବେଶ୍ ଆଗରେ ରହିଛନ୍ତି।

୧୯୭୪ ରୁ ୨୦୧୯ ମଧ୍ୟରେ ଭାରତ ୯୬୧ଟି ଏକଦିବସୀୟ ଖେଳି ୪୯୮ଟିରେ ବିଜୟୀ ହୋଇଥିବା ବେଳେ ୪୧୪ ଟିରେ ପରାଜିତ ହୋଇଛି। ୯ଟି ମ୍ୟାଚ ଟାଇରେ ସମାପ୍ତ ହୋଇଥିବାବେଳେ ୪୦ଟି ମ୍ୟାଚରୁ ଫଳାଫଳ ମିଳିପାରି ନାହିଁ। ଟିମ୍ ଇଣ୍ଡିଆ ଜିତିବାର ହାର ୫୪.୫୬ ରହିଥିବା ବେଳେ ଗତ କିଛି ବର୍ଷ ଧରି ସଫଳ ପ୍ରଦର୍ଶନ ମାଧ୍ୟମରେ ସ୍ଥିତିରେ ସୁଧାର ଆଣିଛି। ସେହିପରି ୨୦୦୬ ରୁ ୨୦୧୮ ମଧ୍ୟରେ ଟି୨୦ରେ ୬୯ ଟି ମ୍ୟାଚ ଜିତିଥିବାବେଳେ ୩୭ଟିରେ ପରାଜିତ ହୋଇଛି। ଗୋଟିଏ ମ୍ୟାଚ ଟାଇରେ ସମାପ୍ତ ହୋଇଛି ଏବଂ ୩ଟି ମ୍ୟାଚ ବିନା ହାରଜିତ୍‌ରେ ସମାପ୍ତ ହୋଇଛି। ଜିତିବାର ହାର ୬୪.୯୫ ପ୍ରତିଶତ ରହିଛି। ଅତୀତ ରେକର୍ଡ ଯାହା ଥାଉନା କାହିଁକି ଅଷ୍ଟ୍ରେଲିଆ ସତେଜ ମନରେ ଆଉ ଏକ ସିରିଜ ଖେଳିବାକୁ ଆସୁଛି। ତେଣୁ ଆଗାମୀ ଟି୨୦ ଏବଂ ଏକଦିବସୀୟ ସିରିଜ ବେଶ୍ ରୋମାଞ୍ଚକର ହେବାର ଆଶା କରାଯାଉଛି।



ବିରାଟ କୋହଲି

## ସାଧନା

ନିରନ୍ତର ପ୍ରାୟ ଅଠଚାଳିଶ ଘଣ୍ଟା
ସ୍କେଟିଂରେ ମାରି ବାଜି
ଚାରିଶ' ଚଉବନ ସ୍କେଟର ମଧ୍ୟରେ
ବ୍ରହ୍ମପୁର ବୀର ସାଜି,
ଆର୍ଯ୍ୟନ ଶ୍ରୀତମ ମାଝି
ସହ ଉଣେଇଶ ସ୍କେଟର ଗିନିଜ୍
ବିଶ୍ୱ ରେକର୍ଡରେ ଆଜି।
ଯାଜପୁର ଧର୍ମଶାଳା ବ୍ଲକ
ରାଇଛନ୍ଦା ଛୋଟ ସାହି
ସେ ସାହିର ଛୋଟ ପୁଅ ପପୁ ଏବେ
ନାସା ବୈଜ୍ଞାନିକ ହୋଇ,
ରେକର୍ଡ କରିଛି ଭାଇ
ସାଧନା ବଳରେ ସିଦ୍ଧିଲଭେ ଲୋକ
ଏକ୍‌ଜାମ୍ପୁଲ ପରା ଏହି।
ନଗେଶ ଟ୍ରଫି ଦୃଷ୍ଟିହୀନ କ୍ରିକେଟରେ
ଆମ ରାଜ୍ୟ ଚାମ୍ପିୟନ
ଚାମ୍ପିୟନ ପୁଣି ଓଡ଼ିଶା ଦିବ୍ୟାଙ୍ଗ
କ୍ରିକେଟ ଟିମ୍ ଘନ
ଅସମ୍ଭବ ରଖ ମନ
ସମ୍ଭବ ହୁଅଇ ଅଧ୍ୟବସାୟ ଓ
ସାଧନା ବଳରେ ଧନ।

-ସୁବାସ ଚନ୍ଦ୍ର ପ୍ରଧାନ

Dollar 71.16 (36) | Sensex 157.89 35,876.22 | Nifty 47.60 10,746.05 | Gold ₹50 34,000.00 | Silver ₹150 40,650.00



“ ଆସନ୍ତା ଆର୍ଥିକ ବର୍ଷରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ୭.୫% ଛୁଇଁବ।- କେ.ଭି. ସୁବ୍ରମଣ୍ୟନ୍, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା



“ ଆଗାମୀ ଦିନରେ ସୁବର୍ଣ୍ଣରେଖା ବନ୍ଦର ଦେଶର ଅଭିବୃଦ୍ଧି କ୍ଷେତ୍ରରେ ଯୋଗଦାନ ସହ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। -ଟି.ଭି. ନରେନ୍ଦ୍ରନ୍, ଏମ୍‌ଡି , ଟାଟା ଷ୍ଟିଲ୍

## ସଂକ୍ଷେପରେ

### ପାଇକାରୀ ମୁଦ୍ରାସ୍ଫୀତି ୨.୭୬%

ନୂଆଦିଲ୍ଲୀ,୧୪-୨: ଇନ୍ଧନ ଏବଂ ଅନ୍ୟ କେତେକ ଖାଦ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ଯୋଗୁ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ଜାନୁୟାରୀରେ ହ୍ରାସ ପାଇ ୨.୭୬%ରେ ପହଞ୍ଚିଛି। ଏହା ଗତ ୧୦ ମାସର ସର୍ବନିମ୍ନ ସ୍ତର କୁହାଯାଉଛି। ମୂଲ୍ୟ ସୂଚକାଙ୍କ ଆଧାରରେ ଡିସେମ୍ବର, ୨୦୧୮ରେ ପାଇକାରୀ ବଜାରରେ ମୁଦ୍ରାସ୍ଫୀତି ୩.୮% ଏବଂ ଜାନୁୟାରୀ, ୨୦୧୮ରେ ୩.୦୨% ରହିଥିଲା। ଗୁରୁବାର ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୧୮ରେ ପାଇକାରୀ ମୁଦ୍ରାସ୍ଫୀତି ୨.୭୪% ପରେ ଜାନୁୟାରୀ, ୨୦୧୯ରେ ଏହା ସର୍ବନିମ୍ନ ସ୍ତରକୁ ଖସିଆସିଛି।

### ଆର୍‌ବିଆଇ ଦେଲା କ୍ଲିନଚିଟ୍
### ୟେସ ବ୍ୟାଙ୍କ ନିବେଶକ ମାଲାମାଲ

ମୁମ୍ବାଇ,୧୪-୨: ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ୟେସ୍ ବ୍ୟାଙ୍କକୁ କ୍ଲିନ୍‌ଚିଟ ମିଳିଛି। ଏହାର ପ୍ରଭାବ ଗୁରୁବାର ଷ୍ଟକ୍ ମାର୍କେଟରେ ଦେଖିବାକୁ ମିଳିଥିଲା। ବ୍ୟାଙ୍କ ପକ୍ଷରୁ ଏ ସମ୍ପର୍କରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଜଣାଇ ଦିଆଯିବା ପରେ ୟେସ୍ ବ୍ୟାଙ୍କ ଶେୟାର ପ୍ରାୟ ୩୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା। ଫଳରେ ଏଥିରେ ନିବେଶ କରିଥିବା ଗୋଟିଏ ଦିନରେ ମାଲାମାଲ ହୋଇଯାଇଥିଲେ। ୟେସ୍ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ଏହା କୌଣସି ଆର୍ଥିକ ଅନୀୟମିତତାରେ ଜଡ଼ିତ ନୁହେଁ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି।

### ୫୮୮ କୋଟି କ୍ଷତି ପରେ ସମାଧାନ ପ୍ରକ୍ରିୟାକୁ ଜେଟ୍ ଏୟାରୱେଜର ମଞ୍ଜୁରୀ

ନୂଆଦିଲ୍ଲୀ,୧୪-୨: ଋଣରେ ବୁଡ଼ି ରହିଥିବା ଜେଟ୍ ଏୟାରୱେଜର ଚଳିତ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ୫୮୭.୭୭ କୋଟି ଟଙ୍କାର କ୍ଷତି ହୋଇଛି। ଗତ ବର୍ଷର ସମାନ ତ୍ରୈମାସରେ କମ୍ପାନୀ ୧୬୫.୨୫ କୋଟି ଟଙ୍କାର ଲାଭ ହାସଲ କରିଥିଲା। ଜେଟ୍ ଏୟାରୱେଜ ପକ୍ଷରୁ ସେବିକୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏହା ପରେ କମ୍ପାନୀ ବୋର୍ଡ ପକ୍ଷରୁ ସମାଧାନ ପ୍ରକ୍ରିୟା ଆପଣାଇବାକୁ ଆଗତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଋଣପ୍ରଦାନକାରୀ



ବ୍ୟାଙ୍କଗୁଡ଼ିକ କମ୍ପାନୀ ପାଇଁ ୮୫୦୦ କୋଟି ଟଙ୍କାର ସମାଧାନ ପ୍ରକ୍ରିୟା ପ୍ରସ୍ତାବ ଦେଇଥିଲେ। ଜେଟ୍ ଏୟାରୱେଜ ବୋର୍ଡ ଆସନ୍ତା ୨୧ରେ ପୁନର୍ବାର ବୈଠକରେ ଏହାର ସମ୍ପୂର୍ଣ୍ଣ ଋଣକୁ ୧୧୪ ମିଲିୟନ ଶେୟାରରେ ରୂପାନ୍ତରିତ କରିବା ଲାଗି ଶେୟାରଧାରକଙ୍କଠାରୁ ଅନୁମତି ନେବ। ପ୍ରସ୍ତାବ ଅନୁମୋଦନ ପରେ ଋଣପ୍ରଦାନକାରୀ ବ୍ୟାଙ୍କକୁ ଏହା ଜଣାଇ ଦିଆଯିବ ବୋଲି ଜେଟ୍ ପକ୍ଷରୁ କୁହାଯାଇଛି।

### ଷ୍ଟର୍ଲିଂ ବାୟୋଟେକ ମାମଲା
### ଏନ୍‌ବିଡବ୍ଲ୍ୟୁ ଖାରଜ ଲାଗି ଅଦାଲତ ଗଲେ ପ୍ରମୋଟର

ନୂଆଦିଲ୍ଲୀ,୧୪-୨: ବହୁଚର୍ଚ୍ଚିତ ଷ୍ଟର୍ଲିଂ ବାୟୋଟେକ ଲିମିଟେଡର ଠକେଇ ମାମଲାରେ ଏହାର ୩ ପ୍ରମୋଟର ନୀତିନ ଜୟନ୍ତୀଲାଲ ସନ୍ଦେସରା, ଚେତନକୁମାର ଜୟନ୍ତୀଲାଲ ସନ୍ଦେସରା ଏବଂ ଡିଚେତନ ସନ୍ଦେସରା ଗୁରୁବାର ନିଜ ଓକିଲଙ୍କ ମାଧ୍ୟମରେ ଦିଲ୍ଲୀର ଏକ କୋର୍ଟରେ ଏନ୍‌ବିଡବ୍ଲ୍ୟୁ ଖାରଜ କରିବା ଲାଗି ଆବେଦନ କରିଛନ୍ତି। ୮୧୦୦ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ତେବେ ଆବେଦନକୁ ଗ୍ରହଣ



କରି ବିଚାରପତି ସତୀଶ କୁମାର ଅରୋରା ୧୫ ଦିନ ଭିତରେ ସେମାନେ ରହୁଥିବା ଠିକଣା ଇଡିକୁ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୨ରେ ମାମଲାର ଶୁଣାଣି କରାଯିବ ବୋଲି ବିଚାରପତି ଦିନ ଧାର୍ଯ୍ୟ କରିଛନ୍ତି। ସେମାନେ ଓକିଲଙ୍କ ଜରିଆରେ ଅଦାଲତରେ ହାଜର ହେବାକୁ ମଧ୍ୟ ପ୍ରାର୍ଥନା କରିଛନ୍ତି।

## ■ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଲେ ମାଲ୍ୟା
# ବକେୟା ଫେରାଇବି, ବ୍ୟାଙ୍କକୁ ନିର୍ଦ୍ଦେଶ ଦିଅନ୍ତୁ

ଲଣ୍ଡନ,୧୪-୨

ଭାରତର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ହଜାର କୋଟି ଟଙ୍କା ନେଇ ଫେରାର ହୋଇଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଏବେ ପ୍ରତ୍ୟର୍ପଣ ଭୟ ଘାରିଛି। ଗୁରୁବାର ଟୁଇଟ୍ ମାଧ୍ୟମରେ ବ୍ୟାଙ୍କଗୁଡ଼ିକର ବକେୟା ଫେରାଇବାକୁ ରାଜି ଥିବା ପୁନର୍ବାର ସେ ଦୋହରାଇଛନ୍ତି। ଲୋକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣର ପ୍ରତିକ୍ରିୟାରେ ସେ ଟୁଇଟ୍ କରି ବକେୟାକୁ ନେଇ ପ୍ରସ୍ତାବ ଦେଇଛନ୍ତି।

ମାଲ୍ୟା ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି ଯେ, ବୁଧବାର ସଂସଦରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଭାଷଣକୁ ସେ ଶୁଣିଛନ୍ତି। ସେ ନିଶ୍ଚିତ ଭାବେ ଜଣେ ବାକ୍ ପଟୁ ବକ୍ତା। ସେ ତାଙ୍କ ଭାଷଣରେ ୯ ହଜାର କୋଟି ଟଙ୍କା ନେଇ ପଳାଇଥିବା ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଇସାରା ତାଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ମିଡିଆ ଆଲୋଚନାରୁ ସେ ଜାଣିପାରୁଛନ୍ତି। ଦ୍ୱିତୀୟ ଟୁଇଟ୍‌ରେ ମାଲ୍ୟା ଲେଖିଛନ୍ତି ଯେ, ସେ ବକେୟା ଅର୍ଥ ଫେରାଇବାକୁ ପୂର୍ବରୁ ପ୍ରସ୍ତାବ ଦେଇସାରିଛନ୍ତି। ଏହି ଅର୍ଥ ନେବାକୁ ପ୍ରଧାନମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ କାହିଁକି ନିର୍ଦ୍ଦେଶ ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାଦ୍ୱାରା ତାଙ୍କଠାରୁ ସମ୍ପୂର୍ଣ୍ଣ ବକେୟା ଅସୁଲ କରାଯାଇପାରିଛି ବୋଲି ପ୍ରଧାନମନ୍ତ୍ରୀ ଅନ୍ତତଃପକ୍ଷେ ଦାବି କରିପାରିଥାନ୍ତେ। ପଳାତକ ମଦ ବ୍ୟବସାୟୀ ତାଙ୍କ ତୃତୀୟ ଟୁଇଟ୍‌ରେ ଲେଖିଛନ୍ତି ଯେ, ସେ ବକେୟା ଫେରାଇବାକୁ ରାଜି ଥିବା ସମ୍ପର୍କରେ କର୍ନାଟକ ହାଇକୋର୍ଟରେ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ଏହାକୁ ହାଲୁକା ଭାବେ ଗ୍ରହଣ କରି ଖାରଜ କରାଯାଇପାରିବ ନାହିଁ। ସେ ସଚ୍ଚୋଟ ଥାଇ ଗମ୍ଭୀରତାର ସହ ପ୍ରସ୍ତାବ ଦେଇଛନ୍ତି, ଯାହା ସମ୍ପୂର୍ଣ୍ଣ ବାସ୍ତବିକ। କିଙ୍ଗଫିଶର ଏୟାରଲାଇନ୍ସକୁ ଦିଆଯାଇଥିବା ଋଣ ଫେରସ୍ତ ନେବାକୁ ବ୍ୟାଙ୍କଗୁଡ଼ିକ କାହିଁକି ରାଜି ହେଉନାହାନ୍ତି, ସେ ଜାଣିପାରୁନାହାନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଦାବି ସମ୍ପର୍କରେ ଉଲ୍ଲେଖ କରିବା ବେଳେ ସେ ମାନସିକ ଭାବେ ଆହତ ହେଉଥିବା ଅନୁଭବ କରୁଛନ୍ତି। ସେ ତାଙ୍କ ସମ୍ପତ୍ତି ଲୁଟାଇଛନ୍ତି ବୋଲି ଇଡି ଅଭିଯୋଗ କରିଛି। ନିଜର ସମ୍ପତ୍ତି ସମ୍ପର୍କରେ କୋର୍ଟରେ ବିସ୍ତାରିତ ତଥ୍ୟ ଉପସ୍ଥାପନ କରିଥିବାରୁ ସେ ଲୁଟାଇଲେ କେଉଁଠୁ ବୋଲି ପାଲଟା ପ୍ରଶ୍ନ କରିଛନ୍ତି। ଲଜ୍ଜାଜନକ ଭାବେ ମିଛ ଖବର ପ୍ରଚାର କରାଯାଉଛି। ଏହା ଚକିତ କଲା ଭଳି ଜଣାପଡୁଛି। ସୂଚନାଥାଉ କି, ଭାରତର ଆଇନ ଅଧୀନରେ ଏନ୍‌ସିଏଲ୍‌ଟି ଅଦାଲତ ମାଲ୍ୟାଙ୍କୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ତାଙ୍କର ସମସ୍ତ ସମ୍ପତ୍ତିକୁ ବାଜ୍ୟାପ୍ତ କରିହେବ। ସୂଚନାଥାଉ କି, ୨୦୧୬ ମାର୍ଚ୍ଚ ୨ରେ ଲଣ୍ଡନ ପଳାଇଥିବା ମାଲ୍ୟାଙ୍କୁ ସ୍ଥାନୀୟ ୱେଷ୍ଟମିନିଷ୍ଟର କୋର୍ଟ ଗତ ବର୍ଷ ଡିସେମ୍ବର ୧୦ରେ ଭାରତକୁ ପ୍ରତ୍ୟର୍ପଣ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ୟୁକେ ଗୃହ ସଚିବ ସାଜିଦ ଜାଭେଦ ମଧ୍ୟ ଅନୁମୋଦନ କରିଛନ୍ତି।



### ଋଣ ଅସୁଲ ଲାଗି ଇଡିର ଯୋଜନା

ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପ୍ରତ୍ୟର୍ପଣ କରାଯିବ। ତେବେ ତାଙ୍କର ପ୍ରତ୍ୟର୍ପଣ ନ ହେଲେ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବକେୟା ଋଣ ଅସୁଲ ଲାଗି ବାଟ ବାହାର କରିସାରିଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ନେତୃତ୍ୱରେ ଗଠିତ କନସୋର୍ଟିୟମ ମାଧ୍ୟମରେ ଇଡି ମାଲ୍ୟାଙ୍କ ମଦ କମ୍ପାନୀ ୟୁନାଇଟେଡ ବ୍ରିଓରିଜର ପାର୍ଟନର ହେନେକେନ ଏନ୍‌ଭିକୁ ବକେୟା ଅସୁଲ ନେଇ ଜଣାଇ ଦେଇଛି। ୟୁନାଇଟେଡ ବ୍ରିଓରିଜ(ୟୁବି)ର ୮ ପ୍ରମୋଟରଙ୍କ ନିକଟରେ ଥିବା ୪୧.୩ ମିଲିୟନ ଶେୟାରକୁ ଇଡି ଜବତ କରିଛି, ଯାହା କି ମୋଟ ଶେୟାରର ୧୫.୬%। ଏହି କମ୍ପାନୀରେ ହେନେକେନର ୪୪% ଅଂଶଧନ ରହିଛି। ପୂର୍ବରୁ ଯାହାର ମାଲିକ ଥିଲେ ମାଲ୍ୟା। ୟୁନାଇଟେଡ ବ୍ରିଓରିଜରେ ମାଲ୍ୟାଙ୍କ ମାତ୍ର ୮% ଅଂଶଧନ ରହିଛି। ୟୁବି ପ୍ରମୋଟର ୨୩% ଶେୟାର ଧାରକ ରହିଛନ୍ତି, ଯାହା କି ବନ୍ଧା ପଡ଼ିଛି। ଏନ୍‌ସିଏଲ୍‌ଟି ଅଦାଲତଙ୍କ ଅନୁମୋଦନ ପରେ ବନ୍ଧା ପଡ଼ିଥିବା ଅଥବା ପଡି ନ ଥିବା ଅନ୍ୟ ସମସ୍ତ ଶେୟାରକୁ ଏହା ବ୍ୟାଙ୍କଗୁଡ଼ିକୁ ବିକ୍ରି ପାଇଁ ଦେଇଦେବ ବୋଲି ଇଡି ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ମାଲ୍ୟାଙ୍କ ଜବତ ସମସ୍ତ ସମ୍ପତ୍ତି ଏବେ ସରକାର କିମ୍ବା ଇଡିର ମାଲିକାନାରେ ରହିଛି। ଇଡିର ଅନୁମୋଦନ ପରେ ବ୍ୟାଙ୍କଗୁଡ଼ିକ ଉକ୍ତ ପରିମାଣ ଶେୟାର ବିକ୍ରି ବକେୟା ଆଦାୟ କରିନେବ। ବୁଧବାର ୟୁବି ଶେୟାର ମୂଲ୍ୟ ୧୩୧୩.୩୫ ଟଙ୍କା ଥିବା ବେଳେ ଜବତ ଅଂଶଧନକୁ ବିକିଲେ ପ୍ରାୟ ୧୩,୫୦୦ କୋଟି ଟଙ୍କା ମିଳିଯିବ ବୋଲି ଆଶାକରାଯାଉଛି। ଅନ୍ୟପକ୍ଷରେ ବ୍ୟାଙ୍କଗୁଡ଼ିକ ସୁଧ-ମୂଳ ମିଶାଇ ପ୍ରାୟ ୯୫୦୦ କୋଟି ଟଙ୍କା ବକେୟା ଋଣ ପାଇବେ।

### ଆଜି ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ ଶୁଭାରମ୍ଭ



ନୂଆଦିଲ୍ଲୀ,୧୪-୨

ଭାରତର ପ୍ରଥମ ସେମି ହାଇସ୍ପିଡ ଟ୍ରେନ କୁହାଯାଉଥିବା ‘ଟ୍ରେନ୧୮’ବା ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳର ଶୁକ୍ରବାର ଶୁଭାରମ୍ଭ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶୁଭାରମ୍ଭ କରିବେ। ଦିଲ୍ଲୀରୁ ବାରାଣସୀ ଯିବାକୁ ଥିବା ଏହି ଟ୍ରେନରେ ରେଳମନ୍ତ୍ରୀ ପୀୟୂଷ ଗୋୟଲ ଓ ରେଲୱେର ବରିଷ୍ଠ ଅଧିକାରୀମାନେ ଯାତ୍ରା କରିବେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ସକାଳ ୯ଟା ୪୫ରେ ଟ୍ରେନଟି ଦିଲ୍ଲୀରୁ ଯାତ୍ରାରମ୍ଭ କରିବ ଏବଂ କାନପୁର ଓ ଆଲ୍ଲାହାବାଦରେ ରହିବ। ଏହି ଟ୍ରେନକୁ ସ୍ୱାଗତ କରିବା ଲାଗି ସେଠାରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ନୂଆଦିଲ୍ଲୀ ରେଳ ଷ୍ଟେଶନରେ ପ୍ରଧାନମନ୍ତ୍ରୀ ମୋଦି ଏହି ଟ୍ରେନକୁ ଅବଲୋକନ କରିବା ପରେ ଉଦ୍‌ବୋଧନ ଦେବେ। ଘଣ୍ଟାକୁ ୧୬୦କିମି ବେଗରେ ଗତି କରୁଥିବା ବନ୍ଦେ ଭାରତ ଏକ୍ସପ୍ରେସ ମାତ୍ର ୮ଘଣ୍ଟାରେ ବାରାଣସୀରେ ପହଞ୍ଚିବ। ଏହାର ଟିକେଟ ମୂଲ୍ୟ ଶତାବ୍ଦୀ ଏକ୍ସପ୍ରେସଠାରୁ ଦେଢ଼ଗୁଣା ରହିଛି।

## ଆୟକର ଗେଜେଟେଡ୍ ଅଧିକାରୀ ସଂଘର ସମ୍ମିଳନୀ




ଭୁବନେଶ୍ୱର,୧୪-୨

ଆୟକରଦାତାଙ୍କୁ ଉନ୍ନତ ସେବା ଯୋଗାଣ ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏ ନେଇ ବିଭାଗ ନିରନ୍ତର ଭିତ୍ତିରେ କାର୍ଯ୍ୟ କରୁଥିବା ଏଠାରେ ଅନୁଷ୍ଠିତ ଆୟକର ଗେଜେଟେଡ୍ ସଂଘର ଦୁଇଦିନିଆ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ଓଡିଶାର ପ୍ରଧାନ ଆୟକର ଆୟୁକ୍ତ ବିଶ୍ୱନାଥ ଝା ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସଂଘର ମହାସଚିବ ଅମିତାଭ ଦେ କହିଛନ୍ତି, ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଆୟକର ଭିତ୍ତିଭୂମି ଦୃଢ଼ୀକରଣ, କ୍ୟାରିୟର ପ୍ରମୋଶନ, ଆୟକର ସଂଗ୍ରହ ବୃଦ୍ଧି, ଅଧିକାରୀଙ୍କ କ୍ୟାଡର ସମସ୍ୟା, ବିଭିନ୍ନ ଚ୍ୟାଲେଞ୍ଜର ଦୂରୀକରଣ ଭଳି ପ୍ରସଙ୍ଗ ସ୍ଥାନିତ କରାଯିବ। ସମ୍ମିଳନୀରେ ବାହାରିଥିବା ନିଷ୍କର୍ଷକୁ ନେଇ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) କୁ ପ୍ରସ୍ତାବ ଦିଆଯିବ। ଆୟକର ବିଭାଗ ଦ୍ରୁତ ହାରରେ ଇ-ଗଭର୍ନାସ ଆଡକୁ ଯାଉଥିବାରୁ ଭିତ୍ତିଭୂମି ଉନ୍ନତି ଉପରେ ଗୁରୁତ୍ୱାରୋପ କରାଯାଉଥିବା ସେ କହିଛନ୍ତି।

କ୍ୟାଡର ପୁନର୍ଗଠନ, ପ୍ରମୋଟେଡ ଅଧିକାରୀଙ୍କ କ୍ୟାରିୟର କାର୍ଯ୍ୟ ସ୍ଥିତି, ବେତନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ସଂଘର ଜାତୀୟ ସଭାପତି ଅରବିନ୍ଦ କୁମାର ତ୍ରିବେଦୀ କହିଛନ୍ତି। ବିଭିନ୍ନ ୱିଙ୍ଗର କାର୍ଯ୍ୟ ପ୍ରଣାଳୀ, କର୍ମଚାରୀ ଆବଶ୍ୟକତା, ଆଡହକ ପ୍ରମୋଶନକୁ ନିୟମିତ କରିବା, ଠିକ୍ ସମୟରେ ପଦୋନ୍ନତି ଭଳି ପ୍ରସଙ୍ଗ ଏଥିରେ ସାମିଲ କରାଯିବ ସହ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସାରା ଦେଶରୁ ୧୨୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଛନ୍ତି। ଏହି ଅବସରରେ ସଂଘର ଓଡ଼ିଶା ସାଧାରଣ ସମ୍ପାଦକ ଏମ୍.କେ. ପତି, ଆଇଟିଇଏମ୍ ଓଡ଼ିଶା ସାଧାରଣ ସମ୍ପାଦକ ସି.ଆର୍. ପଟ୍ଟନାୟକ, ଆଇଟିଇଏଫ୍ ପକ୍ଷରୁ ଉପସଭାପତି ଅଜୟ ତିୱାରୀ, ଆଇଆର୍‌ଏସ୍‌ଏ ସାଧାରଣ ସୁରେଶ ଶିବାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ■ ବିଏସ୍‌ଏନ୍‌ଏଲ୍ ଦେଲା ସ୍ପଷ୍ଟୀକରଣ
# କମ୍ପାନୀ ବନ୍ଦ ନେଇ ପ୍ରସ୍ତାବ ନାହିଁ

ଭୁବନେଶ୍ୱର,୧୪-୨

ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ବନ୍ଦ ହେବା ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଏହାକୁ ନେଇ କମ୍ପାନୀ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। କମ୍ପାନୀକୁ ବନ୍ଦ କରିବା ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି ଏହା ପ୍ରକାଶ କରିଛି। ମୁଦ୍ରିତ ତଥା ଇଲେକଟ୍ରୋନିକ୍ସ ଗଣମାଧ୍ୟମରେ ପ୍ରକାଶିତ ଖବର ସତ୍ୟ ନୁହେଁ ବୋଲି ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲର ସିଜିଏମ୍ ସତ୍ୟାନନ୍ଦ ନାୟକ ଏକ ପ୍ରେସ ବିବୃତି ଯୋଗେ ସୂଚନା ଦେଇଛନ୍ତି। ସାରା ଦେଶରେ କମ୍ପାନୀର ନେଟୱର୍କ ରହିଛି। ଲ୍ୟାଣ୍ଡ ଲାଇନ ସମେତ ବ୍ରଡବ୍ୟାଣ୍ଡ, ଫାଇବର ଟୁ ହୋମ, ଲିଜ୍‌ଡ ଲାଇନ ଏବଂ ମୋବାଇଲ ସର୍ଭିସ ଭଳି ବିଭିନ୍ନ ସେବା ଯୋଗାଇବା ପାଇଁ ନେଟୱର୍କକୁ ସମ୍ପ୍ରସାରଣ କରାଯାଉଛି। ବିଏସ୍‌ଏନ୍‌ଏଲ୍ ଓଡ଼ିଶା ନିକଟରେ ବଲାଙ୍ଗୀରରେ ୪ଜି ସେବା ଶୁଭାରମ୍ଭ କରିଛି।ସୋନପୁର, କଳାହାଣ୍ଡି ଏବଂ ନୂଆପଡା ଭଳି ଜିଲାରେ ଏହି ସେବା ତ୍ୱରିତ ଭିତ୍ତିରେ ଆରମ୍ଭ କରାଯିବା ନେଇ ଯୋଜନା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀର ୪ଜି ସେବାକୁ ଗ୍ରାହକ ବେଶ୍ ପସନ୍ଦ କରୁଥିବା କହିଛନ୍ତି। ବିଏସ୍‌ଏସ୍‌ଏଲ୍ ସର୍ବଦା ଗ୍ରାହକଙ୍କ ସହ ଥିବା ବେଳେ ଆଗକୁ ମଧ୍ୟ ଏଭଳି ସେବା ପ୍ରଦାନ କରିବ। କୌଣସି ଗୁଜବ ଉପରେ ଧ୍ୟାନ ନ ଦେବାକୁ କମ୍ପାନୀ କହିଛି।

### ଆର୍‌ବିଆଇ ବୋର୍ଡ ବୈଠକରେ ଯୋଗ ଦେଇପାରନ୍ତି ଜେଟ୍‌ଲୀ

ନୂଆଦିଲ୍ଲୀ,୧୪-୨

ଅର୍ଥମନ୍ତ୍ରୀ ଭାବେ ଅରୁଣ ଜେଟ୍‌ଲୀ ପୁନର୍ବାର ଦାୟିତ୍ୱ ନେବାକୁ ପ୍ରସ୍ତୁତ ହୋଇଗଲେଣି। ସେ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୋର୍ଡର ୧୮ ତାରିଖ ବୈଠକ ପୂର୍ବରୁ ନିଜ ଦାୟିତ୍ୱ ସମ୍ଭାଳିବେ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ତେବେ କେଉଁ ଦିନ ସେ ଦାୟିତ୍ୱ ନେବେ ମନ୍ତ୍ରଣାଳୟ ସ୍ପଷ୍ଟ କରିନାହିଁ। ସେ ଆର୍‌ବିଆଇ ବୈଠକରେ ଉଦ୍‌ବୋଧନ



ଦେଇପାରନ୍ତି ବୋଲି କୁହାଯାଉଛି। ପୂର୍ବରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଆର୍‌ବିଆଇ ବୋର୍ଡ ବୈଠକରେ ଉଦ୍‌ବୋଧନ ଦେବେ ବୋଲି ସ୍ଥିର କରାଯାଇଥିଲା। ତେବେ ଜେଟ୍‌ଲୀ ସ୍ୱଦେଶ ଫେରିଆସିବା ପରେ ସ୍ଥିତିରେ ପରିବର୍ତ୍ତନ ଆସିଛି। ଶୁକ୍ରବାର ସୁଦ୍ଧା ତାଙ୍କର ଦାୟିତ୍ୱ ନେବା ଦିନ ସମ୍ପର୍କରେ ସୂଚନା ମିଳିଯିବ। ଅନ୍ୟପକ୍ଷରେ ରିଜର୍ଭ ବ୍ୟାଙ୍କ ଗୁରୁବାର ମିଡିଆକୁ ଇମେଲ ଯୋଗେ ବୋର୍ଡ ବୈଠକରେ ଅର୍ଥମନ୍ତ୍ରୀ ଭାବେ ଜେଟ୍‌ଲୀଙ୍କ ଯୋଗଦାନ ସମ୍ପର୍କରେ ସୂଚନା ଦିଆଯାଇଥିଲା। କିନ୍ତୁ ପରେ ଏଥିରେ ପରିବର୍ତ୍ତନ କରାଯାଇଛି।

## ଦୁଇଦିନ ବାଙ୍ଗାଲୋର ଯିବନି ପ୍ରଶାନ୍ତି ଏକ୍ସପ୍ରେସ

ଭୁବନେଶ୍ୱର,୧୪-୨

ଭୁବନେଶ୍ୱରରୁ ଶନିବାର ଏବଂ ରବିବାର ବାହାରିବାକୁ ଥିବା ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତିଏକ୍ସପ୍ରେସ ସତ୍ୟସାଇ ପ୍ରଶାନ୍ତି ନିଳୟନ ଯାଏ ଚଳାଚଳ କରିବ। ଦକ୍ଷିଣ ପୂର୍ବ ରେଲୱେର ବାଙ୍ଗାଲୋର କାଣ୍ଟ-ହ୍ୱାଇଟଫିଲ୍ଡ ସେକ୍ସନ ମଧ୍ୟରେ ନିରାପତ୍ତା ସଂକ୍ରାନ୍ତ ଆଧୁନିକୀକରଣ କାର୍ଯ୍ୟ ଯୋଗୁ ପ୍ରଶାନ୍ତି ଏକ୍ସପ୍ରେସ ଉକ୍ତ ସ୍ଥାନ ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି। ଫେରିବା ବାଟରେ ଏହା ବାଙ୍ଗାଲୋର-ଭୁବନେଶ୍ୱର ଏକ୍ସପ୍ରେସ ଭାବେ ପ୍ରଶାନ୍ତି ନିଳୟନଠାରୁ ଯଥାକ୍ରମେ ରବିବାର ଏବଂ ସୋମବାର ଛାଡ଼ିବ। ଏହି ଟ୍ରେନର ସେବା ସତ୍ୟସାଇ ପ୍ରଶାନ୍ତି ନିଳୟନ ଏବଂ ବାଙ୍ଗାଲୋର ମଧ୍ୟରେ ବନ୍ଦ ରହିବ ବୋଲି ରେଲୱେ ପକ୍ଷରୁ ପ୍ରକାଶ।

## ଏ୩୮୦ ବିମାନ ନିର୍ମାଣ ବନ୍ଦ ହେବ

ନୂଆଦିଲ୍ଲୀ,୧୪-୨

ଏୟାରବସ୍‌ର ସୁପରଜମ୍ବୋ ଡବଲଡେକର ଏ୩୮୦ ବିମାନ ନିର୍ମାଣ ବନ୍ଦ ହେବ। କମ୍ପାନୀ ପକ୍ଷରୁ ଗୁରୁବାର ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ଯାତ୍ରୀଙ୍କ ଦ୍ୱାରା ପ୍ରଶଂସିତ ଏହି ବିମାନ ନିର୍ମାଣରେ ଖର୍ଚ୍ଚ ବଢୁଥିବାରୁ ଏବଂ ବିମାନ କମ୍ପାନୀଗୁଡ଼ିକ ଏଥିପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବାରୁ ଏୟାରବସ୍ ପକ୍ଷରୁ ଉକ୍ତ ନିଷ୍ପତ୍ତି ନିଆଯାଇଛି। ୨୦୨୧ରୁ ଏ୩୮୦ ବିମାନ ନିର୍ମାଣ ବନ୍ଦ ହେବ ବୋଲି କମ୍ପାନୀ କହିଛି। ସୂଚନାଥାଉ କି, ପ୍ରାୟ ଏକ ଦଶନ୍ଧି ହେବ ଏହି ବିମାନ ଆକାଶରେ ନିଜର ରାଜତ୍ୱ ଦର୍ଶାଇଆସିଛି।

## ଜେଏସ୍‌ପିଏଲ୍ ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନ ପାଇଁ ଆବେଦନପତ୍ର ଆହ୍ୱାନ

ଭୁବନେଶ୍ୱର,୧୪-୨

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍)ର ସାମାଜିକ ଉତ୍ତରଦାୟିତ୍ୱ ଶାଖା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ତୃତୀୟ ସଂସ୍କରଣର ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନ ସମ୍ପର୍କରେ ଘୋଷଣା କରାଯାଇଛି। ଏଥିଲାଗି ଆବେଦନପତ୍ର ଆହ୍ୱାନ କରାଯାଉଛି। ଆବେଦନର ଶେଷ ତାରିଖ ଚଳିତ ମାସ ୨୮ ରହିଛି। ସାମାଜିକ ଉନ୍ନତି କ୍ଷେତ୍ରରେ ଯୋଗଦାନ ରଖିଥିବା ୧୦ ବ୍ୟକ୍ତିବିଶେଷ ଏବଂ ୧୦ ସଂସ୍ଥାଙ୍କୁ ଚିହ୍ନଟ କରିବା ସହ ପୁରସ୍କୃତ କରାଯିବ ବୋଲି କମ୍ପାନୀ ସୂଚନା ଦେଇଛି। ଶ୍ରେଷ୍ଠ ବିବେଚିତ ବ୍ୟକ୍ତି ତଥା ସଂସ୍ଥାଙ୍କୁ ପୁରସ୍କାର ରାଶି ଭାବେ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଆବେଦନ ସଂକ୍ରାନ୍ତ ସମସ୍ତ ବିବରଣୀ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ୱେବସାଇଟରେ ଉପଲବ୍ଧ ହେବ। ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟକ୍ତିବିଶେଷ ତଥା ସଂସ୍ଥାଗୁଡ଼ିକୁ ସମ୍ମାନିତ କରାଯିବ। ମୋଟ ୧୦ଟି ବର୍ଗରେ ଏହି ପୁରସ୍କାର ରାଶି ପ୍ରଦାନ କରାଯିବ। ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନର ପୂର୍ବ ସଂସ୍କରଣଗୁଡ଼ିକ ବେଶ୍ ସ୍ମରଣୀୟ ହୋଇଥିବା ବେଳେ ଉଚ୍ଚକୋଟୀର କାର୍ଯ୍ୟକରି ନିଜ ଅଞ୍ଚଳରେ ସମୀତ ରହିଯାଉଥିବା ବ୍ୟକ୍ତି ବିଶେଷ ତଥା ସଂସ୍ଥାଗୁଡ଼ିକୁ ପୁରସ୍କୃତ କରିବାକୁ ଏହା ଏକ ପ୍ରୟାସ ବୋଲି ଫାଉଣ୍ଡେଶନର ସଭାପତି ସାଲୁ ଜିନ୍ଦଲ କହିଛନ୍ତି।

## ■ ଋଣ ଶୁଝିପାରୁନି ଆଇଏଲ୍‌ଆଣ୍ଡଏଫ୍‌ଏସ
# ବୁଡ଼ିଯିବାକୁ ବସିଛି ୨୦ ହଜାର କୋଟିର ପିଏଫ୍ ଅର୍ଥ

ନୂଆଦିଲ୍ଲୀ,୧୪-୨

ପ୍ରାୟ ୯୧ ହଜାର କୋଟି ଟଙ୍କାର ଋଣରେ ବୁଡିରହିଥିବା ଇନଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ୍ ଫାଇନାନ୍ସିଆଲ ସର୍ଭିସେସ୍(ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍) ବକେୟା ଫେରସ୍ତ ଦେବା ସ୍ଥିତିରେ ନାହିଁ। ଲକ୍ଷଲକ୍ଷ ମଧ୍ୟବିତ୍ତ ବେତନଭୋଗୀଙ୍କ ପେନସନ ଓ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଥକୁ ବହୁ ପ୍ରୋଭିଡେଣ୍ଟ ଓ ପେନ୍‌ସନ ଫଣ୍ଡ ଟ୍ରଷ୍ଟ ଏହି ଗ୍ରୁପ୍ କମ୍ପାନୀରେ ନିବେଶ କରି ଏବେ ଫସିଯାଇଛନ୍ତି। ସେମାନଙ୍କର ପ୍ରାୟ ୨୦ ହଜାର କୋଟି ଟଙ୍କା ଏବେ ବୁଡ଼ିଯିବାକୁ ବସିଛି। ଏହି କାରଣରୁ ସେମାନେ ବକେୟା ରାଶି ଫେରସ୍ତ ପ୍ରକ୍ରିୟାକୁ ନେଇ ଚିନ୍ତାବ୍ୟକ୍ତ କରି ନ୍ୟାଶନାଲ କମ୍ପାନୀ ଲ’ ଆପିଲେଟ ଟ୍ରିବ୍ୟୁନାଲରେ ଆବେଦନ କରିଛନ୍ତି ଏବଂ ଏଥିରେ ଯଥାଶୀଘ୍ର ହସ୍ତକ୍ଷେପ ପ୍ରାର୍ଥନା କରିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଏମଏମଟିସି, ଇଣ୍ଡିଆନ ଅଏଲ, ସିଡକୋ, ହୁଡକୋ, ଆଇଡିବିଆଇ, ଏସ୍‌ବିଆଇ ଏବଂ ହିମାଚଳ ପ୍ରଦେଶ ଗୁଜରାଟ ଇଲେକ୍ଟ୍ରିସିଟି ବୋର୍ଡ ସମେତ ବହୁ କମ୍ପାନୀର ପିଏଫ ଟ୍ରଷ୍ଟି ପକ୍ଷରୁ ଆବେଦନ କରାଯାଇଛି। ସେମାନେ ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ(ଆଇବିସି)ର ଧାରା ୫୩ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ଧାରା ଅନୁଯାୟୀ ବିକ୍ରି ଲବ୍ଧ ଅର୍ଥକୁ ୱାଟରଫଲ୍ ସିଷ୍ଟମ ଅନୁଯାୟୀ ବଣ୍ଟାଯାଇଥାଏ। ଅର୍ଥାତ ସବୁଠାରୁ ବଡ଼ ନିବେଶକ ଏବଂ ସୁରକ୍ଷିତ ଋଣପ୍ରଦାନକାରୀଙ୍କୁ ପ୍ରଥମେ ଋଣ ଅର୍ଥ ଫେରସ୍ତ ଦିଆଯାଏ। ଶେଷରେ ଆନୁଷଙ୍ଗିକ ଋଣ ପ୍ରଦାନକାରୀଙ୍କ ଆବେଦନକୁ ବିଚାରକୁ ନିଆଯାଏ। ଆବେଦନ ଦାଏର କରିବାର ଶେଷ ତାରିଖ ମାର୍ଚ୍ଚ ୧୨ ଧାର୍ଯ୍ୟ କରାଯାଇଛି। ପ୍ରାୟ ୧୪ ଲକ୍ଷ ଚାକିରିଆଙ୍କ ପେନସନ ଫଣ୍ଡ ପରିଚାଳନା କରୁଥିବା ୫୦ରୁ ଊର୍ଦ୍ଧ୍ୱ ଫଣ୍ଡ ଏବେ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ସହ ସମ୍ପର୍କ ରକ୍ଷା କରିଛନ୍ତି। ଏହି ଗ୍ରୁପ୍‌ର ୩୦୨ କମ୍ପାନୀ ମଧ୍ୟରୁ ୧୬୯ ଭାରତୀୟ କମ୍ପାନୀ ରହିଛି। ଗ୍ରୁପ୍ ପକ୍ଷରୁ ଏଗୁଡ଼ିକୁ ୩ ଟି ଶ୍ରେଣୀ ଗ୍ରୀନ, ଅମ୍ବର ଓ ରେଡରେ ବଣ୍ଟାଯାଇଛି। ୨୨ କମ୍ପାନୀ ଗ୍ରୀନ, ୧୦ ଅମ୍ବର ଓ ଅବଶିଷ୍ଟ ୩୮ କମ୍ପାନୀକୁ ରେଡ୍ ଶ୍ରେଣୀରେ ରଖାଯାଇଛି। ରେଡକୁ ଛାଡ଼ି ଦେଲେ ଅନ୍ୟ ଦୁଇ ଶ୍ରେଣୀର କମ୍ପାନୀ ବକେୟା ଶୁଝିପାରିବେ। ତେବେ ସୁରକ୍ଷିତ ଋଣପ୍ରଦାନକାରୀ ଭାବେ ବ୍ୟାଙ୍କଗୁଡ଼ିକ ପ୍ରଥମେ ସେମାନଙ୍କ ପୁଞ୍ଜି ଫେରିପାଇବାକୁ ଯାଉଛନ୍ତି। ସୂଚନାଥାଉ କି, ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ୫୦.୫%, ୟୁଟିଆଇର ୩୦.୫%, ଏଲ୍‌ଆଇସିର ୨୬.୦୧%, ଜାପାନର ଓରିକ୍ସ କର୍ପୋରେଶନର ୨୩.୫୪%, ଆବୁଧାବୀ ଇନଭେଷ୍ଟମେଣ୍ଟ ଅଥରିଟିର ୧୨.୫%, ଏଚ୍‌ଡିଏଫ୍‌ସିର ୯.୦୨% ଏବଂ ଏସ୍‌ବିଆଇର ୬.୪୨% ଅଂଶଧନ ରହିଛି।



## ସଂକ୍ଷେପରେ

### ଦିଲ୍ଲୀ ଠାରୁ ହାରିଲା ଓଡ଼ିଶା

କଟକ ଅଫିସ,୧୪।୨: ଗୁଜରାଟର ଜି.ଏସ୍. ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୨୩ବର୍ଷରୁ କମ୍ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ମ୍ୟାଚରେ ଓଡ଼ିଶା ୪ ଉଇକେଟରେ ଦିଲ୍ଲୀ ଠାରୁ ପରାସ୍ତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୯୮ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ଦେବାଶିଷ ସାମନ୍ତରାୟ ସଂଘର୍ଷପୂର୍ଣ୍ଣ ୮୩ରନର ଇନିଂସ ଖେଳିଥିଲେ। ଦିଲ୍ଲୀ ପକ୍ଷରୁ ଯୋଗେଶ ଶର୍ମା ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ୬ ଉଇକେଟ ବିନିମୟରେ ଧାର୍ଯ୍ୟ ବିଜୟଲକ୍ଷ୍ୟ ହାସଲ କରିଥିଲା ଦିଲ୍ଲୀ। ୨୮ରନରେ ଦଳ ୩ଟି ଉଇକେଟ ହରାଇଥିଲେ ମଧ ବୈଭବ କଣ୍ଡପାଳ(୬୧ରନ) ଓ ରାଜେଶ ଶର୍ମା(୬୦ରନ) ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଜିତାଇଥିଲେ। ଓଡ଼ିଶା ପକ୍ଷରୁ ତାରିଣୀ ସ ଓ ପ୍ରୀତ କନୱର ସିଂ ଚୌହ୍ୱାନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

### ମ୍ୟାଚ୍ ପରେ ଗୁପଟିଲଙ୍କ ଇଣ୍ଟରଭ୍ୟୁ ନେଲେ ସ୍ତ୍ରୀ

ନାପିଅର,୧୪।୨- ସ୍ଥାନୀୟ ମ୍ୟାକ୍ଲିନ ପାର୍କଠାରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ମ୍ୟାଚ୍‌କୁ ଘରୋଇ ନ୍ୟୁଜିଲାଣ୍ଡ ଦଳ ୫ ଓଭର ପୂର୍ବରୁ ୮ ଉଇକେଟ ହାତରେ ରଖି ଜିତି ନେଇଥିଲା। ମ୍ୟାଚ୍‌ରେ ଅପରାଜିତ ଶତକ ହାସଲ କରିଥିବା ମାର୍ଟିନ ଗୁପଟିଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କୃତ କରାଯାଇଥିଲେ। ମ୍ୟାଚ୍ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥାପିକା ଦାୟିତ୍ୱରେ ଆଉ କେହି ନୁହଁନ୍ତି ଗୁପଟିଲଙ୍କ ସ୍ତ୍ରୀ ଥିଲେ। ୧୧୭ ରନ୍‌ର ଅପରାଜିତ ଇନିଂସ ଖେଳିଥିବା ଅକ୍‌ଲାଣ୍ଡରେ ଜନ୍ମିତ ବ୍ୟାଟ୍ସମ୍ୟାନଙ୍କ ଇଣ୍ଟରଭ୍ୟୁ ନେଇଥିଲେ ସ୍ତ୍ରୀ ଲୌରା ମ୍ୟାକଗୋଲ୍ଡରିକ। ଏଭଳି ପରିସ୍ଥିତି ଉଭୟଙ୍କ ଲାଗି ସହଜ ନ ଥିଲା। ହେଲେ ଦୁଇ ଜଣ ସମ୍ପୂର୍ଣ୍ଣ ପେସାଦାର ଭାବେ ବ୍ୟବହାର କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

### ଇଣ୍ଡିଆନ ୱେଲ୍ସରୁ ଓହରିଲେ ଶାରାପୋଭା

ଲସ୍ ଏଞ୍ଜେଲ୍ସ,୧୪।୨- ଷ୍ଟାର ରୁଷିଆନ ମହିଳା ଟେନିସ ଖେଳାଳି ମାରିଆ ଶାରାପୋଭା ମାର୍ଚ୍ଚରେ ହେବାକୁ ଥିବା ଡବ୍ଲ୍ୟୁଟିଏ ଇଣ୍ଡିଆନ ୱେଲ୍ସରୁ ଓହରି ଯାଇଛନ୍ତି। କାନ୍ଧ ଜନିତ ସମସ୍ୟା ଯୋଗୁ ସେ ଏହି ନିଷ୍ପତ୍ତି ନେଇଥିବା ଟୁର୍ନାମେଣ୍ଟ ଆୟୋଜକମାନେ କହିଛନ୍ତି। ୩୧ ବର୍ଷୀୟା ଖେଳାଳି ସମାନ କାରଣ ଯୋଗୁ ଗତ ମାସରେ ଖେଳାଯାଇଥିବା ସେଣ୍ଟ ପିଟରସବର୍ଗ ଟୁର୍ନାମେଣ୍ଟରେ ଖେଳି ନ ଥିଲେ।

> ଚଳିତ ବର୍ଷ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଟପ୍ ୨୦ରେ ପ୍ରବେଶ ବ୍ୟତୀତ ମୋର ପରବର୍ତ୍ତୀ ମୁଖ୍ୟ ନଜର ୨୦୨୦ ଟୋକିଓ ଅଲିମ୍ପିକ୍ସ ଉପରେ ରହିଛି।
>
> – ଅଚନ୍ତା ଶରଥ କମଲ, ଭାରତୀୟ ଟେବୁଲ ଟେନିସ ଖେଳାଳି



> ଚଳିତ ବର୍ଷ ମୋ ଦ୍ୱାଦଶ ପରୀକ୍ଷା ସତ୍ତ୍ୱେ ଆଗକୁ ହେବାକୁଥିବା ଥିବା କେତେକ ବଡ଼ ପ୍ରତିଯୋଗିତା ଲାଗି ମୁଁ ଅଭ୍ୟାସ ଜାରି ରଖିଛି।
>
> – ହିମା ଦାସ, ଭାରତୀୟ ଆଥଲେଟ୍



# ସର୍ବଭାରତୀୟ ଟେନିସ କ୍ରିକେଟ ଉଦ୍‌ଘାଟିତ




ଗୁରୁବାର ଉଦ୍‌ଘାଟନୀ ଉତ୍ସବରେ ଟ୍ରଫି ଉନ୍ମୋଚନ ଅବସରରେ ଅତିଥିଙ୍କ ସହ ଓଡ଼ିଶା ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୧୪।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଟେନିସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସର୍ବଭାରତୀୟ ଟେନିସ କ୍ରିକେଟ ଚାମ୍ପିୟନ୍ସ ଟ୍ରଫିର ଦ୍ୱିତୀୟ ସଂସ୍କରଣ ଗୁରୁବାର ଉଦ୍‌ଘାଟିତ ହୋଇଛି। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସହଯୋଗକ୍ରମେ ଏହି ପ୍ରତିଯୋଗିତା ଇଷ୍ଟକୋଷ୍ଟ ରେଲୱେ ଷ୍ଟାଡିୟମରେ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ମୋଟ ୧୫ଟି ଦଳ ଅଂଶଗ୍ରହଣ କରିଛନ୍ତି। ସେଗୁଡ଼ିକ ହେଲେ ଉତ୍ତରପ୍ରଦେଶ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ, ମୁମ୍ବାଇ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଓଡ଼ିଶା, ଗୋଆ, ମହାରାଷ୍ଟ୍ର, ଛତିଶଗଡ଼, ହିମାଚଳ ପ୍ରଦେଶ, ପଞ୍ଜାବ ଓ ତାମିଲନାଡୁ। ପ୍ରଥମ ଦିବସରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ଗୋଆକୁ ୨୦ ରନରେ ହରାଇ ଅଭିଯାନ ଆରମ୍ଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୭୬ ରନ କରିଥିବାବେଳେ ଗୋଆ ୮.୪ ଓଭରରେ ୫୬ ରନକରି ଅଲଆଉଟ ହୋଇ ଯାଇଥିଲା। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ତେଲେଙ୍ଗାନା ୧୩ ରନରେ ଉତ୍ତରପ୍ରଦେଶକୁ, ଗୁଜରାଟ ୧୦ ଉଇକେଟରେ ରାଜସ୍ଥାନକୁ, ହିମାଚଳ ପ୍ରଦେଶ ୨୧ ରନରେ ପଞ୍ଜାବକୁ, ମହାରାଷ୍ଟ୍ର ୮ ଉଇକେଟରେ ଛତିଶଗଡ଼କୁ ପରାସ୍ତ କରିଛି। ସର୍ବଭାରତୀୟ ଫୁଟବଲ ଫେଡେରେଶନର ସହକାରୀ ସମ୍ପାଦକ ଅନିଲ କମାତ ମୁଖ୍ୟ ଅତିଥି ଏବଂ ସଦସ୍ୟ ବିନୋଦ କୁମାର, ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ କହ୍ନେୟା ଗୁଜାର, ସାଉଥ୍ ଜୋନ୍ ଟେନିସ କ୍ରିକେଟ ଡାଇରେକ୍ଟର ଗୋପଲ ମାଖିଜା, ବିଭିନ୍ନ ରାଜ୍ୟ ଆସୋସିଏଶନର ସମ୍ପାଦକ ବିଜୟ ରତ୍ନାକର, ସଞ୍ଜୟ ଶର୍ମା, ରାମ ରାଜ, ମହମ୍ମଦ ଫରୱେଜ, ସାଜନ ସିଂ, କିରଣ ସାୱନ୍ତ, ଲଳିତା ଚୌହାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ଶୈବାଳ ମିତ୍ର, ରୋହିତ ମିଶ୍ର , ମହମ୍ମଦ ଆଜାମ ପ୍ରମୁଖ ଉପସ୍ଥିତ ଥିଲେ।

### 'ଭାରତରେ ଟେନିସ କ୍ରିକେଟର ଭବିଷ୍ୟତ ଉଜ୍ଜ୍ୱଳ'

ଭାରତର ସମସ୍ତ ରାଜ୍ୟରେ ଏବେ ଟେନିସ କ୍ରିକେଟ ସ୍ଥିତି ଜମେଇ ସାରିଛି। ସବୁ ରାଜ୍ୟର ଆସୋସିଏଶନ ଗୁରୁତ୍ୱର ସହ ଏହି ଖେଳକୁ ନେବା ସହ ଏହାର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଅବ୍ୟାହତ ରଖିଛନ୍ତି। ତେଣୁ ଭାରତରେ ଟେନିସ କ୍ରିକେଟର ଭବିଷ୍ୟତ ଉଜ୍ଜ୍ୱଳ। ଏହି ଖେଳ କ୍ରିକେଟଠାରୁ ବିଶେଷ କିଛି ଭିନ୍ନ ନୁହେଁ। କେବଳ ଓଜନିଆ ଟେନିସ ବଲ୍‌ରେ ଖେଳ ହେବା ବ୍ୟତୀତ ପ୍ରାୟ ଅନେକ ନିୟମ କ୍ରିକେଟ ସହିତ ସମାନ। ସେ ସଚିନ ତେନ୍ଦୁଲକର ହୁଅନ୍ତୁ କିମ୍ବା ମହେନ୍ଦ୍ର ସିଂ ଧୋନୀ ସମସ୍ତେ ଏହି ବଲ୍‌ରେ ଖେଳି ନିଜ ଫୁଟ୍‌ୱର୍କ ସଜାଡ଼ିବା ସହ ଆଖି ସେଟିଂ କରିଛନ୍ତି। ଧୋନୀଙ୍କ ହେଲିକପ୍ଟର ଶଟ୍ ପରି ନୂଆ ଶଟ୍ ଉଦ୍ଭାବନ ପ୍ରଥମେ ଏହି ଟେନିସ ବଲ୍ ମାଧ୍ୟମରେ ହିଁ ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହି ଖେଳକୁ କ୍ୟାରିୟର କରି ଜଣେ ପ୍ରତିଷ୍ଠିତ ହୋଇ ପାରିବ ବୋଲି ମଞ୍ଚେଶ୍ୱରସ୍ଥିତ ରେଲୱେ ଷ୍ଟାଡିୟମରେ ଗୁରୁବାର ସର୍ବଭାରତୀୟ ଟେନିସ କ୍ରିକେଟ ଚାମ୍ପିୟନ୍ସଟ୍ରଫିର ଉଦ୍‌ଘାଟନୀ ଉତ୍ସବ ଅବସରରେ ପ୍ରକାଶ କରିଛନ୍ତି ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ କହ୍ନେୟା ଗୁଜାର। ଏହି ଗେମ୍‌କୁ ମୁଁ ଆବିଷ୍କାର କରିଛି ଏବଂ ଏହାର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଅବ୍ୟାହତ ରଖିଛି। ଏହାଦ୍ୱାରା ଦେଶରେ କ୍ରିକେଟର ଲୋକପ୍ରିୟତା ମଧ୍ୟ ବଢୁଛି। ଓଡ଼ିଶାରେ ଯେପରି ଢଙ୍ଗରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି ସେଥିରେ ମୁଁ ବହୁତ ଖୁସି। ଓଡ଼ିଶାରେ ମଧ୍ୟ ଏହି ଗେମ୍‌ର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ ବୋଲି କହିଛନ୍ତି ଗୁଜାର।



କହ୍ନେୟା ଗୁଜାର

### ଓଡ଼ିଶା ମହିଳା କ୍ରିକେଟ ଦଳର ହ୍ୟାଟ୍ରିକ ବିଜୟ

କଟକ ଅଫିସ,୧୪।୨- ଗୋଆର ସାନଗୁଏମ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ୧୯ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ମ୍ୟାଚ୍‌ରେ ଓଡ଼ିଶା ୧୧୧ରନରେ ସୌରାଷ୍ଟ୍ରକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା ଲଗାତାର ୩ୟ ବିଜୟ। ଏଲିଟ ଗ୍ରୁପ-ସିରେ ସ୍ଥାନ ପାଇଥିବା ଓଡ଼ିଶା ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଇନ୍ଦ୍ରାଣୀ ଛତ୍ରିଆଙ୍କ ନେତୃତ୍ୱାଧୀନ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ପୁନମ ନାୟକଙ୍କ ୩୫ରନ, ଅଧିନାୟିକା ଇନ୍ଦ୍ରାଣୀଙ୍କ ୨୯ରନ, ତନ୍ମୟୀ ବେହେରାଙ୍କ ୨୨ରନ ବଳରେ ଓଡ଼ିଶା ୮ ଉଇକେଟ ହରାଇ ୧୬୮ରନ କରିଥିଲା। ସୌରାଷ୍ଟ୍ର ପକ୍ଷରୁ ଟି. ଧରଣୀ ଓ ଏମ୍. ମୋଧବଧିୟା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସୌରାଷ୍ଟ୍ର ୫୭ରନରେ ଅଲଆଉଟ ହୋଇଥିଲା। ଟି. ଧରଣୀ ସର୍ବାଧିକ ୧୭ରନ କରିଥିବା ବେଳେ ଅନ୍ୟକେହି ବ୍ୟାଟ୍ସଓମ୍ୟାନ ୨ ଅଙ୍କ ଛୁଇଁ ପାରି ନ ଥିଲେ। ଓଡ଼ିଶା ପକ୍ଷରୁ ସୋନାଲୀ ହେମ୍ବ୍ରମଙ୍କୁ ୨ଟି ଉଇକେଟ ମିଳିଥିଲା। ୫ଜଣ ଖେଳାଳି ରନଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ।


## GOVERNMENT OF ODISHA
### OFFICE OF THE EXECUTIVE ENGINEER
### RURAL WORKS DIVISION, PHULBANI

No. 1646-O

Phone-06842-253708, E-mail: rw_phulbani@yahoo.co.in
No......302..................RWDP, Dated the 6.2.2019

**Government of Odisha e-Procurement Notice**
**Bid Identification No. Online Tender/14/EERWD PHULBANI/ 2018-19**

| | | |
|---|---|---|
| 1 | Name of the work | Building works |
| 2 | Estimated cost | Rs. 8.86 lakhs to Rs.17.70 lakhs |
| 3 | Period of Completion | (2) Two Calendar Months |
| 4 | Date & Time of availability of Bid documents in the Portal | From 18.02.2019 at 10.00 AM to 27.02.2019 up to 5.00 PM |
| 5 | Last Date/Time for receipt of Bids in the Portal | 27.02.2019 up to 5.00 PM |
| 6 | Name and address of the Officer Inviting Bid | Executive Engineer, Rural Works Division, Phulbani |

Further details can be seen from the e-procurement portal website https://tenders.ori.nic.in/nicgep/app

**Executive Engineer**
25077/11/0016/1819 **Rural Works Division, Phulbani**

## THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

CAD-1425

### E-PROCUREMENT NOTICE

**NIT No. OMC/MAT/E-PROC/04/2019** **Dated. 14/02/2019**

| | | |
|---|---|---|
| 1. | Name of the work | Empanelment of agencies to undertake SAP development projects in OMC |
| 2. | Availability of bid document in Govt. Portal | 18/02/2019 after 05:00PM |
| 3. | Last date for sending queries to OMC | 25/02/2019 up to 05:00PM |
| 4. | Pre-bid meeting | 27/02/2019 at 11.00AM |
| 5. | Uploading of final tender schedule | 04/03/2019 up to 05:00PM |
| 6. | Last date of online submission of tender in portal | 16/03/2019 up to 05:00PM. |
| 7. | Submission of EMD | The bidder has to deposit Rs.50,000.00 (Rupees Fifty Thousand) only through on line as available in www.tendersodisha.gov.in |
| 5. | Date of opening of Techno-commercial Bid | 18/03/2019 at 11:00AM. |

All other details can be seen from the tender document available at Govt. web site i.e www.tendersodisha.gov.in & in OMC website i.e. www.omcltd.in.

OMC reserves the right to reject any or all tenders without assigning any reason thereof.

30005/11/0183/1819 GENERAL MANAGER (MAT)

## GOVERNMENT OF ODISHA, OFFICE OF THE EXECUTIVE ENGINEER, RWSS DIVISION, MALKANGIRI
Tel: 06861-231517, Email: eerwss_mal@nic.in, eerwssmlkg@gmail.com

### INVITATION FOR BIDS
### NATIONAL COMPETITIVE BIDDING
**Bid Identification No.: RWSS_MKG_ONLINE_08/2018-19, Dated: 11.02.2019**

**No. 1663-O:-** The Executive Engineer, RWS&S Division, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below to be eventually drawn up on turnkey basis (i.e. with design and execution).

1. Name of the Work : Supplying all materials, labour, T&P etc. and construction of RCC CHT, Pump House, compound wall, laying of GI/ HDPE pipe in rising main and distribution system, installation of submersible pump including five years maintenance cost in connection with RPWS to village BURUDIPUT under Chitrakonda Block.
2. No. of works : 1 No.
3. Estimated Cost : Rs. 79.37 lakhs
4. Tender Paper Cost : Rs. 10,000/-
5. Class of Contractor :

| Estimated cost upto Rs. 20.00 lakhs | Estimated Cost more than Rs. 20.00 lakhs & within Rs. 40.00 lakhs | Estimated Cost more than Rs. 40.00 lakhs & within Rs. 300.00 lakhs |
|---|---|---|
| 'D' & 'C' | 'C' & 'B' | 'B' & 'A' |

6. Period of Completion : 8 (Eight) Calendar months
7. Critical dates:

| Procurement Officer | Bid Identification No. | Availability of Tender online for Bidding | | Last Date of seeking tender Clarification | Date of opening of Bid |
|---|---|---|---|---|---|
| | | From | To | | |
| Executive Engineer, RWS&S Division, Malkangiri | RWSS_MKG_ONLINE _08 of 2018-19 | 19.02.2019 at 9.00AM | 05.03.2019 upto 5.00PM | 02.03.2019 | 06.03.2019 at 11.00AM |

- Further details can be seen in the bidding documents, which is available in the e-Procurement portal https://www.tendersorissa.gov.in.
- Subsequent corrigendum if required shall be appreared in the website.
- Authority reserves the right to reject any or all tenders without assigning any reason thereof.

25044/11/0026/1819 *Sd./- Executive Engineer, RWS&S Division, Malkangiri*

## ODISHA PVTG EMPOWERMENT AND LIVELIHOODS IMPROVEMENT PROGRAMME
ଓଡ଼ିଶା ଆଦିମ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତୀକରଣ କାର୍ଯ୍ୟକ୍ରମ

### ST & SC DEVELOPMENT DEPARTMENT, GOVERNMENT OF ODISHA
**Lanjia Soura Devlopment Agency, Serango, Gumma Block, Gajapat,**

### INVITATION OF SEALED TENDER

Sealed Tender is invited in the prescribed format for Construction of Work Shed for Producer Group in the Office Premises of LSDA, Serango, Eventually drawn up in the PWD F2 forms in conformity with the detailed tender call Notice No-2 of 2018-2019 of LSDA Serango from the interested Govt. Regd. Contractors of PWD, PH, Water resources PHD/RD department of Govt. of Odisha and CPWD and Railway Contractors. The interested Contractors may visit the website of : **www.gajapati.nic.in** & http:**www.opelip.org** for details.

1. Name of the work : Construction of Work Shed for Producer Group at LSDA, Serango, Gumma Block, Gajapati Dist.
2. Construction of Work Shed Cost : Rs..30,00,000/-
3. Class of Contractor : 'C' Class / 'B' Class
4. Period of Completion : 06 Calendar months.
5. Sale of Tender Papers : From 15.02.2019 to 25.02.2019 time 11.00 AM. to 4.00 PM. on all working Days.
6. Last date and Time to received the Tender : Date.26.02.2019 at 5.00 PM.
7. Name and Address of officer inviting Tender: Special officer, LSDA, Serango, Gumma Block, Gajapati. Tender are strictly instructed to submit their Tender through one medium i.e hard sopy by registered Post / Speed Post only. Sealed bid must be delivered on or before 26.02.2019 by 5. PM. at office of the Lanjia Soura Development Agency, Srango-761207, Serango, Gumma Block, Gajapati District-Odisha.

The Special Officer reserves the right to accept or reject any or all tender without assigning any reason thereof.

By order of Collector Gajapati cum Chairman LSDA, OPELIP, Serango.

**Date: 14.02.2019**
**Place: Serango**

**Sd./-**
**Special Officer**
**LSDA- Serango**

## OFFICE OF THE
## PANCHAYAT SAMITI, KUDUMULUGUMMA
No. 543/Account.2019 Dated 12.02.2019

### QUOTATION CALL NOTICE

Sealed quotations are invited from interested reputed Travels Agencies / Tour operators or private individuals for providing 1 Number Non AC/AC Diesel driven vehicles having sitting capacity not more ten including driver, which shall confirm to the terms and conditions for official use in Block Office, Chitrakonda on monthly rent basis.

1. The vehicle must be in road worthy condition, shall not be more than 3 years old from the date of initial registration and must have valid registrations certificate, Insurance certificate, Fitness certificate, valid contract carriage permit, proof of uptodate tax payment etc. which are mandatory.
2. The driver of the vehicle must have a valid Driving License for driving light transport passenger vehicles and should be sufficiently experienced in driving transport passenger vehicle.
3. The driver should be well bahaved gentle and obedient in nature.
4. A sum of Rs. 5000/- shall be deposited by the intending bidders in shape of Account Payee Bank Draft drawn in favour of the Block Development Officer, Chitrakonda / Cash and submitted along with the quotation as security deposit after completion of quotation process, the amount will be refunded to unsuccessful bidders.
5. The monthly rent of hire charge be quoted including driver.
6. The vehicle must achieve a fuel efficiency of 10 Kms per liter.
7. The details of the make and year of manufacture of the vehicle, registration No., mileage (Kms covered per Liter) and name of the driver with Driving License No. and period of validity should be specifically provided in the general bid information to be furnished with the quotation.
8. The quotation completed in all respect should reach the undersigned on or before 22.02.2019 by 2.00PM and shall be opened on the same day at 4.00PM in Panchayat Samiti Office, Chitrakonda.

*Sd./- Block Development Officer*
*Chitrakonda*

## ଓଡ଼ିଶା ସରକାର
## ଗ୍ରାମ୍ୟ ନିର୍ମାଣ ବିଭାଜନ-୨
## କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟ
### ବିଜ୍ଞାପନ

No.–1671–O ଓଡ଼ିଶା ସରକାର, ରାଜସ୍ୱ ଏବଂ ଆପଦା ପ୍ରବନ୍ଧନ ବିଭାଗ, ପତ୍ରାଙ୍କ– ୨୬୨୨୩, ତା. ୦୬.୦୭.୨୦୧୩ରିଖ, ପତ୍ରାଙ୍କ– ୪୦୩୦, ତା. ୦୭.୦୨.୨୦୧୪ରିଖ ଏବଂ ପତ୍ରାଙ୍କ – ୧୦୨୪୧, ତା. ୩୧.୦୩.୨୦୧୪ରିଖ ମାଧ୍ୟମରେ ବ୍ୟବସ୍ଥିତ ଦିଶାନିର୍ଦ୍ଦେଶ ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ-୨, କେନ୍ଦ୍ରାପଡା ଅଧୀନରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅନ୍ତର୍ଗତ କୃଷ୍ଣଦାସପୁର ଗ୍ରାମର ୩ ଗୋଟି ପ୍ଲଟକୁ ନୟାଡିଆଘାଟ ସିଂହଗାଁ ରାସ୍ତାର ନାବାର୍ଡ଼ ସହାୟତାରେ ଉନ୍ନତୀକରଣ ନିମିତ୍ତ ଭୂମି ଅଧିଗ୍ରହଣ କରାଯାଉଅଛି।

ଉକ୍ତ ଭୂମିର ମାଲିକମାନଙ୍କ ନାମ ନିମ୍ନମତେ ପ୍ରଦତ୍ତ କରାଯାଇଅଛି। ପ୍ରଦତ୍ତ ଭୂମି ମାଲିକାନା ସୂଚୀରେ ଯଦି କାହାର କିଛି ଅଭିଯୋଗ ଅଛି, ତେବେ ତାହା ଏହି ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତା. ୦୫.୦୩.୨୦୧୯ରିଖ ମଧ୍ୟରେ ଲିଖିତ ଆକାରରେ ଅବଗତ କରାଗଲେ ବିଚାରଯୋଗ୍ୟ ହେବ। ଅନ୍ୟଥା, ପ୍ରଦତ୍ତ ସୂଚୀ ଅନୁଯାୟୀ ଭୂମି ମାଲିକମାନଙ୍କୁ ଯୋଗ୍ୟ ସ୍ୱତ୍ୱାଧିକାରୀ ଭାବେ ବିବେଚନା କରାଯାଇ ଧାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯିବ। ନିର୍ଦ୍ଧାରିତ ଅବଧି ପରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ।

ସ୍ୱା./– ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ନିର୍ମାଣ ବିଭାଜନ-୨, କେନ୍ଦ୍ରାପଡ଼ା

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION - II, KENDRAPARA
### NOTICE

The following different Kisam of land in revenue village Krushnadaspur under Pattamundai Tahasil and required to be purchased directly from the private land owners by R.D. Department, Govt. of Odisha as per the guideline formulated by Revenue & Disaster Management Department, Govt. of Odisha letter No. 26223 dated 06.07.2013, letter No. 4030 dated 07.02.2014 and letter No.-10241 dated 31.03.2014 for public purpose i.e. Improvement to Nayadiaghat to Singhgaon road under NABARD Assisted in Pattamundai block in the District of Kendrapara". The details of land schedule along with the name of bonafide land owners are given below for information of the public and objection if any are invited from the public regarding the legal heir of the land owners which may be intimated to the undersigned on or before 05.03.2019 positively, otherwise the following land owners will be declared as actual land owners to receive their due compensation. No objection shall be entertained after the stipulated date.

The bonafide land owners are here by requested to submit their following land particulars on or before 27.02.2019 in the Office of the Executive Engineer, Rural Works Division-II, Kendrapara for making necessary arrangement for sale deed agreement in the District Registrar Office at Kendrapara.

1. Original R.O.R. & up to date revenue receipt.
2. E.C. for last 22 years.
3. Legal Heir certificate issued by Tahasildar, Kendrapara in case of land owner is not alive.
4. Voter I.D. Card / Adhaar Card
5. PAN Card/ I.T. return if available
6. Two colour passport size photographs.
7. Photo copy of front page of Bank account pass book or one number of cancelled cheque.

**Sd./- Amulya Kumar Mohapatra**
**Executive Engineer, Rural Works Division-II, Kendrapara**

**Details of land schedule :-**
1) Revenue village : Krushnadaspur, Pattamundai Block, Kendrapara

| Sl. No. | Plot No. | Khata No. | Kisam | Land to be Acquired in Acre (1.00 Acre- 100 Dec) | Name of the land owner as per ROR | |
|---|---|---|---|---|---|---|
| | | | | | Name Sukumari Rout Mother | Father / Husband Name |
| 1 | 2 | 3 | 4 | 5 | 6 | 7 |
| 1 | 515/ 628 | 147 | Pala-II | 0.20 | Smt Sukumari Rout (Wife)<br>Sri Bijaya Rout (Son)<br>Sri Akhaya Rout, (Son)<br>Sri Abhiram Rout (Son)<br>Sri Ashok Rout, (Son) | Late Suratha Rout, Dandi-sahi |
| 2 | 527 | 93 | Para-II | 0.25 | Sri Khageswar Mohanty (Grand Son)<br>Sri Pradeep Kishore Mohanty (Grand Son)<br>Sri Raj Kishore Mohanty (Son)<br>Sri Braja Kishore Mohanty (Son)<br>Sri Debananda Mohanty (Son) | S/o. Late Akuli Charan Mohanty, Dandisahi |
| 3 | 522 | 98 | Para-II | 0.17 | Sri Abhiram Mohanty (Son)<br>Smt Puspalata Mohanty (Daughter in law)<br>Sri Debasis Mohanty (Grand Son)<br>Sri Prakash Mohanty (Grand Son)<br>Sri Subash Mohanty (Grand Son)<br>Sri Ashok Mohanty (Grand Son)<br>Smt Mamata Mohanty (Grand Daughter)<br>Smt Namita Mohanty (Grand Daughter)<br>Smt Kadambani Mohanty (Daughter in law)<br>Sri Sailash Mohanty (Grand Son)<br>Sri Bitu Mohanty (Grand Son)<br>Smt Madhusmita Mohanty (Grand Daughter)<br>Smt Sudita Swain (Grand Daughter) | S/o. Late Bidyadhar Mohanty |

25098/11/0022/1819 **Sd./- Executive Engineer**
**R.W.Division-II, Kendrapara**



“ ଆସନ୍ତା ଆଇସିସି ବିଶ୍ୱକପ୍ ପୂର୍ବରୁ ମୁଁ ଆଘାତଜନିତ ସମସ୍ୟାରୁ ମୁକ୍ତି ପାଇଯାଇଥିବି ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।

– ଜୋସ୍ ହାଜେଲ୍‌ଉଡ୍, ଅଷ୍ଟ୍ରେଲୀୟ ପେସ୍ ବୋଲର



“ ରିଷଭ ପନ୍ତ ଏଭଳି ଜଣେ ବ୍ୟାଟ୍ସମ୍ୟାନ ଯାହାଙ୍କର ନମ୍ବର ୱାନରୁ ଆରମ୍ଭ କରି ୭ମ ସ୍ଥାନରେ ବ୍ୟାଟିଂ କରିବାର ସାମର୍ଥ୍ୟ ରହିଛି।

– ଆଶିଷ ନେହେରା, ପୂର୍ବତନ ଭାରତୀୟ ପେସ୍ ବୋଲର

## ସଂକ୍ଷେପରେ

### ଧୋନୀଙ୍କ ନାମରେ ଷ୍ଟାଣ୍ଡ

ରାଞ୍ଚି,୧୪।୨: ମହେନ୍ଦ୍ର ସିଂ ଧୋନୀ ଭାରତୀୟ କ୍ରିକେଟର ଆଇକନ ହୋଇ ରହିଛନ୍ତି। କ୍ରିକେଟ ଇତିହାସର ଅନ୍ୟତମ ସଫଳତମ ଅଧିନାୟକଙ୍କ ଯୋଗୁ ଭାରତୀୟ କ୍ରିକେଟରେ ଝାଡ଼ଖଣ୍ଡକୁ ପରିଚୟ ମିଳିପାରିଛି। ଏଥିନେଇ ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ ଆସୋସିଏଶନ (ଜେଏସ୍‌ସିଏ) ପକ୍ଷରୁ ଉପହାର ସ୍ୱରୂପ ରାଞ୍ଚି ସ୍ଥିତ ଷ୍ଟାଡିୟମ୍‌ର ଏକ ଷ୍ଟାଣ୍ଡକୁ ଧୋନୀଙ୍କ ନାମରେ ନାମିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜେଏସ୍‌ସିଏ ଷ୍ଟାଡିୟମ୍‌ର ଦକ୍ଷିଣ ଷ୍ଟାଣ୍ଡ ‘ଏମ୍. ଏସ୍. ଧୋନୀ ପ୍ୟାଭିଲିଅନ’ ନାମରେ ଜଣାଯିବ। ଏ ନେଇ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ଆସନ୍ତା ମାସ ୮ ତାରିଖରେ ଏଠାରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ୩ୟ ଦିନିକିଆ ମ୍ୟାଚରେ ଏଥିନେଇ ଘୋଷଣା କରାଯିବ ବୋଲି ଆଶା କରାଯାଉଛି। ଏହି ଭେଟେରାନ ନିଜର ବିସ୍ଫୋରକ ବ୍ୟାଟିଂ ବଳରେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ୨୦୦୪ରେ ଅନ୍ତର୍ଜାତୀୟ କ୍ରିକେଟରେ କ୍ୟାରିୟର ଆରମ୍ଭ କରିବା ପରେ ତାଙ୍କୁ ଆଗକୁ ବଢ଼ିବା ଲାଗି ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ୨୦୦୭ରେ ତାଙ୍କ ନେତୃତ୍ୱରେ ଭାରତ ଟି୨୦ ବିଶ୍ୱକପ୍ ଜିତିଥିଲା। ଏହାପରେ ଭାରତୀୟ ଦଳ ୨୦୧୧ ବିଶ୍ୱକପ୍ ଓ ୨୦୧୩ ଆଇସିସି ଚାମ୍ପିୟନ୍ସ ଟ୍ରଫି ହାତେଇ ଥିଲା।

### ଭାଲେଣ୍ଟାଇନ୍ସ ଡେ’ ପାଳିଲେ କୋହଲି



ନୂଆଦିଲ୍ଲୀ,୧୪।୨: ଭାରତୀୟ କ୍ରିକେଟରଙ୍କ ଠାରୁ ଆରମ୍ଭ କରି ଅନ୍ୟ କ୍ରୀଡ଼ା ବ୍ୟକ୍ତି ବିଶେଷମାନେ ଗୁରୁବାର ଭାଲେଣ୍ଟାଇନ୍ସ ଡେ’ ପାଳନ କରିଛନ୍ତି। ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଟୁଇଟରରେ ନିଜ ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ ଏକ ଫଟୋ ସେୟାର କରିଛନ୍ତି। ଏହାର କ୍ୟାପସନରେ ଲେଖିଛନ୍ତି, କାଲି ରାତିରେ ମୋ ଭାଲେଣ୍ଟାଇନ୍ସ ସହ। ତାଙ୍କ ଭଳି ନ୍ୟୁଜିଲାଣ୍ଡରେ ଭାରତୀୟ ଦଳର ନେତୃତ୍ୱ ନେଇଥିବା ରୋହିତ ଶର୍ମା, ଅନ୍ୟତମ ଓପନର ଶିଖର ଧାୱନ, ସୁରେଶ ରାଇନା, ମୟଙ୍କ ଅଗ୍ରୱାଲ, କ୍ରୁନାଲ ପାଣ୍ଡ୍ୟା, ସାଇନା ନେହ୍ୱାଲ ଓ ସାକ୍ଷୀ ମଲିକ ଭାଲେଣ୍ଟାଇନ୍ସ ଡେ’ ଅବସରରେ ନିଜ ସାଥୀଙ୍କୁ ବଧେଇ ଜଣାଇଛନ୍ତି।

## ■ ଗୋଲ୍ଡ କପ୍ ମହିଳା ଫୁଟବଲ ଫାଇନାଲ ଆଜି

# ନେପାଳ ବନାମ ମ୍ୟାନମାର

ଭୁବନେଶ୍ୱର, ୧୪।୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ। ଟାଇଟଲ ମୁକାବିଲାରେ ୪୪ ର‌୍ୟାଙ୍କ୍‌ପ୍ରାପ୍ତ ମ୍ୟାନମାରକୁ ଟକ୍କର ଦେବ ୧୦୮ ର‌୍ୟାଙ୍କିଙ୍ଗ୍‌ରେ ଥିବା ନେପାଳ। ଅନ୍ୟ ୨ ଦଳ ଭାରତ ଓ ଇରାନର ଅଭିଯାନ ଲିଗ୍ ପର୍ଯ୍ୟାୟରୁ ଶେଷ ହୋଇଯାଇଛି।

ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚରେ ନେପାଳ ଓ ମ୍ୟାନମାର ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ମ୍ୟାନମାର ୩-୦ ଗୋଲରେ ନେପାଳକୁ ପରାସ୍ତ କରିଥିଲା। ମାତ୍ର ଏହାପରେ ଏହି ଲୋ ର‌୍ୟାଙ୍କ୍‌ପ୍ରାପ୍ତ ଦଳ ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ କରି ଘରୋଇ ପରିବେଶରେ ଅପେକ୍ଷାକୃତ ଉଚ୍ଚ ର‌୍ୟାଙ୍କିଙ୍ଗ୍‌ରେ ଥିବା ଭାରତ(୬୨) ଓ ଇରାନ(୬୦)କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଏବେ ଟାଇଟଲ ପର୍ଯ୍ୟାୟରେ ସମାନ ପ୍ରତିଦ୍ୱନ୍ଦ୍ୱୀକୁ ଭେଟୁଥିବାରୁ ଲିଗ୍ ପରାଜୟର ମଧୁର ପ୍ରତିଶୋଧ ଅପେକ୍ଷାରେ ରହିଛି ନେପାଳ। ଭାରତକୁ ୨-୧ ଗୋଲରେ ହରାଇବାପରେ ଦଳର ମନୋବଳ କାହିଁ କେତେ ଉପରେ ପହଞ୍ଚିଥିଲା। ଇରାନ ବିପକ୍ଷ ନିଜର ଶେଷ ଲିଗ୍ ମ୍ୟାଚରେ ତାହା ପ୍ରତିଫଳିତ ହୋଇଥିଲା। ଏହି ମ୍ୟାଚରେ ନେପାଳ ୩-୦ ଗୋଲରେ ଇରାନକୁ ହରାଇ ଭାରତକୁ କାଠଗଡ଼ାରେ



କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ୍ ଅଫିସିଆଲମାନେ।

ଛିଡ଼ା କରାଇ ଦେଇଥିଲା। ନେପାଳ-ଇରାନ ମ୍ୟାଚର ଫଳାଫଳ ଭାରତୀୟ ଖେଳାଳିଙ୍କ ଉପରେ ଗଭୀର ମନସ୍ତାତ୍ତ୍ୱିକ ପ୍ରଭାବ ପକାଇଥିଲା। ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ବୃହତ୍ ବ୍ୟବଧାନରେ ମ୍ୟାନମାରକୁ ହରାଇବା ଆବଶ୍ୟକ ହେଉଥିଲା ଯାହାକି ସହଜ ନ ଥିଲା। ଭାରତର ଦୁର୍ବଳ ରକ୍ଷଣଭାଗ ଏବଂ ଗୋଲକିପରଙ୍କ ତ୍ରୁଟି ଯୋଗୁ ମ୍ୟାନମାର ୨-୦ ଗୋଲରେ ଏହି ମ୍ୟାଚ ଜିତି ଟୁର୍ନାମେଣ୍ଟରେ ଅପରାଜେୟ ରହିଥିଲା। ଦଳ ୩ ମ୍ୟାଚରୁ ୩ ବିଜୟ ସହ ଫାଇନାଲରେ ପ୍ରବେଶ କରିଥିଲା ଏବଂ ଭାରତକୁ ବିଦାୟ ପଥ ଦେଖାଇଥିଲା।

### ସାବିତ୍ରା ଟପ୍ ସ୍କୋରର

ନେପାଳର ସାବିତ୍ରା ଭଣ୍ଡାରୀ ଲିଗ୍ ପର୍ଯ୍ୟାୟ ଶେଷସୁଦ୍ଧା ୪ ଗୋଲ ଦେଇ ଟପ୍ ସ୍କୋରର ରହିଛନ୍ତି। ତେଣୁ ତାଙ୍କ ଉପରେ ନିଶ୍ଚିତ ମ୍ୟାନମାର ଖେଳାଳିଙ୍କ ନଜର ରହିବ। ଟୁର୍ନାମେଣ୍ଟ ପୂର୍ବରୁ ନେପାଳକୁ ଅଣ୍ଡର ଡଗ୍ ବିବେଚିତ କରାଯାଉଥିଲା। ଲୋ ର‌୍ୟାଙ୍କ୍‌ପ୍ରାପ୍ତ ଦଳ ହୋଇଥିବାରୁ ନେପାଳ ବିନା ଚାପରେ ଖେଳିଥିଲା। ଫଳରେ ପ୍ରଥମ ମ୍ୟାଚ ପରାଜୟ ସତ୍ତ୍ୱେ ଏହି ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ପାରିଲା। ଗତ ୨ଟି ମ୍ୟାଚରେ ଦଳ ଉତ୍ସାହୀ ପ୍ରଦର୍ଶନ କରିଥିବାରୁ ଫାଇନାଲରେ ମ୍ୟାନମାରକୁ ଟକ୍କର ଦେବାକୁ ପ୍ରସ୍ତୁତ। ମୋମେଣ୍ଟମ ବଜାୟ ରଖି ପାରିଲେ ନେପାଳ ଟାଇଟଲ ହାସଲ କରି ଇତିହାସ ରଚିବା ଅସମ୍ଭବ ନୁହେଁ।

### ଆମେ ଭାଗ୍ୟବାନ:ମୋଇ

ଭାରତ ବିପକ୍ଷ ଲିଗ୍ ମ୍ୟାଚରେ ବିଜୟୀ ହୋଇଥିବାରୁ ଆମେ ଭାଗ୍ୟବାନ। ମ୍ୟାଚର ୨ୟ ମିନିଟରେ ଦେଇଥିବା ଗୋଲଟି ଆମପାଇଁ ଲକି ସାବ୍ୟସ୍ତ ହୋଇଥିଲା। ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଗୋଲ ଦେଇ ନ ପାରିଥିଲେ ଆମେ ନିଶ୍ଚିତ ଅସୁବିଧାରେ ପଡ଼ିଥାନ୍ତୁ ବୋଲି କହିଛନ୍ତି ମ୍ୟାନମାର ମୁଖ୍ୟ କୋଚ୍ ୱିନ୍ ଥୁ ମୋଇ। ଆମ ଖେଳାଳିମାନେ କ୍ଳାନ୍ତ ହୋଇ ପଡ଼ିଥିଲେ। ପଳରେ ସେମାନଙ୍କୁ ଅଧିକ ଷ୍ଟ୍ରେଚିଂ କରାଯାଇ ନ ଥିଲା। ବଲ୍‌କୁ ଯଥାସାଧ୍ୟ ନିୟନ୍ତ୍ରଣରେ ରଖିବାକୁ ଖେଳାଳିମାନଙ୍କୁ ପରାମର୍ଶ ଦିଆ ଯାଇଥିଲା। ତେବେ ନେପାଳ ବିପକ୍ଷରେ ଭାରତର ପରାଜୟରେ ଆମେ ବିସ୍ମିତ। ଭାରତକୁ ଆମେ ଫାଇନାଲରେ ଭେଟିବୁ ବୋଲି ଆଶା କରିଥିଲୁ। ମାତ୍ର ନେପାଳକୁ ଭେଟିବାକୁ ଯାଉଥିବାରୁ ଆମେ ଖୁବ୍ ଖୁସି ବୋଲି ମୋଇ କହିଛନ୍ତି। ମିଡ୍ ଫିଲ୍ଡର ରନ୍‌ବାଳା ଦେବୀ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ସେ ପ୍ରକାଶ କରିଛନ୍ତି।

## ବିଶ୍ୱ ପାରାଗେମ୍ସରେ

# ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ

କଟକ ଅଫିସ,୧୪।୨



ପଦକ ସହ ପ୍ରମୋଦ ଭଗତ।

ୟୁଏଇ ଠାରେ ଚାଲିଥିବା ଆଇ ୱାଜ ୱାର୍ଲଡ ପାରା ଗେମ୍ସରେ ଓଡ଼ିଶାର ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। କୌଣସି ଅନ୍ତର୍ଜାତୀୟ ଚାମ୍ପିୟନଶିପରେ ପ୍ରମୋଦଙ୍କର ଏହା ହେଉଛି ଶ୍ରେଷ୍ଠ ପ୍ରଦର୍ଶନ। ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସରେ ପ୍ରମୋଦ ସ୍ୱର୍ଣ୍ଣ ଜିତିଥିବା ବେଳେ ଡବଲ୍ସରେ ରୌପ୍ୟ ପଦକ ଜିତିଥିଲେ। ସିଙ୍ଗିଲ୍ସ ବିଭାଗ ଫାଇନାଲରେ ପ୍ରମୋଦ ୨୧-୧୮, ୨୧-୧୫ ସେଟରେ ଥାଇଲାଣ୍ଡର ପ୍ରତିଦ୍ୱନ୍ଦ୍ୱୀ ବୁନସୁନ ମଙ୍ଗଖୋନଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସରେ ପ୍ରମୋଦ ଓ ପାରୁଲ ପରମାରଙ୍କ ଯୋଡ଼ି ଫାଇନାଲ ମୁକାବିଲାରେ ଥାଇଲାଣ୍ଡର ବୁନସୁନ ମଙ୍ଗଖୋନ-ସମବଙ୍କନଙ୍କ ଯୋଡ଼ିକୁ ୨୧-୪, ୨୧-୧୩ ସେଟରେ ସିଧାସଳଖ ହରାଇଛନ୍ତି। ପୂର୍ବରୁ ସେମିଫାଇନାଲରେ ୟୁଏଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୧-୪, ୨୧-୪ ସେଟରେ ହରାଇ ଭାରତର ଏହି ଯୋଡ଼ି ଫାଇନାଲରେ ପ୍ରବେଶ କରିଥିଲା। ଡବଲ୍ସ ବିଭାଗର ଫାଇନାଲରେ ପ୍ରମୋଦ ପରାସ୍ତ ହୋଇଥିଲେ। ପ୍ରମୋଦ- ସୁକାନ୍ତ କଦମଙ୍କ ଯୋଡ଼ି ସେମିଫାଇନାଲରେ ୟୁଏଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୧-୧୦, ୨୧-୫ ସେଟରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲରେ ଥାଇଲାଣ୍ଡର ବତଚରଫୋନେ-ପ୍ରିଚା ସୋମସିନଙ୍କ ଠାରୁ ୧୪-୨୧, ୧୩-୨୧ ସେଟରେ ହାରିଥିଲେ। ପ୍ରମୋଦଙ୍କ ଏହି ସଫଳତା ନେଇ ଓଡ଼ିଶା ପାରା ପ୍ଲେୟର ଫୋରମ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

# ଭାରତୀୟ ଦଳ ଚୟନ ଆଜି

ମୁମ୍ବାଇ, ୧୪।୨ (ପି.ଟି.)

**ଅଷ୍ଟ୍ରେଲିଆ ବିପକ୍ଷ ସିରିଜ**

ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ବିଶିଷ୍ଟ ସିରିଜ ପାଇଁ ଭାରତୀୟ କ୍ରିକେଟ ଦଳ ମନୋନୟନ ଶୁକ୍ରବାର ହେବ। ଆସନ୍ତା ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଖେଳାଳି ଚୟନ କରାଯିବ। ଭାରତ ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଦୁଇଟି ଅନ୍ତର୍ଜାତୀୟ ଟି୨୦ ଓ ୫ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିବ। ଏହା ଫେବୃୟାରୀ ୨୪ରୁ ଆରମ୍ଭ ହେବ। ମେ’ ୩୦ରୁ ଇଂଲଣ୍ଡରେ ହେବାକୁଥିବା ବିଶ୍ୱକପ୍ ପୂର୍ବରୁ ଭାରତର ଏହା ଶେଷ ଅନ୍ତର୍ଜାତୀୟ ସିରିଜ। ବିଶ୍ୱକପ୍ ପାଇଁ ସମ୍ଭାବ୍ୟ ଭାରତୀୟ ଦଳରେ ଦୁଇଟି ସ୍ଥାନ ଲାଗି ଖେଳାଳି ସ୍ଥିର ହୋଇପାରି ନାହିଁ। ପ୍ରଥମତଃ ବାମହାତୀ ପେସ୍ ବୋଲର ଜୟଦେବ ଉନାଡ୍‌କଟ୍ ଓ ଖଲିଲ ଅହମ୍ମଦଙ୍କ ମଧ୍ୟରୁ କାହାକୁ ନିଆଯିବ ଚୟନକର୍ତ୍ତାମାନେ ତାହା ସ୍ଥିର କରିପାରୁ ନାହାନ୍ତି। ସେହିପରି ଜଣେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଓ ଦ୍ୱିତୀୟ ଉଇକେଟକିପର ଭାବେ ରିଷଭ ପନ୍ତ ଓ ଦୀନେଶ କାର୍ତ୍ତିକଙ୍କ ମଧ୍ୟରୁ କାହାକୁ ନିଆଯିବ ସେ ନେଇ ମଧ୍ୟ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ପ୍ରଦର୍ଶନକୁ ଭିତ୍ତି କରି ନିଷ୍ପତ୍ତି ନିଆଯାଇପାରେ। ଭାରତ ଏ’ ପକ୍ଷରୁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦୁଇଟି ଅନ୍‌ଅଫିସିଆଲ ଟେଷ୍ଟରେ ଦୁଇଟି ଭଲ ଇନିଂସ ଖେଳିଥିବାରୁ କେ.ଏଲ ରାହୁଲଙ୍କୁ ତୃତୀୟ ଓପନର ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ ସିରିଜ ପୂର୍ବରୁ ଖେଳାଯିବାକୁ ଥିବା ଦୁଇଟି ଟି୨୦ ମ୍ୟାଚରୁ ଉପଅଧିନାୟକ ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଯାଇପାରେ। ଦିନିକିଆ ସିରିଜକୁ ହୁଏତ ସେ ସତେଜ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ଚୟନକର୍ତ୍ତାମାନେ ଇତିମଧ୍ୟରେ ବିଶ୍ୱକପ୍ ପାଇଁ ୧୩ ଜଣଙ୍କୁ ଚିହ୍ନଟ କରିସାରିଲେଣି। ସେମାନେ ହେଲେ ବିରାଟ କୋହଲି, ଶିଖର ଧାୱନ, ରୋହିତ ଶର୍ମା, ଅମ୍ବାତି ରାୟୁଡୁ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ଶାମି। ଚୟନକର୍ତ୍ତାମାନେ ବର୍ତ୍ତମାନ ବିଶ୍ୱକପ୍ କଥା ଚିନ୍ତା କରୁଥିବାରୁ ଡ୍ରେସ୍ ରିହରସାଲ ପାଇଁ ଅଧିନାୟକ କୋହଲି ଓ ପେସ୍ ବୋଲର ବୁମ୍‌ରାଙ୍କୁ ଦଳରେ ନେଇପାରନ୍ତି। ତେଣୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ସେମାନେ ୧୬ରୁ ୧୭ ଖେଳାଳି ଚୟନ କରିପାରନ୍ତି।

# ଜାତୀୟ ଜୁନିୟର ହକି ପାଇଁ ଗାଙ୍ଗପୁର ଦଳ

ଭୁବନେଶ୍ୱର, ୧୪।୨(କ୍ରୀଡ଼ା ପ୍ରତିନିଧି)

ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ୯ମ ଜାତୀୟ ଜୁନିୟର ହକି (ଡିଭିଜନ-ଏ) ଚାମ୍ପିୟନଶିପ୍ ଚଳିତମାସ ୧୭ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ହକି ଗାଙ୍ଗପୁର ଓଡ଼ିଶା ଦଳ ଘୋଷିତ ହୋଇଛି। ଦଳ ଶୁକ୍ରବାର ରାଉରକେଲାରୁ ଔରଙ୍ଗାବାଦ ଯାତ୍ରା କରିବ ବୋଲି ହକି ଗାଙ୍ଗପୁର-ଓଡ଼ିଶା ସମ୍ପାଦକ ଦେବାଶିଷ ଗୌଡ଼ା ପ୍ରକାଶ କରିଛନ୍ତି।



ଗାଙ୍ଗପୁର ହକି ଦଳର ଖେଳାଳିମାନେ।

ଗାଙ୍ଗପୁର ଦଳ: ଦିଲୀପ କୁମାର ସା, ଇବ୍ରାହିମ୍ ଟପ୍ପୋ, ପ୍ରଯୁକ୍ତ ନାଗ୍, ଅମନଦୀପ ଲାକ୍ରା, ସିବ୍ରେନ ଲାକ୍ରା, ଗ୍ରେଗୋରି ଖେସ୍, ସୁହେଲ ତିର୍କୀ, ଆକାଶ କୁଜୁର(ଉପ-ଅଧିନାୟକ), ଶକ୍ତି କୁଜୁର, ସୁଦୀପ ଚିରମାକୋ, ଆଞ୍ଜୁଲୁସ ଟପ୍ପୋ, ଆଲବର୍ଟ ଟେଟେ, ଆକାଶ ଏକ୍କା, ଅଭିଷେକ ଲାକ୍ରା(ଅଧିନାୟକ), ପ୍ରଶାନ୍ତ ଲାକ୍ରା, ରାହୁଲ ଏକ୍କା, ସମ୍ବିତ ମିଶ୍ର, ପୁରନ କେରକେଟା, ଲାକ୍ରା। କୋଚ୍: ବିଜୟ କୁମାର ଲାକ୍ରା, ମ୍ୟାନେଜର: ରୋଶନଜିତ ମିଞ୍ଜ।

# ଅକ୍ଷୟଙ୍କ ଶତକ: ବିଦର୍ଭର ଇନିଂସ ଅଗ୍ରଣୀ



ଶତକ ହାସଲକାରୀ ଅକ୍ଷୟ କନୱର।

ନାଗପୁର, ୧୪।୨

ଅବଶିଷ୍ଟ ଭାରତ ଏକାଦଶ ବିପକ୍ଷରେ ଏଠାରେ ଚାଲିଥିବା ଇରାନୀ କପ୍‌ରେ ଘରୋଇ ବିଦର୍ଭ ଟିମ୍ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ଅବଶିଷ୍ଟ ଭାରତର ପ୍ରଥମ ଇନିଂସ ସ୍କୋର ୩୩୦ ରନ୍ ଜବାବରେ ବିଦର୍ଭ ଏହାର ପ୍ରଥମ ଇନିଂସରେ ୪୨୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଫଳରେ ରଣଜୀ ଟ୍ରଫି ଚାମ୍ପିୟନ ଫୈଜ ଫଜଲଙ୍କ ବିଦର୍ଭ ଦଳ ୮୫ ରନର ଇନିଂସ ଅଗ୍ରଣୀ ଲାଭ କରିଛି। ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୫/୬ରୁ ବ୍ୟାଟିଂ ଗୁରୁବାର ଆରମ୍ଭ କରିଥିବା ବିଦର୍ଭ ବଳକା ୪ଟି ଉଇକେଟ୍‌ରେ ଆହୁରି ୧୮୦ ରନ୍ ଯୋଡ଼ିଥିଲା। ଦଳ ପକ୍ଷରୁ ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଅକ୍ଷୟ କନୱର ୧୩୩ ବଲରୁ ୧୦୨ ରନ (୧୩ ଚୌକା, ୨ ଛକା) ମହତ୍ତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ପ୍ରଥମ ଶ୍ରେଣୀରେ ଅକ୍ଷୟଙ୍କ ଏହା ପ୍ରଥମ ଶତକ ଥିଲା। ସେହିଭଳି ପୂର୍ବଦିନ ୫୦ ରନ କରି ଅପରାଜିତ ରହିଥିବା ଉଇକେଟ୍‌କିପର ଅକ୍ଷୟ ୱାଡେକର (୭୩ ରନ) ନିଜ ସ୍କୋରରେ ଆଉ ୨୩ ରନ ଯୋଗ କରି ଆଉଟ୍ ହୋଇଥିଲେ। ଆଉଟ୍ ହେବାପୂର୍ବରୁ ୮ମ ଉଇକେଟ୍‌ରେ କନୱର ଓ ୱାଡେକର ୬୯ ରନର ପାର୍ଟନରଶିପ୍ କରିଥିଲେ। ରାଜସ୍ଥାନ ଲେଗ୍-ସ୍ପିନର ରାହୁଲ ଚହର ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ୍ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ୱାଖରେ ୨୦, ରଜନୀଶ ଗୁରବାନୀ ୨୮* ଓ ୟଶ୍ ଠାକୁର ୧୦ ରନ କରିଥିଲେ। ଅବଶିଷ୍ଟ ଭାରତ ପକ୍ଷରୁ ରାହୁଲ ଚହର ସଫଳ ବୋଲର ରହିଥିଲେ। ସେ ୪ଟି ଉଇକେଟ୍ ନେଇଥିବାବେଳେ ଅଙ୍କିତ ରାଜପୁତ, କ୍ରିଷ୍ଣାପ୍ପା ଗୋଥାମ ଓ ଧର୍ମେନ୍ଦ୍ର ଜାଡେଜା ୨ଟି ଲେଖାଏ ସଫଳତା ପାଇଥିଲେ।

୯୫ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଅବଶିଷ୍ଟ ଭାରତ ଗୁରୁବାର ୩ୟ ଦିବସ ଖେଳ ଶେଷ ସୁଦ୍ଧା ୩୫ ଓଭରରେ ୨ ଉଇକେଟ୍ ହରାଇ ୧୦୨ ରନ୍ ସଂଗ୍ରହ କରିଛି। ଦୁଇ ଓପନର୍ ମୟଙ୍କ ଅଗ୍ରୱାଲ (୨୭ ରନ) ଓ ଅନ୍‌ମୋଲପ୍ରୀତ୍ ସିଂ (୬) ଆଉଟ୍ ହୋଇଛନ୍ତି। ପ୍ରଥମ ଇନିଂସର ଶତକ ହାସଲକାରୀ ହନୁମା ବିହାରୀ ୪୦ ଓ ଅଧିନାୟକ ଅଜିଙ୍କ୍ୟ ରାହାନେ ୨୫ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ଫଳରେ ରାହାନେଙ୍କ ଟିମ୍ ଏବେ ମୋଟ୍ ଉପରେ ୭ ରନରେ ଅଗ୍ରଣୀ ଲାଭ କରିଛି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାରୁ ଫଳାଫଳ ବାହାରିବା ଆଶା ଉଜ୍ଜୀବିତ ରହିଛି।

CLASSIFIED DISPLAY













MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable






## ଆକର୍ଷିତାଙ୍କୁ ଜାତୀୟ କଳିଙ୍ଗ ଗୌରବ ସମ୍ମାନ

ଛେଣ୍ଡିପଦା, ୧୪।୨ (ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଜରପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ୟ ଶ୍ରେଣୀ ଛାତ୍ରୀ ଆକର୍ଷିତା ପ୍ରଧାନଙ୍କୁ ଜାତୀୟ କଳିଙ୍ଗ ଗୌରବ ସମ୍ମାନ ୨୦୧୯ ପ୍ରଦାନ କରାଯାଇଛି। ପୁରୀଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୁନିୟର ବିଭାଗ ବକ୍ତୃତା ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଳଙ୍କୃତ କରି ଏହି ସମ୍ମାନ ହାସଲ କରିଛନ୍ତି। ଓଡ଼ିଶା ଶିକ୍ଷା ବିକାଶ ସମିତି ପକ୍ଷରୁ ସାଧାରଣତନ୍ତ୍ର ଦିବସ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ସେ ଜିଲାସ୍ତରରୁ ପ୍ରଥମ ହୋଇ ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଏହି ସଫଳତା ପାଇଁ ଶିକ୍ଷାନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ଗୋଛାୟତ ସାହିରେ ମାଘ ମେଳା, ବାର୍ଷିକ ନାମଯଜ୍ଞ

ଛେଣ୍ଡିପଦା, ୧୪।୨ (ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଗୋଛାୟତ ସାହି ଗ୍ରାମରେ ପବିତ୍ର ମାଘ ମେଳା ସହ ବାର୍ଷିକ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିପିନ ଗୋଛାୟତ, ରଞ୍ଜନ ଗୋଛାୟତ, ଭୁବନ ଗୋଛାୟତ, ବାବୁଲି ଗୋଛାୟତ, ଚରଣ ଗୋଛାୟତ, କର୍ଣ୍ଣ ଗୋଛାୟତ, ସର୍ବ ଗୋଛାୟତ, ଅନିଲ ଗୋଛାୟତଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳର ବହୁ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ।




Authorised Tata Motors Dealers:

**Monalisha Motors:**
**ANGUL**- 8884498968. **DHENKANAL**- 8884498968.




AUTHORISED FORD DEALERS: ANGUL: NH 42, Karadagadia, Capital Ford, ☎: 9022920332. • BALASORE: Near Januganj Golai, Basanti Ford, ☎: 9619049873. • BHUBANESHWAR: Mancheswar Indusrial Estate, Capital Ford: ☎: 9022917371. • CUTTACK: Pratap Nagari, Odisha Ford, ☎: 9022909587. • BERHAMPORE (WB): Near Bhakuri 2 Gram Panchayat, Ganges Ford, ☎: 9022917375. • DURGAPUR: Bhiringi More, GT Road (East), Banerjee Ford, ☎: 9022916571. • GANGTOK: Tadong Word, Saharsh Ford, ☎: 9022909744. • JAMSHEDPUR: Adityapur, Jayshree Ford, ☎: 9022903793. • KHARAGPUR: OT Road Inda, Zaara Ford, ☎: 9022910705. • KOLKATA: Adjacent to Vishwakarma Building, Topsia, Ganges Ford, ☎: 9022920416. Opp. Baguihati Big Bazar, Kaikan Ford, ☎: 9022909440. Across RDB Cinema, Sector V, Saini Ford, ☎: 9022909960. • HOWRAH: Lal Bari Bus Stop, Kaikan Ford, ☎: 9022920274. • PORT BLAIR: Aberdeen Bazaar, Mohan Ford, ☎: 9022914002. • RANCHI: By Pass, Dibdih Overbridge, Diara Ford, ☎: 9022920353. • ROURKELA: Beldihi Chowk, Veda Ford, ☎: 9022910684. • SHILLONG: Mawiong RIM, Nikton Ford, ☎: 9022909581. • SILIGURI: NH-31, Gosaipur, Bagdogra, Gateway Ford, ☎: 9022920367.

*Terms & conditions apply. Above mentioned ex-showroom prices are for Ford Aspire Ambiente Petrol, Ford EcoSport Ambiente Petrol and Ford Freestyle Ambiente Petrol. *The above mentioned finance offer is applicable on Ford Aspire, Ford EcoSport and Ford Freestyle. It is a dealer offer and is available at select dealerships across India, if financed through Ford Credit India Private Limited ("Ford Credit"). The customer can avail a loan amount of up to 100% of the ex-showroom car price and needs to pay 10% of the loan amount as down payment in the 4th month from the car purchase date. This scheme is applicable for loan tenure of 60 months only. The finance is at the sole discretion of Ford Credit. The above finance offer is not available in state of Jammu and Kashmir. This offer is applicable on limited stock of 2018 and 2019 models and variants. The offer is valid till 28th February 2019. Colours are indicative only and may vary due to printing constraints. Accessories shown may not be part of standard fitment. Ford India reserves the right to cancel, terminate or suspend this offer at any time during the campaign period without any prior notice. For more information, please contact your nearest authorised Ford dealer.




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. This benefit is available in the states of Tamil Nadu, Kerala, Karnataka, and Andra Pradesh - Telangana only. Both exchange and loyalty benefit cannot be availed on a single purchase. *Low down payment is by the preferred financiers at their sole discretion and subject to their respective terms and conditions. This benefit is available on all Hero Two-Wheelers under 150cc. ^As per cumulative dispatch numbers till September 2018. This benefit is available for a limited period only. Taxes as applicable will be levied.

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍‌ଡ ଡିଲର: ଅନୁଗୁଳ: ପାର୍ବତୀ ହୀରୋ - 7799766342. ଢେଙ୍କାନାଳ : ସୋମ ହୀରୋ - 7799766347. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ତାଳଚେର: ତାରିଣୀ ହୀରୋ - 7799766374.
ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବଡ଼ବିଲ: ହୁଇଲ୍‌ସ ମୋଟର୍ସ - 276304. ଛେଣ୍ଡିପଦା : ତାରା ମୋଟର୍ସ - 9437031859. ଢେଙ୍କାନାଳ: ଏଲିଗାଣ୍ଟ ଅଟୋମୋବାଇଲ୍‌ସ - 226260. କାମାକ୍ଷାନଗର: ରିଲାଏନ୍ସ ଅଟୋମୋବାଇଲ୍‌ସ - 270394.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ